ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୧୯/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Monday, June 19/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 204 | ମୂଲ୍ୟ ₹୭/-



## ଶିକାଗୋରେ ଗୁଳିକାଣ୍ଡ: ଜଣେ ମୃତ

ଆମେରିକାର ଶିକାଗୋଠାରୁ ୩୨ କିଲୋମିଟର ଦୂର ୱିଲୋବ୍ରୁକ୍‌ସ୍ଥିତ ଏକ ପାର୍କିଂ ସ୍ଥାନରେ ରବିବାର ଭୋର ସମୟରେ ଗୁଳିକାଣ୍ଡ ଘଟି ଜଣେ ପ୍ରାଣ ହରାଇବା ସହ ୨୦ ଜଣ ଆହତ ହୋଇଛନ୍ତି। ଗୁଳିକାଣ୍ଡର କାରଣ ଜଣାପଡ଼ି ନାହିଁ। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



## ସଂକ୍ଷେପରେ

### ମୁସଲମାନ ଯୁବକଙ୍କୁ ଗଛରେ ବାନ୍ଧି ପିଟିଲେ

**ଜୟ ଶ୍ରୀରାମ କହିବାକୁ ବାଧ କଲେ**

**ମୀରଟ, ୧୮।୬:** ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲାରେ ଜଣେ ମୁସଲମାନ ଯୁବକଙ୍କୁ ୩ ଜଣ ଗଛରେ ବାନ୍ଧି ମାଡ଼ ମାରିବା ସହ ତାଙ୍କୁ 'ଜୟ ଶ୍ରୀରାମ' ସ୍ଲୋଗାନ ଦେବା ଲାଗି ବାଧ କରିଥିଲେ। ଗତ ୧୪ ତାରିଖରେ ଏହି ଘଟଣା ଘଟିଥିବାବେଳେ ଶନିବାର ଯୁବକଙ୍କ ଭଉଣୀ ଥାନାରେ ଅଭିଯୋଗ କରିବା ପରେ ଘଟଣା ସାମନାକୁ ଆସିଛି। ମହମ୍ମଦ ସାହିଲ ଖାନ୍ ଜଣେ ଦିନ ମଜୁରିଆ ଭାବେ କାମ କରନ୍ତି। ସେ ଏକ ମୋବାଇଲ ଫୋନ୍ ଚୋରି କରିଥିବା ସନ୍ଦେହ କରି ଅଭିଯୁକ୍ତ ସୌରଭ ଠାକୁର, ଗଜେନ୍ଦ୍ର ଏବଂ ଧନୀ ପଣ୍ଡିତ ତାଙ୍କୁ ମାଡ଼ ମାରିବା ସହ ଲଣ୍ଡା କରାଇଥିଲେ। ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ମାଡ଼ ଖାଇଥିବା ମହମ୍ମଦଙ୍କୁ ଗିରଫ କରି ୧୫ ତାରିଖରେ ଜେଲ ପଠାଇଥିଲା। ଆକ୍ରମଣକାରୀମାନଙ୍କୁ ଛାଡ଼ିଦିଆଯାଇଥିଲା। ମହମ୍ମଦଙ୍କ ଭଉଣୀ ରୁବିନାଙ୍କ ଅଭିଯୋଗ ପରେ କାକୋଦ ଥାନା ଏସ୍‌ଏଚ୍‌ଓଙ୍କୁ ନିଲମ୍ବନ କରାଯାଇଛି।

### ଭୁଲ୍ ଟିକାରୁ ୭୦ କୁକୁର ମୃତ

**ପଞ୍ଚାୟତ ସମ୍ପାଦକ ବହିଷ୍କୃତ**

**ଗୁଣ୍ଟୁର, ୧୮।୬:** ଆନ୍ଧ୍ରପ୍ରଦେଶର ପାଲନାଡୁ ଜିଲା ଅନ୍ତର୍ଗତ ମୁପ୍ପାଲ୍ଲା ଗ୍ରାମରେ କିଛିଦିନ ହେଲା ବୁଲା କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିବାରୁ ଏଥିରେ ଅତିଷ୍ଠ ହୋଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲାପାଳ ପଞ୍ଚାୟତ ସମ୍ପାଦକ ହିମାବତୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଚେତନତା ଅଭାବରୁ ପଞ୍ଚାୟତ କର୍ମଚାରୀ ଜଲାତଙ୍କ ଟିକା ବଦଳରେ ଭୁଲ୍‌ରେ ଅନ୍ୟ ଟିକା ଦେଇଦେବାରୁ ୭୦ରୁ ୧୦୦ କୁକୁରଙ୍କ ମୃତ୍ୟୁ ଘଟିଛି। ପାଲନାଡୁ ଜିଲାପାଳ ଶିବଶଙ୍କର ଲୋଥେଟି ପଞ୍ଚାୟତ ସମ୍ପାଦକଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଦାୟିତ୍ୱହୀନ କାର୍ଯ୍ୟ ପାଇଁ ଅନ୍ୟ ୩ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

### କରଜ ଶୁଝି ନ ଥିବା ଭାଇ ଖସିଗଲେ: ୨ ଭଉଣୀଙ୍କୁ ହତ୍ୟା

**ନୂଆଦିଲ୍ଲୀ, ୧୮।୬:** ଦକ୍ଷିଣପଶ୍ଚିମ ଦିଲ୍ଲୀର ଆରକେପୁରମ୍ ଅନ୍ତର୍ଗତ ଆମ୍ବେଡ୍‌କର ବସ୍ତିରେ ୧୦ ହଜାର ଟଙ୍କା ଋଣକୁ ନେଇ ଶନିବାର ଭୋର ସମୟରେ ଦୁଇ ଭଉଣୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଏହି ଘଟଣାରେ ଦିଲ୍ଲୀ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଲଳିତ ନାମକ ବ୍ୟକ୍ତି ଜଣେ ସ୍ଥାନୀୟ ଲୋକଠାରୁ ୧୦ ହଜାର ଟଙ୍କା ଋଣ ନେଇ ପରିଶୋଧ କରି ନ ଥିଲେ। ଭୋର ୪ଟା ସମୟରେ ୧୫ରୁ ୨୦ ଜଣ ସଶସ୍ତ୍ର ବ୍ୟକ୍ତି ତାଙ୍କ ଘର ନିକଟରେ ପହଞ୍ଚି କବାଟ ବାଡ଼େଇବା ସହ ଢେଲା ଫିଙ୍ଗିଥିଲେ। ସେମାନେ ଜବରଦସ୍ତ ଘରେ ପଶିବା ସମୟରେ ଲଳିତ କୌଣସି ପ୍ରକାରେ ଖସି ପଳାଇଥିଲେ। ତାଙ୍କୁ ଧରି ନ ପାରି ଆକ୍ରମଣକାରୀମାନେ ତାଙ୍କ ଦୁଇ ଭଉଣୀଙ୍କ ଉପରକୁ ଗୁଳି ଚଳାଇଥିଲେ। ପିଙ୍କି(୩୦) ଏବଂ ଜ୍ୟୋତି(୨୯)ଙ୍କୁ ଗୁରୁତର ଅବସ୍ଥାରେ ଏସ୍.ଜେ. ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ସେମାନଙ୍କର ମୃତ୍ୟୁ ଘଟିଛି। ଟଙ୍କାକୁ ନେଇ ଦୀର୍ଘଦିନ ହେଲା ଦେବ ଓ ତାଙ୍କ ମଧ୍ୟରେ ବିବାଦ ଲାଗିରହିଥିବା ଲଳିତ ପୋଲିସକୁ କହିଛନ୍ତି। ଅଭିଯୁକ୍ତ ଅର୍ଜୁନ, ମିଚେଲ ଏବଂ ଦେବଙ୍କୁ ପୋଲିସ ଗିରଫ କରିଛି।




# ଫିଲିପାଇନ୍ସ ବୋଟ୍‌ରେ ନିଆଁ: ୧୨୦ ଯାତ୍ରୀ ଉଦ୍ଧାର

**ମାନିଲା, ୧୮।୬**

୧୨୦ ଜଣଙ୍କୁ ନେଇ ସମୁଦ୍ରରେ ଯାଉଥିବା ଫିଲିପାଇନ୍ସର ଏକ ଯାତ୍ରୀବାହୀ ବୋଟ୍‌ରେ ଅଗ୍ନିକାଣ୍ଡ ଘଟିଛି। ତଟରକ୍ଷୀ ବାହିନୀର ୨ ବୋଟ୍‌କୁ ନିୟୋଜିତ କରାଯାଇ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏମ୍/ଭି ଏସ୍‌ପେରାଞ୍ଜା ଷ୍ଟାର କେନ୍ଦ୍ରୀୟ ଫିଲିପାଇନ୍ସର ସିକ୍ୱିଜୋର ପ୍ରଦେଶରୁ ବୋହୋଲ ପ୍ରଦେଶକୁ ଯାଉଥିବାବେଳେ ରବିବାର ଭୋର ସମୟରେ ସେଥିରେ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ବୋଟ୍‌ର ଦୁଇଟି ଡେକ୍‌କୁ ନିଆଁ ବ୍ୟାପି ସେଥିରୁ କଳା ଧୂଆଁ ବାହାରିବାରେ ଲାଗିଲା। କୋଷ୍ଟଗାର୍ଡ ବୋଟ୍ ଓ ଅନ୍ୟ ମାଛଧରା ବୋଟ୍‌ଗୁଡ଼ିକ ସହାୟତାରେ ନିଆଁକୁ ଆୟତ୍ତ କରାଯିବା ସହ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଛି। ୭,୬୦୦ ଆଇଲାଣ୍ଡ ଥିବା ଫିଲିପାଇନ୍ ଦ୍ୱୀପପୁଞ୍ଜରେ ବାରମ୍ବାର ସାମୁଦ୍ରିକ ଝଡ଼ ସୃଷ୍ଟି ହୋଇଥାଏ। ଦୁର୍ବଳ ବୋଟ୍‌ଗୁଡ଼ିକରେ ଧାରଣ କ୍ଷମତାରୁ ଅଧିକ ଯାତ୍ରୀଙ୍କୁ ନେବାଆଣିବା କରାଯାଉଥିବାବେଳେ ଏଭଳି ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥାଏ।

- ୨୦୨୩ ମାର୍ଚ୍ଚରେ ଦକ୍ଷିଣ ଦ୍ୱୀପ ପ୍ରଦେଶ ବାସିଲାନ୍‌ରେ ୨୫୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବୋଟ୍‌ରେ ନିଆଁ ଲାଗିବାରୁ ୩୧ ଜଣଙ୍କ ମୃତ୍ୟୁ ଘଟିଥିଲା।
- ୧୯୮୭ ଡିସେମ୍ବରରେ ଡୋନା ପାଜ୍ ଜାହାଜ ଏକ ତୈଳ ଟ୍ୟାଙ୍କର ସହ ଧକ୍କା ହୋଇ ବୁଡ଼ିଯାଇଥିଲା। ଏଥିରେ ୪,୩୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ବିଶ୍ୱର ସବୁଠୁ ଘାତକ ସାମୁଦ୍ରିକ ଦୁର୍ଘଟଣା କୁହାଯାଏ

# ପାଣିଘେରରେ ୧୪୬ ଗାଁ

**■ବିପଦ ସଙ୍କେତ ଉପରେ ବ୍ରହ୍ମପୁତ୍ର ଜଳସ୍ତର ■୩୮,୦୦୦ ପ୍ରଭାବିତ**

**ଗୁଆହାଟୀ, ୧୮।୬**

ଦକ୍ଷିଣ ପୂର୍ବାଞ୍ଚଳ ରାଜ୍ୟ ଆସାମରେ ଲଗାଣ ବର୍ଷା ଯୋଗୁ ବ୍ରହ୍ମପୁତ୍ର ସମେତ ବିଭିନ୍ନ ନଦୀରେ ପ୍ରଳୟଙ୍କରୀ ବନ୍ୟା ସୃଷ୍ଟି ହୋଇଛି। ଫଳରେ ୧୩ ଜିଲାର ୧୪୬ ଗ୍ରାମ ଜଳମଗ୍ନ ହୋଇଯାଇଛି। ବିଶ୍ୱନାଥ, ଦରାଙ୍ଗ, ଧେମାଜୀ, ଡିବ୍ରୁଗଡ଼, ହୋଜାଇ, ଲଖିମ୍‌ପୁର, ନଗାଓଁ, ସୋନିତ୍‌ପୁର, ତିନ୍‌ସୁକିଆ, ଉଦଲଗୁରି, କାଚର, କାମରୂପ(ମେଟ୍ରୋ) ଓ ନଲବାରି ଜିଲାର ୩୮,୦୦୦ରୁ ଊର୍ଦ୍ଧ୍ୱ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ଜୋର୍‌ହାଟର ନେମମାଟିଘାଟରେ ବ୍ରହ୍ମପୁତ୍ର ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଥିବା କେନ୍ଦ୍ରୀୟ ଜଳ ଆୟୁକ୍ତ (ସିଡବ୍ଲ୍ୟୁସି)ଙ୍କ ପକ୍ଷରୁ ସୂଚନା ଦିଆଯାଇଛି। କାମପୁରରେ ପୋକିଲି ଓ ପୁଥିମାରି ନଦୀରେ ଜଳସ୍ତର ବହୁ ଉପରକୁ ଉଠି ସ୍ଥାନୀୟ ଲୋକଙ୍କ ପାଇଁ ବିପଦର କାରଣ ସାଜିଛି। ଅନ୍ୟ କେତେକ ନଦୀରେ ମଧ୍ୟ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ସିଡବ୍ଲ୍ୟୁସିଙ୍କ ବୁଲେଟିନ୍‌ରୁ ଜଣାପଡ଼ିଛି। କିଛିଦିନ ହେଲା ବର୍ଷା ଲାଗିରହିଥିବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇଗଲାଣି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଏଏସ୍‌ଡିଏମ୍‌ଏ)ଙ୍କ ରିପୋର୍ଟ ଅନୁସାରେ ୧୦ ଜିଲାର ୩୮,୦୦୦ ଲୋକ ପ୍ରଭାବିତ ହେଲେଣି। ଗୁଆହାଟୀରେ ଭୂସ୍ଖଳନ ଯୋଗୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ରାସ୍ତା, ବ୍ରିଜ୍, ସ୍କୁଲ ଓ ଅନ୍ୟ ଭିତ୍ତିଭୂମିଗୁଡ଼ିକ ପାଣିରେ ବୁଡ଼ିଯାଇଛି। ସେହିପରି ୧,୪୦୯ ହେକ୍ଟର ଚାଷଜମିରେ ପାଣି ମାଡ଼ିଯିବାରୁ ଫସଲ ନଷ୍ଟ ହୋଇଯାଇଛି।

ରାଜ୍ୟ ସରକାର ବିଶ୍ୱନାଥ, ଡିବ୍ରୁଗଡ଼, ଲଖିମପୁର, ତିନ୍‌ସୁକିଆ ଓ ଉଦାଲଗୁରିରେ ୧୯ଟି ରିଲିଫ୍ କ୍ୟାମ୍ପ ପ୍ରତିଷ୍ଠା କରିଛନ୍ତି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍)କୁ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଏଜେନ୍ସିଗୁଡ଼ିକ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛନ୍ତି।



### ନେପାଳ ବନ୍ୟାରେ ୨ ମୃତ, ୨୮ ନିଖୋଜ

**କାଠମାଣ୍ଡୁ, ୧୮।୬ :** ପୂର୍ବ ନେପାଳରେ ଲଗାଣ ମୌସୁମୀ ବର୍ଷା ଯୋଗୁ ବଡ଼ ଧରଣର ବନ୍ୟା ସାଙ୍ଗକୁ ଭୂସ୍ଖଳନ ଘଟି ୨ ଜଣଙ୍କ ମୃତ୍ୟୁ ହେବା ସହ ୨୮ ଜଣ ନିଖୋଜ ହୋଇଯାଇଛନ୍ତି। ବନ୍ୟାରେ ରାସ୍ତା ଓ ପୋଲ କ୍ଷତିଗ୍ରସ୍ତ ହୋଇଥିବାରୁ କ୍ଷତିଗ୍ରସ୍ତ ଅଞ୍ଚଳରେ ଉଦ୍ଧାରକାରୀ ଟିମ୍ ପହଞ୍ଚିବା କଷ୍ଟକର ହୋଇଛି। ସଙ୍ଖୁଓସଭା ଜିଲାର ହେୱା ନଦୀରେ ନିର୍ମାଣାଧୀନ ଏକ ଜଳବିଦ୍ୟୁତ୍ ପ୍ରକଳ୍ପର ଜଣେ କର୍ମଚାରୀଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୭ ଜଣ ନିଖୋଜ ଅଛନ୍ତି। ସେହିପରି ତାପ୍ଲେଜଙ୍ଗ ଜିଲାରେ ଗୋଟିଏ ପରିବାରର ଜଣେ ବନ୍ୟାଜଳରେ ଭାସିଯାଇ ପ୍ରାଣ ହରାଇଥିବାବେଳେ ଅନ୍ୟ ୩ ଜଣଙ୍କ ପତ୍ତା ମିଳୁନାହିଁ। ଉଦ୍ଧାର କାର୍ଯ୍ୟକୁ ଜୋର୍‌ଦାର କରାଯାଇଥିବା ନେପାଳ ପୋଲିସ କହିଛି। ଆଉ କିଛିଦିନ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ବିଭିନ୍ନ ନଦୀରେ ଜଳପତ୍ତନ ଆହୁରି ବଢ଼ିପାରେ।

# ମଣିପୁର ହିଂସା ପାଇଁ ଭାଜପା ଦାୟୀ: ଏଏପି

**ନୂଆଦିଲ୍ଲୀ, ୧୮।୬**

ମଣିପୁର ହିଂସା ପାଇଁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଭାଜପାକୁ ଦାୟୀ କରିଛି। ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାରେ ସରକାରଙ୍କ ବିଫଳତା ପାଇଁ ଏଏପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛି। ଭାଜପା କ୍ଷମତାରେ ଥିବା ପର୍ଯ୍ୟନ୍ତ ଦେଶରେ ଶାନ୍ତି ଓ ସ୍ଥିରତା ସ୍ୱପ୍ନ ହୋଇ ରହିଥିବ ବୋଲି ଏଏପି ରାଜ୍ୟ ସଭା ସଦସ୍ୟ ତଥା ମୁଖପାତ୍ର ସଞ୍ଜୟ ସିଂ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ମଣିପୁରରେ କୁକି ଓ ମେଇତି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ଶତାଧିକ ଲୋକଙ୍କ ଜୀବନ ଯାଇଛି। ଦେଢ଼ମାସ ହେଲା ମଣିପୁର ଜଳୁଥିବାବେଳେ ପ୍ରଧାନମନ୍ତ୍ରୀ ନୀରବ ରହିଛନ୍ତି। ସେ ଏପର୍ଯ୍ୟନ୍ତ ମଣିପୁରର 'ମ' ଅକ୍ଷର ଉଚ୍ଚାରଣ କରି ନ ଥିବା ଏଏପି ନେତା ଅଭିଯୋଗ କରିଛନ୍ତି।

# ବ୍ଲିଙ୍କେନ୍‌ଙ୍କ ବେଜିଂ ଗସ୍ତ ଉପରେ ନଜର

**ବେଜିଂ, ୧୮।୬**

ୱାଶିଂଟନ୍ ଓ ବେଜିଂ ମଧ୍ୟରେ ବଢ଼ୁଥିବା ତିକ୍ତତା ଦୂର କରିବା ମିଶନରେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ରବିବାର ଚାଇନା ଗସ୍ତ କରିଛନ୍ତି। ସେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ କ୍ୱିନ୍ ଗାଙ୍ଗଙ୍କ ସହ ତାଇୱାନ୍ ପ୍ରସଙ୍ଗ ଓ ୟୁକ୍ରେନ୍ ଯୁଦ୍ଧ ସମେତ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ୍ ୨୨ରେ ୱାଶିଂଟନ୍ ଯାଇ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଆଲୋଚନା କରିବାକୁ ଥିବାବେଳେ ଆମେରିକାର ଶୀର୍ଷ କୂଟନୀତିଜ୍ଞ ବ୍ଲିଙ୍କେନ୍ ଦୁଇଦିନିଆ ବେଜିଂ ଗସ୍ତ କରିଛନ୍ତି। ପ୍ରତିରକ୍ଷା ସହଯୋଗ ବୃଦ୍ଧି, ଆମେରିକା, ଭାରତ, ଅଷ୍ଟ୍ରେଲିଆ ଓ ଜାପାନର କ୍ୱାଡ୍ ମେଣ୍ଟକୁ ସୁଦୃଢ଼ କରିବା ଉପରେ ମୋଦି-ବାଇଡେନ୍‌ଙ୍କ ମଧ୍ୟରେ ଆଲୋଚନା ହୋଇପାରେ। ଚାଇନାକୁ ଘେରିବା ଏହି ମେଣ୍ଟର ଉଦ୍ଦେଶ୍ୟ ବୋଲି ଚାଇନା ପକ୍ଷରୁ ଅଭିଯୋଗ ହୋଇଆସୁଛି। ତେଣୁ ବ୍ଲିଙ୍କେନ୍‌ଙ୍କ ଗସ୍ତକୁ କୂଟନୈତିକ ଦୃଷ୍ଟିରୁ ଗୁରୁତ୍ୱ ଦିଆଯାଉଛି। ଚାଇନା ଓ ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ସୁଧାରିବା ପାଇଁ ଆଗ୍ରହୀ ଥିବା ବ୍ଲିଙ୍କେନ୍‌ଙ୍କ ଗସ୍ତରୁ ମନେକରାଯାଉଛି। ସେ ସୋମବାର ଚାଇନାର ଶୀର୍ଷ କୂଟନୀତିଜ୍ଞ ୱାଙ୍ଗ୍ ୟି ଏବଂ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ଆଲୋଚନା କରିପାରନ୍ତି। ବାଇଡେନ୍ ରାଷ୍ଟ୍ରପତି ହେବା ପରେ ଏହା ହେଉଛି ଜଣେ ଉଚ୍ଚସ୍ତରୀୟ ଆମେରିକୀୟ ଅଧିକାରୀଙ୍କ ପ୍ରଥମ ଚାଇନା ଗସ୍ତ। ସେହିପରି ଗତ ୫ ବର୍ଷ ମଧ୍ୟରେ ଏହା ହେଉଛି ଜଣେ ପରରାଷ୍ଟ୍ର ସଚିବଙ୍କ ପ୍ରଥମ ଚାଇନା ଗସ୍ତ। ବ୍ଲିଙ୍କେନ୍ ଗତ ଫେବୃୟାରୀରେ ବେଜିଂ ଗସ୍ତ କରିବାର ଥିଲା। କିନ୍ତୁ ଆମେରିକା ଆକାଶରେ ଚାଇନାର ଗୁପ୍ତଚର ବେଲୁନ୍ ଉଡ଼ିବା ପରେ ସେ ଗସ୍ତକୁ ବାତିଲ କରିଥିଲେ। ତେଣୁ ଏହି ଗସ୍ତ ଉପରେ ଅନ୍ତର୍ଜାତୀୟ ସମୁଦାୟର ନଜର ରହିଛି।



ଚାଇନା ବହିର୍ବ୍ୟାପାର ମନ୍ତ୍ରୀ କ୍ୱିନ୍ ଗାଙ୍ଗ୍‌ଙ୍କ ସହ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ (ବାମ)।

# ୨ ଲକ୍ଷ ପିଏସ୍‌ୟୁ ନିଯୁକ୍ତି ରଦ୍ଦ ହୋଇଛି: ରାହୁଲ

**ନୂଆଦିଲ୍ଲୀ, ୧୮।୬**

ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ)ଗୁଡ଼ିକର ୨ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତିକୁ ହଟାଇ ଦିଆଯାଇଛି। କେନ୍ଦ୍ର ସରକାର ଅଳ୍ପ କେତେଜଣ ପୁଞ୍ଜିପତି ବନ୍ଧୁଙ୍କ ଫାଇଦା ପାଇଁ ଲକ୍ଷ ଲକ୍ଷ ଯୁବବର୍ଗଙ୍କ ସ୍ୱପ୍ନକୁ ଚୂରମାର କରିଦେଇଥିବା ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ଭାରତର ଗର୍ବ ଓ ନିଯୁକ୍ତି ପାଇଁ ପ୍ରତ୍ୟେକ ଯୁବତୀଯୁବକଙ୍କ ସ୍ୱପ୍ନ ବିବେଚନା କରାଯାଉଥିଲା। ଏବେ ତାହା ସରକାରଙ୍କର ପ୍ରାଥମିକତା ନୁହେଁ। ୨୦୧୪ରେ ପିଏସ୍‌ୟୁରେ ୧୬.୯ ଲକ୍ଷ ନିଯୁକ୍ତି ଥିବାବେଳେ ୨୦୨୨ରେ ତାହା ୧୪.୬ ଲକ୍ଷକୁ ହ୍ରାସ ପାଇଛି। ପ୍ରଗତିଶୀଳ ରାଷ୍ଟ୍ରରେ ନିଯୁକ୍ତି ହ୍ରାସ ପାଏ କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ବିଏସ୍‌ଏନ୍‌ଏଲ ୧,୮୧,୧୨୭ ନିଯୁକ୍ତି ହରାଇଥିବାବେଳେ ସେଲ୍ ୬୧,୯୨୮, ଏମ୍‌ଟିଏନ୍‌ଏଲ୍ ୩୪୩,୯୯୭, ଏସ୍‌ଇସିଏଲ୍ ୨୯,୧୪୦, ଏଫ୍‌ସିଆଇ ୨୮,୦୬୩ ଏବଂ ଓଏନ୍‌ଜିସି ୨୧,୧୨୦ ନିଯୁକ୍ତି ହରାଇଛି। ଯେଉଁମାନେ ବର୍ଷକୁ ୨ କୋଟି ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ, ନିଯୁକ୍ତି ବଢ଼ାଇବା ପରିବର୍ତ୍ତେ ୨ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତିକୁ ହଟାଇ ଦେଇଛନ୍ତି। ଏହିସବୁ ସଂସ୍ଥାରେ ଠିକା ନିଯୁକ୍ତି ଦୁଇଗୁଣ ବଢ଼ିଛି। ଏହାଦ୍ୱାରା ସଂରକ୍ଷଣର ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନିଆଯାଇଛି। ଏହି କମ୍ପାନୀଗୁଡ଼ିକୁ ଘରୋଇକରଣ କରିବା ପାଇଁ ଏହା ଚକ୍ରାନ୍ତ ନୁହେଁ କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଶିଳ୍ପପତିଙ୍କ ଋଣ ଛାଡ଼ ହେଉଥିବାବେଳେ ପିଏସ୍‌ୟୁଗୁଡ଼ିକରୁ ନିଯୁକ୍ତି ରଦ୍ଦ କରାଯିବା କି ପ୍ରକାର ଅମୃତ କାଳ ବୋଲି କଂଗ୍ରେସ ନେତା ଟୁଇଟ୍ କରିଛନ୍ତି।



ରାହୁଲ ଗାନ୍ଧୀ

### ନିଶାଗ୍ରସ୍ତ ମହିଳାଙ୍କୁ ଘରକୁ ନେଇ ବଳାତ୍କାର: ଭାରତୀୟ ଛାତ୍ର ଗିରଫ

**ଲଣ୍ଡନ, ୧୮।୬**

ବ୍ରିଟେନରେ ଜଣେ ନିଶାଗ୍ରସ୍ତ ତଥା ଅର୍ଦ୍ଧଚେତନ ମହିଳାଙ୍କୁ ଘରକୁ ନେଇଯାଇ ବଳାତ୍କାର କରିବା ଅଭିଯୋଗରେ ଜଣେ ଭାରତୀୟ ଛାତ୍ରଙ୍କୁ ଗିରଫ କରାଯାଇଛି। ଗତବର୍ଷ ଜୁନ୍‌ରେ ପ୍ରୀତି ଭିକାଲ (୨୦) ଏକ କ୍ଲବ୍‌ରେ ଉକ୍ତ ମହିଳାଙ୍କୁ ଭେଟିଥିଲେ। ସେ ତାଙ୍କୁ କାର୍ଡିଫ୍‌ସ୍ଥିତ ନିଜ ଫ୍ଲାଟ୍‌କୁ ନେଇଯାଇ ବଳାତ୍କାର କରିଥିଲେ ବୋଲି ପୋଲିସ କହିଛି। ମହିଳା ଜଣକ ଏତେ ପିଇଥିଲେ ଯେ ରାତି ପାହିବା ପର୍ଯ୍ୟନ୍ତ ତାଙ୍କ ନିଶା ଉତ୍ତୁରି ନ ଥିଲା। ପ୍ରୀତି ତାଙ୍କୁ ନିଜ ବାହୁରେ ଉଠାଇ ଓ ପରେ କାନ୍ଧରେ ନେଇ ଯାଉଥିବାର ଭିଡିଓ ଅନ୍‌ଲାଇନରେ ଦେଖିବାକୁ ମିଳିଛି।

# ଇତିହାସର ଅନ୍ଧକାର ସମୟ ଏମର୍ଜେନ୍ସି

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**

**ପୁରୀ ରଥଯାତ୍ରା କଥା କହିଲେ**

**ନୂଆଦିଲ୍ଲୀ, ୧୮।୬(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ଏମର୍ଜେନ୍ସିକୁ ଭାରତ ଇତିହାସର ଅନ୍ଧକାର ସମୟ ବୋଲି ବର୍ଣ୍ଣନା କରିଛନ୍ତି। ସେତେବେଳେ ଯେଉଁମାନେ ଗଣତନ୍ତ୍ରକୁ ସମର୍ଥନ କରୁଥିଲେ, ସେମାନଙ୍କୁ ନିର୍ଯାତନା ଦିଆଯାଉଥିଲା। ସେହି ସମୟର ଅପରାଧଗୁଡ଼ିକ ଦେଶର ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରିଥିଲା, ଯାହାକି ଯୁବପିଢ଼ିଙ୍କୁ ଗଣତନ୍ତ୍ରର ଅର୍ଥ ଓ ଅଭିପ୍ରାୟ ବୁଝିବାରେ ସହଜ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍‌ରେ ପୁରୀର ରଥଯାତ୍ରା କଥା କହିଛନ୍ତି। ପୁରୀ ରଥଯାତ୍ରା ଏକ ବିସ୍ମୟ, ଯାହା ଏକ ଭାରତ-ଶ୍ରେଷ୍ଠ ଭାରତର ପ୍ରକୃତ ଭାବକୁ ପ୍ରତିଫଳିତ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୨୦ ତାରିଖରେ ପାଳିତ ହେଉଥିବା ରଥଯାତ୍ରା ସାରା ବିଶ୍ୱରେ ଅନନ୍ୟ ପରିଚୟ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ଆସନ୍ତା ସପ୍ତାହରେ ଆମେରିକା ଗସ୍ତରେ ଯିବାକୁ ଥିବାରୁ ୧୮ ତାରିଖରେ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଛନ୍ତି। ଆମେରିକା ଗସ୍ତ ଅବସରରେ ସେ ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ଅନ୍ତର୍ଜାତୀୟ ଯୋଗଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ସମସ୍ତେ ଯୋଗକୁ ସେମାନଙ୍କ ଦୈନନ୍ଦିନ ଜୀବନର ଅଂଶବିଶେଷ କରିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି।



ନରେନ୍ଦ୍ର ମୋଦି

# ପ୍ରାଣୀଧନ ଚିଠା ବିଲ୍‌କୁ ବିରୋଧ

**■ଜୀବଜନ୍ତୁଙ୍କ ପ୍ରତି କ୍ରୂରତା ବଢ଼ିବ**

**■ ଜିନ୍‌ଗତ ମୌଳିକତା ହରାଇବେ ପ୍ରାଣୀ**

**ନୂଆଦିଲ୍ଲୀ, ୧୮।୬**

ଜୁନ୍ ୭ରେ ପଶୁ ପାଳନ ଓ ଡେଏରି ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ସର୍ବସାଧାରଣଙ୍କ ଯାଞ୍ଚ ପାଇଁ ସାର୍ବଜନୀନ କରାଯାଇଥିବା ଚିଠା ପ୍ରାଣୀ ଧନ ବିଲ୍ ପଶୁପ୍ରେମୀ ଓ କର୍ମୀମାନଙ୍କୁ ଅସନ୍ତୁଷ୍ଟ କରିଛି। ପ୍ରାଣୀଙ୍କ ପ୍ରତି କ୍ରୂରତାକୁ ନେଇ ସେମାନେ ଶନିବାର ସାମାଜିକ ଗଣମାଧ୍ୟମରେ ଅସନ୍ତୋଷ ବ୍ୟକ୍ତ କରିବା ସହ ବିଲ୍ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ପ୍ରାଣୀ ସମ୍ପଦ ତାଲିକାରେ କୁକୁର ଓ ବିଲେଇକୁ ସାମିଲ କରାଯିବାକୁ ମଧ୍ୟ ଆକ୍ଟିଭିଷ୍ଟମାନେ ବିରୋଧ କରୁଛନ୍ତି।

ପ୍ରାଣୀଧନ ଓ ପ୍ରାଣୀଧନ ଉତ୍ପାଦ (ଆମଦାନୀ ଏବଂ ରପ୍ତାନି) ବିଲ୍, ୨୦୨୩ ଉପରେ ପ୍ରସ୍ତାବ/ଆପତ୍ତି ଦାଖଲ କରିବାର ଶେଷ ତାରିଖ ଜୁନ୍ ୧୭ ରହିଥିଲା। ଏହା ହେଉଛି ବର୍ତ୍ତମାନ ପ୍ରଚଳିତ ପ୍ରାଣୀଧନ ଆମଦାନୀ ଆଇନ, ୧୮୯୮ ଏବଂ ପ୍ରାଣୀଧନ ଆମଦାନୀ (ସଂଶୋଧନ) ଆଇନ, ୨୦୦୧ର ପୁନଃପ୍ରବର୍ତ୍ତନ। ଚିଠା ବିଧେୟକ ଅନୁସାରେ ପ୍ରସ୍ତାବିତ ନୂଆ ଆଇନରେ ପ୍ରାଣୀ ଧନ ଓ ପ୍ରାଣୀ ସମ୍ପଦ ଉତ୍ପାଦଗୁଡ଼ିକର ଆମଦାନୀ ତଥା ରପ୍ତାନି ଉପରେ ନିୟନ୍ତ୍ରଣ ନେଇ ପଦକ୍ଷେପ ନେବାକୁ ଲକ୍ଷ୍ୟ ରଖାଯାଇଛି। ଆକ୍ଟିଭିଷ୍ଟମାନେ ଉକ୍ତ ବିଲ୍‌କୁ ବିରୋଧ କରି କହିଛନ୍ତି, ଏହାଦ୍ୱାରା ବିପୁଳ ପରିମାଣରେ ପ୍ରାଣୀଙ୍କ ଆମଦାନୀ ଓ ରପ୍ତାନିର ଅନିୟନ୍ତ୍ରିତ ବାଟ ଫିଟିବ। ଏଥିସହ ସ୍ଥାନୀୟ ଜୀବଜନ୍ତୁଙ୍କ ଜିନ୍ ପୁଲ୍‌କୁ ମଧ୍ୟ ଏହା ନଷ୍ଟ କରିଦେବ।

ଟୁଇଟର୍‌ରେ ଶନିବାର # ସେ ନୋ ଟୁ ଲାଇଭଷ୍ଟକ୍ ବିଲ୍ ୨୦୨୩ ଟ୍ରେଣ୍ଡ କରିଥିଲା। ଜୟା ଭଟ୍ଟାଚାର୍ଯ୍ୟ, ଦିବ୍ୟା ସେଠଙ୍କ ସମେତ ଅନେକ ସେଲିବ୍ରିଟି, ଜୈନ ନେତା ଆଚାର୍ଯ୍ୟ ଲୋକେଶ ମୁନୀ ଓ ଆହୁରି ଅନେକ ବ୍ୟକ୍ତି ଏହି ବିଲ୍ ବିରୋଧରେ ମତବ୍ୟକ୍ତ କରିବା ସହ ଏହାକୁ ବିରୋଧ କରିବା ପାଇଁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ଆମ କୁକୁର ଓ ବିରାଡ଼ିମାନେ ସାମଗ୍ରୀ ନୁହନ୍ତି। ସେମାନଙ୍କ ଜୀବନକୁ ସୁରକ୍ଷା ଦେବା ପାଇଁ ବିଧେୟକ ଗୃହୀତ କରିବା ପରିବର୍ତ୍ତେ ବିନାଶ ସୃଷ୍ଟିକାରୀ ପଦକ୍ଷେପ ନିଅନାହିଁ। ଆମେ କେଉଁଆଡ଼େ ମୁହାଁଉଛେ। ଦୟାକରି ଏହାକୁ ବନ୍ଦ କରନ୍ତୁ ଲେଖି ଜୟା ଭଟ୍ଟାଚାର୍ଯ୍ୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଏବଂ ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଡେଏରି ମନ୍ତ୍ରଣାଳୟକୁ ଟ୍ୟାଗ୍ କରିଛନ୍ତି।

ଜବାହରଲାଲ ୟୁନିଭର୍ସିଟି (ଜେଏନ୍‌ୟୁ)ର ଅବସରପ୍ରାପ୍ତ ପ୍ରାଧାପିକା ଅମିତା ସିଂ ଟୁଇଟ୍ କରିଛନ୍ତି, ଏହି ବିଲ୍‌କୁ ତୁରନ୍ତ ପ୍ରତ୍ୟାହାର କର। ଏହା ହେଉଛି ପ୍ରାଣୀଧନ ଏବଂ ବିରାଡ଼ି, କୁକୁର, ପକ୍ଷୀ ଆଦିଙ୍କ ସମେତ ଅନ୍ୟ ଜନ୍ତୁଙ୍କ ଆମାଦାନୀ-ରପ୍ତାନି ସକାଶେ ସର୍ବାଧିକ ଦେଶବିରୋଧୀ, ନିର୍ବୋଧ ଓ ଖାମଖିଆଲ ୨୦୨୩ ବିଧେୟକ। ଆକ୍ଟିଭିଷ୍ଟ ଓ ପ୍ରାଣୀ ମଙ୍ଗଳ ଗୋଷ୍ଠୀଗୁଡ଼ିକ ଦ୍ୱାରା ଟୁଇଟ୍ କରାଯାଇଥିବା ଏକ ଭିଡିଓ ମେସେଜ୍‌ରେ ଜିନତ୍ ଅମାନ୍ କହିଛନ୍ତି, ଜୀବନ୍ତ କ୍ରୂରତାର ସହ ଜୀବଜନ୍ତୁଙ୍କ ପରିବହନକୁ ବୈଧ କରିବାକୁ ଯାଉଥିବା ପଦକ୍ଷେପ ବିରୋଧରେ ଆଜିର ଟୁଇଟରଥୋନ୍‌ରେ ସମସ୍ତେ ସାମିଲ ହୋଇ ପ୍ରତିବାଦ ଜଣାନ୍ତୁ। ଲାଇଭ୍‌ଷ୍ଟକ୍ ବିଲ୍ ୨୦୨୩କୁ ନା କହି ଯେତେ ଅଧିକ ଥର ସମ୍ଭବ ସେତେ ଟୁଇଟ୍ କରିବାକୁ ସେ ଅନୁରୋଧ କରିଛନ୍ତି।

ଆକ୍ଟିଭିଷ୍ଟମାନେ ଏହାକୁ ବିରୋଧ କରୁଥିବାବେଳେ ସରକାରୀ ଅଧିକାରୀମାନେ କହିଛନ୍ତି, ପରବର୍ତ୍ତୀ ସମୟରେ ଆଇନ ପ୍ରଣୟନ କରାଯିବ। ପ୍ରାଣୀ ଧନ ଓ ଡେଏରି ମନ୍ତ୍ରଣାଳୟର ପୂର୍ବତନ ସଚିବ ତରୁଣ ଶ୍ରୀଧର କହିଛନ୍ତି, ଏହା କେବଳ ଏକ 'ସକ୍ଷମ' ଆଇନ, ଯାହା କେବଳ ସରକାରଙ୍କୁ ଉପଯୁକ୍ତ ନିୟମକୁ କାର୍ଯ୍ୟକାରୀ କରିବାରେ ସହାୟକ ହେବ। ଏପରି ନିୟମଗୁଡ଼ିକ କେବଳ ବାଞ୍ଛନୀୟ ନୁହେଁ, ଜୈବ-ସୁରକ୍ଷା ଓ ସ୍ୱଦେଶୀ ଜୈବ ବିବିଧତାର ସଂରକ୍ଷଣ ପାଇଁ ଅପରିହାର୍ଯ୍ୟ ମଧ୍ୟ। ସରକାର ଉକ୍ତ ଆଇନରେ ନିୟନ୍ତ୍ରଣ ଓ କଟକଣା ଜାରି ପାଇଁ ପ୍ରସ୍ତୁତ ରହିବା ଜରୁରୀ।

ପ୍ରାଣୀ ଅଧିକାର କର୍ମୀ ଗୌରୀ ମୌଲେଖୀ କହିଛନ୍ତି, ସାମଗ୍ରୀ ଭଳି ଜୀବଜନ୍ତୁଙ୍କ ଆମଦାନୀ ଓ ରପ୍ତାନି ସେମାନଙ୍କ ପ୍ରତି କ୍ରୂରତା। ବହୁସଂଖ୍ୟକ ସ୍ଥାନୀୟ ପ୍ରାଣୀଙ୍କୁ ଏପରି ପରିବେଶକୁ ରପ୍ତାନି କରାଯାଉଛି, ଯାହା ସେମାନଙ୍କ ପାଇଁ ଅନୁକୂଳ ନୁହେଁ। ଏହାଦ୍ୱାରା ସେମାନଙ୍କ ଜିନ୍ ପୁଲ୍ ନଷ୍ଟ ହୋଇଯିବ। ଏହି ବିଲ୍ ଆଇନରେ ପରିଣତ ହେଲେ ପ୍ରାଣୀ ରୋଗାକ୍ରାନ୍ତ ହେବା ଆଶଙ୍କା ବଢ଼ିଯିବ। ଏଥିରୁ ଆର୍ଥିକ କିମ୍ବା ପରିବେଶଗତ କୌଣସି ଦୀର୍ଘକାଳୀନ ଲାଭ ମିଳିବା ଭଳି ମନେହେଉନାହିଁ। ଏପରି କି ଜୀବଜନ୍ତୁଙ୍କ ମଙ୍ଗଳ ଦୃଷ୍ଟିରୁ ବିଚାର କଲେ ପ୍ରାଣୀଧନ ଆମଦାନୀ ଓ ରପ୍ତାନିକୁ ପ୍ରୋତ୍ସାହନ ଦେବାରେ କିଛି ଲାଭ ନାହିଁ ବୋଲି ମୌଲେଖୀ କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୧୯/୨୦୨୩ | Bhubaneswar, Monday, June 19/2023 | ପୃଷ୍ଠା-୧


## ନବଯୌବନ ଦର୍ଶନ ଆଜି

ପୁରୀ,୧୮।୬(ଅଜିତ ମହାନ୍ତି)

ଅନବସର ଗୁପ୍ତ ନୀତି ସରିବା ପରେ ସୋମବାର ନେତ୍ର ଉତ୍ସବରେ ଦୁର୍ଲଭ ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ମହାପ୍ରଭୁ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ ସହ ନୀତିକାନ୍ତି ଓ ଦର୍ଶନ ନେଇ ସମୟ ଧାର୍ଯ୍ୟ କରାଯାଇଛି। ପ୍ରଥମେ ଶ୍ରୀବିଗ୍ରହମାନଙ୍କ ଚକା ଅପସର ନୀତି ଅନୁଷ୍ଠିତ ହେବ। ସକାଳ ୬ଟାରେ ଚକା ଅପସର ପରେ ୬ଟା ୧୦ରେ ମଙ୍ଗଳ ଆଳତି, ୬ଟା ୨୫ରେ ମଇଲମ, ୭ଟାରେ ଅବକାଶ ହୋଇ ୭ଟା ୩୦ରେ ଦଶ ଅବତାର ଠାକୁରଙ୍କ ବାହୁଡ଼ା ବିଜେ ନୀତି ହେବ। ☞ପୃଷ୍ଠା-୨

## ଅଂଶୁଘାତ ନେଲାଣି ୧୦୦ରୁ ଊର୍ଦ୍ଧ୍ୱ ଜୀବନ

- ୨୨ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ
- ୪୬° ସେଲ୍‌ସିୟସ୍ ସହ ସମ୍ବଲପୁର ସବୁଠୁ ଉତ୍ତପ୍ତ
- ୧୮ ଜିଲ୍ଲାକୁ ହିଟ୍ ୱେଭ୍ ସତର୍କତା
- ୨୦ରୁ ଓଡ଼ିଶାରେ ମିଳିପାରେ ଆଶ୍ୱସ୍ତି

ଲକ୍ଷ୍ନୌ/ପାଟନା/ଭୁବନେଶ୍ୱର(ଅନୁରାଧା ମହାରଣା),୧୮।୬

ମୌସୁମୀ ଆଗମନରେ ବିଳମ୍ବ ହେତୁ ଦେଶର ବିଭିନ୍ନ ଭାଗରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହାର ପ୍ରଭାବରେ ଉତ୍ତର ପ୍ରଦେଶ, ବିହାର, ତାମିଲନାଡୁ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ସମେତ ଅନ୍ୟ କେତେକ ରାଜ୍ୟରେ ଆଉ ୪ ଦିନ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ରୌଦ୍ରତାପ ଲାଗିରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସତର୍କତା ଜାରି କରିଛି। ଓଡ଼ିଶା ଉତ୍ତର ଭାରତରେ ସର୍ବାଧିକ ଖରା ଅନୁଭୂତ ହେଉଛି। ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ବିହାର ଓ ଉତ୍ତର ପ୍ରଦେଶରେ ଗତ ୩ ଦିନ ମଧ୍ୟରେ ଅଂଶୁଘାତରେ ୯୮ ଜଣଙ୍କ ପ୍ରାଣହାନି ଘଟିଥିବା ସରକାରୀ ଭାବେ କୁହାଯାଉଥିଲେ ହେଁ ପ୍ରକୃତ ମୃତ୍ୟୁସଂଖ୍ୟା ୧୦୦ରୁ ଅଧିକ ହେବ। ସେହିପରି ଓଡ଼ିଶାରେ ୨୦ଜଣଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ଆସିଛି। ସେଥିମଧ୍ୟରୁ ବାଲେଶ୍ୱରରେ ଜଣଙ୍କର ମୃତ୍ୟୁ ଅଂଶୁଘାତ ଜନିତ ବୋଲି ସ୍ପଷ୍ଟ ହୋଇଥିବାବେଳେ ଅନ୍ୟ ଅଭିଯୋଗଗୁଡ଼ିକ ସମ୍ପର୍କରେ ଜିଲାପାଳମାନଙ୍କ ଦ୍ୱାରା ତଦନ୍ତ କରାଯାଉଥିବା ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ରିପୋର୍ଟ ଅନୁସାରେ ଜୁନ୍ ୧୫, ୧୬ ଓ ୧୭ରେ ଉତ୍ତରପ୍ରଦେଶର ବାଲିଆସ୍ଥିତ ଜିଲା ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୪୦୦ ଜଣଙ୍କ ମଧ୍ୟରୁ ୫୪ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ୬୦ରୁ ଅଧିକ ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜୟନ୍ତ କୁମାର ସୂଚନା ଦେଇଛନ୍ତି। ବିହାରରେ ମଧ୍ୟ ଅନୁରୂପ ସ୍ଥିତି ଲାଗିରହିଛି। ବିହାରରେ ଗ୍ରୀଷ୍ମ ପ୍ରବାହ ଯୋଗୁ ଗତ ୨୪ ଘଣ୍ଟା ମଧ୍ୟରେ ୪୪ ଜଣଙ୍କ ମୃତ୍ୟୁ ଘଟିଛି। ☞ପୃଷ୍ଠା-୨

## ଭାରତ ଚାମ୍ପିୟନ

**ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ**

**ଲାଲିଆଞ୍ଜୁଲା ଚାଙ୍ଗ୍‌ଟେ ହିରୋ ପ୍ଲେୟର ଅଫ୍ ଦି ମ୍ୟାଚ**



ଭାରତ-ଲେବାନନ୍ ରବିବାର ଫାଇନାଲ ମ୍ୟାଚର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ । (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୧୮।୬ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଚତୁଃରାଷ୍ଟ୍ରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭାରତ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୨-୦ ଗୋଲରେ ଲେବାନନକୁ ପରାସ୍ତ କରିଛି। ମ୍ୟାଚର ୪୬ତମ ମିନିଟରେ ଅଧିନାୟକ ସୁନୀଲ ଛେତ୍ରୀ ଏବଂ ୬୬ତମ ମିନିଟରେ ଲାଲିଆଞ୍ଜୁଲା ଚାଙ୍ଗଟେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଲିଗ୍ ପର୍ଯ୍ୟାୟରେ ୨ଟି ବିଜୟ ଓ ଗୋଟିଏ ଡ୍ର ରଖିଥିବା ଭାରତ ଅପରାଜେୟ ଭାବେ ଟାଇଟଲ ହାସଲ କରିଛି। ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ୩ ସଂସ୍କରଣ ମଧ୍ୟରେ ଭାରତ ଦ୍ୱିତୀୟ ☞ପୃଷ୍ଠା-୨


ओड़िशा केन्द्रीय विश्वविद्यालय
(केन्द्रीय विश्वविद्यालय अधिनियम 2009 के अंतर्गत स्थापित)
**Central University of Odisha**
(Established Under the Central Universities Act, 2009)
NAD Post Office, Sunabeda, Dist. - Koraput, Odisha - 763 004

**Advertisement For Admission in UG / PG Programmes**

Advertisement No. 07/2023 Date: 17-06-2023

The Central University of Odisha (CUO), established under the Central University Act 2009 to address the growing educational needs of the Country, is located in Koraput, one of the finest places in terms of tranquillity and weather throughout the year. As part of implementation of NEP-2020 creating inter-disciplinary academic initiatives including the community outreach programmes and industry academia interface, CUO is receiving online application form for admission in 4 UG / PG Programmes [B.Sc. (Hons.) in Agriculture Science, B.Sc. (Hons.) in Animal Husbandry & Dairying, B.Sc. (Hons.) in Forest Management, and MBA (Logistics & Supply Chain Management)].

The starting date of receiving of online application form was:
**26-05-2023**
The end date of receiving of online application form is:
**26-06-2023**
For more details, please visit our website:
**https://cuo.ac.in/index.asp**

Sd/-
Controller of Examinations






ଲକ୍ଷ ଲକ୍ଷ ଲୋକ ମୁଥୂଟ ଫାଇନାନ୍ସ ରୁ ଗୋଲ୍ଡ ଲୋନ୍ ନେଇ ନିଜର ଖୁସି ପୂରା କରିଛନ୍ତି

ଆମଠୁ ଗୋଲଡ୍ ଲୋନ୍ ନିଅନ୍ତୁ, ପ୍ରତ୍ୟେକ ଖୁସି ହାସଲ କରନ୍ତୁ

INDIA'S #1 MOST TRUSTED FINANCIAL SERVICES BRAND 2023# | 5840+ ଶାଖା* | 2.5 ଲକ୍ଷ+ ଗ୍ରାହକଙ୍କୁ ପ୍ରତିଦିନ ସେବା | Gold Loan@Home ଗୋଲଡ୍ ଲୋନ୍ ପାଆନ୍ତୁ ଘରେ ବସି ବସି

# Power of Trust TRA's Brand Trust Report *ମୁଥୂଟ ଫାଇନାନ୍ସ ଏବଂ ତାର ସବସିଡିଆରି କାନ 1 ସୁବିଧା। **ସର୍ତ୍ତାବଳୀ ପ୍ରଯୁଜ୍ୟ।

GOLD milligram rewards** କୌଣସି ବି ଟ୍ରାଞ୍ଜାକସନ୍ ଅଥବା ରେଫର କରିବା ଦ୍ୱାରା ପାଆନ୍ତୁ 24 ct ସୁନା

1800 313 1212
muthootfinance.com

Muthoot Family - 800 years of Business Legacy



DSPL-96

TRANSPARENCY TECHNOLOGY TEAMWORK TIME TRANSFORMATION

ଓଡ଼ିଶା ସରକାର

ମୋ ସରକାର ☎ 14545



"ବିଶ୍ୱ ଭ୍ରାତୃତ୍ୱ ଓ ସର୍ବ ଧର୍ମ ସମନ୍ୱୟର ପ୍ରତୀକ ପବିତ୍ର ଘୋଷ ଯାତ୍ରା ଅବସରରେ ସମସ୍ତଙ୍କର ସୁଖ ସମୃଦ୍ଧି ପାଇଁ ମହାପ୍ରଭୁଙ୍କ ନିକଟରେ ମୋର ପ୍ରାର୍ଥନା"



**ରଥଯାତ୍ରା-୨୦୨୩ ନିମନ୍ତେ ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା**

- ବୟୋବୃଦ୍ଧ/ଭିନ୍ନକ୍ଷମ ବ୍ୟକ୍ତି ଓ ପିଲାମାନଙ୍କୁ ଏକୁଟିଆ ଭିଡ ଭିତରକୁ ଛାଡନ୍ତୁ ନାହିଁ।
- ବିଶୁଦ୍ଧ ପାଣି ପିଅନ୍ତୁ ଏବଂ ଖାଇବା ପୂର୍ବରୁ ହାତ ଭଲଭାବେ ଧୁଅନ୍ତୁ।
- ବାହାରେ ଖୋଲା ବିକ୍ରି ହେଉଥିବା ଖାଦ୍ୟ, କୃତ୍ରିମ ରଙ୍ଗ ଦିଆ ଖାଦ୍ୟ, ବାସି ଓ ଦୁର୍ଗନ୍ଧ ହେଉଥିବା ଖାଦ୍ୟ, ମାଛି ବସୁଥିବା ଖାଦ୍ୟ କିମ୍ବା ପଚାସଡ଼ା ଫଳ ଓ ପନିପରିବା ଖାଆନ୍ତୁ ନାହିଁ।
- ଅଂଶୁଘାତରୁ ରକ୍ଷା ପାଇବାକୁ ମୁଣ୍ଡରେ ଧଳା ଟୋପି କିମ୍ବା ଓଦା କପଡା ଲଗାନ୍ତୁ ଏବଂ ଓ.ଆର୍.ଏସ୍ ପିଅନ୍ତୁ।
- ସମୁଦ୍ର ସ୍ନାନ ସମୟରେ ଦୂର୍ଘଟଣା ଏଡାଇବା ପାଇଁ ସତର୍କ ରୁହନ୍ତୁ।
- ଅସୁସ୍ଥ ଅନୁଭବ କଲେ କିମ୍ବା ଦୂର୍ଘଟଣା ଘଟିଲେ ନିକଟସ୍ଥ ଆଶୁ ଚିକିତ୍ସା କେନ୍ଦ୍ରକୁ ଯାଇ ଚିକିତ୍ସିତ ହୁଅନ୍ତୁ।

**ଜରୁରୀ ଫୋନ୍ ନମ୍ବର :**
ପୁରୀ ସଦର ହସ୍ପିଟାଲ କଣ୍ଟ୍ରୋଲ ରୁମ୍ : ୦୬୭୫୨-୨୨୨୧୭୫
ରାଜ୍ୟ ସ୍ୱାସ୍ଥ୍ୟ ସେବା ହେଲ୍ପ ଲାଇନ୍ : ୧୦୪, ଆମ୍ବୁଲାନ୍ସ ସେବା : ୧୦୮

NATIONAL HEALTH MISSION

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ**

OIPR-10003/13/0062/2324

facebook.com/HFWOdisha
http://www.health.odisha.gov.in/
@HFWOdisha

**ଆଜିର ମନ୍ତବ୍ୟ**
କେନ୍ଦ୍ରରେ ଅଶିକ୍ଷିତ ଲୋକ ସରକାର ଚଳାଉଛନ୍ତି। ଆଗାମୀ ନିର୍ବାଚନରେ ଜାଲ୍ ଡିଗ୍ରୀଧାରୀଙ୍କୁ ଭୋଟ ଦିଅନ୍ତୁ ନାହିଁ।
-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇ ଆସୁନାହିଁ ଭାତ**
**ପିଇ ଆସୁନାହିଁ ପାଣି**
**ଗେରସ୍ତ ପାଖକୁ ଶୋଇବାକୁ ଗଲି**
**ମୁଷା ନେଇଗଲା ଟାଣି।**

କେତେଜଣ ବ୍ୟକ୍ତି ନିହାତି ଅପଦାର୍ଥ ବା ଅନାଡ଼ି ପ୍ରକୃତିର ହୋଇଥାନ୍ତି। ତାଙ୍କ ଦ୍ୱାରା କୌଣସିଟି କାର୍ଯ୍ୟ ସୁଚାରୁରୂପେ ହୋଇପାରି ନ ଥାଏ। ଏପରି ବ୍ୟକ୍ତି ଯେଉଁଥିରେ ହାତ ଦିଅନ୍ତି ସେଥିରେ ଅସଫଳ ହେବା ସାର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଇର ହାଣ୍ଡିଟ ଉଠୁଛି ଯେତେ**
**ଉପରେ ଉପରେ ଖୁଞ୍ଚୁଛି ସେତେ।**

ଖାଦ୍ୟଲୋଭୀ ବ୍ୟକ୍ତି ସାଧାରଣତଃ ଖାଦ୍ୟ ପ୍ରତି ଅଧିକ ଲାଳାୟିତ ହୋଇଥାନ୍ତି। ଅତ୍ୟଧିକ ଖାଦ୍ୟ ଗ୍ରହଣ କରିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ଜାଣି ମଧ୍ୟ ସେମାନେ ନିଜ ଲୋଭ ସମ୍ବରଣ କରିପାରି ନ ଥାନ୍ତି। ଅଜୀର୍ଣ୍ଣରେ ପୁଣି ଖାଦ୍ୟ ଗ୍ରହଣ କରୁଥିବା ପେଟୁ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# କୁଜଙ୍ଗରେ ଡବଲ ମର୍ଡର

## ଦୁଇ ମହିଳାଙ୍କୁ ଖଣ୍ଡାରେ ହାଣି ହତ୍ୟା କଲେ ଯୁବକ


ଅଭିଯୁକ୍ତ ଚିଣ୍ଟୁ


ସୁନିତା ଭୋଳ


ନିର୍ମଳା ଲେଙ୍କା

କୁଜଙ୍ଗ, ତା୧୮।୬: (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗରେ ରବିବାର ଦାଦାବଟି ଓ ବ୍ୟକ୍ତିଗତ ଶତ୍ରୁତା ପାଇଁ ଘଟିଛି ଡବଲ ମର୍ଡର। ଜଣେ ଯୁବକ ଦୁଇ ମହିଳାଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। କୁଜଙ୍ଗ ଥାନାଠାରୁ ମାତ୍ର ୨୦୦ ମିଟର ଦୂର ଏକ୍ସପ୍ରେସ୍ କଲୋନୀ ନିକଟରେ ଏହି ଘଟଣା ଘଟିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ମୃତା ଦୁଇ ମହିଳା ହେଲେ ସୁନିତା ଭୋଳ (୪୩) ଓ ନିର୍ମଳା ଲେଙ୍କା (୫୭)। ସେମାନେ ଦୁହେଁ ପଡ଼ୋଶୀ। ଅଭିଯୁକ୍ତ ଜଣକ ହେଲେ ଏକ୍ସପ୍ରେସ୍ କଲୋନୀରେ ରହୁଥିବା କୁଜଙ୍ଗ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଜ୍ୟୋତିପ୍ରକାଶ ନାଥଶର୍ମା ଓରଫ କାଳିଆ ଓରଫ ଚିଣ୍ଟୁ (୩୬)।

ମିଳିଥିବା ସୂଚନାନୁଯାୟୀ, ସକାଳ ପ୍ରାୟ ସାଢ଼େ ୭ଟାରେ ଏକ୍ସପ୍ରେସ୍ କଲୋନୀ ନିକଟରେ ଘର କରି ରହୁଥିବା ଭଣ୍ଡୁଆ ଗ୍ରାମର ପ୍ରମୋଦ ଭୋଳଙ୍କ ସ୍ତ୍ରୀ ସୁନିତା ବାରଣ୍ଡାରେ ବସିଥିଲେ। ଅଭିଯୁକ୍ତ ଚିଣ୍ଟୁ ସେଠାରେ ପହଞ୍ଚି ଦାଦାବଟି ମାଗିଥିଲେ। ସେ ଦେବାକୁ ମନା କରିବାରୁ ଚିଣ୍ଟୁ ଫେରିଯାଇ ନିଜ ବସା ଘରୁ ଏକ ହଂସୁଆ ଖଣ୍ଡା ଆଣି ସୁନିତାକୁ ହାଣିଦେଇଥିଲେ। ଏହି ଘଟଣାକୁ ସୁନିତାଙ୍କ ପଡ଼ୋଶୀ ନିର୍ମଳା ଦେଖି ପ୍ରତିବାଦ କରିବାରୁ ଚିଣ୍ଟୁ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ନିର୍ମଳାଙ୍କ ଚିତ୍କାର ଶୁଣି ତାଙ୍କ ସ୍ୱାମୀ ସହଦେବ ମଲ୍ଲ ଓ ପୁଅ ରିତେଶ ରୋଶନ ପହଞ୍ଚି ଚିଣ୍ଟୁଙ୍କୁ ଅଟକାଇବାବେଳେ ସେମାନେ ମଧ୍ୟ ଆହତ ହୋଇଛନ୍ତି। ଖଣ୍ଡା ଚୋଟରେ ସହଦେବଙ୍କ କାନପାଖ ଓ ହାତରେ ଆଘାତ ଲାଗିଥିବାବେଳେ ରିତେଶର ଆଙ୍ଗୁଠି କଟିଯାଇଛି। ପାଖ ବଳରାମପୁର ଗ୍ରାମର କେତେଜଣ ଚିଣ୍ଟୁଙ୍କୁ କାବୁ କରି ଗୋଡ଼ହାତ ବାନ୍ଧିବା ସହ ପୋଲିସ୍‌କୁ ଖବର ଦେଇଥିଲେ। ଏହାପରେ ପୋଲିସ୍ ଚିଣ୍ଟୁଙ୍କୁ ଗିରଫ କରିନେଇଥିଲା। ନିର୍ମଳାଙ୍କ ସ୍ୱାମୀ ସହଦେବଙ୍କ ଏତଲାକୁ ଭିତ୍ତିକରି ପୋଲିସ୍ ଆଇପିସି ଦଫା ୩୦୨, ୩୦୭,୩୨୬ ଅନୁଯାୟୀ ୩୧୦/୨୩ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ପ୍ରାଥମିକ ତଦନ୍ତକୁ ଭିତ୍ତିକରି ତିର୍ତ୍ତୋଲ ଏସ୍‌ଡିପିଓ ପ୍ରଶାନ୍ତ ମାଝୀ କହିଛନ୍ତି ଯେ, ଚିଣ୍ଟୁଙ୍କ ପାରିବାରିକ ବିବାଦ ଥିଲା। ଯେଉଁଥିପାଇଁ ତାଙ୍କ ସ୍ତ୍ରୀ ପ୍ରଭାତୀ ନାଥ ପ୍ରାୟ ଏକମାସ ତଳୁ ୧୨ ବର୍ଷର ଝିଅ ଓ ୮ ବର୍ଷର ପୁଅ ସହ କେଉଁଆଡ଼େ ଚାଲିଯାଇଛନ୍ତି। ଚିଣ୍ଟୁଙ୍କୁ ସନ୍ଦେହ ହୋଇଥିଲା ଯେ, ସୁନୀତା ତାଙ୍କ ସ୍ତ୍ରୀକୁ କୁମନ୍ତ୍ରଣା ଦେଇ ବିଦା କରିଦେଇଛନ୍ତି। ଏହାସହ ତାଙ୍କ ସ୍ତ୍ରୀ କେଉଁଠି ଅଛି ସୁନୀତା ତାହା ଜାଣିଛନ୍ତି। ତେଣୁ ରବିବାର ସକାଳେ ସେ ତାଙ୍କ ସ୍ତ୍ରୀଙ୍କ ସମ୍ପର୍କରେ ପଚାରିବାରୁ ସୁନିତା କିଛି ଜାଣିନାହାନ୍ତି ବୋଲି କହିଥିଲେ। ଏଥିରେ ଚିଣ୍ଟୁ ଉତ୍କ୍ଷିପ୍ତ ହୋଇ ସୁନିତାଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଥିଲେ। ସେହି ସମୟରେ ପଡ଼ୋଶୀ ସହଦେବଙ୍କ ସ୍ତ୍ରୀ ନିର୍ମଳା ଗେଟ୍ ବନ୍ଦ କରିବାକୁ ବାହାରକୁ ଆସିଥିବାବେଳେ ଏ ବୀଭତ୍ସ ଦୃଶ୍ୟ ଦେଖି ବିରୋଧ କରିବାକୁ ଯିବାରୁ ଚିଣ୍ଟୁ ତାଙ୍କୁ ମଧ୍ୟ ହାଣିଥିଲେ। ସୁନିତାଙ୍କ ମୃତଦେହ ବାରଣ୍ଡାରେ ପଡ଼ିରହିଥିବା ବେଳେ ନିର୍ମଳାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କୁଜଙ୍ଗ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରାହ୍ଣ ୨ଟାରେ ପୋଲିସ୍ ୨ଟି ଯାକ ମୃତଦେହକୁ ଜବତ କରି କୁଜଙ୍ଗ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ପ୍ରୀତିପର୍ଣ୍ଣା ମିଶ୍ରଙ୍କ ଉପସ୍ଥିତିରେ ପଞ୍ଚନାମା କରାଇଥିଲା। ଏହାପରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଅଭିଯୁକ୍ତ ଚିଣ୍ଟୁ ଅନେକ ସମୟରେ ନିଶାସକ୍ତ ଅବସ୍ଥାରେ ରହିବା ସହ ଲୋକଙ୍କୁ ଅଶାଳୀନ ବ୍ୟବହାର କରନ୍ତି। ଖବର ପାଇ ସ୍ଥାନୀୟ ବିଧାୟକ ସମ୍ବିତ୍ ରାଉତରାୟ ଓ ଭାଜପା ନେତା ସମ୍ପଦ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। କୁଜଙ୍ଗରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ଯୋଗୁ ଏଭଳି ଦୁଃଖଦ ଘଟଣା ଘଟୁଛି। ତେଣୁ ନିଶା କାରବାର ବନ୍ଦ କରିବାକୁ ସେମାନେ ପୋଲିସକୁ ଅନୁରୋଧ କରିଛନ୍ତି। ତଦନ୍ତ ପ୍ରକ୍ରିୟା ଆଗକୁ ଗଲେ ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁଜଙ୍ଗ ଥାନାଧିକାରୀ ସୁଜିତ୍ ପ୍ରଧାନ କହିଛନ୍ତି। ଉଭୟ ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଦୈତାରୀ-ପାରାଦୀପ ଜାତୀୟ ରାଜପଥ ନଂ. ୫(କ) ନିର୍ମାଣ ବେଳେ କୁଜଙ୍ଗଠାରେ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ କର୍ମଚାରୀ ରହିବା ପାଇଁ ଏକ୍ସପ୍ରେସ୍ କଲୋନୀ ଓ ଗୋଦାମ ଘର ନିର୍ମାଣ କରାଯାଇଥିଲା। ସମୟ କ୍ରମେ ଜାତୀୟ ରାଜପଥ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ବନ୍ଦ ହୋଇଯିବା ସହ କର୍ମଚାରୀମାନେ ରହୁ ନ ଥିଲେ। ଫଳରେ କଲୋନୀର କ୍ୱାର୍ଟର୍ସଗୁଡ଼ିକ ଖାଲି ପଡ଼ିଥିଲା। ଏହି ସୁଯୋଗରେ କେତେଜଣ ସରକାରୀ କର୍ମଚାରୀ ଓ ବ୍ୟକ୍ତିବିଶେଷ ସେଠାରେ ରହିଆସୁଥିଲେ। ଉକ୍ତ କ୍ୱାର୍ଟର୍ସଗୁଡ଼ିକ ବିପଦସଂକୁଳ ଘୋଷଣା ହୋଇଥିଲେ ବି ବହୁ ଅସାମାଜିକ ବ୍ୟକ୍ତି ସେଠାରେ ଆଡ୍ଡା ଜମାଉଛନ୍ତି। ତୁରନ୍ତ ବିପଦସଂକୁଳ ଘରଗୁଡ଼ିକୁ ଭାଙ୍ଗିଦେବାପାଇଁ ସାଧାରଣରେ ଦାବି ହେଉଛି। ସହଦେବ ମଲ୍ଲଙ୍କ ଘର କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଅମେଇପାଳ ଗ୍ରାମରେ ହୋଇଥିବା ବେଳେ ସେ ୧୫ ବର୍ଷ ହେଲା କୁଜଙ୍ଗରେ ଭଡ଼ା ଘରେ ରହୁଥିଲେ। ଏଠାରେ ତାଙ୍କ ସ୍ତ୍ରୀ ନିର୍ମଳା ଘରୋଇ ଟ୍ୟୁଶନ କରି ଚଳୁଥିଲେ।

# ଆଜିଠୁ ଆନ୍ଦୋଳନକୁ ଓହ୍ଲାଇବେ ବନ କର୍ମଚାରୀ

ଭୁବନେଶ୍ୱର,୧୮।୬(ଅଭିଜିତ ଦାସ): ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିବା ବନ କର୍ମଚାରୀମାନେ ଦିନକୁ ଦିନ ଅସୁରକ୍ଷିତ ହୋଇପଡୁଛନ୍ତି। କେତେବେଳେ ଶିକାରୀ ତ ଆଉ କେତେବେଳେ କାଠ ଚୋରଙ୍କ ଆକ୍ରମଣ ଓ ହତ୍ୟାର ଶିକାର ହେଉଛନ୍ତି। ବିଶେଷକରି ଶିମିଳିପାଳରେ ଗତ ମେ’ ୨୪ରେ ବନରକ୍ଷୀ ବିମଳ ଜେନା ଓ ଜୁନ୍ ୧୬ ରାତିରେ ଡେପୁଟି ରେଞ୍ଜର ମାଥି ହାଁସଦାଙ୍କୁ ଗୁଳିକରି ହତ୍ୟା ପରେ ବନ କର୍ମଚାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରତିବାଦରେ ଓଡିଶା ଅଣଗେଜେଟେଡ୍ ବନସେବା ସଂଘ ପକ୍ଷରୁ ସୋମବାରଠାରୁ ଆନ୍ଦୋଳନ ଡାକରା ଦିଆଯାଇଛି। ରବିବାର ଭୁବନେଶ୍ୱରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଜଗବନ୍ଧୁ ପାତ୍ର ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବାରମ୍ବାର ବନକର୍ମଚାରୀଙ୍କ ମୃତ୍ୟୁ ଘଟୁଥିଲେ ମଧ୍ୟ ରାଜ୍ୟ ସରକାର ଓ ବିଭାଗୀୟ ମନ୍ତ୍ରୀ ଘଟଣାକୁ କୋଣଠେସା କରୁଛନ୍ତି। ସେହିପରି ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରାଯାଉଥିଲେ ମଧ୍ୟ ବିଭାଗ ମଧ୍ୟରେ ଅବ୍ୟବସ୍ଥା କାରଣରୁ ବନକର୍ମଚାରୀ ଏଭଳି ଦଶା ଭୋଗୁଛନ୍ତି। ତେଣୁ ସୋମବାରଠାରୁ ଜୁଲାଇ ୮ ଯାଏ ଫରେଷ୍ଟ ଗାର୍ଡ, ଫରେଷ୍ଟର ଓ ଡେପୁଟି ରେଞ୍ଜରମାନେ ଆନ୍ଦୋଳନ କରିବେ। ଏହି ସମୟରେ ସେମାନେ ଜଙ୍ଗଲ ଭିତରେ ପାଟ୍ରୋଲିଂ କରିବେ ନାହିଁ। ଏଥିସହ ୫୦ଟି ସ୍ଥାନରେ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ମୁତୟନ, କର୍ମଚାରୀ ୱେଲ୍‌ଫେୟାର ଫଣ୍ଡ ଗଠନ, ସର୍କଲ ରି-ଅର୍ଗାନାଇଜେଶନ, ରେଞ୍ଜ୍ ଓ ବିଟ୍ ଡିଭିଜନ ସହ ଖାଲି ପଡିଥିବା ପଦବୀଗୁଡ଼ିକରେ ପର୍ଯ୍ୟାପ୍ତ ସଂଖ୍ୟକ କର୍ମଚାରୀ ନିଯୁକ୍ତି ଆଦି ୫ ଦଫା ଦାବି ସଂଘ ରଖିଛି। ଯଦି ଏହି ସମୟରେ ମଧ୍ୟରେ ରାଜ୍ୟ ସରକାର ୫ ଦଫା ଦାବି ପୂରଣ ନ କରନ୍ତି ତେବେ ଜୁଲାଇ ୧୦ରୁ ସମସ୍ତ ଅଣଗେଜେଟେଡ୍ ବନ କର୍ମଚାରୀମାନେ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରି ଭୁବନେଶ୍ୱରରେ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ ସେ ଚେତାବନୀ ଦେଇଛନ୍ତି।

# ରଥଯାତ୍ରା ଲାଗି ଜାରି ହେଲା ଗାଡ଼ି ଯାତାୟାତ, ପାର୍କିଂର ରୁଟ୍ ପ୍ଲାନ୍

ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ମଝିରେ ଆଉ ଗୋଟିଏ ଦିନ ଥିବାବେଳେ ରାଜ୍ୟ ସରକାର ବର୍ତ୍ତମାନ ପୁରୀକୁ ଯିବାକୁଥିବା ଗାଡ଼ିଗୁଡ଼ିକ ଲାଗି ମାର୍ଗଦର୍ଶିକା ଜାରି କରିଛନ୍ତି। ସେଥିରେ ଯାତ୍ରୀମାନେ କେଉଁ ରାସ୍ତାରେ ଯିବେ, କେଉଁଠି ଗାଡ଼ି ପାର୍କିଂ କରିବେ ତା’ର ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ଏହାସହ ପୋଲିସ କର୍ମଚାରୀମାନେ ନିଜ କାର୍ଯ୍ୟ ତୁଲାଇବା ସମୟରେ କିପରି ଶ୍ରଦ୍ଧାଳୁଙ୍କ ସହ ହସ ହସ ମୁଖରେ କଥା ହେବା ସହିତ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ମାଧ୍ୟମରେ ମତବିନିମୟ କରିବେ ସେଥିପ୍ରତି ଧ୍ୟାନ ଦେବା ଉପରେ କୁହାଯାଇଛି। ରଥଯାତ୍ରା ଲାଗି ଆସିବାକୁ ଥିବା ଆନ୍ତଃରାଜ୍ୟ ଏବଂ ଲୋକାଲ ଯାତ୍ରୀବାହୀ ବସ୍‌ଗୁଡ଼ିକ ମାଳତିପାଟପୁରଠାରେ ଥିବା ବସଷ୍ଟାଣ୍ଡରେ ରହିବେ। ଲାଇନ ବସ୍‌ଗୁଡ଼ିକ ମାଳତିପାଟପୁର ଓଭରବ୍ରିଜ୍‌ଠାରୁ ତୋଷାଳୀ ସ୍ୟାଣ୍ଡ-ଗ୍ରୀଡ୍ ଷ୍ଟେଶନ ଛକ-ଭୂଦାନ ଛକ ଦେଇ ତାଳବଣିଆ ସ୍ଥିତ ଅସ୍ଥାୟୀ ବସ୍‌ଷ୍ଟାଣ୍ଡଠାରେ ରହିବ। ସେହିପରି ପୁରୀ ସହର ଭିତରେ ଚାଲୁଥିବା ବସ୍ ଏବଂ ଅଟୋରିକ୍ସା ତାଳବଣିଆଠାରୁ ଜିଲା ସ୍କୁଲ-ସୁନାରଗୌରାଙ୍ଗ ଛକ-ବିଏନ୍‌ଆର ହୋଟେଲ୍ ଛକ ଏବଂ ନୀଳାଚଳ ଅର୍ବାନ ହାଟ ଅଞ୍ଚଳରେ ଚଳାଚଳ କରିବ। ସେହପରି ଜିଲା ସ୍କୁଲ ଛକଠାରୁ ଘୋଡ଼ାବଜାର, ରାମ ମନ୍ଦିର, ଓଡ଼ିଶା ବେକରୀ, ପୁରୀ ସଦର ବ୍ଲକ ଅଫିସ୍, ମଙ୍ଗଳା ମନ୍ଦିର ଦେଇ ଅଟୋ ତାଳବଣିଆ ଆଡକୁ ଚଳପ୍ରଚଳ କରିବ। ସେହିପରି ମାଳତିପାଟପୁରଠାରୁ ଅଠରନଳା ପର୍ଯ୍ୟନ୍ତ ଏକ ରୁଟ୍ ରହିବ। ଦୁଇ ଚକିଆ ଯାନଗୁଡ଼ିକ ଜଗନ୍ନାଥ ବଲ୍ଲଭ, ମଶାଣିଚଣ୍ଡୀ, ମାଟିତୋଟା ପାର୍କିଂ, ନୀଳାଚଳ ଅଶୋକ ଏବଂ ବ୍ଲୁ ପ୍ଲାଗ୍ ବିଚ୍‌ଠାରେ ପାର୍କିଂ କରିବ। ସେଠାରେ ଗାଡ଼ିଗୁଡ଼ିକ କିପରି ସୁବିଧାରେ ଯିବା ଆସିବା କରିବ ସେଥିପ୍ରତି ଧ୍ୟାନ ଦିଆଯିବ। ସବୁ କାର୍, ଏସ୍‌ୟୁଭି ଏବଂ ଅନ୍ୟାନ୍ୟ ଗାଡ଼ି ଇଣ୍ଡୋର ଷ୍ଟାଡିୟମ, ହେଲିପ୍ୟାଡ, ସଂସ୍କୃତ ୟୁନିଭର୍ସିଟି ପାର୍କିଂ, ଆଇଟିଆଇ କଲେଜ ପାର୍କିଂ, ନାଳିଫିଲ୍ଡ ଏବଂ ଯାତ୍ରିକାଠାରେ ପାର୍କିଂ କରିବ। ସେଠାରେ ଖାଲି ରାସ୍ତା ଦେଇ ଗାଡ଼ିଗୁଡ଼ିକୁ ଛାଡି ଦିଆଯିବ। ଲୋକଙ୍କ ସହଜ ଦର୍ଶନ ଲାଗି ତାଳବଣିଆଠାରୁ ଜିଲା ସ୍କୁଲ ଛକ ଏବଂ ମାଳତିପାଟପୁରଠାରୁ ଅଠରନଳା ରାସ୍ତା ଦେଇ ଯାତାୟାତ କରିବ। ଏହି ଗାଡ଼ି ଯିବା ଆସିବା ବ୍ୟବସ୍ଥା ସୋମବାର ରାତି ୧୨ଟାରୁ ୨୧ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ଚାଲିବ। ସେହିପରି ୨୮ ତାରିଖ ରାତି ୧୨ଟାରୁ ୨୯ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ଚାଲିବ। ଯାତ୍ରୀଙ୍କ ସହଜ ଦର୍ଶନ ପାଇଁ ଅଠରନଳା ଛକଠାରୁ ଡାକ୍ତରଖାନା ଛକ ଏବଂ ଡାକ୍ତରଖାନା ଛକଠାରୁ ସୁଭାଷ ବୋଷ ଛକ ମଧ୍ୟରେ କୌଣସି ପ୍ରକାର ପାର୍କିଂ ଜୋନ୍ ରହିବ ନାହିଁ।

### ଶ୍ରଦ୍ଧାଳୁଙ୍କୁ ହସ ମୁହଁ, ଭଦ୍ରାମିରେ ବ୍ୟବହାର କରିବାକୁ ପୋଲିସ କର୍ମଚାରୀଙ୍କୁ ନିର୍ଦ୍ଦେଶ

# ନିଯୁକ୍ତି ପାଇବେ ୧୬୦ ଓଡ଼ିଶା ଶିକ୍ଷା ସେବା ଅଧିକାରୀ

ଭୁବନେଶ୍ୱର,୧୮।୬(ଅନୁରାଧା ମହାରଣା)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୧୬୦ଜଣ ଓଡ଼ିଶା ଶିକ୍ଷା ସେବା ଅଧିକାରୀ ନିଯୁକ୍ତି ପାଇବେ। ରବିବାର ଭୁବନେଶ୍ୱରସ୍ଥିତ କୃଷିଭବନ ସମ୍ମିଳନୀ କକ୍ଷରେ ଏମାନନଙ୍କ ପାଇଁ ଏକ କାଉନ୍‌ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓପିଏସ୍‌ସି ଦ୍ୱାରା ମନୋନୀତ ୧୬୦ ଜଣଙ୍କ ମଧ୍ୟରୁ ୧୫୮ଜଣ କାଉନ୍‌ସେଲିଂ ପ୍ରକ୍ରିୟାରେ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ କାଉନ୍‌ସେଲିଂ ପ୍ରକ୍ରିୟା ସମ୍ବନ୍ଧୀୟ ସମସ୍ତ ବିବରଣୀ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆୟର ପ୍ରଦାନ କରିଥିଲେ। ଏହାପରେ ନବନିଯୁକ୍ତ ଅଧିକାରୀଙ୍କୁ ସେମାନଙ୍କ ନିଯୁକ୍ତି ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। କେଉଁ ଅଧିକାରୀ କେଉଁ ସ୍ଥାନରେ କେଉଁ ପଦବୀରେ ଯୋଗଦେବେ ତାହା ସେମାନଙ୍କୁ ଜଣାଇ ଦିଆଯାଇଥିଲା। କାର୍ଯ୍ୟକ୍ରମର ବୃତ୍ତାନ୍ତ ପର୍ଯ୍ୟାୟରେ ନବନିଯୁକ୍ତ ଅଧିକାରୀମାନେ ସେମାନଙ୍କ ସମସ୍ତ ଦ୍ୱନ୍ଦ୍ୱ ପଚାରି ବୁଝିଥିଲେ। ଏଥିସହ ‘ମୋ ସରକାରର ଜନାଦେଶ’ ଉପରେ ମଧ୍ୟ ସମ୍ୟକ୍ ଧାରଣା ପ୍ରଦାନ କରାଯାଇଥିଲା। ନିଯୁକ୍ତି ପାଇବାକୁ ଥିବା ଏହି ଅଧିକାରୀଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା ବିଭାଗ ପକ୍ଷରୁ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଷ୍ଟେଟ୍ କନ୍‌ଭେନ୍‌ଶନ ସେଣ୍ଟରଠାରେ ଏହି ନବନିଯୁକ୍ତ ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ସମସ୍ତ ଶିକ୍ଷା ସେବା ଅଧିକାରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କୁ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ପ୍ରତି ଦୃଢପ୍ରତିଜ୍ଞାବଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ କହିଲେ, ଲୋକଙ୍କଠାରୁ ମତାମତ ଗ୍ରହଣ କରି ଏହା ଉପରେ କାର୍ଯ୍ୟ କରିବା ଦ୍ୱାରା ସରକାରଙ୍କ ଉପରେ ଲୋକଙ୍କ ଭରସା ଓ ବିଶ୍ୱାସ ବଢ଼ିବ। ଯୁବ ଅଧିକାରୀମାନେ ରାଜ୍ୟର ସ୍ୱପ୍ନକୁ ପୂରଣ କରିବା ପାଇଁ କଠିନ ପରିଶ୍ରମ କରନ୍ତୁ। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ଦ୍ଦେଶକ ଦୁର୍ଗାପ୍ରସାଦ ମହାପାତ୍ର ଏହି ନବନିଯୁକ୍ତ ଅଧିକାରୀଙ୍କୁ ସାହାଯ୍ୟ, ସହଯୋଗ ମାଧ୍ୟମରେ ଶିକ୍ଷା ବିଭାଗକୁ ବିକାଶ ପଥରେ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର ବିଦ୍ୟାଳୟ, ବ୍ଲକ୍ ଓ ଜିଲାର ତୃଣମୂଳ ସ୍ତରକୁ ଯାଇ ପିଲାଙ୍କ ଶୈକ୍ଷିକ ବିକାଶ ପାଇଁ ନୂଆ କାର୍ଯ୍ୟପନ୍ଥା ଆପଣେଇବାକୁ ପରାମର୍ଶ ଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଅଂଶୁଘାତ ନେଲାଣି ...

ସେମାନଙ୍କ ମଧ୍ୟରୁ ୩୫ ଜଣ କେବଳ ପାଟନାରେ ପ୍ରାଣ ହରାଇଛନ୍ତି। ଏହି ୨ ରାଜ୍ୟର ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୪ରୁ ୪୫.୨ ଡିଗ୍ରୀ ସେଲ୍‌ସିୟସ୍ ରହିଛି। ଅସହ୍ୟ ତାତିକୁ ଦୃଷ୍ଟିରେ ରଖି ଅନେକ ରାଜ୍ୟରେ ଖରାଛୁଟି ଅବଧି ବଢ଼ାଇ ଦିଆଯାଇଛି।

ଓଡ଼ିଶାରେ ଚଳିତବର୍ଷ ହିଟୱେଭ୍ ଗତ ୧୦ବର୍ଷର ରେକର୍ଡ ଭଙ୍ଗ କରିଛି। ଚଳିତମାସ ପ୍ରଥମ ସପ୍ତାହରୁ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଆର୍ଦ୍ରତା ଅଧିକ ରହୁଥିବା କାରଣରୁ ଅସହ୍ୟ ଗୁଳୁଗୁଳିରେ ଜନସାଧାରଣ ଛଟପଟ ହେଉଛନ୍ତି। ଲଗାତର ରାଜ୍ୟର ଅଧିକାଂଶ ସ୍ଥାନରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହୁଛି। ବିଶେଷକରି ପଶ୍ଚିମଓଡ଼ିଶାରେ ତାତିର ପ୍ରକୋପ ସବୁଠୁ ଅଧିକ ଅନୁଭୂତ ହେଉଛି। ସ୍ୱାଭାବିକ ଭାବେ ଜୁନ ୧୧ ସୁଦ୍ଧା ମୌସୁମୀ ଓଡ଼ିଶା ଛୁଇଁଥାଏ। ମାତ୍ର ଚଳିତବର୍ଷ ୧୯ରୁ ୨୨ ତାରିଖ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁପାରେ। ପରିବେଶ ପରିବର୍ତ୍ତନର ପ୍ରଭାବରେ ମୌସୁମୀ ଆଗମନ ଓ ବୃଷ୍ଟିପାତରେ ଅନିଶ୍ଚିତତା ଦେଖିବାକୁ ମିଳୁଛି। ବର୍ତ୍ତମାନ ଓଡ଼ିଶାରେ ଲୋକେ ପ୍ରବଳ ଗରମରେ ଦହଗଞ୍ଜ ହେଉଥିବାବେଳେ ଆସାମରେ ଅତ୍ୟଧିକ ବର୍ଷାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।

ରବିବାର ରାଜ୍ୟର ପଶ୍ଚିମାଞ୍ଚଳରେ ପାରଦ ୪୬ ଡିଗ୍ରୀ ଛୁଇଁଥିବାବେଳେ ଉପକୂଳରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ପାରଦ ୪୦ ଡିଗ୍ରୀ ପାର କରିଛି। ୭ ସହରରେ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଥିବାବେଳେ ସମ୍ବଲପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ ହୋଇଛି। ସେହିଭଳି ସୋନପୁରରେ ୪୫.୮, ହୀରାକୁଦ ଓ ବୌଦ୍ଧରେ ୪୫.୫, ଝାରସୁଗୁଡ଼ାରେ ୪୫.୨, ବଲାଙ୍ଗୀର ଓ ସୁନ୍ଦରଗଡ଼ରେ ୪୫, ବରଗଡ଼ରେ ୪୪.୨, ଟିଟିଲାଗଡ଼ ଓ ରାଉରକେଲାରେ ୪୩.୫, ନୟାଗଡ଼ରେ ୪୩.୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧.୬ ଡିଗ୍ରୀ ଏବଂ କଟକରେ ୪୦.୨ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ୨୨ ସହରରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। କେବଳ ଦିନ ନୁହେଁ ରାତିରେ ମଧ୍ୟ ପାରଦ ୩୩ରୁ ୩୫ ଡିଗ୍ରୀ ରେକର୍ଡ କରାଯାଉଛି। ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ ୨୦ ତାରିଖରୁ ପରବର୍ତ୍ତୀ ୨ଦିନ ମଧ୍ୟରେ ରାଜ୍ୟରେ ଦିନ ତାପମାତ୍ରା ୩ରୁ ୫ ଡିଗ୍ରୀ ସେଲ୍‌ସିୟସ୍ ଯାଏ ତଳକୁ ଖସିପାରେ। ୨୧ରେ ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ଥିବାବେଳେ ୨୨ ଜୁନ୍‌ରେ କିଛି ଜିଲାରେ ପ୍ରବଳ ବର୍ଷା ହୋଇପାରେ। ଆକାଶ ମୁଖ୍ୟତଃ ମେଘାଚ୍ଛନ୍ନ ରହିବ। ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝରରେ ଅଧିକ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ସୋମବାର ୮ ଜିଲାକୁ ହିଟ୍ ୱେଭ୍ ନେଇ ସତର୍କତା ଜାରି କରାଯାଇଛି। ୧୦ ଜିଲାକୁ ଅରେଞ୍ଜ ଓ ୮ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ସୋନପୁର, ବୌଦ୍ଧ, ବଲାଙ୍ଗୀର ଓ କନ୍ଧମାଳ ଜିଲାକୁ ଅରେଞ୍ଜ ୱାର୍ନିଂ ରହିଛି। ସେହିପରି ନୂଆପଡ଼ା, କଳାହାଣ୍ଡି, ମୟୂରଭଞ୍ଜ, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା, କଟକ ଓ କେନ୍ଦୁଝର ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ୨୦ ତାରିଖରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ନେଇ ସମ୍ବଲପୁର, ବରଗଡ଼, ସୋନପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୩ ଦିନ ଯାଏ ପାଗରେ କିଛି ବିଶେଷ ପରିବର୍ତ୍ତନ ନାହିଁ। ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୩ଟା ଯାଏ ଲୋକଙ୍କୁ ଘରେ ରହିବାକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ କରାଇଛି। ଅପରାହ୍ଣ ସମୟରେ କାଳବୈଶାଖୀ ନେଇ ମଧ୍ୟ ୧୫ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ସେହି ଜିଲାଗୁଡ଼ିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି।

## ନବଯୌବନ ଦର୍ଶନ ...

ସକାଳ ୮ଟାରେ ତାଟି ଫିଟା ପରେ ପାରମାଣିକ ଦର୍ଶନ ଆରମ୍ଭ ହୋଇ ୯ଟା ପର୍ଯ୍ୟନ୍ତ ଚାଲିବ। ଏହି ଦର୍ଶନ ପାଇଁ ୭ହଜାର ଟିକେଟ୍ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଟିକେଟ୍ ମୂଲ୍ୟ ୧୦୦ ଟଙ୍କା ରହିଛି। ପରିମାଣିକ ଟିକେଟଧାରୀଙ୍କୁ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ପଟେ ଭିତରକୁ ଛଡ଼ାଯିବ। ଭିଆଇପିଙ୍କୁ ମଧ୍ୟ ପରିମାଣିକ ଦର୍ଶନ ଲାଗି ଭକ୍ତଙ୍କ ସହ ଛଡ଼ାଯିବ। ଏହାପରେ ସିଂହଦ୍ୱାରରେ ଅପେକ୍ଷାରତ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ସାହାଣମେଲାରେ ଦର୍ଶନ କରିବେ। ପୂର୍ବାହ୍ଣ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଦୁଇଘଣ୍ଟା ସାହାଣ ମେଲା ଦର୍ଶନ ହେବ। ପରେ ଦର୍ଶନ ବ୍ୟବସ୍ଥା ବନ୍ଦ କରାଯାଇ ମହାପ୍ରଭୁଙ୍କ ନୀତି ଆରମ୍ଭ କରାଯିବ। ତେବେ ଭକ୍ତମାନେ ଶ୍ରୀମନ୍ଦିର ଭିତରବେଢ଼ା ବୁଲି ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିପାରିବେ ଏବଂ ମହାପ୍ରସାଦ ପାଇପାରିବେ। ସର୍ବସାଧାରଣ ଦର୍ଶନ ପରେ ପୂର୍ବାହ୍ଣ ୧୧ଟା ୩୦ରେ ଧୁଆଧୋଇ ହୋଇ ଚୂନ ପଡ଼ିବ। ଦଇତାପତି ସର୍ବାଙ୍ଗ, ବନ୍ଦାପନା ଅନୁଷ୍ଠିତ ହୋଇ ନେତ୍ର ଉତ୍ସବ ବନ୍ଦାପନା ସମ୍ପନ୍ନ ହେବ। ପରେ ରୋଷ ହୋମ, ରାଜନୀତି, ଯାତ୍ରାଙ୍ଗୀ ମହାସ୍ନାନ, ମଇଲମ, ଘଣ୍ଟ ଛତା ସର୍ବାଙ୍ଗ ଶେଷ ହୋଇ ଅନ୍ୟାନ୍ୟ ନୀତି ବଢ଼ିବ। ରାତିରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କୁ ସେନାପଟା ଲାଗି କରିବେ। ମଙ୍ଗଳବାର ରଥଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରା ଉପଲକ୍ଷେ ଶ୍ରୀବିଗ୍ରହମାନଙ୍କ ନୀତିକାନ୍ତି ନିମନ୍ତେ ସମୟ କମ୍ ଥିବାରୁ ଦର୍ଶନ ଲାଗି ମାତ୍ର ୩ଘଣ୍ଟା ଧାର୍ଯ୍ୟ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଶନିବାର ଓ ରବିବାର ଅଣସର ଘରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି କରାଯାଇଛି। ଦତ୍ତମହାପାତ୍ର ସେବକମାନେ ଏହି ଗୁପ୍ତ ନୀତି ସମ୍ପାଦନ କରିଥିଲେ। ନବଯୌବନ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ, ଯାନବାହନ ପାର୍କିଂ ଏବଂ ଟ୍ରାଫିକ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ବ୍ୟାରିକେଡ୍ ବ୍ୟବସ୍ଥା ସହ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ଭାରତ ଚାମ୍ପିୟନ...

ଥର ପାଇଁ ଚାମ୍ପିୟନ ହୋଇଛି। ପୂର୍ବରୁ ଭାରତ ପ୍ରଥମ ସଂସ୍କରଣରେ ୨୦୧୮ରେ ଚାମ୍ପିୟନ ହୋଇଥିଲା। ଅର୍ଥାତ୍ ୫ ବର୍ଷ ବ୍ୟବଧାନରେ ଟାଇଟଲ ହାସଲ କରିଛି ବ୍ଲୁ ଟାଇଗର୍ସ। ଏହାପୂର୍ବରୁ ଭାରତ ୧୯୭୭ରେ ଲେବାନନକୁ ହରାଇବାକୁ ସକ୍ଷମ ହୋଇଥିଲା। ଅର୍ଥାତ୍ ୪୬ ବର୍ଷ ବ୍ୟବଧାନରେ ଏହି ଦଳକୁ ପୁଣି ହରାଇବାକୁ ସକ୍ଷମ ହୋଇଛି ଭାରତ। ଗୋଟିଏ ଗୋଲ ସ୍କୋର କରିବାସହ ଅନ୍ୟ ଗୋଲଟିରେ ଆସିଷ୍ଟ କରିଥିବା ଚାଙ୍ଗ୍‌ଟେ ହିରୋ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀଙ୍କ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ୍) ସଭାପତି କଲ୍ୟାଣ ଚୌବେ, ମହାସଚିବ ଶାଜି ପ୍ରଭାକରନ, ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା ପଦକ ଓ ଅନ୍ୟ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଓ କ୍ରୀଡ଼ା ବିଭାଗର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସକାଳୁ କୌଣସି କାମରେ ନିଜକୁ ନିୟୋଜିତ କରି ଅନ୍ୟମାନଙ୍କ କୃପାଭାଜନ ହେବେ। ଶୁଭ ଗ୍ରହ ପ୍ରଭାବରୁ ଆଜି ଦିନଟି ଆର୍ଥିକ, ମାନସିକ ଏବଂ ସାମାଜିକ ସ୍ଥିତିକୁ ବୃଦ୍ଧି କରିବ। ଯେକୌଣସି ପରିସ୍ଥିତି ଓ ପରିବେଶରେ ନିଜକୁ ଚଳାଇନେଇ ପାରିଲେ କୃତକାର୍ଯ୍ୟ ହେବେ। ଦ୍ୱିଜା ନକ୍ଷତ୍ର ସକାଶେ ବନ୍ଧୁଙ୍କ ଆଗମନରେ କିଛି ସମୟ ଅତିବାହିତ କରିବେ।

**ବୃଷ**
ଆଜି ଶୁଭଗ୍ରହ ବୁଧଙ୍କ ସୁପ୍ରଭାବରୁ କର୍ମଧାରାରେ ପରିବର୍ତ୍ତନ ଆଣିବାକୁ ପଡ଼ିପାରେ। ମୃଗଶିରା ନକ୍ଷତ୍ର ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ଏକପ୍ରକାର ବ୍ୟତିବ୍ୟସ୍ତ ହୋଇପାରନ୍ତି। ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କାମ କରି କିଛିଟା ସଫଳତା ମଧ୍ୟ ପାଇବେ।

**ମିଥୁନ**
କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା କାରଣରୁ ସେହିକଥା ଭାବି ଅନ୍ୟମନସ୍କ ରହିପାରନ୍ତି। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ବିତର୍କ ସୃଷ୍ଟି ସମ୍ଭାବନା ରହିଛି। ଯାନବାହନ, ଜମିଜମା, ଗୃହସୀମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ। ପୁନର୍ବସୁ ନକ୍ଷତ୍ରର ପଡ଼ୋଶୀଙ୍କ ସହ ସାମାନ୍ୟ କାରଣରୁ ସମ୍ପର୍କ ହାନି ଘଟିପାରେ।

**କର୍କଟ**
ଆଜି ନିଜର ଦକ୍ଷତା ହେତୁ ଅର୍ଥ ଓ ସମ୍ମାନ ଲାଭରେ ନିଜକୁ ଗୌରବାନ୍ୱିତ ମନେକରିବେ। ପାରିବାରିକ ଶୃଙ୍ଖଳା ରକ୍ଷା ଦିଗରେ ନିଜର ଅଭିଜ୍ଞତା ଓ ଦୂରଦର୍ଶିତା ଆପଣଙ୍କୁ ସାହାଯ୍ୟ କରିବ। ପୁଷ୍ୟା ନକ୍ଷତ୍ର ସଭାସମିତି, ଆନୁଷ୍ଠାନିକ କାମ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସାମୟିକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ**
ଭଲ କଥା କହିଲେ ମଧ୍ୟ ଭୁଲ ବୁଝାମଣା କାରଣରୁ ପରିବାରରେ ସମ୍ପର୍କ ହାନି ଆଶଙ୍କା ରହିଛି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ପୂର୍ବାଫାଲଗୁନୀ ନକ୍ଷତ୍ର ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ବନ୍ଧୁମାନଙ୍କର ପ୍ରଶଂସା ସୂଚକ ବାକ୍ୟରେ ନିଜକୁ ଭାଗ୍ୟବାନ ମନେକରିବେ।

**କନ୍ୟା**
ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ନ କରିବା ଫଳରେ ଆପଣ ସ୍ଥିର ଭାବରେ ରହିପାରିବେ ନାହିଁ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ପରୋକ୍ଷ ଶତ୍ରୁତା ଆଚରଣ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ବ୍ୟବସାୟରେ ମନାନ୍ତର ଦେଖା ଦେଇପାରେ। ହସ୍ତା ନକ୍ଷତ୍ରର ଟେନସନ୍ ଦୂର ହେବ।

**ତୁଳା**
କର୍ମକ୍ଷେତ୍ରରେ କେତେକ କାର୍ଯ୍ୟରେ ସଫଳତା ହାସଲ କରିବାରେ ନିକଟସ୍ଥ ବନ୍ଧୁମାନେ ସାହାଯ୍ୟ କରିବେ। ବିଶାଖା ନକ୍ଷତ୍ର ସକାଶେ ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଜମିଜମା ପ୍ରଭୃତି କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ସାମୟିକ ବିଚଳିତ ହେବେ।

**ବିଛା**
ଆପଣଙ୍କ ସାହାଯ୍ୟକାରୀ ମନୋବୃତ୍ତି ହେତୁ ସହକର୍ମୀଙ୍କ ସହ ସଦ୍‌ଭାବ ବଢ଼ିବ। ଘରୁ ବରାଦ ପାଇ ଆଜି ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣିପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଅନୁରାଧା ନକ୍ଷତ୍ରର ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବାର ସୂଚନା ରହିଛି।

**ଧନୁ**
ବିବାଦୀୟ ପରିସ୍ଥିତିରେ ନିଜ ଘର ଅପେକ୍ଷା ବାହାର ଲୋକ ଆପଣଙ୍କ ପକ୍ଷ ସମର୍ଥନ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍‌ରେ କୌଣସି ବ୍ୟକ୍ତିଠାରୁ କିଛି ଗୋପନୀୟ କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ।

**ମକର**
ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାରେ ପଡ଼ିପାରନ୍ତି। ବହୁତ ଦିନରୁ ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇଲେ ମଧ୍ୟ ସାମୟିକ ଅସ୍ଥିରତା ଦେଖାଦେବାର ସମ୍ଭାବନା ରହିଛି। ଶ୍ରବଣା ନକ୍ଷତ୍ର ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା ବିଫଳ ହେବ ନାହିଁ।

**କୁମ୍ଭ**
ଆଜି ପୂର୍ବଭାଦ୍ରବ ନକ୍ଷତ୍ର ପ୍ରତ୍ୟେକ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିପାରିବେ। ବାଣିଜ୍ୟ, ବ୍ୟବସାୟରେ ରହିଥିବା ପୂର୍ବ ସମସ୍ୟାକୁ ସୁଧାରି ନେବେ। ପରିବାରରେ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି। ଅଶାନ୍ତିଜନିତ ମାନସିକ ଯନ୍ତ୍ରଣା କେତେକାଂଶରେ ବନ୍ଧୁଙ୍କ ଆଶ୍ୱାସନାରୁ ଉପଶମ ହେବ।

**ମୀନ**
କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଉତ୍ତରଭାଦ୍ରବ ନକ୍ଷତ୍ରର ସାମାଜିକ ସ୍ତରରେ ନୀଚ ବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିରୋଧ ଦୂରେଇ ଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ।

ଆଜି ଆଷାଢ଼ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ସୋମବାର, ଶ୍ରୀମନ୍ଦିରରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ଜୁନ୍ ୧୯ ତାରିଖ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୪୩ ଗତେ, ଘ.୧୦।୨୮ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୬।୫୧ ଗତେ, ଘ.୦୮।୨୯ ମଧ୍ୟେ ରାହୁ କାଳ।

# ଚନ୍ଦ୍ରକୁ ଛୁଇଁବାର ଆଶା


ନିକୁଞ୍ଜ ବିହାରୀ ସାହୁ

ଆଗାମୀ ଜୁଲାଇ ମାସରେ ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂସ୍ଥା (ଇସ୍ରୋ) ଚନ୍ଦ୍ରକୁ ନିଜର ଏକ ନୂତନ ଅଭିଯାନ 'ଚନ୍ଦ୍ରଯାନ-୩' ପ୍ରେରଣ କରିବାକୁ ଯାଉଛି। ଏହି ଅଭିଯାନ ଜରିଆରେ ଭାରତ ଚନ୍ଦ୍ରପୃଷ୍ଠକୁ ଛୁଇଁବାର ଆଶା ରଖିଛି। ଏହି ଅଭିଯାନ ସଫଳ ହେଲେ ଭାରତ ଏହି ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧିରେ ଯୁକ୍ତରାଷ୍ଟ୍ର ଆମେରିକା, ରୁଷ୍ ଓ ଚାଇନା ପରେ ବିଶ୍ୱର ଚତୁର୍ଥ ରାଷ୍ଟ୍ର ରୂପେ ପରିଗଣିତ ହେବ। ଏହା ପୂର୍ବରୁ ଭାରତ ଚନ୍ଦ୍ର ଅଭିମୁଖେ ଏକ ଅଭିଯାନ 'ଚନ୍ଦ୍ରଯାନ-୨' ଗତ ୨୦୧୯ ମସିହା ଜୁଲାଇ ୨୨ ତାରିଖ ଦିନ ପ୍ରେରଣ କରିଥିଲା। ଏହା ପ୍ରାୟ ଦୁଇ ମାସ ପରେ, ୨୦୧୯ ସେପ୍ଟେମ୍ବର ୭ ତାରିଖରେ। ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ପହଞ୍ଚି ଚନ୍ଦ୍ର ପୃଷ୍ଠରେ ଏକ ଅବତରକ ଯାନ 'ବିକ୍ରମ'କୁ ଅବତରଣ କରାଇବାକୁ ଚେଷ୍ଟା କରିଥିଲା। ମାତ୍ର ଦୁର୍ଭାଗ୍ୟକ୍ରମେ ଅବତରଣ ସମୟରେ ଯାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଭୂପୃଷ୍ଠରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏହି ବିଫଳତାରେ ଇସ୍ରୋ ନିରୁତ୍ସାହିତ ନ ହୋଇ ଦୀର୍ଘ ୪ ବର୍ଷର ନୀରବତା ପରେ ଚନ୍ଦ୍ର ଅଭିମୁଖେ ଏବେ ଅନ୍ୟ ଏକ ଅଭିଯାନ ପ୍ରେରଣ କରିବାକୁ ଯାଉଛି। ଇସ୍ରୋର ମୁଖ୍ୟ ଏସ୍. ସୋମନାଥ କହିଛନ୍ତି ଯେ, ପୂର୍ବ ବିଫଳତାରୁ ଆମେ ଶିକ୍ଷାଲାଭ କରିଥିବା କିଛି ପ୍ରଯୁକ୍ତିକୁ ଏଥର 'ଚନ୍ଦ୍ରଯାନ-୩' ଅଭିଯାନରେ ପ୍ରୟୋଗ କରାଯାଇ ଅବତରକ ଯାନକୁ ଚନ୍ଦ୍ରପଷ୍ଠରେ ସଫଳତାର ସହ ଅବତରଣ କରାଇବାକୁ ସମସ୍ତ ପ୍ରୟାସ କରାଯିବ।

ଭାରତ ବିଗତ ୨୦୦୮ ମସିହା ଅକ୍ଟୋବର ୨୨ ତାରିଖ ଦିନ ଚନ୍ଦ୍ର ଅଭିମୁଖେ ନିଜର ପ୍ରଥମ ଅଭିଯାନ 'ଚନ୍ଦ୍ରଯାନ-୧' ପ୍ରେରଣ କରିଥିଲା। ଏହି ଯାନ ୨୦୦୮ ମସିହା ନଭେମ୍ବର ୮ ତାରିଖରେ ଚନ୍ଦ୍ର କକ୍ଷପଥରେ ପ୍ରବେଶ କରି ଚନ୍ଦ୍ରକୁ ପରିକ୍ରମା କରିବା ସହିତ ନିଜର ଦୂରସମ୍ବେଦୀ ଯନ୍ତ୍ରାବଳି ଜରିଆରେ ଚନ୍ଦ୍ରପୃଷ୍ଠର ଖଣିଜ ସମ୍ପଦ, ପାଣିପାଗ, ଜଳର ଉପସ୍ଥିତି ଆଦି ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲା। ୨୦୦୮ ମସିହା ନଭେମ୍ବର ୧୪ ତାରିଖ ଦିନ, ଏହି ଯାନରୁ ଏକ ଉପକରଣ ଅଲଗା ହୋଇ ଚନ୍ଦ୍ରପୃଷ୍ଠକୁ ଆଘାତ କରି ବିଶ୍ୱର ଚତୁର୍ଥ ରାଷ୍ଟ୍ର ରୂପେ ଚନ୍ଦ୍ର ମାଟିରେ ଭାରତର ଜାତୀୟ ପତାକା ସ୍ଥାପନ କରିଥିଲା। ଚନ୍ଦ୍ରଯାନ-୧ ଚନ୍ଦ୍ରକୁ ୩୪୦୦ ପରିକ୍ରମା କରିବା ପରେ ଦୁର୍ଭାଗ୍ୟକ୍ରମେ ୨୦୦୯ ମସିହା ଅଗଷ୍ଟ ୨୯ ତାରିଖ ଦିନ ବୈଜ୍ଞାନିକମାନଙ୍କ ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ମାତ୍ର 'ଚନ୍ଦ୍ରଯାନ-୧' ର ଏକ ବଡ଼ ଉପଲବ୍ଧି ଥିଲା ଚନ୍ଦ୍ରପୃଷ୍ଠରେ ଜଳ ଅଣୁର ସନ୍ଧାନ। ଏହାର ସଂଗୃହୀତ କିଛି ତଥ୍ୟକୁ ଭିତ୍ତିକରି ନାସା ଓ ଇସ୍ରୋର ବୈଜ୍ଞାନିକମାନେ ପରବର୍ତ୍ତୀ ସମୟରେ ଚନ୍ଦ୍ରପୃଷ୍ଠରେ ଜଳର ଅଣୁ ଉପସ୍ଥିତ ଥିବାର ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। 'ଚନ୍ଦ୍ରଯାନ-୧' ପ୍ରକଳ୍ପରେ ସମୁଦାୟ ୩୮୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

ଦୀର୍ଘ ୧୧ ବର୍ଷର ନୀରବତା ପରେ, ଗତ ୨୦୧୯ ମସିହା ଜୁଲାଇ ୨୨ ତାରିଖରେ, ଭାରତ ଚନ୍ଦ୍ରପୃଷ୍ଠକୁ ନିଜର ଦ୍ୱିତୀୟ ଅଭିଯାନ 'ଚନ୍ଦ୍ରଯାନ-୨' ପ୍ରେରଣ କରିଥିଲା। ଏହା ୨୦୧୯ ମସିହା ଅଗଷ୍ଟ ୨୨ ତାରିଖରେ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରି ଚନ୍ଦ୍ରକୁ ପରିକ୍ରମା କରିବାକୁ ଆରମ୍ଭ କରିଥିଲା। ପ୍ରଥମ ଅଭିଯାନରେ ଯେଉଁ ଆଶା ଅସମ୍ପୂର୍ଣ୍ଣ ରହି ଯାଇଥିଲା ଚନ୍ଦ୍ରଯାନ ଦ୍ୱିତୀୟ ଅଭିଯାନରେ ସେସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଚେଷ୍ଟା କରାଯାଇଥିଲା। ପ୍ରଥମ ଅଭିଯାନଟି କେବଳ ଚନ୍ଦ୍ରପୃଷ୍ଠ ଉପରେ ଆକାଶରେ ରହି ଚନ୍ଦ୍ରକୁ ପ୍ରଦକ୍ଷିଣ କରିବା ତଥା ଯାନଟିରୁ ନିର୍ଗତ ଏକ ଉପକରଣ ଜରିଆରେ ଚନ୍ଦ୍ରପୃଷ୍ଠରେ ପିଟିହୋଇ ଚନ୍ଦ୍ରମାଟିକୁ ଛୁଇଁବାରେ ସୀମିତ ଥିଲା। ମାତ୍ର ଚନ୍ଦ୍ରପୃଷ୍ଠରେ ଧୀର ଅବତରଣ କରି ଚନ୍ଦ୍ରପୃଷ୍ଠର ବିସ୍ତୃତ ବୈଜ୍ଞାନିକ ଅନୁସନ୍ଧାନ କରିବା ନିମନ୍ତେ ଅଭିପ୍ରେତ ନଥିଲା। ପରବର୍ତ୍ତୀ 'ଚନ୍ଦ୍ରଯାନ-୨' ଅଭିଯାନରେ ଏକ ଅତ୍ୟାଧୁନିକ ଉପକରଣ ବିଶିଷ୍ଟ ଯାନକୁ ଚନ୍ଦ୍ରପୃଷ୍ଠରେ ଏକ ନିରାପଦ ଧୀର ଅବତରଣ ଜରିଆରେ ଖସାଇ ଚନ୍ଦ୍ରମାଟିକୁ ଛୁଇଁବାର ଆଶା ରଖାଯାଇଥିଲା। ମାତ୍ର ଏହି ଅଭିଯାନ କ୍ଷେତ୍ରରେ ଭାରତକୁ ସମ୍ପୂର୍ଣ୍ଣ ସଫଳତା ମିଳି ନଥିଲା। ଏଥିରେ ଥିବା 'ଅର୍ବିଟର୍' ଯାନଟି ଯୋଜନାମତେ ଚନ୍ଦ୍ରକୁ ସଫଳତାର ସହିତ ପରିକ୍ରମା କରି ଚନ୍ଦ୍ରପୃଷ୍ଠର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲାବେଳେ ଏଥିରୁ ବିଚ୍ଛିନ୍ନ ହୋଇ ଏକ ଅବତରକ ଯାନ 'ବିକ୍ରମ' ଚନ୍ଦ୍ର ପୃଷ୍ଠରେ ଅବତରଣ କରିବା ପାଇଁ ଉଦ୍ୟମ କରିଥିଲା। ବିକ୍ରମ ଅବତରକ ଯାନଟିରେ ଏକ ଚକଲଗା ଗାଡି ବା ରୋଭର୍ (ନାମ: ପ୍ରଜ୍ଞା) ମଧ୍ୟ ସ୍ଥାନିତ ଥିଲା ଯାହା ଚନ୍ଦ୍ରପୃଷ୍ଠରେ ପହଞ୍ଚିବା ମାତ୍ରେ ଅବତରକ ଯାନରୁ ବାହାରି ଚନ୍ଦ୍ରପୃଷ୍ଠ ଉପରେ ଗଡି ଗଡି ତଥ୍ୟ ସଂଗ୍ରହ କରିବା କଥା। ମାତ୍ର ଦୁର୍ଭାଗ୍ୟକ୍ରମେ, ବିକ୍ରମ ଅବତରକ ଯାନଟି ସୁଚାରୁ ରୂପେ ଚନ୍ଦ୍ରପୃଷ୍ଠରେ ଧୀର ଅବତରଣ କରି ନ ପାରି ୨୦୧୯ ମସିହା ସେପ୍ଟେମ୍ବର ୬ ତାରିଖ ଦିନ ଚନ୍ଦ୍ର ମାଟିରେ ପିଟି ହୋଇ ନଷ୍ଟ ହୋଇଯିବା ସହିତ ଭୂପୃଷ୍ଠ ସହିତ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଯାଇଥିଲା। ଏହା ସହିତ ଭାରତର ଚନ୍ଦ୍ରମାଟିକୁ ଛୁଇଁବାର ସ୍ୱପ୍ନ ଅଧୁରା ରହି ଯାଇଥିଲା। ଏହି ପ୍ରକଳ୍ପରେ ସମୁଦାୟ ୬୦୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

> "ଚନ୍ଦ୍ରଯାନ-୩ ଅଭିଯାନର ପ୍ରମୁଖ ଲକ୍ଷ୍ୟ ହେବ ଚନ୍ଦ୍ରପୃଷ୍ଠରେ ନିରାପଦ ଭାବେ 'ଧୀର ଅବତରଣ' କରିବା। ଏହା ବାସ୍ତବପକ୍ଷରେ ଅତ୍ୟନ୍ତ କଠିନ ବ୍ୟାପାର ଏବଂ ଏଥିନିମନ୍ତେ ଅତି ଜଟିଳ ପ୍ରଯୁକ୍ତିବିଦ୍ୟା ଓ ଉଚ୍ଚକୋଟୀର ଜ୍ଞାନକୌଶଳର ପ୍ରୟୋଗ ଆବଶ୍ୟକ। ଅବତରକ ଯାନଟି ଚନ୍ଦ୍ରର ମାଧାକର୍ଷଣ ବଳ ଦ୍ୱାରା ଆକର୍ଷିତ ହୋଇ ଦ୍ରୁତଗତିରେ ଚନ୍ଦ୍ରପୃଷ୍ଠ ଆଡକୁ ଛୁଟି ଯାଉଥିଲାବେଳେ ତୁରନ୍ତ ଏହାର ପ୍ରଚଣ୍ଡ ବେଗକୁ ଯଥେଷ୍ଟ ମାତ୍ରାରେ ହ୍ରାସକରି ଚନ୍ଦ୍ରମାଟିରେ ସୁରକ୍ଷିତ ଧୀର ଅବତରଣ କରାଇବାକୁ ପଡେ। ନ ହେଲେ ଯାନଟି ଦ୍ରୁତଗତିରେ ଯାଇ ଚନ୍ଦ୍ରପୃଷ୍ଠରେ ପିଟି ହୋଇ ନଷ୍ଟ ହୋଇଯାଏ।"

ପୂର୍ବର ସଫଳତା ଓ ବିଫଳତାର ମିଶ୍ର ଅନୁଭୂତି ପରେ ଭାରତ ଏବେ 'ଚନ୍ଦ୍ରଯାନ-୩' ଅଭିଯାନ ଜରିଆରେ ପୂର୍ବର ତ୍ରୁଟିକୁ ସୁଧାରି ଚନ୍ଦ୍ରପୃଷ୍ଠରେ ସଫଳ ଅବତରଣ କରି ଇତିହାସ ରଚନା କରିବାକୁ ଯାଉଛି। ଏହି ଅଭିଯାନକୁ ଏହି ବର୍ଷ ଜୁଲାଇ ମାସର କୌଣସି ଏକ ଦିନ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ଅନ୍ତରୀକ୍ଷ କେନ୍ଦ୍ରରୁ ଉତକ୍ଷେପଣ କରାଯିବ। 'ଚନ୍ଦ୍ରଯାନ-୩'ର ସମୁଦାୟ ତିନୋଟି ଏକକ ବା ମଡ୍ୟୁଲ ରହିଛି, ଯଥା: ପ୍ରପଲସନ୍ ମଡ୍ୟୁଲ, ଯାହା ଯାନକୁ ଗତିଶୀଳତା ପ୍ରଦାନ କରିବ। ଦ୍ୱିତୀୟଟି ହେଲା ଅବତରକ ମଡ୍ୟୁଲ, ଯାହା ଚନ୍ଦ୍ରପୃଷ୍ଠରେ ଧୀରେ ଅବତରଣ କରି ଚନ୍ଦ୍ରମାଟିକୁ ଛୁଇଁବ। ତୃତୀୟଟି ହେଲା ରୋଭର୍ ମଡ୍ୟୁଲ, ଯାହା ଏକ ଚକଲଗା ଗାଡ଼ି ସଦୃଶ ଚନ୍ଦ୍ରପୃଷ୍ଠରେ ଗଡ଼ିଗଡ଼ି ବିଭିନ୍ନ ବୈଜ୍ଞାନିକ ତଥ୍ୟ ସଂଗ୍ରହ କରିବ। 'ଚନ୍ଦ୍ରଯାନ-୨' ଅଭିଯାନରେ ଥିବା ଅର୍ବିଟର ମଡ୍ୟୁଲକୁ ଚଳିତ 'ଚନ୍ଦ୍ରଯାନ-୩' ଅଭିଯାନରେ ସ୍ଥାନିତ କରାଯାଇ ନାହିଁ। ଯେହେତୁ 'ଚନ୍ଦ୍ରଯାନ-୨' ଅଭିଯାନର ଅର୍ବିଟର୍ ମଡ୍ୟୁଲଟି ଏବେବି ଚନ୍ଦ୍ରକକ୍ଷରେ ସକ୍ରିୟ ଅଛି, 'ଚନ୍ଦ୍ରଯାନ-୩' ପୂର୍ବର ଏହି ବ୍ୟବସ୍ଥାକୁ ବ୍ୟବହାର କରି ଭୂପୃଷ୍ଠ ସହିତ ଯୋଗାଯୋଗ ଭଳି ନିଜର ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରିପାରିବ। ସୁତରାଂ 'ଚନ୍ଦ୍ରଯାନ-୩' ଅଭିଯାନରେ ଜାଣିଶୁଣି ଅର୍ବିଟର୍ ମଡ୍ୟୁଲକୁ ସ୍ଥାନିତ କରାଯାଇ ନାହିଁ।



'ଚନ୍ଦ୍ରଯାନ-୩' ଅଭିଯାନର ପ୍ରମୁଖ ଲକ୍ଷ୍ୟ ହେବ ଚନ୍ଦ୍ରପୃଷ୍ଠରେ ନିରାପଦ ଭାବେ 'ଧୀର ଅବତରଣ' କରିବା। ଏହା ବାସ୍ତବରେ ଅତ୍ୟନ୍ତ କଠିନ ବ୍ୟାପାର ଏବଂ ଏଥିନିମନ୍ତେ ଅତି ଜଟିଳ ପ୍ରଯୁକ୍ତି ବିଦ୍ୟା ଓ ଉଚ୍ଚକୋଟୀର ଜ୍ଞାନକୌଶଳ ପ୍ରୟୋଗ ଆବଶ୍ୟକ। ଅବତରକ ଯାନଟି ଚନ୍ଦ୍ରର ମାଧାକର୍ଷଣ ବଳ ଦ୍ୱାରା ଆକର୍ଷିତ ହୋଇ ଦ୍ରୁତଗତିରେ ଚନ୍ଦ୍ରପୃଷ୍ଠ ଆଡ଼କୁ ଛୁଟି ଯାଉଥିଲାବେଳେ ତୁରନ୍ତ ଏହାର ପ୍ରଚଣ୍ଡ ବେଗକୁ ଯଥେଷ୍ଟ ମାତ୍ରାରେ ହ୍ରାସକରି ଚନ୍ଦ୍ରମାଟିରେ ସୁରକ୍ଷିତ ଧୀର ଅବତରଣ କରାଇବାକୁ ପଡ଼େ। ନହେଲେ ଯାନଟି ଦ୍ରୁତଗତିରେ ଯାଇ ଚନ୍ଦ୍ରପୃଷ୍ଠରେ ପିଟି ହୋଇ ନଷ୍ଟ ହୋଇଯାଏ। ମାତ୍ର ଏ କ୍ଷେତ୍ରରେ ଏକ ପ୍ରମୁଖ ସମସ୍ୟା ହେଉଛି, ଚନ୍ଦ୍ରରେ ପୃଥିବୀ ଭଳି ବାୟୁମଣ୍ଡଳ ନ ଥିବାରୁ ଏଠାରେ ଯାନର ତୁରନ୍ତ ଅଗ୍ରଗାମୀ ଗତିକୁ ପ୍ରତିହତ କରିବା ପାଇଁ ପାରମ୍ପରିକ ଆକାଶଛତା ବା ପାରାସୁ୍ୟଟ୍ ବ୍ୟବସ୍ଥା କାର୍ଯ୍ୟ କରେନାହିଁ। ତେଣୁ ଯାନର ବେଗକୁ ଯଥେଷ୍ଟ ହ୍ରାସ କରିବା ପାଇଁ ଯାନ ସହିତ କିଛି 'ରେଟ୍ରୋ ରକେଟ୍' ଖଞ୍ଜା ଯାଇଥାଏ, ଯାହାର ଇଞ୍ଜିନକୁ ଯାନର ଅଗ୍ରଗାମୀ ଗତିର ବିପରୀତ ଦିଗରେ କ୍ରମାନ୍ୱୟରେ ଚାଳନା କରି ଯାନର ବେଗକୁ ଏକ ସୁରକ୍ଷିତ ଅବତରଣ ନିମନ୍ତେ ମନ୍ଥିତ କରାଯାଏ। ଏହା ବାସ୍ତବରେ ଅତ୍ୟନ୍ତ କଠିନ ଓ ଜଟିଳ କାର୍ଯ୍ୟପଦ୍ଧତି। ଠିକ୍ ସମୟରେ ଠିକ୍ ଇଞ୍ଜିନ୍‌କୁ କାର୍ଯ୍ୟକ୍ଷମ କରି ଯାନର ବେଗକୁ ନିୟନ୍ତ୍ରିତ କରିପାରିଲେ ଯାଇ ଏହି ଦୁର୍ବାର ଲକ୍ଷ୍ୟ ହାସଲ କରାଯାଇ ଯାନକୁ ଚନ୍ଦ୍ରମାଟିରେ ଧୀର ଅବତରଣ କରାଯାଇପାରିବ; ନଚେତ ଯାନଟି ଚନ୍ଦ୍ର ପୃଷ୍ଠରେ ପିଟି ହୋଇ ନଷ୍ଟ ହୋଇଯିବ। ଧୀର ଅବତରଣର ଏହି ପ୍ରଯୁକ୍ତିଗତ ଜଟିଳତା ପାଇଁ ହିଁ ବିଶ୍ୱର ମାତ୍ର ତିନୋଟି ରାଷ୍ଟ୍ର ଏପର୍ଯ୍ୟନ୍ତ ଚନ୍ଦ୍ରପୃଷ୍ଠରେ ନିଜ ଯାନକୁ ସଫଳତାର ସହ ନିରାପଦ ରୂପେ ଅବତରଣ କରାଇବାରେ ସକ୍ଷମ ହୋଇଛନ୍ତି। ଏହି ପ୍ରଯୁକ୍ତିଗତ ବିଫଳତା ପାଇଁ ହିଁ ପୂର୍ବର 'ଚନ୍ଦ୍ରଯାନ-୨' ଅଭିଯାନ ବିଫଳ ହୋଇଗଲା।

'ଚନ୍ଦ୍ରଯାନ-୩' ଅଭିଯାନର ପ୍ରକଳ୍ପ ଖର୍ଚ୍ଚ ହେବ ସମୁଦାୟ ୬୧୫ କୋଟି ଟଙ୍କା। 'ଚନ୍ଦ୍ରଯାନ-୩' ଅଭିଯାନ ଜରିଆରେ ଆମ ଦେଶ ଚନ୍ଦ୍ରମାଟିକୁ ଛୁଇଁବାର ସଫଳତା ହାସଲ କରିପାରିଲେ ଯେ ଏହା ସମଗ୍ର ଦେଶ ତଥା ଆମ ବୈଜ୍ଞାନିକମାନଙ୍କ ପାଇଁ ଏକ ବିରାଟ ଉପଲବ୍ଧି ହେବ ଏଥିରେ ସନ୍ଦେହ ନାହିଁ।

-ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୬୭୪

## କାହିଁକି ହୁଏ ପାଟି ଘା'



ବିଭିନ୍ନ କାରଣରୁ ଅନେକ ଲୋକଙ୍କର ପାଟିରେ ଘା' ହୋଇଥାଏ। ବେଳେବେଳେ ଏହି ଘା' ବଡ଼ ହୋଇ କ୍ୟାନସରର ରୂପ ନିଏ। ସେଥିପାଇଁ ପାଟିରେ ଘା' ହେଲେ ତାହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ। କାରଣ ଏହାକୁ ଅବହେଳା କଲେ ତାହା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ତେବେ ପାଟିରେ ଘା' ହେବାର ଅନେକ କାରଣ ରହିଛି। ଯେତେବେଳେ ଶରୀରରେ ଭିଟାମିନ୍ ବି ଯୁକ୍ତ ଉପାଦାନ (ବି-୧, ବି-୨, ବି-୩ ଏବଂ ବି-୬) ଅଭାବ ଘଟେ ସେତେବେଳେ ପାଟିରେ ଘା' ହୋଇଥାଏ। ଅନ୍ୟପଟେ ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ରହିଲେ, ଜିଭ ଅଧିକାଂଶ ସମୟ ଶୁଖିଲା ରହିଲେ କିମ୍ବା ପାଟିରୁ କମ୍ ଲାଳ ବାହାରିଲେ ଏପରି ସମସ୍ୟା ଦେଖାଦେଇଥାଏ। ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା ମଧ୍ୟ ପାଟିରେ ଘା' ସୃଷ୍ଟି କରିବାର ଅନ୍ୟତମ କାରଣ ସାଜିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଶାଦ୍ରବ୍ୟ ପ୍ରତିଦିନ ସେବନ ଦ୍ୱାରା ପାଟିରେ ଘା' ହୋଇ ଏହା କ୍ୟାନସରରେ ପରିଣତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ପାଟିକୁ ଭଲ ଭାବେ ସଫା କରିବା ସହ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ।

## ସଙ୍ଗୀତ ଓ ସ୍ମରଣ ଶକ୍ତି



ସ୍ମରଣ ଶକ୍ତି ବଢ଼ାଇବାର ଏକ ସହଜ ତଥା ସରଳ ଉପାୟ ରହିଛି। ତାହା ପୁଣି ହାତ ପାଆନ୍ତାରେ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସଙ୍ଗୀତ ଅନେକାଂଶରେ ସହାୟକ ହୋଇଥାଏ। ନିୟମିତ ମନ ପସନ୍ଦର ସଙ୍ଗୀତ ଶୁଣୁଥିବା ବ୍ୟକ୍ତିମାନଙ୍କର ସ୍ମରଣ ଶକ୍ତି କିପରି ରହୁଛି ତାହାକୁ ସିଡନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ତର୍ଜମା କରିଥିଲେ। କିଛି ମାସ ସର୍ଭେ କରିବା ପରେ ଜଣାପଡିଥିଲା ଯେ, ପ୍ରତିଦିନ କିଛି ସମୟ ମନ ପସନ୍ଦର ଗୀତ ଶୁଣିବା ସ୍ୱାସ୍ଥ୍ୟ ପାଇଁ ହିତକର। ବିଶେଷଭାବରେ ଏହା ମନକୁ ପ୍ରଫୁଲ୍ଲ ରଖିଥାଏ। ସବୁଠାରୁ ଖାସ୍ କଥା ହେଲା, ସଙ୍ଗୀତ ଶୁଣିବା ଦ୍ୱାରା ସ୍ମରଣ ଶକ୍ତି ମଧ୍ୟ ଅନେକାଂଶରେ ବୃଦ୍ଧି ପାଇଥାଏ। ଉକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ସର୍ଭେରୁ ଜଣାପଡିଛି ଯେ, ନିଜର ପ୍ରିୟ ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ଆମ ସ୍ନାୟୁ କୋଷଗୁଡ଼ିକୁ ଆହୁରି ସତେଜ ରହିଥାଆନ୍ତି। ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ମଧ୍ୟ ଆହୁରି ସକ୍ରିୟ ହୋଇଥାଏ। ଫଳରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲ ରୁହେ। ଯେ କୌଣସି କାର୍ଯ୍ୟ କରିବା ପାଇଁ ଆଗ୍ରହ ସୃଷ୍ଟି କରେ।

## ଭିଟାମିନ୍-ଡି'ର ଅଭାବ ହେଲେ...



ଆମ ଶରୀରର ବିକାଶ ଏବଂ ସୁସ୍ଥ ରଖିବା ଲାଗି ଭିଟାମିନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସବୁବେଳେ ଭିଟାମିନଯୁକ୍ତ ଖାଦ୍ୟ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥାଆନ୍ତି। ତନ୍ମଧ୍ୟରୁ ଭିଟାମିନ୍ 'ଡି' ଅନ୍ୟତମ। ଏହା ହେଉଛି ହର୍‌ମୋନ୍‌ର ଅନ୍ୟତମ ପ୍ରାକୃତିକ ଉପାଦାନ। ଶରୀରରେ ଏହି ଭିଟାମିନ୍ ସନ୍ତୁଳିତ ରହିଲେ ତାହା ଅସ୍ଥି ଓ ମାଂସପେଶୀକୁ ମଜଭୁତ୍ ରଖିବାରେ ସାହାଯ୍ୟ କରେ। ହେଲେ ଏହାର ଅଭାବରେ ଆମେ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଶରୀରରେ ଭିଟାମିନ୍ 'ଡି' ପରିମାଣ କମିଗଲେ ତାହାର ପ୍ରଭାବ ହୃତପିଣ୍ଡ ବା ହାର୍ଟ ଉପରେ ପଡିବାର ଆଶଙ୍କା ରହିଛି ବୋଲି ସେମାନେ ଜାଣିପାରିଛନ୍ତି। ସଂପୃକ୍ତ ବ୍ୟକ୍ତି ଜିନ୍‌ଗତ ରୋଗର ସମ୍ମୁଖୀନ ହେବାର ଆଶଙ୍କା ମଧ୍ୟ ରହିଛି। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଭିଟାମିନ୍-ଡି ଯୁକ୍ତ ଖାଦ୍ୟ ଖାଇବା ଦରକାର। କଦଳୀ, କମଳା, ଆଳମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍‌ରେ ଭିଟାମିନ୍ 'ଡି' ଭରି ରହିଛି।

## ସ୍ୱାସ୍ଥ୍ୟ ସୂଚନା

- ଆମେ ଠିକ୍ ସମୟରେ ଖାଦ୍ୟ ଖାଇବା ଦରକାର। ଯଦି ଏଥିରେ ଅନିୟମିତତା ଲାଗି ରହିଲା, ତେବେ ତାହା ପରୋକ୍ଷରେ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ତେଣୁ ପ୍ରତିଦିନ କେତେବେଳେ ଖାଦ୍ୟ ଖାଇବେ ତାହାର ସମୟ ନିର୍ଦ୍ଧାରଣ କରନ୍ତୁ।
- ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ଯଦି ଆପଣଙ୍କର ବ୍ଲଡପ୍ରେସର କିମ୍ବା ହୃଦ୍‌ଜନିତ ସମସ୍ୟା ରହିଛି ତେବେ ଖାଦ୍ୟପେୟ ପ୍ରତି ସଚେତନ ରୁହନ୍ତୁ। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ପୂର୍ବରୁ ପାଣି ପିଅନ୍ତୁ।
- ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।
- ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକ ରହିଛି। ସବୁବେଳେ ସକାରାତ୍ମକ ଚିନ୍ତନ କରି ଖୁସି ରହିବା ଦ୍ୱାରା ମାନସିକ ଭାବେ ଆମେ ସନ୍ତୁଳିତ ରହିପାରିବା।
- ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍ ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ଫଳମୂଳ ସହ ଜୁସ୍ ମିଶାନ୍ତୁ, ଯାହା ଶରୀର ପାଇଁ ଲାଭଦାୟକ।
- ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।



## ସଚେତନତା ମୂଳକଥା

**ଆଜି ବିଶ୍ୱ ସିକଲ୍ ସେଲ୍ ରୋଗ ଦିବସ**

ସିକଲ୍ ସେଲ୍ ରୋଗ ଏକ ବେମାରୀ ସମୂହ, ଯାହା ଆମର ଲୋହିତ ରକ୍ତ କଣିକାକୁ ପ୍ରଭାବିତ କରିଥାଏ। ଏପରି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ତାହାର ଚିକିତ୍ସା କରାଇ ନେବା ଜରୁରୀ। ସିକଲ୍ ସେଲ୍ ରୋଗ ବିଷୟରେ ଜନସାଧାରଣକୁ ସଚେତନ କରିବା ଲାଗି ପ୍ରତିବର୍ଷ ଜୁନ୍ ୧୯କୁ 'ବିଶ୍ୱ ସିକଲ୍ ସେଲ୍ ରୋଗ ଦିବସ' ଭାବରେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ସ୍ଲୋଗାନ ହେଉଛି- 'ଅବରୋଧକୁ ଛିନ୍ନ କରି ଆଶାର ସଞ୍ଚାର' ଅର୍ଥାତ୍ ଏହି ରୋଗକୁ ପ୍ରଥମରୁ ପ୍ରତିହତ କରି ଏକ ସୁସ୍ଥ ଜୀବନଯାପନ କରିପାରିବା ପାଇଁ ଉଦ୍ୟମ। ସିକଲ୍ ସେଲ୍ ରୋଗ ବିଷୟରେ ବରିଷ୍ଠ ଚିକିତ୍ସକ ତଥା ପରାମର୍ଶଦାତା ଡା. ରାମଚନ୍ଦ୍ର ରାଉତ କହନ୍ତି, "ସିକଲ୍ ସେଲ୍ ରୋଗରେ ଲୋହିତ ରକ୍ତକଣିକା ପ୍ରଭାବିତ ହୋଇଥାଏ। ଏହାଦ୍ୱାରା ଏହି ରକ୍ତକଣିକା ଗୋଲ୍ ଚେପ୍‌ଟା ପରି ଦେଖାଯିବା ବଦଳରେ ଦାଆ ପରି ବକ୍ର ଓ ଅଣଚଉଡ଼ା ହୋଇଯାଏ। ଏହା ଏକ ଗୁଣସୂତ୍ରଗତ(ଜିନ୍) ରୋଗ। ମାତାପିତାଙ୍କଠାରୁ ଶିଶୁମାନଙ୍କୁ ଏହା ଆସିଥାଏ। ଏହି ରୋଗରେ ଆକ୍ରାନ୍ତ ହେଲେ ଶରୀରରେ ଯନ୍ତ୍ରଣା, ଷ୍ଟ୍ରୋକ୍, ଛାତି ଯନ୍ତ୍ରଣା, ହଠାତ୍ ଅନ୍ଧତ୍ୱ, ଅସ୍ଥିମଜ୍ଜା ନଷ୍ଟ ଏବଂ ଦୀର୍ଘ ସମୟ ଧରି ଯନ୍ତ୍ରଣାଦାୟକ ଲିଙ୍ଗ ଦୃଢ଼ତା ଇତ୍ୟାଦି ପରିଲକ୍ଷିତ ହୁଏ। ଏହାଦ୍ୱାରା ଶରୀରର ଅଙ୍ଗମାନଙ୍କର କ୍ଷତି ଓ କାର୍ଯ୍ୟହୀନତା ସହିତ ଯକୃତ(ଲିଭର), କିଡ୍‌ନୀ, ଫୁସ୍‌ଫୁସ, ହୃଦ୍‌ଯନ୍ତ୍ର ଓ ପ୍ଲିହା ଇତ୍ୟାଦି ନଷ୍ଟ ହୋଇଯାଏ। ଫଳରେ ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ିଥାଏ। ତେଣୁ ଏହି ରୋଗ ବିଷୟରେ ସମସ୍ତେ ସଚେତନ ରହିବା ନିହାତି ଜରୁରୀ। ଏଥିପାଇଁ ମିଳିତ ଜାତିସଂଘ ଦ୍ୱାରା ସ୍ଥିରୀକୃତ 'ବିଶ୍ୱ ସିକଲ୍ ସେଲ୍ ରୋଗ ଦିବସ' ୨୦୦୮ରୁ ପ୍ରତିବର୍ଷ ଜୁନ୍ ୧୯ରେ ପାଳନ ହୋଇ ଆସୁଅଛି। ଏଥିପାଇଁ ରୋଗର ଶୃଙ୍ଖଳ ଛିନ୍ନ କରିବାକୁ ହେବ। ଜନ୍ମ ସମୟରେ ରକ୍ତ ପରୀକ୍ଷା କରାଇ ନେବା ଦରକାର। ସମ୍ପୂର୍ଣ୍ଣ ସ୍ଥିର ନିଶ୍ଚିତ ପାଇଁ ଅଧିକ ରକ୍ତ ପରୀକ୍ଷା କରାଇ ନିଅନ୍ତୁ। ଏହି ରକ୍ତ ପରୀକ୍ଷାସମୂହ ହେଲା- ସିବିସି (CBC), ହିମୋଗ୍ଲୋବିନ୍-ରକ୍ତହୀନତାର ମାତ୍ରା, ଏମ୍‌ଭିସି, ହିମୋଗ୍ଲୋବିନ୍ ଇଲେକ୍ଟ୍ରୋଫୋରେସିସ୍,



ରକ୍ତ ପରୀକ୍ଷା କରି ଏହି ରୋଗ ଅଛି କି ନାହିଁ ଜାଣିନେବା ଜରୁରୀ। ସବୁ ନବଜାତ ଶିଶୁଙ୍କର ଜନ୍ମର ୨୪-୪୮ ଘଣ୍ଟା ମଧ୍ୟରେ ଏଥିପାଇଁ ଏଚ୍‌ପିଏଲ୍‌ସି ଏବଂ ଡିଏନ୍‌ଏ। ପ୍ରାରମ୍ଭରୁ ସଚେତନ ରହିଲେ ଭବିଷ୍ୟତରେ ଏଭଳି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାକୁ ଏଡ଼ାଇ ଦେଇହେବ।"

ଗୋଟିଏ ମୁହୂର୍ତ୍ତ ଲାଗି ମଧ ଭୁଲିଯାଅନା ଯେ, ଏସବୁ କିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି– ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି– ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ– ତେବେ ତୁମେ ସବୁ କିଛି ହରାଇ ବସିବ। **–ଶ୍ରୀଅରବିନ୍ଦ**



# ଧାରଣା ସୁରକ୍ଷା, ଜୀବନ ରକ୍ଷା



ସୌଭାଗ୍ୟ ସୁନ୍ଦରରାୟ

ପୂର୍ବତଟ ରେଳପଥର ବାଲେଶ୍ୱର ନିକଟବର୍ତ୍ତୀ ବାହାନଗାଠାରେ ଘଟିଥିବା କରମଣ୍ଡଳ ଟ୍ରେନ୍ ଦୁର୍ଘଟଣାର ଦୁଃସ୍ମୃତି ଦୀର୍ଘଦିନ ଧରି ଜନମାନସରେ ରହିବ। ଗତ ଜୁନ୍ ୩ ତାରିଖରେ ଘଟିଥିବା ଏହି ଦୁର୍ଘଟଣାରେ ୨୯୧ଯାତ୍ରୀ ପ୍ରାଣ ହରାଇଥିବାବେଳେ ବହୁ ଆହତ ହୋଇଛନ୍ତି। କେତେକ ମୃତଦେହ ଚିହ୍ନଟ ହୋଇପାରି ନାହିଁ। ୧୯୯୫ ମସିହା ପରେ ଏହା ହେଉଛି ବଡ଼ ଦୁର୍ଘଟଣା। ଏହା ପୂର୍ବରୁ ୧୯୮୧ ଜୁନ୍‌ରେ ବିହାରରେ ଏକ ଟ୍ରେନ୍ ଲାଇନଚ୍ୟୁତ ହେବା ଫଳରେ ୭୫୦ରୁ ଅଧିକ ଯାତ୍ରୀ ପ୍ରାଣ ହରାଇଥିଲେ। ଟ୍ରେନ୍‌ଟି ଲାଇନଚ୍ୟୁତ ହୋଇ ବାଗମତୀ ନଦୀ ଗର୍ଭକୁ ଖସି ପଡ଼ିଥିଲା। ୧୯୯୫ରେ ଫିରୋଜାବାଦଠାରେ ଏକ ରେଳ ଦୁର୍ଘଟଣାରେ ୩୫୮ଯାତ୍ରୀ ପ୍ରାଣ ହରାଇଥିବା ସରକାରୀ ତଥ୍ୟରୁ ଜଣାପଡ଼େ। ତାହାଲେ ବାହାନଗା ଦୁର୍ଘଟଣା ପାଇଁ କାହିଁକି ଏତେ ହୋହଲ୍ଲା। ଏଇଥିପାଇଁ ଯେ ପ୍ରଯୁକ୍ତିର ଶୀର୍ଷ ସୋପାନରେ ଭାରତ ପହଞ୍ଚି ନ ଥିଲେ ମଧ୍ୟ ମଧ୍ୟମ ସ୍ତରରେ ଆସି ପହଞ୍ଚିଛି। ବନ୍ଦେ ଭାରତ ଓ ବୁଲେଟ ଟ୍ରେନ୍ ପରି ଅଧିକ ବେଗଗାମୀ ପ୍ରକଳ୍ପର ପରିକଳ୍ପନା କରିଛି। ଏଭଳି ସମୟରେ କରମଣ୍ଡଳର ହୃଦୟବିଦାରକ ଦୁର୍ଘଟଣାରେ ଯେ କେହି ବ୍ୟକ୍ତି ଆଶ୍ଚର୍ଯ୍ୟପ୍ରକଟ କରିବ। ମନରେ ସନ୍ଦେହ ପ୍ରକାଶ କରିବ ଯେ, ଭାରତ ଅନ୍ତତଃ ପ୍ରଯୁକ୍ତିର ମଧ୍ୟମ ସୋପାନରେ ପହଞ୍ଚିଛି ନା ଏହା ମନଗଢ଼ା କଥା ?

ଭାରତୀୟ ରେଲୱେ ବିଶ୍ୱର ୩ୟ ବୃହତ୍ତମ ଯାତ୍ରୀ ଓ ମାଲ୍ ପରିବହନକାରୀ ବ୍ୟବସ୍ଥା। ବାର୍ଷିକ ଏହା ପ୍ରାୟ ୮୦ କୋଟି ଯାତ୍ରୀ ପରିବହନ କରିଥାଏ। ଭାରତୀୟ ରେଲୱେର ପ୍ରାୟ ୧ ଲକ୍ଷ ୧୪ ହଜାର କିଲୋମିଟର ରେଳଧାରଣାରେ ଦୈନିକ ପ୍ରାୟ ୨୦ହଜାର ରେଳ ଚଳାଚଳ କରିଥାଏ। କିନ୍ତୁ ରେଳମାର୍ଗର ରକ୍ଷଣାବେକ୍ଷଣ ଓ ନବୀକରଣ କାର୍ଯ୍ୟ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଥିବା ବିଷୟ ବାହାନଗା ରେଳ ଦୁର୍ଘଟଣାରୁ ସ୍ପଷ୍ଟ ହେଉଛି। ରେଳ ବଜେଟ ବୃଦ୍ଧି ପାଉଛି। କିନ୍ତୁ ବଜେଟର ଅଧିକାଂଶ ଭାଗ ନୂତନ ରେଳଲାଇନ ବିଛାଇବା, ବିଦ୍ୟୁତୀକରଣ ଆଦି କାର୍ଯ୍ୟରେ ବିନିଯୋଗ ହେଉଥିବା ଜଣାପଡ଼ିଛି। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ପରିମାଣର ପୁରୁଣା ରେଳଧାରଣା ପରିବର୍ତ୍ତନ ଓ ନବୀକରଣ ପାଇଁ ନିୟମ ରହିଥିଲେ ମଧ୍ୟ ତାହା କଡ଼ାକଡ଼ି ପାଳନ କରାଯାଉ ନାହିଁ। ରେଳଧାରଣା ସହ ସିଗନାଲିଂ ଓ ଅନ୍ୟାନ୍ୟ ସୁରକ୍ଷା ଦିଗ ପ୍ରତି ସେତେଟା ଦୃଷ୍ଟି ଦିଆଯାଉ ନାହିଁ। ଦୁର୍ଘଟଣାଗ୍ରସ୍ତ କରମଣ୍ଡଳ ମୁଖ୍ୟ ଲାଇନରେ ଯାତ୍ରା ପାଇଁ ସଙ୍କେତ ପାଇଲା, କିନ୍ତୁ ପ୍ରବେଶ କରିଗଲା ଲୁପ ଲାଇନରେ। ଏ ତ୍ରୁଟି କିପରି ହେଲା ? ଭାରତର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜଣେ ବୈଷୟିକବିତ୍। ଓଡ଼ିଶାରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇ ରେଳମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏକ ଦକ୍ଷ ତଥା କର୍ମଠ ରେଲୱେ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ସେ ପ୍ରାୟ ୧୩୭ ଜଣ କର୍ମଚାରୀଙ୍କୁ ବିଭାଗରୁ ବିଦା କରିଛନ୍ତି। ଏହା ପରେ ମଧ୍ୟ ଭାରତୀୟ ରେଲୱେକୁ ସମଗ୍ର ବିଶ୍ୱରେ ଏବେ ନିନ୍ଦିତ ହେବାକୁ ପଡ଼ିଛି। ବିଶ୍ୱର ଦ୍ୱିତୀୟ ବୃହତ୍ତମ ରେଲୱେ ଭାବେ ପରିଚିତ ଚାଇନାର ଗଣମାଧ୍ୟମରେ ଭାରତୀୟ ରେଲୱେର ନିମ୍ନଗାମୀ ଗତି ସମ୍ପର୍କରେ ପ୍ରଶ୍ନ ଉଠାଯାଇଛି। ଦୁର୍ଘଟଣାର ଦିନକ ପରେ ମନ୍ତ୍ରୀ କହିଲେ ଦୁର୍ଘଟଣାର ମୂଳ କାରଣ ଜଣାପଡ଼ିଛି। ତେବେ କାରଣ ସମ୍ପର୍କରେ ଦେଶବାସୀଙ୍କୁ ଅବଗତ କରିବା ପରିବର୍ତ୍ତେ ଏହାର ଦିନକ ପରେ ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଗଲା। ଅର୍ଥାତ ଦୁର୍ଘଟଣା ପଛରେ କୌଣସି ଷଡ଼ଯନ୍ତ୍ର ବା ଅନ୍ତର୍ଘାତୀ କାର୍ଯ୍ୟର ଦିଗ ସମ୍ପର୍କରେ ଜାଣିବା ପାଇଁ ଏହା କରାଗଲା। ଦେଖିବାକୁ ଗଲେ ଯେଉଁ ପଥରେ କରମଣ୍ଡଳ ଯାତ୍ରା କରୁଥିଲା ତାହା କୌଣସି ଚରମପନ୍ଥୀ, ଉଗ୍ରବାଦୀ ବା ମାଓବାଦୀ ଉପଦ୍ରୁତ ଅଞ୍ଚଳ ନୁହେଁ। ତାହେଲେ ଏ ପ୍ରକାର ଆଶଙ୍କା କରାଯିବାର ଆବଶ୍ୟକତା ଉପୁଜିଲା କାହିଁକି ? ତରବରିଆ ଭାବେ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆଯିବାର ଆବଶ୍ୟକତା ନ ଥିଲା। ୨୦୧୬ରେ ଇନ୍ଦୋର– ପାଟନା ଏକ୍ସପ୍ରେସ କାନପୁରଠାରେ ଲାଇନଚ୍ୟୁତ ହୋଇ ୧୫୦ ଯାତ୍ରୀ ପ୍ରାଣ ହରାଇଥିଲେ। ଏହାର ତଦନ୍ତ ଦାୟିତ୍ୱ ଏନ୍‌ଆଇଏ ଉପରେ ନ୍ୟସ୍ତ କରାଗଲା। ଏନ୍‌ଆଇଏ ତଦନ୍ତର ଫଳାଫଳ ଅଦ୍ୟାବଧି ଲୋକଲୋଚନକୁ ଆସିପାରିଲା ନାହିଁ।



ଭାରତରେ ଯେତେ ରେଳ ଦୁର୍ଘଟଣା ଘଟିଛି ସେଥିମଧ୍ୟରୁ ଅଧିକାଂଶ ମନୁଷ୍ୟକୃତ ବୋଲି ଜଣାପଡ଼ିଛି। ରେଳ ସୁରକ୍ଷାରେ ଟ୍ରାକ୍, ସିଗ୍‌ନାଲ ଓ ଟେଲି ଯୋଗାଯୋଗ ଗୁରୁତ୍ୱପୂର୍ଣ୍ଣ। ଏଗୁଡ଼ିକର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ନ ଦେଇ ଦୀର୍ଘ ଦିନ ହେଲା ନୂଆ ଟ୍ରାକ୍ ବିଛାଇବା ଓ ନୂଆ ରେଳଗାଡ଼ି ଚଳାଇବା ପାଇଁ ଦୃଷ୍ଟି ଦିଆଗଲା। ରେଳର ବେଗ ନିୟନ୍ତ୍ରଣ କରିବା ନିମନ୍ତେ ଟ୍ରେନ କୋଲିଜନ ଆଭଏଡାନ୍ସ ସିଷ୍ଟମ (ଟିସିଏଏସ୍) ରହିଛି। ଚଳିତ ସରକାର ଏହାକୁ କବଚ ନାମରେ ନାମିତ କଲେ। ଏହି ବ୍ୟବସ୍ଥା ଅଦ୍ୟାବଧି ଦେଶର ମାତ୍ର ୧୪୪୫ କିଲୋମିଟର ରେଳପଥରେ ରହିଛି। ଅର୍ଥାତ ୧ ଲକ୍ଷ ୧୨ ହଜାର କିଲୋମିଟର ରେଳପଥ ମୁକୁଳା ପଡ଼ିଛି। କବଚ ସହ ସଂଶ୍ଳିଷ୍ଟ ଏଚ୍‌ବିଏଲ୍ ପାୱାର ସିଷ୍ଟମର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଏ.ଜେ.ପ୍ରସାଦଙ୍କ କହିବାନୁଯାୟୀ ଯଦି ତ୍ୱରାନ୍ୱିତ ବେଗରେ କାର୍ଯ୍ୟ ହୁଏ ତେବେ ସମସ୍ତ ରେଳପଥରେ କବଚ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପାଇଁ ଅନ୍ତତଃ ୧୫ ବର୍ଷ ଲାଗିବ। କବଚ ବ୍ୟବସ୍ଥା ନିମନ୍ତେ ପ୍ରତି କିଲୋମିଟର ପିଛା ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟ ହୋଇଥାଏ। କରମଣ୍ଡଳ ଦୁର୍ଘଟଣା ପରେ ପରେ ଆଉ କିଛି ରେଳ ଦୁର୍ଘଟଣା ଖବର ମିଳିଲା। ଯଦିଓ ଏଥିରେ କେହି ମୃତାହତ ହୋଇନାହାନ୍ତି, ତଥାପି ଜନ ଆକ୍ରୋଶ ପ୍ରକାଶ ପାଇଲା। କେଉଁଠି ଟ୍ରେନ୍ ବଗିରୁ ଧୂଆଁ ବାହାରିବାର ଖବର ଆସିଲା ତ କେଉଁଠି ଗୋଟିଏ ଟ୍ରାକରେ ୨ଟି ଟ୍ରେନ ଆସିବା ଦେଖାଗଲା। ଗତ କିଛିଦିନ ହେଲା ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ପାଇଁ ରେଲୱେ ବ୍ୟସ୍ତ ରହିଆସିଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ରାଜ୍ୟରେ ଏହି ଟ୍ରେନ ଚଳାଚଳର ଶୁଭାରମ୍ଭ କରାଯାଉଛି। ଏହାକୁ ଆତ୍ମନିର୍ଭର ଭାରତର ପ୍ରତୀକ ଭାବେ ପ୍ରଦର୍ଶିତ କରାଯାଉଛି। ବନ୍ଦେ ଭାରତ ଟ୍ରେନ୍‌ର ବେଗ ଘଣ୍ଟା ପିଛା ୧୬୦କିଲୋମିଟର ଧାର୍ଯ୍ୟ କରାଯାଇଛି। ଦୁର୍ଘଟଣାଗ୍ରସ୍ତ କରମଣ୍ଡଳର ଘଣ୍ଟା ପ୍ରତି ବେଗ ଥିଲା ୧୨୮ କିଲୋମିଟର। କରମଣ୍ଡଳ ପରି ଟ୍ରାକରେ ବନ୍ଦେ ଭାରତ ଗଡ଼ିଲେ କି ପ୍ରକାର ସମସ୍ୟା ଭବିଷ୍ୟତରେ ସୃଷ୍ଟି ହେବ ତାହା ବର୍ତ୍ତମାନଠାରୁ ଚିନ୍ତା କରାଯିବାର ବିଷୟ।

ରେଲୱେର ବିଭିନ୍ନ ସ୍ତରରେ ଏବେ ୩ ଲକ୍ଷ ପଦବୀ ଖାଲି ପଡ଼ିଛି। ତେଣେ ଚାପଗ୍ରସ୍ତ ହୋଇ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଟ୍ରେନ୍ ଚାଳକଙ୍କ କାର୍ଯ୍ୟ ସମୟ ୯ ଘଣ୍ଟା ହୋଇଥିଲେ ମଧ୍ୟ ସେମାନେ ୧୨ରୁ ୧୫ ଘଣ୍ଟା ଧରି କାର୍ଯ୍ୟ କରୁଛନ୍ତି। ୨୦ ହଜାର ଚାଳକ ପଦବୀ ଖାଲି ପଡ଼ିଛି। ଚାଳକମାନେ ସପ୍ତାହକୁ ୪୦ ଘଣ୍ଟା ବିଶ୍ରାମ ଦାବି କରୁଥିବାବେଳେ ପାଉଛନ୍ତି ମାତ୍ର ୨୨ରୁ ୩୦ ଘଣ୍ଟା। ଫଳରେ ସେମାନେ ନିଦ୍ରାହୀନତା ଓ କ୍ଳାନ୍ତ ଅନୁଭବ କରୁଛନ୍ତି। ଅନ୍ୟ ବୈଷୟିକ କର୍ମଚାରୀଙ୍କ ଅବସ୍ଥା ମଧ୍ୟ ସମାନ। ଏ ପ୍ରକାର ଚାପ ଯୋଗୁ କାର୍ଯ୍ୟରେ ତ୍ରୁଟି ଦେଖାଦେବା ସ୍ୱାଭାବିକ। ଏହି ତ୍ରୁଟି ପାଇଁ ସଂପୃକ୍ତ କର୍ମଚାରୀ ପରିବର୍ତ୍ତେ ରେଲୱେ କାହିଁକି ଦାୟୀ ରହିବ ନାହିଁ ? ଦେଶରେ ବହୁ ପିଲା ବେରୋଜଗାର ହୋଇ ରହିଥିବାବେଳେ ଲାଭଖୋର ମନୋଭାବ ପାଇଁ ରେଲୱେରେ ପଦବୀଗୁଡ଼ିକ ପୂରଣ କରାଯାଉ ନାହିଁ। ଭିତ୍ତିଭୂମି ନ ସଜାଡ଼ି ଅଧିକ ଯାତ୍ରୀ ପରିବହନ, ଅଧିକ ମାଲ୍ ପରିବହନର ରେକର୍ଡ ଜୀବନ ବିନିମୟରେ କରାଯିବା ଉଚିତ୍ ନୁହେଁ ।

**ମୋ–୯୪୩୭୨୨୯୨୩୩**

## ଏଇ ଭାରତରେ

ଟିକିସାରେ ସୀମିତ ରହିନାହାନ୍ତି ବିହାରର ଡାକ୍ତର ଶଙ୍କର ନାଥ। ସେ ସାମାଜିକ ସ୍ତରରେ ଅତ୍ୟନ୍ତ ପଛୁଆ ମୁଶାହାର ବର୍ଗର ଉତ୍‌ଥାନ ପାଇଁ ଦୁଇ ଦଶନ୍ଧି ହେଲା ନିରବଚ୍ଛିନ୍ନ ଚେଷ୍ଟା ଜାରି ରଖିଛନ୍ତି। ଏହି ବର୍ଗରେ ବାଲ୍ୟବିବାହ ବଳବତ୍ତର ରହିଛି। ଏହା ବ୍ୟତୀତ ଶିକ୍ଷାରେ ଏମାନେ ଅତ୍ୟନ୍ତ ପଛୁଆ। ଡା. ଶଙ୍କର ୨୦୦୭ ମସିହାରୁ ପାଖାପାଖି ୫୦୦୦ ପିଲାଙ୍କୁ ସ୍କୁଲରେ ଶିକ୍ଷା ଦେବାର ବ୍ୟବସ୍ଥା କରିସାରିଲେଣି। ଏହାବାଦ୍ ୪୦୭ ପିଲାଙ୍କୁ ଶିଶୁ ଶ୍ରମିକ ଓ ବାଲ୍ୟବିବାହ ଫାଶରୁ ମୁକୁଳାଇବାରେ ସକ୍ଷମ ହୋଇଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ ବିହାରରେ ୨.୫ ଲକ୍ଷ ମୁଶାହାର ଥିଲେ। ଏବେ ଏହି ସଂଖ୍ୟା ଏହାଠାରୁ ନିଶ୍ଚିତ ଭାବେ ଅଧିକ ହେବ। ଏମାନଙ୍କ ପିଲାମାନଙ୍କୁ ସଶକ୍ତ କରିବା ଲାଗି ଡା. ଶଙ୍କରଙ୍କ ପ୍ରଚେଷ୍ଟା ଏକ ବଡ଼ ପରିବର୍ତ୍ତନ ଆଣିଛି। ଏମାନଙ୍କୁ ଏକପ୍ରକାର ସାମାଜିକ ବାସନ୍ଦ ଭଳି ଲୋକେ ଦେଖିଥାନ୍ତି। ଏଭଳି ଏକ ଅସ୍ପୃଶ୍ୟତର ଶିକୁଳିକୁ ଭାଙ୍ଗି ପିଲାମାନଙ୍କ ଶିକ୍ଷା ପାଇଁ ସେ ୮୫ଟି କମ୍ୟୁନିଟି କଲଚର ଏଜୁକେଶନ ସେଣ୍ଟର ଖୋଲିଛନ୍ତି। ଏହି ସେଣ୍ଟରରେ ଏବେ ୫୦୦୦ ପିଲା ପଢୁଛନ୍ତି ଓ ଶିକ୍ଷାଦାନରେ ୮୦ ଜଣ ସ୍ୱେଚ୍ଛାସେବୀ ନିଯୁକ୍ତ ହୋଇଛନ୍ତି। କଲେଜରେ ପଢୁଥିବା ମୁଶାହାର ବର୍ଗର ପିଲାମାନେ ବି ଏବେ ଡା. ଶଙ୍କରଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଜୁନ୍ ୧୯୯୮

- ରୁଷିଆର କେନ୍ଦ୍ରୀୟ ଉଗାଇ ନିକଟରେ ଏକ ସାମରିକ ଅସ୍ତ୍ରାଗାରରେ ବିସ୍ଫୋରଣ ଘଟି ୧୪ ମୃତ।
- ହିମାଚଳପ୍ରଦେଶର ସର୍ବାଙ୍ଗୀନ ଉନ୍ନତି କଳ୍ପେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶହେ କୋଟି ଟଙ୍କାର ଏକ ଆର୍ଥିକ ପ୍ୟାକେଜ ଘୋଷଣା।
- ରାଜ୍ୟର ପ୍ରଥମ ଯୁବ ଫୁଟବଲ ଖେଳାଳି ଭାବେ ସରୋଜକାନ୍ତ ପଟ୍ଟନାୟକ ଜାତୀୟ ଯୁବ ଫୁଟବଲ ଦଳରେ ସାମିଲ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | | | |
| 9 | 3 | | | 8 | 1 | | | |
| 8 | 1 | | | 9 | | | 6 | |
| | 4 | | | | 3 | | | 6 |
| | 8 | | 5 | | 7 | | | |
| 5 | 9 | | | | | 1 | 7 | |
| | | | 6 | | | | | |
| 1 | | | | | | 6 | 8 | 3 |
| | | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 6 | 8 | 2 | 9 | 7 | 4 | 5 |
| 9 | 8 | 2 | 5 | 4 | 7 | 3 | 1 | 6 |
| 7 | 5 | 4 | 3 | 1 | 6 | 9 | 8 | 2 |
| 8 | 7 | 1 | 4 | 3 | 2 | 5 | 6 | 9 |
| 3 | 4 | 9 | 6 | 5 | 8 | 2 | 7 | 1 |
| 6 | 2 | 5 | 7 | 9 | 1 | 4 | 3 | 8 |
| 4 | 9 | 8 | 1 | 7 | 5 | 6 | 2 | 3 |
| 5 | 1 | 7 | 2 | 6 | 3 | 8 | 9 | 4 |
| 2 | 6 | 3 | 9 | 8 | 4 | 1 | 5 | 7 |

ଗତକାଲିର ଉତ୍ତର

# ପିଲାଙ୍କ ପାଇଁ ଆର୍ଥିକ ଶିକ୍ଷାର ମହତ୍ତ୍ୱ



ସୌରଜିତ ପ୍ରଧାନୀ

ପରିଣତ ବୟସରେ ବ୍ୟକ୍ତିଗତ ଅର୍ଥ ପରିଚାଳନା ଜୀବନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଆର୍ଥିକ ଯୋଜନା ଏବଂ ଆର୍ଥିକ ଲକ୍ଷ୍ୟ ନିର୍ଦ୍ଧାରଣ ବିନା ଆମେ କେଉଁଠି ବି ପହଞ୍ଚିପାରିବୁ ନାହିଁ। ତେଣୁ ପିଲାଙ୍କ ପାଇଁ ଆର୍ଥିକ ସାକ୍ଷରତା ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ। ଯଦି ପିଲାମାନେ ଦୈନନ୍ଦିନ ଜୀବନରେ ବ୍ୟକ୍ତିଗତ ଅର୍ଥ ବ୍ୟବସ୍ଥାର ମୌଳିକ ତତ୍ତ୍ୱକୁ ବୁଝିପାରନ୍ତି କିମ୍ବା ଅତିକମ୍‌ରେ ତା' ସହିତ ସମ୍ପର୍କ ସ୍ଥାପନ କରିପାରନ୍ତି, ତେବେ ସେମାନେ ବଡ଼ ହେବା ପରେ ଆର୍ଥିକ ଯୋଜନାର ଗୁରୁତ୍ୱକୁ ବୁଝିପାରିବେ। ସେମାନେ ନିଜେ ନିଜର ଭବିଷ୍ୟତ ପାଇଁ ଆର୍ଥିକ ଲକ୍ଷ୍ୟ ନିର୍ଦ୍ଧାରଣ କରିପାରିବେ।

ଆର୍ଥିକ ସାକ୍ଷରତାର ଅର୍ଥ ହେଉଛି ଦୃଢ଼ ଆର୍ଥିକ ନିଷ୍ପତ୍ତି ନେବାର କ୍ଷମତା। ଏଭଳି ନିଷ୍ପତ୍ତି ବଜେଟ ପ୍ରସ୍ତୁତ କରିବା, ସଞ୍ଚୟ କରିବା, ନିବେଶ କରିବା ଭଳି ହୋଇପାରେ। ଯେହେତୁ ଆର୍ଥିକ ଯୋଜନା ଏବଂ ଆର୍ଥିକ ଲକ୍ଷ୍ୟ ସ୍ଥିର କରିବା ମୁଖ୍ୟତଃ ମାତାପିତାଙ୍କ ଦ୍ୱାରା କରାଯାଇଥାଏ, ତେବେ ପିଲାମାନଙ୍କୁ ଆର୍ଥିକ ସାକ୍ଷରତା ବିଷୟରେ ଶିଖାଇବାର କ'ଣ ଆବଶ୍ୟକତା ଅଛି? ସଚିନ ତେନ୍ଦୁଲକର ମାତ୍ର ଷୋହଳ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ରିକେଟରେ ପାଦ ଦେଇଥିଲେ। ତାଙ୍କ ପରିବାର ନିଶ୍ଚିତ କରିଥିଲେ ଯେ ତାଙ୍କର ସମସ୍ତ ଧ୍ୟାନ ଏବଂ ଶକ୍ତି କ୍ରିକେଟ ଉପରେ ରହିବ। ତାଙ୍କ ବଡ଼ ଭାଇ ଅଜିତ ତେନ୍ଦୁଲକର ଆର୍ଥିକ ବ୍ୟାପାର ସମ୍ଭାଳୁଥିଲେ। ଜଣେ ବ୍ୟକ୍ତିର ଜୀବନରେ ଅର୍ଥର ଗୁରୁତ୍ୱକୁ ସମର୍ଥନ କରୁଥିବା ଦୃଢ଼ ପାରିବାରିକ ମୂଲ୍ୟବୋଧ ବ୍ୟବସ୍ଥା ଯୋଗୁ ସଚିନଙ୍କ ଧ୍ୟାନ ବ୍ୟତିବ୍ୟସ୍ତ ହୋଇ ନ ଥିଲା। ପାରିବାରିକ ମୂଲ୍ୟବୋଧ ବ୍ୟବସ୍ଥାର ଏହି ଅଂଶ ସଚିନଙ୍କୁ ବିନମ୍ର ରହିବାକୁ ସାହାଯ୍ୟ କରିଥିଲା। ଅପରପକ୍ଷରେ ଦୃଢ଼ ମୂଲ୍ୟବୋଧ ବ୍ୟବସ୍ଥାର ଅଭାବ ଯୋଗୁ ତେନ୍ଦୁଲକରଙ୍କ ସଫଳତାକୁ ଅନୁକରଣ କରିବାରେ ତାଙ୍କ ବନ୍ଧୁ ବିନୋଦ କାମ୍ବଲି ବିଫଳ ହୋଇଥିଲେ। ଆଜି ପର୍ଯ୍ୟନ୍ତ ସେ ଆର୍ଥିକ ସ୍ତରରେ ସଂଘର୍ଷ ଜାରି ରଖିଛନ୍ତି।

ପିଲାଙ୍କ ଯୁବ ମନ ସକ୍ରିୟ ଥାଏ ଏବଂ ଅନେକ ତଥ୍ୟକୁ ଗ୍ରହଣ କରିପାରେ। ସ୍କୁଲରେ ଯେଉଁ ସବୁ କଥା ଆମେ ଶିଖୁ, ସାରା ଜୀବନ ମନେ ରଖିଥାଉ। ତେଣୁ କମ୍ ବୟସରେ ଆର୍ଥିକ ଶିକ୍ଷା ପିଲାଙ୍କ ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ କୌଶଳକୁ ବିକଶିତ କରିବାରେ ସାହାଯ୍ୟ କରିପାରିବ। ସେମାନେ ହୁଏତ ଫାଇନାନ୍ସର ବୈଷୟିକ ଅଂଶ ପାଇଁ ପ୍ରସ୍ତୁତ ନ ହୋଇପାରନ୍ତି, କିନ୍ତୁ ସେମାନେ ନିଶ୍ଚିତ ଭାବେ ମୌଳିକ କଥାକୁ ଗ୍ରହଣ କରିବେ ଏବଂ ତାହା ଉପରେ କାର୍ଯ୍ୟ କରିବେ। ପିଲାଙ୍କ ମନରେ ଆର୍ଥିକ ଶିକ୍ଷାକୁ ସାମିଲ କରିବାର ଆଉ ଏକ ବଡ଼ ଲାଭ ହେଉଛି କମ ବୟସରେ ଦୃଢ଼ ଅଭ୍ୟାସ ତିଆରି କରିବା। ସ୍ୱଭାବତଃ ଅଭ୍ୟାସଗୁଡ଼ା ଛାଡ଼ିବା କଷ୍ଟକର । ଯେତେବେଳେ ଆମେ ଏକ ଅଭ୍ୟାସ ତିଆରି କରିଥାଉ, ଆମ ମସ୍ତିଷ୍କ 'ଡୋପାମାଇନ' କ୍ଷରଣ କରିଥାଏ। ଏହା ସୁଖ ଓ ଆନନ୍ଦର ଅନୁଭବକୁ ବଢ଼ାଇଥାଏ, ଯାହା ଅଭ୍ୟାସକୁ ଆହୁରି ମଜଭୁତ କରିଥାଏ।

କମ୍ ବୟସରେ ଆର୍ଥିକ ସାକ୍ଷରତା ବିକାଶ ହେଲେ ଡୋପାମାଇନ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହୋଇପାରିବ। ପିଲାମାନେ ଉତ୍ତମ ଆର୍ଥିକ ନିଷ୍ପତ୍ତି ନେବାର ଅନୁଭୂତିକୁ ଉପଭୋଗ କରିବେ। ସେମାନେ ଏହି ଅଭ୍ୟାସକୁ ପରିଣତ ବୟସରେ ପାଳନ କରିବେ। ଷ୍ଟିଭ ଜବ୍ସ (ଆପଲର ପ୍ରତିଷ୍ଠାତା), ମାର୍କ ଜୁକରବର୍ଗ (ଫେସ୍‌ବୁକ୍‌ର ପ୍ରତିଷ୍ଠାତା) ଆଦି ସଫଳ ଉଦ୍ୟୋଗୀଙ୍କ ଜୀବନକୁ ଦେଖିଲେ ଜଣାପଡ଼େ ଯେ ଏହି ବ୍ୟକ୍ତିମାନେ ଖୁବ୍ କମ ବୟସରେ ଅର୍ଥର ମୂଲ୍ୟ ଓ ଗୁରୁତ୍ୱକୁ ହୃଦୟଙ୍ଗମ କରି ଏହା ଉପରେ କାର୍ଯ୍ୟ କରିଥିଲେ। ତେଣୁ ଆର୍ଥିକ ସାକ୍ଷରତା ଓ ଉଦ୍ୟମିତା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ।



ବିଶ୍ୱବ୍ୟାପୀ ଶିକ୍ଷା ପାଠ୍ୟକ୍ରମରେ ଆର୍ଥିକ ସାକ୍ଷରତାକୁ ଏକ ସ୍ୱତନ୍ତ୍ର ବିଷୟ ଭାବେ କ୍ୱଚିତ ସ୍ଥାନ ଦିଆଯାଉଛି। କୋଡିଂ, ବ୍ଲକ୍‌ଚେନ ଟେକ୍ନୋଲୋଜି ଆଦି ଧାରଣା ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ ଆର୍ଥିକ ସାକ୍ଷରତା ନାହିଁ। ପିଥାଗୋରସ୍ ଥିଓରମ୍, ତ୍ରିକୋଣମିତି ଆଦି ଗାଣିତିକ ଧାରଣା ପିଲାମାନଙ୍କୁ ଶିକ୍ଷା ଦିଆଯାଏ, ଯାହା ହୁଏତ ସେମାନଙ୍କ ଦୈନନ୍ଦିନ ଜୀବନରେ କାମରେ ଆସି ନ ପାରେ। ଆର୍ଥିକ ଶିକ୍ଷାକୁ ବିଦ୍ୟାଳୟର ପାଠ୍ୟକ୍ରମରେ ସାମିଲ କରିବା ପାଇଁ ବିଶ୍ୱର ବିଭିନ୍ନ ଦେଶରେ ସରକାରମାନଙ୍କୁ ଆହ୍ୱାନ କରାଯାଇଛି। ସଞ୍ଚୟ, ବଜେଟିଂ, ନିବେଶ ଆଦି ବିଷୟ ସ୍କୁଲରେ ନିଶ୍ଚିତ ଭାବେ ପାଇବା ଉଚିତ। ବିଦ୍ୟାଳୟଗୁଡ଼ିକ ଏହା ଉପଲବ୍ଧି କରିବାର ଆବଶ୍ୟକତା ରହିଛି ଯେ ଆର୍ଥିକ ଶିକ୍ଷା ଦ୍ୱାରା ଆର୍ଥିକ ବିଶ୍ଳେଷଣ, ନିବେଶ ବ୍ୟାଙ୍କିଙ୍ଗ, ଋଣ ବିଶ୍ଳେଷଣ ଆଦି ନିଯୁକ୍ତି ସୁଯୋଗ ମଧ ସୃଷ୍ଟି ହେବ।

କେତେକ ଶିକ୍ଷାନୁଷ୍ଠାନ ଏବେ ବି ଟଙ୍କା କଥା କହିବାକୁ 'ଟାବୁ' ବୋଲି ବିବେଚନା କରନ୍ତି ଏବଂ ସେମାନଙ୍କର ଲୋକାଚାର ବିରୋଧରେ। କିନ୍ତୁ ଦ୍ରୁତଗତିରେ ପରିବର୍ତ୍ତିତ ହେଉଥିବା ଉଦ୍ୟୋଗୀ ବାତାବରଣ ସହିତ ଶିକ୍ଷା ପାଠ୍ୟକ୍ରମକୁ ପରିବର୍ତ୍ତିତ ପରିବେଶ ସହ ଖାପ ଖୁଆଇବା ଆବଶ୍ୟକ। ଆର୍ଥିକ ଶିକ୍ଷା ବିଷୟକୁ କାହାଣୀ ମାଧ୍ୟମରେ ପିଲାମାନଙ୍କୁ ସବୁଠାରୁ ଭଲ ଭାବେ ବୁଝାଇହେବ ଏବଂ ସେହି କାହାଣୀଗୁଡ଼ିକ ଆମର ଦୈନନ୍ଦିନ ଜୀବନ ସହିତ ସମ୍ବନ୍ଧିତ କରିବା ଦରକାର। ଧୀରେ ଧୀରେ ଏହା ପରିବାରର ମୂଲ୍ୟବୋଧର ଅଂଶ ଓ ପିଲାଙ୍କ ବ୍ୟକ୍ତିତ୍ୱର ଅଂଶ ହୋଇଯାଏ।

ଷ୍ଟାର୍ଟିଙ୍ଗ ପଏଣ୍ଟ ଭାବେ ଜଣେ 'ଆବଶ୍ୟକତା ଏବଂ ଇଚ୍ଛା' ଭଳି ଧାରଣାରୁ ବ୍ୟାଖ୍ୟା କରିହେବ। ଏହାଦ୍ୱାରା ସେମାନେ ଅର୍ଥର ମୂଲ୍ୟ ବୁଝିପାରିବେ ଏବଂ ଅଯଥା ଖର୍ଚ୍ଚରୁ ରକ୍ଷା ପାଇପାରିବେ। ଦ୍ୱିତୀୟ ପରିକଳ୍ପନା ଯାହା ଆଲୋଚନା କରାଯାଇପାରେ ତାହା ହେଉଛି 'ସଞ୍ଚୟ'ର ଅଭ୍ୟାସ। ସଞ୍ଚୟ କରିବା ମାନେ ଟଙ୍କାକୁ ଅଲଗା ରଖିବା ନୁହେଁ, ଏହାକୁ ସ୍ୱଳ୍ପକାଳୀନ ଏବଂ ଦୀର୍ଘକାଳୀନ ଆର୍ଥିକ ଲକ୍ଷ୍ୟ ସହିତ ଯୋଡ଼ିବା ଉଚିତ। ଏକ ସାଧାରଣ ଉଦାହରଣ ହେଉଛି ନିଜ ମାତାପିତାଙ୍କ ପାଇଁ ବାର୍ଷିକୀ ଉପହାର କିଣିବା ପାଇଁ ଅର୍ଥ ସଞ୍ଚୟ କରିବା। କିଶୋରମାନଙ୍କ ପାଇଁ 'ବିନିଯୋଗ'ର ମୂଳ କଥା ବୁଝିବା ହେଉଛି ମୌଳିକ ଲକ୍ଷ୍ୟ। ଆୟର ସ୍ରୋତ ପୁରସ୍କାର ରାଶିଠାରୁ ଆରମ୍ଭ କରି ଆତ୍ମୀୟଙ୍କ ସୌଜନ୍ୟମୂଳକ ଇଙ୍ଗିତରେ ଭିନ୍ନ ହୋଇପାରେ। ସେମାନଙ୍କର ଉଚ୍ଚଶିକ୍ଷା ପାଇଁ ସମ୍ପତ୍ତି ସୃଷ୍ଟି କରିବା ଲାଗି ଏଭଳି ଆୟ ବିନିଯୋଗ କରିବା ଉଚିତ।

ପରିଶେଷରେ କହିବାକୁ ଗଲେ, ଯେହେତୁ ଆର୍ଥିକ ସାକ୍ଷରତା ଆନୁଷ୍ଠାନିକ ଶିକ୍ଷା ପାଠ୍ୟକ୍ରମର ଏକ ଅଂଶ ନୁହେଁ, ତେଣୁ ପରିବାର ସଦସ୍ୟଙ୍କ ଦାୟିତ୍ୱ ହେଉଛି ନିଜ ପିଲାଙ୍କୁ ଆର୍ଥିକ ସାକ୍ଷରତାର ମୌଳିକ ପରିକଳ୍ପନା ସମ୍ପର୍କରେ ଅବଗତ କରାଇବା। କିନ୍ତୁ ଯୋଗାଯୋଗକୁ ପିଲାଙ୍କ ଅନୁକୂଳ ଢଙ୍ଗରେ ଜଣାଇବା ଉଚିତ। ଆର୍ଥିକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଜଟିଳତା ବୃଦ୍ଧି ପାଉଥିବାରୁ ଶିକ୍ଷା ବ୍ୟବସ୍ଥାରେ ଆର୍ଥିକ ଶିକ୍ଷାକୁ ବାଧ୍ୟତାମୂଳକ କରିବା ଆବଶ୍ୟକ। ସମାଜର ଢାଞ୍ଚାଗତ ପରିବର୍ତ୍ତନ ହେଉଛି, ବୈଷୟିକ ଜ୍ଞାନକୌଶଳର ସମନ୍ୱୟ ମାଧ୍ୟମରେ ଉଦ୍ୟୋଗୀତା ଏହି ମହାନ୍ ଦେଶର ଯୁବବର୍ଗଙ୍କ ପାଇଁ ମାର୍ଗ ଦର୍ଶନ କରୁଛି। ଯେହେତୁ ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାବେ ଉଭା ହୋଇଛି, ତେଣୁ ଦକ୍ଷତା ବୃଦ୍ଧି ପୂର୍ବକ 'ଜନସଂଖ୍ୟାଗତ ଲାଭ' ହାସଲ କରିବା ଆବଶ୍ୟକ।

**ପ୍ଲଟ୍ ନଂ. ୧୩୭, ଚନ୍ଦ୍ରଶେଖରପୁର,**
**ଭୁବନେଶ୍ୱର, ଓଡ଼ିଶା**
**ମୋ: ୯୯୬୭୧୦୨୨୬୪**

# ପୁଣି ମେଣ୍ଟ ପ୍ରୟାସ



ସୌଭାଗ୍ୟ ରଞ୍ଜନ ମହାନ୍ତି

୨୦୨୪ ସାଧାରଣ ନିର୍ବାଚନ ଆଉ ୧୦ମାସରୁ କମ୍ ସମୟ ଥିବାରୁ ଦେଶରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ନିର୍ବାଚନ ପ୍ରସ୍ତୁତି ନେଇ ତତ୍ପରତା ପ୍ରକାଶ ପାଇବା ସ୍ୱାଭାବିକ। ନିର୍ବାଚନ ପୂର୍ବରୁ କ୍ୱାର୍ଟର ଫାଇନାଲ କୁହାଯାଇଥିବା କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ଭାଜପାକୁ ଧୂଳି ଚଟାଇ କଂଗ୍ରେସ କ୍ଷମତା ଦଖଲ କରିବା ପରେ ଏବେ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଏକତା ଲାଗି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରୟାସ ଜାରି ରଖିଛନ୍ତି। କଂଗ୍ରେସକୁ ଛାଡ଼ି ଦେଶରେ ତୃତୀୟ ସାମ୍ମୁଖ୍ୟ ଗଠନ କରିବାକୁ ଚାହୁଁଥିବା ଅର୍ଥାତ୍ କଂଗ୍ରେସଠାରୁ ଦୂରେଇ ରହିବାକୁ ସର୍ବଦା କହିଆସୁଥିବା ଦଳଗୁଡ଼ିକ ଏବେ ବୃହତ୍ ବିରୋଧୀ ମେଣ୍ଟ ପ୍ରତି ଆଗ୍ରହ ପ୍ରକାଶ କଲେଣି। ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି, ପଶ୍ଚିମବଙ୍ଗରେ କ୍ଷମତାସୀନ ତୃଣମୂଳ କଂଗ୍ରେସ, ତେଲଙ୍ଗାନାରେ ଶାସକ ଭାରତ ରାଷ୍ଟ୍ର ସମିତି, ଉତ୍ତରପ୍ରଦେଶର ମୁଖ୍ୟ ବିରୋଧୀ ଦଳ ସମାଜବାଦୀ ପାର୍ଟି ଆଦି ଦଳ ଗୋଟିଏ ମଞ୍ଚରେ କଂଗ୍ରେସ ସହ ବସିବାକୁ ବିମୁଖ ଥିବା ଜଣାଶୁଣା। ରାଜନୀତିରେ ସବୁ କିଛି ସମ୍ଭବ ପରି ଦେଶରେ ନିକଟ ଅତୀତରେ ସଂଘଟିତ କେତୋଟି ଘଟଣାବଳୀ ଏବେ ସ୍ଥିତିକୁ ବଦଳାଇ ଦେଇଛି। କର୍ଣ୍ଣାଟକରେ କଂଗ୍ରେସର ବିଜୟ, ସୁପ୍ରିମକୋର୍ଟର ସାମ୍ବିଧାନିକ ଖଣ୍ଡପୀଠର ରାୟକୁ ଅକାମୀ କରି ଦିଲ୍ଲୀରେ ନିର୍ବାଚିତ ସରକାରଙ୍କୁ ପଛରେ ପକାଇ ଅମଲାତନ୍ତ୍ରକୁ ଅଧିକ କ୍ଷମତା ପ୍ରଦାନ ଲାଗି କେନ୍ଦ୍ର ସରକାରଙ୍କ ବିବାଦୀୟ ଅଧ୍ୟାଦେଶ ଜାରି, ବିରୋଧୀ ଦଳର ନେତା, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସିବିଆଇ, ଇଡି ପରି କେନ୍ଦ୍ରୀୟ ସଂସ୍ଥାକୁ ଲଗାଇ ହଇରାଣ କରାଇବା, ନବ ନିର୍ମିତ ସଂସଦ ଭବନକୁ ରାଷ୍ଟ୍ରପତିଙ୍କ ବଦଳରେ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବା ଆଦି ଘଟଣା ବିରୋଧୀ ଦଳଗୁଡ଼ିକୁ ଏକଜୁଟ କରାଇବାରେ ସହାୟକ ହୋଇଛି ବୋଲି କୁହାଯାଇପାରେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କେନ୍ଦ୍ରୀୟ ଅଧ୍ୟାଦେଶ ବିରୋଧରେ ବିରୋଧୀଙ୍କୁ ଏକଜୁଟ କରାଇବା ଲାଗି ବହୁ ବିରୋଧୀ ଦଳ ନେତା ଓ ବିରୋଧୀ ଦଳ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏପରିକି ସେ ଆପ୍‌ର କଡ଼ା ବିରୋଧୀ କଂଗ୍ରେସର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ରାହୁଲ ଗାନ୍ଧୀଙ୍କୁ ଭେଟିଥିଲେ। ନୀତୀଶ କୁମାରଙ୍କ ଉଦ୍ୟମ କ୍ରମେ ୧୨ ତାରିଖରେ ପାଟ୍‌ନାରେ ୧୬ଟି ବିରୋଧୀ ଦଳର ନେତା ଓ ମୁଖ୍ୟମନ୍ତ୍ରୀଙ୍କ ବୈଠକ ଅନୁଷ୍ଠିତ ହେବାର ଥିଲା। ମାତ୍ର ରାହୁଲ ଏବଂ ଖାର୍ଗେ ଯୋଗ ଦେଇ ନ ଥିବାରୁ ତାହାକୁ ବାତିଲ କରାଯାଇଥିଲା। ଏବେ ଆସନ୍ତା ୨୩ରେ ବୈଠକ ଅନୁଷ୍ଠିତ ହେବ, ଯେଉଁଥିରେ ରାହୁଲ, ଖାର୍ଗେ, କେଜ୍‌ରିୱାଲ, ମମତା ବାନାର୍ଜୀ, ଅଖିଳେଶ ଯାଦବ ପ୍ରମୁଖ ଯୋଗଦେବେ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହା ବିରୋଧୀ ଦଳଗୁଡ଼ିକର ପ୍ରଥମ ବୈଠକ ହେବ। ତେବେ ଭାଜପା ବିରୋଧରେ ଏକ ଦୃଢ଼ ମେଣ୍ଟ ଗଠନ ଏବେ ବି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ପଦକୁ ନେଇ ସେମାନଙ୍କ ମଧ୍ୟରେ ମତଭେଦ ଏଡ଼ାଇ ଦିଆଯାଇନପାରେ। ଉଲ୍ଲେଖଯୋଗ୍ୟ, ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ଟକ୍କର ରାହୁଲ ହିଁ ଦେଉଛନ୍ତି, ଏପରି ଏକ ଧାରଣା ଏବେ ଦେଶବାସୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ମନେହୁଏ। ଏ ନେଇ ନିକଟରେ ପ୍ରକାଶିତ ଲୋକନୀତି–ସିଏସ୍‌ଡିଏସ୍ ଦ୍ୱାରା କରାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ବହୁ ଆୟାମ ସର୍ବେକ୍ଷଣର ରିପୋର୍ଟ ଯାହା କହୁଛି, ତାହା ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ। ସେହିପରି ରାହୁଲଙ୍କ ଲୋକପ୍ରିୟତା ୨୦୧୪ରେ ମାତ୍ର ୧୪% ଥିବାବେଳେ ଏବେ ୨୭%ରେ ପହଞ୍ଚିଛି। ଗତ ୯ ବର୍ଷରେ ତାଙ୍କର ଲୋକପ୍ରିୟତା ଦୁଇଗୁଣ ବଢିଥିବାବେଳେ ଅନ୍ୟ ଦଳର ନେତାମାନଙ୍କ ଲୋକପ୍ରିୟତା ହ୍ରାସ ପାଇଛି। ଆହୁରି ମଧ ମୋଦି ସରକାରଙ୍କ ଉପରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟଙ୍କ ସଂଖ୍ୟା ୨୬%ରୁ ୧୭%କୁ ହ୍ରାସ ପାଇଥିବା ବେଳେ ଅସନ୍ତୁଷ୍ଟଙ୍କ ହାର ୧୮ରୁ ୨୧%କୁ ବୃଦ୍ଧି ପାଇଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି ୨୦୧୯ରେ କଂଗ୍ରେସର ଭୋଟହାର ୧୯.୫% ଥିବାବେଳେ ୨୦୨୪ରେ ତାହା ୩୧.୫%ରେ ପହଞ୍ଚିପାରେ ବୋଲି ଆକଳନ କରାଯାଇଛି। ଭାଜପାର ଭୋଟହାର ୨୯%ରୁ ୩୭.୫%କୁ ବଢ଼ିଛି। ତେବେ କଂଗ୍ରେସର ଭୋଟହାର ବୃଦ୍ଧି ତୁଳନାତ୍ମକ ଭାବେ ଭାଜପାଠାରୁ ବଢ଼ିଥିବା କୁହାଯାଇପାରେ। ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ, କଂଗ୍ରେସର ଲୋକପ୍ରିୟତା ଅର୍ଥାତ୍ ବ୍ୟକ୍ତିଗତ ଭାବେ ରାହୁଲଙ୍କୁ ଜନସାଧାରଣ, ବୁଦ୍ଧିଜୀବୀଙ୍କ ଗ୍ରହଣୀୟତା ବୃଦ୍ଧି ପାଉଥିବାରୁ କଂଗ୍ରେସ ବିନା ବିରୋଧୀ ଦଳ ମେଣ୍ଟ କଳ୍ପନା କରାଯାଇ ନ ପାରେ। ବିରୋଧୀ ଦଳଙ୍କ ପ୍ରଥମ ବୈଠକ ମେଣ୍ଟ କି ସୂଚନା ଦେଉଛି, ତାହା ୨୩ରେ ଜଣାପଡିବ।

**ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**
**ମୋ: ୯୪୩୭୯୯୪୩୭୯**

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍ଧବିଶ୍ୱାସ

ମହାଶୟ,

ଭୂତ, ପ୍ରେତ, ଡାହାଣୀ, ଚିରଗୁଣୀ ପ୍ରଭୃତି ଡରେଇବା କଥା କହି ଲୋକଙ୍କୁ ଭୟଭୀତ କରାଇ ତା'ର ନିରାକରଣର ମଧ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ଚାଲୁ ରହିଛି। ଏ ତ ଆମ ଦେଶର କଥା ଗଲା। ବିଦେଶରେ ମଧ ଭୂତ, ପ୍ରେତର ଅନ୍ଧବିଶ୍ୱାସ ଅଛି। ସେହିପରି ଆଲ୍‌ବିନିଜମ ଏକପ୍ରକାର ରୋଗ, ଯାହା ଆଫ୍ରିକାରେ ଦେଖାଯାଏ। ଏଥିରେ ରୋଗାକ୍ରାନ୍ତଙ୍କ ଶରୀରରେ ଏକ ପ୍ରକାର ଯାଦୁଶକ୍ତି ସୃଷ୍ଟି ହୁଏ। ତେଣୁ ସେମାନଙ୍କୁ ମାରି ତାଙ୍କ ଅଙ୍ଗ ପ୍ରତ୍ୟଙ୍ଗ ଯଦି ଘରେ ରଖାଯାଏ, ତେବେ ଘର ତଥା ପରିବାରର ଉନ୍ନତି ହୁଏ। ସେଥିପାଇଁ ଏହି ରୋଗୀଙ୍କୁ ୨୦୦୦ ମସିହା ପୂର୍ବରୁ ଅନେକ ହତ୍ୟା କରାଗଲା। ଏ ନେଇ ଜାତିସଂଘରେ ଆଲୋଚନା ପରେ ୨୦୧୫ରୁ ଯଦିଓ ଏହା ଉପରେ ନିଷେଧାଜ୍ଞା ଲଗାଗଲା, ତଥାପି ଏହା ଚାଲୁ ରହିଛି। ଆଜି ବି ଲୋକେ ମିଳିମିଳା, ହାଡ଼ଫୁଟିକୁ ମା'ଙ୍କ କୋପଦୃଷ୍ଟି କହୁଛନ୍ତି। ଛୁଆମାନେ ଅନେକ ସମୟ ଧରି କାନ୍ଦିଲେ ଦୃଷ୍ଟି ପଡ଼ିଯାଇଛି କହି ଗୁଣିଆ ଡାକି ଝାଡୁଛନ୍ତି। ଏ ସବୁ ଅନ୍ଧବିଶ୍ୱାସକୁ ଲୋକଙ୍କ ମାନସପଟରୁ ଦୂରେଇବା ନିହାତି ଜରୁରୀ ।

**–ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହେ ଦେବତା ! ଏ ଜୀବନେ
ପଡ଼େ ଯେତେ ବେଦନାର ଦାଗ,
କିଏଁ ବରି ଅକାତରେ
ମଣି ତାହା ତବ ଅନୁରାଗ।
(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...........................



ଡିଙ୍କୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଯତ୍ନବାନ: ମନ୍ତ୍ରୀ

## ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ୧୦ଟି ପ୍ରକଳ୍ପର ଶିଳାନ୍ୟାସ




ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ସାଧାରଣ ସଭା

**ନବରଙ୍ଗପୁର,୧୮।୬(ସଦାଶିବ ପ୍ରହରାଜ)**

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ରବିବାର ନବରଙ୍ଗପୁରରେ ୧୦ଟି ପ୍ରକଳ୍ପର ଶିଳାନ୍ୟାଶ କରାଯାଇଛି। ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ସର୍କିଟ ହାଉସ ନିକଟ ପଡିଆରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ୧୩ଟି ଜନଜାତି ସମ୍ପ୍ରଦାୟର ସଭାପତି ଓ କର୍ମକର୍ତ୍ତା ପାରମ୍ପରିକ ବେଶରେ ନାଚଗୀତ କରି ସ୍ଥାନୀୟ ଚାମୁରିଆଗୁଡା ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ସଭା ସ୍ଥଳରେ ପହଞ୍ଚିଥିଲେ। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

ସଭାରେ ମୁଖ୍ୟଅତିଥି ସାରକା କହିଥିଲେ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ଅନୁସୂଚିତ ଜନଜାତିଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ନବରଙ୍ଗପୁର ଜିଲାରେ ୯ଟି ବ୍ଲକରେ ୩୦ ଲକ୍ଷ ଟଙ୍କା ଲେଖାଏ ବ୍ୟୟରେ ସଂସ୍କୃତି ଭବନ ନିର୍ମାଣ କରାଯିବ। ପୂର୍ବରୁ ୯ଟି ଜିଲାକୁ ନେଇ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠିତ ହୋଇଥିଲା। ଏବେ ଆଉ ୧୪ ଜିଲାକୁ ସାମିଲ କରିବା ପରେ ୨୩ ଜିଲାରେ ପରିଷଦ ଉନ୍ନୟନ କାର୍ଯ୍ୟ କରିବ। ରାଜ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ୪୫୦୦ ପୀଠ, ୧୮ ହଜାର ସାଂସ୍କୃତିକ ସଂଘକୁ ଆନୁଦାନ ଯୋଗାଇ ଦିଆଯାଇଛି। ସମସ୍ତ ଜନଜାତି କିଭଳି ସୁରକ୍ଷିତ ରହିବେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି କହିଥିଲେ ଯେ, ଅନୁସୂଚିତ ଜନଜାତିଙ୍କ ବିକାଶ ପାଇଁ ରାଜ୍ୟରେ ୨୩ ଜିଲାକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ସାମିଲ କରାଯାଇଛି। ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ସମସ୍ତେ ସେବା ଓ ସାହାଯ୍ୟ ମନୋଭାବ ରଖି କାମ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରି କହିଥିଲେ, ରାଜ୍ୟରେ ୬୨ ପ୍ରକାର ଜନଜାତି ଥିବାବେଳେ ନବରଙ୍ଗପୁର ଜିଲାରେ ୧୩ ପ୍ରକାର ଜନଜାତି ରହିଛନ୍ତି। ଭାରତ ବର୍ଷରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନାଁରେ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କରିଛନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲା ପରିଷଦ ଅଧ୍ୟକ୍ଷ ମୋତିରମ ନାୟକ, ଉପାଧ୍ୟକ୍ଷା ଲିପିକା ବାରଇ, ଉଠା ଜଳ ସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ନବରଙ୍ଗପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ଉପ ସଭାପତି ଭାନୁମତି ପୂଜାରୀ, କୋରାପୁଟ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝି, ରାୟଗଡା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝି, କେବିକେ ଉପଦେଷ୍ଟା ଡମ୍ବୁ ଗଣ୍ଡ, ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ତଥା କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଓ ୧୩ ଜଣ ଜଣ ଜାତି ସୁରକ୍ଷା ମଞ୍ଚର ସଭାପତି, ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର ମଞ୍ଚାସୀନ ଥିଲେ। ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଶିବାଜୀ କ୍ରିଷ୍ଣମୂର୍ତ୍ତି ଡିଏମ୍‌କେରୁ ବହିଷ୍କୃତ

## ରାଜ୍ୟପାଳ, ଭାଜପା ନେତ୍ରୀଙ୍କ ବିରୋଧରେ ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ

**ଚେନ୍ନାଇ, ୧୮।୬**

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ଏବଂ ଅଭିନେତ୍ରୀ ତଥା ଭାଜପା ନେତ୍ରୀ ଖୁସ୍‌ବୁ ସୁନ୍ଦରଙ୍କ ବିରୋଧରେ ଅଶ୍ଳୀଳ ମନ୍ତବ୍ୟ ଦେଇଥିବା ଡିଏମ୍‌କେ ନେତା ଶିବାଜୀ କ୍ରିଷ୍ଣମୂର୍ତ୍ତିଙ୍କୁ ଦଳରୁ ବହିଷ୍କାର କରାଯାଇଛି। ଗତ ଜାନୁୟାରୀରେ ସେ ରାଜ୍ୟପାଳଙ୍କୁ ଧମକ ଦେଇ ଡିଏମ୍‌କେରୁ ନିଲମ୍ବିତ ହୋଇଥିଲେ। ତାଙ୍କ ମନ୍ତବ୍ୟକୁ ଲଜ୍ଜାଜନକ ବୋଲି ଖୁସ୍‌ବୁ କହିବା ସହ ଉକ୍ତ ଭିଡିଓରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କୁ ଟ୍ୟାଗ୍ କରି 'ଆପଣଙ୍କ ପରିବାରର ମହିଳାଙ୍କ ପ୍ରତି ଏଭଳି ମନ୍ତବ୍ୟକୁ ଆପଣ ଗ୍ରହଣ କରିବେ କି' ବୋଲି ଟୁଇଟ୍ କରିଥିଲେ। କ୍ରିଷ୍ଣମୂର୍ତ୍ତି କେବଳ ମୋତେ ଅପମାନିତ କରିନାହାନ୍ତି, ଆପଣଙ୍କୁ ଏବଂ ଆପଣଙ୍କ ବାପା ଭଳି ଜଣେ ମହାନ ନେତାଙ୍କୁ ଅପମାନିତ କରିଛନ୍ତି। ତାଙ୍କୁ ଯେତେ ଅଧିକ ସ୍ଥାନ ଦେବେ, ଆପଣ ରାଜନୀତିରେ ସେତେ ଅଧିକ ସ୍ଥାନ ହରାଇବେ ବୋଲି ଖୁସ୍‌ବୁ ଷ୍ଟାଲିନ୍‌ଙ୍କୁ ଲକ୍ଷ୍ୟ କରି ଲେଖିଥିଲେ। କ୍ରିଷ୍ଣମୂର୍ତ୍ତି କ୍ରମାଗତ ଭାବେ ଅପରାଧ କରୁଥିବାବେଳେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ରାଜ୍ୟ ସଭାପତି କେ. ଆନ୍ନାମଲାଇ ଆହ୍ୱାନ ଦେଇଥିଲେ।



ଖୁସ୍‌ବୁ ସୁନ୍ଦର



ଶିବାଜୀ କ୍ରିଷ୍ଣମୂର୍ତ୍ତି

# ମାନ୍‌ଙ୍କୁ କେଜ୍‌ରିୱାଲଙ୍କ ପାଇଲଟ୍ କହିଲେ ଶାହା

**ଗୁରୁଦାସପୁର, ୧୮।୬**

ପଞ୍ଜାବର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାରଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ରବିବାର କଡ଼ା ସମାଲୋଚନା କରିଛନ୍ତି। ଭଗୱନ୍ତ ମାନ୍ ପଞ୍ଜାବ ମୁଖ୍ୟମନ୍ତ୍ରୀ ନା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ପାଇଲଟ ବୋଲି ସେ ପ୍ରଶ୍ନ କରିଛନ୍ତି। ପଞ୍ଜାବର ଆଇନ ଶୃଙ୍ଖଳା ସ୍ଥିତି ଅତ୍ୟନ୍ତ ଖରାପ ଅବସ୍ଥାକୁ ଆସିଥିବାବେଳେ ମାନ୍ ସବୁବେଳେ କେଜ୍‌ରିୱାଲଙ୍କ ସହ ବୁଲୁଥିବା ଶାହା କହିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ କରିବା ଅବସରରେ ଶାହା କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କ ୯ ବର୍ଷର ସଫଳତାର ଚିତ୍ର ଉପସ୍ଥାପନ କରିଥିଲେ। ଭାଜପାର ଜନସମ୍ପର୍କ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଏକ ସଭାକୁ ସମ୍ବୋଧିତ କରି ଶାହା କହିଥିଲେ, ମୁଖ୍ୟମନ୍ତ୍ରୀ ମାନ୍‌ଙ୍କର କେଜ୍‌ରିୱାଲଙ୍କ ପାଇଁ ସମୟ ଅଛି, କିନ୍ତୁ ପଞ୍ଜାବ ଜନସାଧାରଣଙ୍କ ପାଇଁ ନାହିଁ। ରାଜ୍ୟର କରଦାତାଙ୍କ ଟଙ୍କା କେଜ୍‌ରିୱାଲଙ୍କ ପାଇଁ ବିଜ୍ଞାପନରେ ଖର୍ଚ୍ଚ ହେଉଛି। ପଞ୍ଜାବ ଜନସାଧାରଣ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ସେମାନେ ଏଥିପାଇଁ ଉପଯୁକ୍ତ ଶିକ୍ଷାଦେବେ ବୋଲି ଶାହା କହିଛନ୍ତି। ପଞ୍ଜାବ ମହିଳାଙ୍କୁ ପ୍ରତି ମାସରେ ୧,୦୦୦ ଟଙ୍କା ସହାୟତା ଦେବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ଶାହା ପ୍ରଶ୍ନ କରିଥିଲେ।



ଭଗୱନ୍ତ ମାନ୍

# ୫-ଟି ସଚିବଙ୍କ ବିଭିନ୍ନ ଜିଲା ଗସ୍ତ ନେଇ ବିରୋଧୀ-ଶାସକ ମୁହାଁମୁହିଁ

**ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)**

ବିରୋଧୀଙ୍କ ସିଧାସଳଖ ଟାର୍ଗେଟରେ ଏବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ ରହିଛନ୍ତି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ପରେ ଭାଜପା ବରିଷ୍ଠ ନେତା ଜୁଏଲ୍ ଓରାମ, ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ମଧ୍ୟ ପାଣ୍ଡିଆନଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି। ସରକାରୀ ଚାକିରିରେ ଥାଇ ରାଜନୀତି ନ କରିବାକୁ ଭାଜପା କହିଥିବା ବେଳେ ଏହି ପ୍ରସଙ୍ଗରେ ରାସ୍ତାକୁ ଓହ୍ଲାଇବାକୁ କଂଗ୍ରେସ ଚେତାବନୀ ଦେଇଛି। ଅନ୍ୟପଟେ ବରିଷ୍ଠ ରାଜନେତା ଦାମୋଦର ରାଉତ ଏହି ଘଟଣାରେ ଓଲଟା ଅପରାଜିତାଙ୍କ ଉପରେ ବର୍ଷିଛନ୍ତି।

ସୁନ୍ଦରଗଡ଼ ଏମ୍‌ପି ତଥା ଭାଜପା ବରିଷ୍ଠ ନେତା ଜୁଏଲ୍ ଓରାମ କହିଛନ୍ତି, ୫-ଟି ସଚିବ ଯେଉଁଭଳି ଚଳାଇଛନ୍ତି ସେକଥା ସମସ୍ତେ ଦେଖିପାରୁଛନ୍ତି। ରାଜ୍ୟବାସୀ ଭୋଟ୍ ଦେଇ ଯାହାକୁ ଜିତାଇଛନ୍ତି ସେମାନେ ରାଜ୍ୟରେ ଚାଲିଥିବା କାମକୁ ଲିଡ୍ ନ କରି ଜଣେ ସଚିବ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି।

ମନମୋହନ କହିଛନ୍ତି, ଯେଉଁ ବ୍ୟବସ୍ଥା, ସମ୍ବିଧାନ, ଆଇନକାନୁନ ରହିଛି ତାକୁ ମାନି ସମସ୍ତେ ଚାଲିବା ଦରକାର। ଦୁଇ ଡଜନ ମନ୍ତ୍ରୀ ଅଛନ୍ତି। ସେମାନେ ହେଉଛନ୍ତି ଶାସନର ମୁଖ୍ୟ। ସଚିବମାନଙ୍କ ଦାୟିତ୍ୱ ହେଉଛି ଯୋଜନାକୁ ସେମାନେ କାର୍ଯ୍ୟକାରୀ କରିବା। ନିଷ୍ପତ୍ତି ସବୁବେଳେ ମନ୍ତ୍ରୀମାନେ ନେବେ। ରାଜନୀତି କରିବା ଲାଗି ସମସ୍ତଙ୍କ ଗଣତାନ୍ତ୍ରିକ ଅଧିକାର ରହିଛି। ସେ ମଧ୍ୟ କରିପାରିବେ ହେଲେ ପ୍ରଥମେ ଚାକିରି ଛାଡିକି ଆସନ୍ତୁ ବୋଲି ମନମୋହନ କହିଛନ୍ତି।

- ■ ଲୋକମାନେ ଯାହାକୁ ଜିତାଇଛନ୍ତି ସେମାନେ ଲିଡ୍ କରୁନାହାନ୍ତି: ଜୁଏଲ
- ■ ରାଜନୀତି କରିବ ଚାକିରି ଛାଡିକି ଆସ: ମନମୋହନ
- ■ ସଚିବମାନେ ଯାଇ ରାଜ୍ୟରେ ବୁଲିକି ଭାଷଣ ଦେଲେଣି: ଶରତ
- ■ ପ୍ରଧାନମନ୍ତ୍ରୀ କ'ଣ ସବୁଠିକି ଯାଉଛନ୍ତି: ପ୍ରଫୁଲ୍ଲ
- ■ ଅପରାଜିତା ସରକାରୀ ଅର୍ଥ ଆତ୍ମପ୍ରଚାରରେ ବିନିଯୋଗ କରୁଥିଲେ:ଦାମ

ପିସିସି ସଭାପତି କହିଛନ୍ତି, ଏଠାରେ ସଚିବମାନେ ଯାଇ ଭାଷଣ ଦେଲେଣି। ଯାହାର ରାଜନୀତି କରିବାର ଅଛି ସିଏ ଚାକିରି ଛାଡିକି ଆସନ୍ତୁ। ଏହାକୁ କେହି ମନା କରୁନାହାନ୍ତି। ବିଜେଡି ସରକାର ଯେପରି ଚାଲିଛି ଏମିତି ଶାସନ କେବେ ଦେଖି ନ ଥିଲୁ। ମୁଖ୍ୟମନ୍ତ୍ରୀ ବାହାରକୁ ବାହାରିବେନି, ତାଙ୍କ ସହ କେହି ଆଲୋଚନା କରିପାରିବେ ନାହିଁ, ତାଙ୍କ ସହିତ କେହି ଦେଖା କରିପାରିବେନି ଏହା ଆଶ୍ଚର୍ଯ୍ୟର କଥା। ଏହି ପ୍ରସଙ୍ଗରେ କଂଗ୍ରେସ ନିଶ୍ଚୟ ପ୍ରତିବାଦ କରିବ ବୋଲି ସେ କହିଛନ୍ତି।

ବିଜେଡି ବିଧାୟକ ପ୍ରଫୁଲ ସାମଲ କହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁଆଡକୁ ଯାଇପାରୁ ନ ଥିବାରୁ ସେ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ସବୁଆଡେ ପଠାଉଛନ୍ତି। ଅନେକ ସମୟରେ ବିଭିନ୍ନ ସ୍ଥାନରେ ବନ୍ୟା ହେଉଛି ସବୁଠାକୁ କ'ଣ ପ୍ରଧାନମନ୍ତ୍ରୀ ଦେଖିବାକୁ ଯାଉଛନ୍ତି। କେତେକ ସ୍ଥାନକୁ ପ୍ରଧାନମନ୍ତ୍ରୀ ତାଙ୍କ ଟିମ୍‌କୁ ପଠାଉଛନ୍ତି। ସେମାନେ ସବୁ କଥାର ସର୍ବେକ୍ଷଣ କରୁଛନ୍ତି। ବିରୋଧୀଙ୍କ ପାଖରେ କିଛି ବିଷୟ ବସ୍ତୁ ନାହିଁ ସେମାନେ କେବଳ ବିରୋଧ କରିବା ଛଳରେ ଏମିତି କରୁଛନ୍ତି ବୋଲି ପ୍ରଫୁଲ କହିଛନ୍ତି।

ଦାମୋଦର(ଦାମ) ରାଉତ କହିଛନ୍ତି, ବି.ଏମ୍.ସି. କମିଶନର ଭାବେ ଅପରାଜିତା ଷଡ଼ଙ୍ଗୀ ନିଜ ପଦବୀ ଏବଂ ପ୍ରଦତ୍ତ ସରକାରୀ ଅର୍ଥକୁ ଆତ୍ମପ୍ରଚାର ପାଇଁ ବିନିଯୋଗ କରି ରାଜନୈତିକ କ୍ୟାରିୟର ନିମନ୍ତେ ପ୍ରସ୍ତୁତ କରାଉଥିଲେ। ଏବେ ରାଜଧାନୀବାସୀ ତା'ର ଫଳ ଭୋଗ କରୁଛନ୍ତି। ଜଳବନ୍ଦୀ, ଖୋଲା ଡ୍ରେନ୍ ରାଜଧାନୀବାସୀଙ୍କୁ ଅସହ୍ୟ ଯନ୍ତ୍ରଣା ଦେଉଛି। ସେହି ଭାବନାକୁ ମନରେ ରଖି କାହାର ନାମ ନ ନେଇ ୫-ଟି ସଚିଙ୍କୁ ଟାର୍ଗେଟ୍ କରୁଛନ୍ତି। ଲୋକମତକୁ ବିଭ୍ରାନ୍ତ କରିବା ପାଇଁ ଅପରାଜିତା ଅପପ୍ରଚାର କରୁଛନ୍ତି ବୋଲି ଦାମ କହିଛନ୍ତି।

# ଆକ୍ରୋଶମୂଳକ ରାଜନୀତିକୁ ମୁଖ୍ୟ ଅସ୍ତ୍ର କରିଛି ବିଜେଡି: ଭାଜପା

**ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)**

ଦୀର୍ଘ ୨୩ ବର୍ଷ ଧରି ନିରଙ୍କୁଶ ଶାସନରେ ଥିବା ବିଜେଡି ସରକାର ଅମଳରେ ରାଜ୍ୟର ଜମି, ପାଣି, ଜଙ୍ଗଲ, ଖଣିଜକୁ ବେଆଇନ ଭାବେ ବିକ୍ରି କରିଦେଇ ବିଜେଡିର ମନ୍ତ୍ରୀ ଓ ନେତାମାନେ ଓଡ଼ିଶାକୁ ଖାଇଗଲେଣି। ରାଜ୍ୟର ଶାସନ ଡୋରି କାହା ହାତରେ ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଥିବାବେଳେ ବିଜେଡି 'ଆକ୍ରୋଶମୂଳକ ରାଜନୀତି'କୁ ମୁଖ୍ୟ ଅସ୍ତ୍ର କରିଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ଯାଜପୁର ଜିଲାର ବରିଷ୍ଠ ନେତା ବିଶିଷ୍ଟ ସୂଚନା ଅଧିକାରୀ କର୍ମୀ ସର୍ବେଶ୍ୱର ବେହୁରିଆଙ୍କୁ ଗିରଫ କରିବା ପଛରେ ଦୀର୍ଘଦିନର ରାଜନୈତିକ ଓ ପ୍ରଶାସନିକ ଆକ୍ରୋଶ ମୁଖ୍ୟ କାରଣ। ସ୍ଥାନୀୟ ତହସିଲଦାର, ଖଣିମାଫିଆ ଓ ସ୍ଥାନୀୟ ବିଧାୟକ ମିଳିମିଶି କୋଟି କୋଟି ଟଙ୍କାର ଖଣିଜ ଦ୍ରବ୍ୟ ଲୁଟ୍ କରୁଥିବାର ସର୍ବସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସର୍ବେଶ୍ୱର ଏବଂ ତାଙ୍କ ପରିବାର ଉପରେ ଲଗାତର ଆକ୍ରମଣ କରାଯାଉଛି। ସର୍ବେଶ୍ୱରଙ୍କ ନିରନ୍ତର ଉଦ୍ୟମ କାରଣରୁ ଡଙ୍କାରୀ ଓ ବିଛାଖଣ୍ଡିରେ ବେଆଇନ ଖଣି ଖନନ ବନ୍ଦ ହୋଇଛି। ତାଙ୍କ ଉପରେ ଲଗାଯାଇଥିବା ମିଛ କେସ୍‌କୁ ତୁରନ୍ତ ପ୍ରତ୍ୟାହାର କରାଯାଇ ତୁରନ୍ତ ଖଲାସ କରାଯାଉ। ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ସମ୍ପୃକ୍ତ ଥିବା ବିଜେଡି ପ୍ରତିଶୋଧପରାୟଣ ଓ ଆକ୍ରୋଶମୂଳକ ରାଜନୀତିରୁ ଅବ୍ୟାହତ ରୁହନ୍ତୁ ବୋଲି ଲେଖାଶ୍ରୀ କହିଛନ୍ତି।

# ଆଜି କଂଗ୍ରେସର ଗ୍ରୀଡ୍‌କୋ ଅଫିସ୍ ଘେରାଉ, ରାଜ୍ୟପାଳଙ୍କୁ ଦାବିପତ୍ର ଦେବ ଭାଜପା

**ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)**

ବାରମ୍ବାର ବିଦ୍ୟୁତ୍ କାଟ ଏବଂ ଅହେତୁକ ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ସୋମବାର କଂଗ୍ରେସ ପକ୍ଷରୁ ରାଜ୍ୟ ଗ୍ରୀଡ୍‌କୋ ଅଫିସ ଘେରାଉ କରାଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି ଯେ, ବକେୟା ବିଜୁଳି ବିଲ୍ ଉପରେ ସୁଧ କଷି ଲୋକଙ୍କୁ ଲୁଣ୍ଠନ କରିବା କାମରୁ ଟାଟା ପାୱାର ନିବୃତ୍ତ ରୁହନ୍ତୁ। ବାରମ୍ବାର ପ୍ରତିଶ୍ରୁତି ଦେବା ସତ୍ତ୍ୱେ ବିଜେଡି ସରକାର ଗୋଟିଏ ବି କଥା ପାଳନ କରିପାରିଲେ ନାହିଁ। ଜନଶୋଷଣ ଏ ସରକାରର ମୂଳ ମନ୍ତ୍ର ପାଲଟିଛି। ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବମାନେ ବାରମ୍ବାର କହୁଛନ୍ତି ଯେ, ଓଡ଼ିଶା ଏକ ବିଦ୍ୟୁତ ବଳକା ରାଜ୍ୟ। କିନ୍ତୁ କାହିଁକି ଏଠି ବିଦ୍ୟୁତ୍ ଦାମ୍ ୟୁନିଟ ପିଛା ଏତେ ଅଧିକ ବୋଲି ଶରତ ପ୍ରଶ୍ନ ପଚାରିଛନ୍ତି। ଅନ୍ୟପଟେ ଭାଜପା ଭୁବନେଶ୍ୱର ଜିଲା ସଙ୍ଗଠନ ପକ୍ଷରୁ ମଧ୍ୟ ଅଘୋଷିତ ବିଜୁଳି କାଟ୍ ପ୍ରତିବାଦରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସେମାନଙ୍କ ଦଳ ତରଫରୁ ସୂଚନା ଦିଆଯାଇଛି। ଭାଜପାର କର୍ମୀମାନେ ରାଲିରେ ବାହାରି ରାଜ୍ୟପାଳଙ୍କ ଅଫିସ୍‌ରେ ପହଞ୍ଚି ଦାବିପତ୍ର ପ୍ରଦାନ କରିବେ।


# Classified Everyday 0674-2580101, 2549949



REAL ESTATE



CONSTRUCTION




**SALE**

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft-3,60,000/-, ଛଡାବର 1200sqft-3,00,000/- ନଖରା- 300/- 6371569855. D-74870

**Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469.** D-74862

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Newly open Salon/ SPA with expert therapist (health benefits). 8114322659. D-75120

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74695

**AFFIDAVIT**

By virtue of an affidavit sworn before Executive Magistrate, Jajpur on 25.05.2023 I, Girija Prasad Sahu, S/o- Sulav Charan Sahu, At/P.O.- Balichandrapur, Dist. Jajpur want to inform that my daughter's name has been entered as Amisha Amitabha in her Aadhaar Card. Her actual name is Sai Aradhya Sahu. Amisha Amitabha and Sai Aradhya Sahu both are same person. Henceforth she will be known as Sai Aradhya Sahu for all purposes. D-0602

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Subal Charan Sahoo, S/o- Ratnakar Sahoo, At- Adhalia, P.O- Phulnakhara, Dist.- Cuttack, Pin- 754001 declare by this Affidavit No.- 24AA559837 that now onwards I shall be known as Subal Sahoo for all future purposes. D-0604

I, Bhagyalata Das, W/o Late RajKrishna Lenka, R/o- 1st Lane, Madhuban, Puri-2, Odisha have changed my name to Bhagyalata Lenka for all future purposes. D-0603

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ରାଜ୍ୟ ଖବର

# ଘୋଷଯାତ୍ରାର ହେବ ସିଧାପ୍ରସାରଣ

**ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)**

ପବିତ୍ର ଘୋଷଯାତ୍ରା ଅବସରରେ ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱର ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ସହଯୋଗରେ ଘୋଷଯାତ୍ରାର ସିଧାପ୍ରସାରଣର ବ୍ୟବସ୍ଥା କରାଯାଇଛି। ଉନ୍ନତମାନର ଅତ୍ୟାଧୁନିକ ପ୍ରସାରଣ ଉପକରଣ ଦ୍ୱାରା ହାଇ-ରିଜଲ୍ୟୁସନ୍ ଚିତ୍ର ଉତ୍ତୋଳନ କରାଯାଇ ଅଗଣିତ ଦର୍ଶକଙ୍କ ନିମନ୍ତେ ନିରବଚ୍ଛିନ୍ନ ଭାବେ ଘୋଷଯାତ୍ରାର ସିଧାପ୍ରସାରଣ କରାଯିବ। ଏହାଦ୍ୱାରା ଦର୍ଶନାଭିଳାଷୀ ଭକ୍ତମାନେ ଘୋଷଯାତ୍ରାର ପ୍ରତିଟି ମୁହୂର୍ତ୍ତକୁ ସ୍ପଷ୍ଟ ଭାବେ ଦେଖିପାରିବା ସହିତ ଭାବକୁ ମଧ୍ୟ ଅନୁଭବ କରିପାରିବେ। ଏଥିରେ ଓଡ଼ିଶାର ଜଗନ୍ନାଥ ସଂସ୍କୃତି ବିଶାରଦ ତଥା ପ୍ରଖ୍ୟାତ ଭାଷ୍ୟକାରଙ୍କ ପ୍ରଗଲ୍‌ଭ ଏବଂ ତାତ୍ତ୍ୱିକ ବିଶ୍ଳେଷଣାତ୍ମକ ବିବରଣୀ ଦର୍ଶକମାନଙ୍କ ନିକଟରେ ପରିବେଷଣ କରାଯିବ। ବିଶେଷ କରି ବାବା ସତ୍ୟାନନ୍ଦ ଦାସ, ଉଦ୍‌ଘୋଷକ ଡା. କୃଷ୍ଣକେଶବ ଷଡ଼ଙ୍ଗୀ, ମୃତ୍ୟୁଞ୍ଜୟ ରଥ, ପଦ୍ମନାଭ ତ୍ରିପାଠୀ, ପଣ୍ଡିତ ମାତୃପ୍ରସାଦ ମିଶ୍ର, କଲ୍ୟାଣୀ ନନ୍ଦୀ ଆଦି ବିଶିଷ୍ଟ ପ୍ରବଚକମାନେ ଘୋଷଯାତ୍ରାର ଧାରାବିବରଣୀ ପ୍ରଦାନ କରିବା ସହିତ ଦର୍ଶକଙ୍କୁ ଭକ୍ତି ରସାମୃତରେ ଆହ୍ଲାଦିତ କରିବେ। ଡିଡି ଓଡ଼ିଆରେ ସିଧା ପ୍ରସାରଣ ସକାଳ ୮ ଟାରୁ ଆରମ୍ଭ ହେବା ସହିତ ସକାଳ ୯ ଟାରୁ ହିନ୍ଦୀ, ଇଂଲିଶ ଓ ସଂସ୍କୃତ ଭାଷାରେ ଡିଡି ଭାରତୀରେ ପ୍ରସାରଣର ବ୍ୟବସ୍ଥା କରାଯାଇଛି। ଏହି ପ୍ରସାରଣ ଡିଡି ଓଡ଼ିଆ ଏବଂ ଡିଡି ନ୍ୟାସନାଲ୍ ୟୁଟ୍ୟୁବ୍ ଚାନେଲ୍‌ରେ ସକାଳ ୮ଟାରୁ ଲାଇଭ୍ ଷ୍ଟ୍ରିମିଙ୍ଗ୍ ମାଧ୍ୟମରେ ଉପଲବ୍ଧ ହେବ।

# ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ଼ କରିବାକୁ ସବୁ ଜିଲାରେ ବୈଠକ ଅନୁଷ୍ଠିତ

**ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)**

ସବୁକ୍ଷେତ୍ରରେ ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ଼ କରିବା ପାଇଁ ରବିବାର ରାଜ୍ୟର ସବୁ ଜିଲା ଏବଂ ସହରାଞ୍ଚଳରେ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ବିପର୍ଯ୍ୟୟ ପରିଚାଳନାରେ ସେମାନଙ୍କ ଭୂମିକା ଏବଂ ଦାୟିତ୍ୱ ସହିତ ବିଭାଗଗୁଡ଼ିକ ମଧ୍ୟରେ କିପରି ସମନ୍ୱୟ ରଖାଯାଇପାରିବ ସେନେଇ ଆଲୋଚନା କରିଛନ୍ତି। ଏହାବ୍ୟତୀତ ସମ୍ବଳ, ମାନବ ସମ୍ବଳ, ସରଞ୍ଜାମ, ଯୋଗାଯୋଗ ବ୍ୟବସ୍ଥା ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରରେ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଆୟୋଜିତ ହୋଇଛି। ସେହିପରି ବ୍ଲକସ୍ତରରେ ପଞ୍ଚାୟତ ସମିତିର ଅଧ୍ୟକ୍ଷ, ସହରାଞ୍ଚଳରେ ମେୟର, ଉକ୍ତ ଟେବୁଲ ଟପ୍ ଏକ୍ସରସାଇଜ୍‌ରେ ଅଧ୍ୟକ୍ଷତା କରି କାର୍ଯ୍ୟ ପରିଚାଳନା କରିଛନ୍ତି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜ୍ୟ କାର୍ଯ୍ୟାଳୟରୁ ବରିଷ୍ଠ ଅଧିକାରୀମାନେ ପର୍ଯ୍ୟବେକ୍ଷକ ଭାବେ ବିଭିନ୍ନ ଜିଲା, ବ୍ଲକ ଏବଂ ସହରାଞ୍ଚଳସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍‌ରେ ଯୋଗ ଦେଇଛନ୍ତି। ବାତ୍ୟା/ବନ୍ୟା ସମ୍ପର୍କିତ ଏକ ନକଲ ସୂଚନା ରାଜ୍ୟ ଆପାତକାଳୀନ ପରିଚାଳନା କେନ୍ଦ୍ର ଦ୍ୱାରା ଜାରି କରାଯାଇଛି। ଏହି ସତର୍କତାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଟେବୁଲ୍ ଟପ୍ ଏକ୍ସରସାଇଜ୍‌ରେ ଅଂଶଗ୍ରହଣ କରିବା ସହିତ ନିଜ ଜିଲାରେ ବିପର୍ଯ୍ୟୟ ପରିଚାଳନା ପାଇଁ ସେମାନଙ୍କ ପ୍ରାକ୍ ତଥା ଆଗୁଆ ପ୍ରସ୍ତୁତି ଯୋଜନା ବିଷୟରେ ଉପସ୍ଥାପନ କରିଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଶ୍ରୀଶଙ୍କରଙ୍କୁ ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା

ଭୁବନେଶ୍ୱର, ୧୮।୬
(ସରୋଜ ଜେନା)

ଭୁବନେଶ୍ୱରରେ ଅନୁଷ୍ଠିତ ୬୨ତମ ଜାତୀୟ ଆନ୍ତଃ ରାଜ୍ୟ ଆଥ୍ଲେଟିକ ମିଟ୍‌ର ଚତୁର୍ଥ ଦିବସରେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ଲଙ୍ଗ୍‌ଜମ୍ପର ମୁରଲୀ ଶ୍ରୀଶଙ୍କର। ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡର ପ୍ରଥମ ପ୍ରୟାସରେ ଶ୍ରୀଶଙ୍କର ୮.୪୧ ମିଟର ଦୂରତା ହାସଲ କରିଥିଲେ। ମାତ୍ର ୧ ସେମି ଦୂରତା ପାଇଁ ଶ୍ରୀଶଙ୍କର ଜେସ୍‌ୱିନ୍ ଆଲଡ୍ରିନ୍‌ଙ୍କ ଜାତୀୟ ରେକର୍ଡରୁ ପଛରେ ରହିଯାଇଥିଲେ। କେରଳ ପକ୍ଷରୁ ଖେଳୁଥିବା ୨୪ ବର୍ଷୀୟ ଶ୍ରୀଶଙ୍କରଙ୍କ ଏହା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ଜାତୀୟ

**ଜାତୀୟ ଆନ୍ତଃ ରାଜ୍ୟ ଆଥ୍ଲେଟିକ ମିଟ୍**

ରେକର୍ଡଧାରୀ ଜେସ୍‌ୱିନ୍ ଆଲଡ୍ରିନ୍ ୭.୮୩ ମିଟର ଦୂରତା ସହିତ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ମହମ୍ମଦ ଅନିସ୍ ୟାହିଆ ୭.୭୧ ମିଟର ଦୂରତା ସହ ତୃତୀୟରେ ରହିଥିଲେ। ସୋମବାର ଲଙ୍ଗ୍ ଜମ୍ପର ଫାଇନାଲ ଅନୁଷ୍ଠିତ ହେବାକୁଥିବା ବେଳେ ସମୁଦାୟ ୧୨ ଜଣ ଆଥ୍ଲେଟ ଫାଇନାଲରେ ପହଞ୍ଚିଛନ୍ତି। ଶ୍ରୀଶଙ୍କର ଉଭୟ ଏସିଆନ୍ ଚାମ୍ପିୟନଶିପ୍ ଓ ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏସିଆନ୍ ଗେମ୍ସ ଲାଗି ୭.୯୫ ମିଟରର ଟାର୍ଗେଟ ରହିଥିବା ବେଳେ ଏସିଆନ୍ ଚାମ୍ପିୟନଶିପ୍ ପାଇଁ ୮.୨୫ ମିଟରର ଲକ୍ଷ୍ୟ ରହିଥିଲା। ବିକାଶ ଗୌଡ଼ା ଓ ନୀରଜ ଚୋପ୍ରାଙ୍କ ପରେ ତୃତୀୟ ଭାରତୀୟ ଭାବେ ସେ ଡାଏମଣ୍ଡ ଲିଗ୍‌ର ପ୍ୟାରିସ୍ ଚରଣରେ ୮.୦୯ ମିଟର ଜମ୍ପ କରି ପଦକ ହାସଲ କରିଥିଲେ। ହଙ୍ଗେରୀରେ ହୋଇଥିବା ବିଶ୍ୱ ଚାମ୍ପିୟନଶିପ ନିମନ୍ତେ ଯୋଗ୍ୟତା ଟାର୍ଗେଟ ୮.୨୫ ମିଟର ରଖାଯାଇଥିଲା।

ମହିଳା ଲଙ୍ଗ୍‌ଜମ୍ପର ଆନ୍ସି ସୋଜାନ ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏସିଆନ ଯୋଗ୍ୟତା ଅର୍ଜନ ପାଇଁ ୬.୪୫ ମିଟରର ଦୂରତା ଧାର୍ଯ୍ୟ କରାଯାଇଥିବା ବେଳେ ଆନ୍ସି ୬.୪୯ ମିଟର ଡେଇଁଥିଲେ। ଆନ୍ସିଙ୍କ ଷ୍ଟେଟ୍ ମେଟ୍ ନୟନା ଜେମ୍ସ ୬.୩୧ ମିଟର ଓ ଶାଇଲି ସିଂ ୬.୨୭ ମିଟର ଦୂରତା ହାସଲ କରି ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ଫାଇନାଲ ଲାଗି ଯୋଗ୍ୟତା ଅର୍ଜନ କରିଥିଲେ।

ସେହିପରି ପୁରୁଷ ୧୫୦୦ ମିଟର ଦୌଡ଼ରେ ୪ ଜଣ ଖେଳାଳି ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଯୋଗ୍ୟତା ହାସଲ ନିମନ୍ତେ ୩.୪୭.୮୪ର ସମୟ ରହିଥିବା ବେଳେ ହିଟ୍‌ରେ ଉତ୍ତର ପ୍ରଦେଶର ଅଜୟ କୁମାର ସରୋଜ ୩.୪୪.୧୩, ୟୁନୁସ୍ ଶାହ ୩.୪୪.୨୨, ଉତ୍ତରାଖଣ୍ଡର ସଚେଲାଲ ପଟେଲ ୩.୪୪.୩୩ ଓ ରାଜସ୍ଥାନର ରାହୁଲ ବାଲୋଦା ୩.୪୬.୭୩ର ସମୟ ନେଇଥିଲେ। ଜାତୀୟ ରେକର୍ଡଧାରୀ କେରଳର ଜିନସନ୍ ଜନସନ୍ ୩.୪୮.୮୩ ସେକେଣ୍ଡର ଟାଇମିଂ ସହିତ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ।


ପୁରୁଷ ୪୦୦ ମିଟର ବାଧା ଦୌଡ଼ ପ୍ରତିଯୋଗିତାର ଦୃଶ୍ୟ।

## କିଶୋର ଜେନାଙ୍କୁ ଏସିଆନ୍ ଗେମ୍ସ ଯୋଗ୍ୟତା

ଭୁବନେଶ୍ୱରରେ ଅନୁଷ୍ଠିତ ୬୨ ତମ ଜାତୀୟ ଆନ୍ତଃ ରାଜ୍ୟ ଆଥ୍ଲେଟିକ ମିଟ୍‌ରେ ପ୍ରଥମ ଓଡ଼ିଆ ଖେଳାଳି ଭାବରେ ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ଜାଭେଲିନ୍ ଥ୍ରୋୟର କିଶୋର କୁମାର ଜେନା। ଏସିଆନ୍ ଗେମ୍ସ ପାଇଁ ୭୮.୨୩ ମିଟର ଦୂରତା ଧାର୍ଯ୍ୟ କରାଯାଇଥିବା ବେଳେ କିଶୋର ୭୯.୯୬ ମିଟର ଦୂରତା ହାସଲ କରିଥିଲେ। ଏକ ବର୍ଷର ଡୋପିଂ ବାସନ୍ଦାଦେଶ ପରେ ଫେରିଥିବା ଉତ୍ତର ପ୍ରଦେଶର ଶିବପାଲ ସିଂ ୭୯.୩୫ ମିଟର ଦୂରତା ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ରାଜସ୍ଥାନର ଅନୁଜ କାଲେରା ୭୯.୦୪ ମିଟର ଦୂରତା ସହିତ ତୃତୀୟ ସ୍ଥାନରେ ରହିଥିଲେ। ପ୍ରଥମ ସ୍ଥାନରେ ଥିବା ୩ ଖେଳାଳି ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିଥିଲେ। ୨୦୦ ମିଟର ସ୍ପ୍ରିଣ୍ଟରେ ଓଡ଼ିଆ ଧାବିକା ଶ୍ରାବଣୀ ନନ୍ଦ ୨୪.୩୧ ମିନିଟ ସମୟ ନେଇ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।

## ଅର୍ନଭ ମହାନ୍ତି ଚାମ୍ପିୟନ


ଅନ୍ୟ କୃତୀ ପ୍ରତିଯୋଗୀଙ୍କ ସହ ଚାମ୍ପିୟନ ଅର୍ନଭ ମହାନ୍ତି (ମଝି)।

ଭୁବନେଶ୍ୱର, ୧୮।୬
(ବିଜୟ ରଣା)

**ରାଜ୍ୟ ସ୍କୁଲ ଓପନ୍ ଚେସ୍**

ସ୍ଥାନୀୟ ଟଙ୍କପାଣିସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ବିଜେଇଏମ୍ ସ୍କୁଲ-୧ (ଭୁବନେଶ୍ୱର)ର ଅର୍ନଭ ମହାନ୍ତି ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଛନ୍ତି। ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲର ଆରୁଷ ମହାନ୍ତି (୪.୫) ଦ୍ୱିତୀୟ ଏବଂ ଭଦ୍ରକର ସିଳାନ୍ଦିସ୍ଥିତ କାହ୍ନୁ ଚରଣ ବିଦ୍ୟାମନ୍ଦିରର ଉଦୟ ପରିଡ଼ା (୪.୦) ତୃତୀୟ ସ୍ଥାନ ହାସଲ କରିଛନ୍ତି। ଚତୁର୍ଥରୁ ଦଶମ ସ୍ଥାନ ଯଥାକ୍ରମେ ଅନ୍ୱେଷା ମହାପାତ୍ର (ଆପିଜେ ସ୍କୁଲ), ଅନୁଷ୍କା ପଟ୍ଟନାୟକ (ଲୋୟଲା ସ୍କୁଲ), ଆଦ୍ୟାଶ୍ରୀ ପଣ୍ଡା (ନାରାୟଣ ସ୍କୁଲ), କୌଶିକ ପଟ୍ଟନାୟକ (ସନ୍ତୋଷୀ ଇଂଲିଶ ମିଡିୟମ ସ୍କୁଲ, ପୁରୀ), ଅମନ ପଟ୍ଟନାୟକ (ଫ୍ୟୁଚର ଭୁବନେଶ୍ୱର ସ୍କୁଲ), ସତ୍ୟମ ଓଝା (ଓଏଭି, ଜାମଧର, ଯାଜପୁର) ଏବଂ ଅଂଶୁମାନ ଆଚାର୍ଯ୍ୟ (ସେଣ୍ଟ ଜାଭିୟର ହାଇସ୍କୁଲ, କଟକ)। ଚାମ୍ପିୟନଶିପ୍‌ର ପୁରସ୍କାର ବିତରଣ ଉତ୍ସବରେ ବଡ଼ମ୍ବା ବ୍ଲକ ହର୍ଟିକଲଚର ଅଫିସର ମନୋଜ କୁମାର ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ।




## ସାତ୍ୱିକ-ଚିରାଗଙ୍କୁ ଐତିହାସିକ ଡବଲ୍ସ ଟାଇଟଲ

ଜାକର୍ତ୍ତା, ୧୮।୬ (ପି.ଟି.)

**ଇଣ୍ଡୋନେସିଆ ଓପନ ବ୍ୟାଡ୍‌ମିଣ୍ଟନ**

ଭାରତୀୟ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଇଣ୍ଡୋନେସିଆ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ପୁରୁଷ ଡବଲ୍ସ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଛନ୍ତି। ସୁପର ୧୦୦୦ ଇଭେଣ୍ଟ ଜିତିବାରେ ସେମାନେ ଦେଶର ପ୍ରଥମ ଯୋଡ଼ି ହେବାର ଗୌରବ ଅର୍ଜନ କରିଛନ୍ତି। ଭାରତୀୟ ଯୋଡ଼ି ଫାଇନାଲରେ ବିଶ୍ୱଚାମ୍ପିୟନ ତଥା ସଂଘର୍ଷପୂର୍ଣ୍ଣ ଫାଇନାଲରେ ମାଲେସିଆର ଆରୋନ ଚିଆ ଓ ସେ ଉଇ ଇକ୍‌ଙ୍କୁ ୨୧-୧୭, ୨୧-୧୮ରେ ହରାଇ ଦେଇଛନ୍ତି। ମ୍ୟାଚଟି ୪୩ ମିନିଟ୍ ଧରି ଚାଲିଥିଲା। ସୂଚନାଯୋଗ୍ୟ, ବିଶ୍ୱର ୬ ନମ୍ବର ମାନ୍ୟତାପ୍ରାପ୍ତ ସାତ୍ୱିକ-ଚିରାଗ ଯୋଡ଼ି ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଜିତିଥିଲେ। ଜାକର୍ତ୍ତାରେ ପୂର୍ବରୁ ସାଇନା ନେହ୍ୱାଲ (୨୦୧୦, ୨୦୧୨) ଓ କିଦାମ୍ବି ଶ୍ରୀକାନ୍ତ (୨୦୧୭) ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଏହି ଭାରତୀୟ ଯୋଡ଼ି ଏସିଆନ ଚାମ୍ପିୟନ ମଧ୍ୟ। ବର୍ତ୍ତମାନର ବିଶ୍ୱ ଚାମ୍ପିୟନଙ୍କୁ ହରାଇବା ଲାଗି ସେମାନେ ଏକ ଘଣ୍ଟାରୁ କମ ସମୟ ନେଇଥିଲେ। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ଫାଇନାଲରେ ଚାଇନାର ୟୁ ଫେଇ ୨୧-୧୮, ୨୧-୧୯ରେ ସ୍ପେନର କାରୋଲିନା ମାରିନ୍‌ଙ୍କୁ ହରାଇ ଟାଇଟଲ ଜିତିଛନ୍ତି।




# ଦ୍ୱିତୀୟ କଳିଙ୍ଗ ଜିମ୍ନାଷ୍ଟିକ ପ୍ରତିଯୋଗିତା ଉଦ୍‌ଯାପିତ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର, ୧୮।୬
(ତପନ ସ୍ୱାଇଁ)

ଓଡ଼ିଶାର ଅଗ୍ରଣୀ ଜେଏମ୍ ସ୍ପୋର୍ଟସ ଜିମ୍ନାଷ୍ଟିକ ଏକାଡେମୀ ଓ ଓଡ଼ିଶା ଜିମ୍ନାଷ୍ଟିକ ମହାସଂଘର ମିଳିତ ସହଯୋଗରେ ଆୟୋଜିତ ଦ୍ୱିତୀୟ କଳିଙ୍ଗ ଜାତୀୟ ଜିମ୍ନାଷ୍ଟିକ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ମୁଖ୍ୟ ଅତିଥି ରୂପେ ପଦ୍ମଶ୍ରୀ ତଥା ହକି ଇଣ୍ଡିଆ ସଭାପତି ଡ. ଦିଲୀପ ତିର୍କୀ ଉପସ୍ଥିତ ରହି ତୃଣମୂଳ ସ୍ତରରେ ଜେଏମ୍ ସ୍ପୋର୍ଟସର ନିଷ୍ଠା ଓ ଉଦ୍ୟମକୁ ପ୍ରଶଂସା କରିଥିଲେ। କୁନି କୁନି ଖେଳାଳିଙ୍କୁ ପୁରସ୍କାର ଦେବା ସହିତ ସଫଳ ହେବାର ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ଜିମ୍ନାଷ୍ଟିକ ମହାସଂଘ ସମ୍ପାଦକ ଅଶୋକ ସାହୁ ଉପସ୍ଥିତ ଥିଲେ। ଜେଏମ୍ ସ୍ପୋର୍ଟସର ଅତିସ ରାଉତ ସ୍ୱାଗତ ଭାଷଣ ଦେଇ ଉଦ୍‌ଯାପନୀ ଦିବସର କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ସମ୍ପାଦକ ଯଶୋବନ୍ତ ଦାସ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ଜେଏମ୍ ସ୍ପୋର୍ଟସ ଏକାଡେମୀ ଅଧ୍ୟକ୍ଷା ମୀରାରାଣୀ ଦାସ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ରାଶି ସହିତ ଟ୍ରଫି ଓ ମେଡାଲ ପ୍ରଦାନ କରିଥିଲେ। ବେଙ୍ଗଲ ଦଳ ଉଭୟ ବାଳକ ଓ ବାଳିକା ବିଭାଗରେ ଚାମ୍ପିୟନ, ମହାରାଷ୍ଟ୍ର ରନର ଅପ୍ ଓ ଓଡ଼ିଶା ତୃତୀୟ ସ୍ଥାନରେ ରହିଥିଲା। ୧୪ ମେଡାଲ ସହିତ ୮ ବର୍ଷରୁ କମ୍ ବାଳକ ବର୍ଗରେ ଓଡ଼ିଶା ଚାମ୍ପିୟନ ରହିଥିଲା। ଜାତୀୟ ଜିମ୍ନାଷ୍ଟିକ ପ୍ରତିଯୋଗିତା ପରିଚାଳନା କରିଥିବା ଅନ୍ତର୍ଜାତୀୟ ଓ ଜାତୀୟ ଅଫିସିଆଲମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। ସେହିପରି ଏହି ୩ ଦିନିଆ ଜାତୀୟ ଜିମ୍ନାଷ୍ଟିକ ପ୍ରତିଯୋଗିତାରେ ମମିନା ବାନୋ, ଜ୍ୟୋତିର୍ମୟୀ ମନ୍ତ୍ରୀ, ଦୀପଶିଖା ଦେ, ଦୀପ୍ତିମୟୀ ନାୟକ, କଳ୍ପନା ନାୟକ, ସୁନିତା ସାହୁ, ଅନ୍ନପୂର୍ଣ୍ଣ ମହାନ୍ତି, ସନ୍ଧ୍ୟା ମିଶ୍ର ଓ ମନସ୍ୱିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଜିମ୍ନାଷ୍ଟ ବିଘ୍ନେଶ ଦାସ ଓ ସୁବ୍ରତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# କଳିଙ୍ଗ ଷ୍ଟାଡିୟମରେ ସାଉଦି ଆରବ ପ୍ରତିନିଧି

ଭୁବନେଶ୍ୱର, ୧୮।୬
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଭାରତ-ଲେବାନନ୍ ଇଣ୍ଟର କଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ ଫାଇନାଲର ପ୍ରତ୍ୟକ୍ଷଦର୍ଶୀ ହେବା ପାଇଁ ସାଉଦିଆରବ ଫୁଟ୍‌ବଲ ଫେଡେରେଶନର ଏକ ପ୍ରତିନିଧି ଦଳ ରବିବାର ଉପସ୍ଥିତ ଥିଲା। ଡେପୁଟି ସେକ୍ରେଟାରି ଜେନେରାଲ ଇବ୍ରାହିମ୍ ଅଲ୍‌କାବା ଏହି ଦଳର ନେତୃତ୍ୱ ନେଇଥିଲେ। ସାଉଦି ଫେଡେରେଶନର ସିନିୟର ଆଡ୍‌ଭାଇଜର ହିଚାମ ଏଲ୍ ଅମ୍‌ରାନି ଏବଂ ଡିଜିଏସ୍ ଆସିଷ୍ଟାଣ୍ଟ ସେକ୍ରେଟାରି ଏହି ଦଳରେ ସାମିଲ ଥିଲେ। ଏହି ପ୍ରତିନିଧି ଦଳ ସହ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ଓ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ ମହାସଚିବ ଶାଜି ପ୍ରଭାକରନ ଉକ୍ତ ଅଞ୍ଚଳରେ ଫୁଟ୍‌ବଲର ବିକାଶ ଓ ପ୍ରମୋଶନ ସମ୍ପର୍କରେ ଆଲୋଚନା କରିଥିଲେ। ସାଫ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରୁଥିବା ସମସ୍ତ ଦଳ ଏବଂ ଓଡ଼ିଶାରେ କିପରି ଫୁଟ୍‌ବଲର ବିକାଶ ହୋଇପାରିବ ସେ ସମ୍ପର୍କରେ ଉକ୍ତ ପ୍ରତିନିଧି ଦଳ ଏସିଆନ ଫୁଟ୍‌ବଲ ଫେଡେରେଶନ ସହ ମଧ୍ୟ ଆଲୋଚନା ଜାରି ରଖିବ। ସାଉଦିଆରବ ସହ ହୋଇଥିବା ଚୁକ୍ତି ଅନୁସାରେ ପ୍ରଥମଥର ପାଇଁ ସନ୍ତୋଷ ଟ୍ରଫି ଫୁଟ୍‌ବଲର ନକ୍‌ଆଉଟ ପର୍ଯ୍ୟାୟ ଭାରତ ବାହାରେ ରିୟାଦ୍‌ରେ ଖେଳା ଯାଇଥିଲା। "ଆମେ ଚିତ୍ତାକର୍ଷକ କଳିଙ୍ଗ ଷ୍ଟାଡିୟମରେ ହିରୋ କଣ୍ଟିନେଣ୍ଟାଲ କପ୍ ଫାଇନାଲର ପ୍ରତ୍ୟକ୍ଷଦର୍ଶୀ ହୋଇଥିବାରୁ ପ୍ରକୃତରେ ସମ୍ମାନିତ ଅନୁଭବ କରୁଛୁ। ଏଠାକାର ପରିବେଶ ଏବଂ ଭିତ୍ତିଭୂମି ଚମତ୍କାର। ଆମକୁ ଏପରି ଏକ ସୁଯୋଗ ଦେଇଥିବାରୁ ଆୟୋଜକ ଭାରତ ଏବଂ ଓଡ଼ିଶା ନିକଟରେ ଆମେ କୃତଜ୍ଞ" ବୋଲି ସାଉଦି ଆର୍‌ବିଆନ୍ ଫୁଟ୍‌ବଲ ଫେଡେରେଶନ ଡେପୁଟି ସେକ୍ରେଟାରି ଜେନେରାଲ ଇବ୍ରାହିମ ଅଲ୍‌କାବା ପ୍ରକାଶ କରିଛନ୍ତି। ଏହି ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା। "ଆମେ ଏହି ପ୍ରତିନିଧି ଦଳକୁ ସ୍ୱାଗତ କରୁଛୁ। ଏପରି ଅତିଥିଙ୍କୁ ପାଇଁ ଆମେ ସମ୍ମାନିତ ହେବାପରି ଅନୁଭବ କରୁଛୁ। ସେମାନଙ୍କ ସହ ଭାବ ବିନିମୟ କରି ଆମେ ଫୁଟ୍‌ବଲର ବିକାଶ ପାଇଁ କାର୍ଯ୍ୟ କରିବୁ" ବୋଲି ଭିନିଲ କହିଛନ୍ତି।


ସାଉଦି ଆରବ ପ୍ରତିନିଧି ଦଳ ସହ କ୍ରୀଡ଼ା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା।

## ଗୋଟିଏ ଗ୍ରୁପ୍‌ରେ ଭାରତ-ପାକିସ୍ତାନ

ଭାରତୀୟ ଫୁଟ୍‌ବଲ ପାଇଁ ଆଉ ଏକ ବଡ଼କଥା ହେଲା, ବେଙ୍ଗାଲୁରୁର କାନ୍ତିରଭା ଷ୍ଟାଡିୟମରେ ୨୦୨୩ ସାଫ୍ ଚାମ୍ପିୟନଶିପ୍ ଜୁନ୍ ୨୧ରୁ ଜୁଲାଇ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗନେବାକୁ ଯାଉଥିବା ୮ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ ବି'ରେ ଭାରତ, ପାକିସ୍ତାନ, କୁଏତ୍ ଓ ନେପାଳ ରହିଛନ୍ତି। ସେହିପରି ଗ୍ରୁପ୍ ଏ'ରେ ଭୁଟାନ, ଲେବାନନ୍, ବାଂଲାଦେଶ ଓ ମାଳଦ୍ୱୀପ ସ୍ଥାନ ପାଇଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
ପୃଷ୍ଠା-୮+୮
DHARITRI
ଭୁବନେଶ୍ୱର, ସୋମବାର, ଜୁନ୍ ୧୯/୨୦୨୩ (୮+୮=୧୬ ପୃଷ୍ଠା) Bhubaneswar, Monday, June 19/2023 Page 16 ₹ 7.00 | SAMBALPUR

# ଏକତରଫା ପ୍ରେମ

ତଥାଗତ ସତପଥୀ

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମେ ୬ ତାରିଖରେ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଭାଷଣ ଦେଉଥିବା ବେଳେ ବିଦ୍ୟୁତ୍ ଚାଲିଯିବାରୁ ସେଠାରେ ୯ ମିନିଟ୍ ଅନ୍ଧାର ହୋଇଯାଇଥିଲା। ଏହା ଓଡ଼ିଶାର ବିଦ୍ୟୁତ୍ ସରବରାହ ସଂସ୍ଥା ଟାଟା ପାୱାରର ଘୋର ଅପାରଗତା ଦର୍ଶାଇବା ସହିତ ରାଷ୍ଟ୍ରପତିଙ୍କ ଭଳି ଜଣେ ଭିଭିଆଇପିଙ୍କ ସୁରକ୍ଷା ବ୍ୟବସ୍ଥାରେ ଆଞ୍ଚ ଆଣିବାର ସୁଯୋଗ ସୃଷ୍ଟି କରିଥିଲା। ସେହି ଅବ୍ୟବସ୍ଥାକୁ ହାଲୁକାରେ ଏଡ଼ାଇଦେବା ଉଚିତ ନୁହେଁ। ଟାଟା ପାୱାରର ଓଡ଼ିଶା ପ୍ରତି ଖାମଖିଆଲ ଆଭିମୁଖ୍ୟ ସେହି ଘଟଣାରୁ ସର୍ବସାଧାରଣରେ ବୁଝାପଡ଼ିଲା। ଅନୁରୂପ ଭାବେ ବାହାନଗା ରେଳ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେଠାରେ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ସଭାରେ ଖୋଦ୍ ରାଜ୍ୟ ଶକ୍ତିମନ୍ତ୍ରୀ ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିବା ବେଳେ ଅଘୋଷିତ ବିଦ୍ୟୁତ୍‌କାଟ କରାଯାଇ ସମସ୍ତଙ୍କୁ ଅପଦସ୍ଥ କରାଯାଇଥିଲା। ଏହା ଯେ ଅଜାଣତରେ ଘଟୁଥାଇପାରେ ବୋଲି ବିଶ୍ୱାସଯୋଗ୍ୟ ହେଉନାହିଁ।

ଚଳିତ ଗ୍ରୀଷ୍ମଋତୁର ଅସହ୍ୟ ତାତି ବିଷୟରେ କିଛି କହିବା ଦରକାର ପଡୁ ନାହିଁ। ଭୀଷଣ ଗରମ ଓ ଗୁଳୁଗୁଳି ଯୋଗୁ ଜନସାଧାରଣ ସନ୍ତୁଳି ଯାଉଥିବା ବେଳେ ବିଦ୍ୟୁତ୍‌କାଟ ଓ ସ୍ଥଳବିଶେଷରେ ଲୋ ଭୋଲଟେଜ୍ ରାଜ୍ୟବ୍ୟାପୀ ଅସନ୍ତୋଷ ସୃଷ୍ଟି କରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ହେଉଛି ଅନ୍ୟତମ ବିଦ୍ୟୁତ୍ ବଳକା ରାଜ୍ୟ। ଏଥିରୁ ବୁଝାପଡୁଛି ଯେ, ଏହି ରାଜ୍ୟରେ ବିଦ୍ୟୁତ୍ ଅଭାବ ନ ଥିବା ସତ୍ତ୍ୱେ ପ୍ରତ୍ୟେକ ଦିନ ଅନେକ ଥର ବିଦ୍ୟୁତ୍ କାଟ ଘଟୁଛି। ଓଡ଼ିଶାକୁ ବିଦ୍ୟୁତ୍ କ୍ଷେତ୍ରରେ ୪ ଭାଗରେ ବିଭକ୍ତ କରି ସମ୍ପୂର୍ଣ୍ଣ ରାଜ୍ୟର ଦାୟିତ୍ୱ ଭାର ଟାଟା ପାୱାରକୁ ଦିଆଯାଇଛି। ପୂର୍ବରୁ ରାଜ୍ୟ କେନ୍ଦ୍ରୀୟ, ଉତ୍ତର, ପଶ୍ଚିମ ଓ ଦକ୍ଷିଣ ଭାବେ ୪ଟି ସରକାରୀ ବିଦ୍ୟୁତ୍ ସରବରାହ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବାବେଳେ ଏଭଳି ବିଦ୍ୟୁତ୍ ବିଭ୍ରାଟ କ୍ୱଚିତ୍ ଦେଖିବାକୁ ମିଳୁଥିଲା। ଆଗରୁ ଜନସାଧାରଣ ସରକାରୀ ଅଫିସରଙ୍କୁ ନାଲିଆଖି ଦେଖାଇ ସେବା ହାସଲ କରିପାରୁଥିଲେ। ଏବେ ସେହି ଉପଭୋକ୍ତା ଶିଥିଳ ପଡ଼ିଯାଇଛନ୍ତି। ତତ୍‌ସହିତ ଟାଟା ପାୱାର ଲୋକଙ୍କ କଥା ଶୁଣିବାକୁ ଅନିଚ୍ଛୁକ। ଏକ ଘରୋଇ ଆକଳନ ଅନୁଯାୟୀ ଓଡ଼ିଶାର ୧୨,୩୦୦ ମେଗାୱାଟ୍ ଶକ୍ତି ଉତ୍ପାଦନ କରିବାର କ୍ଷମତା ଡିସେମ୍ବର ୨୦୨୨ ସୁଦ୍ଧା ହାସଲ ହୋଇଛି। ଏଥିରୁ ୯,୫୪୦ ମେଗାୱାଟ୍ ତାପଜ(କୋଇଲା) ବିଦ୍ୟୁତ୍ ଶକ୍ତି। ବୁଝିବାକୁ ହେବ ଯେ, କୋଇଲାରୁ ପାଉଁଶ ଓ ଜଳ ପ୍ରଦୂଷଣ ଦ୍ୱାରା ରାଜ୍ୟବାସୀ ପ୍ରବଳ କ୍ଷତି ସହୁଛନ୍ତି। ଅପରପକ୍ଷରେ ଓଡ଼ିଶାର ଆଭ୍ୟନ୍ତରୀଣ ବିଦ୍ୟୁତ୍ ବ୍ୟବହାର ପରିମାଣ ମାତ୍ର ୪,୦୦୦ ମେଗାୱାଟ୍‌ରୁ କମ୍। ଅବଶ୍ୟ ବିଶେଷଜ୍ଞମାନେ ବିଭିନ୍ନ ମତ ଦେବେ ଯେ, ଉତ୍ପାଦିତ ଶକ୍ତିର ଅଧିକାଂଶ ଅଂଶ ରାଜ୍ୟ ପାଇପାରିବ ନାହିଁ। ଆଳ ଦେଖାଇବାକୁ ଇଚ୍ଛା କଲେ ସରକାର ଓ ଟାଟା ପାୱାରର ଯୁକ୍ତିକୁ କାଟିବାର ମଧ୍ୟ ପ୍ରୟୋଜନ ନାହିଁ। କାରଣ ଉଭୟ ମିଶିକରି ଯାହା ବିବୃତି ଦେବେ ତାହା ସମ୍ପୂର୍ଣ୍ଣ ମିଥ୍ୟା ଉପରେ ଆଧାରିତ ବୋଲି ଜନସାଧାରଣ ହୃଦ୍‌ବୋଧ କରିସାରିଲେଣି। ଏଥିସହିତ ଏହା ମଧ୍ୟ ମନେ ରଖିବାକୁ ହେବ ଯେ, ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାରେ ବିଦ୍ୟୁତ୍ ଶକ୍ତିର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଟାଟା ପାୱାର ଏହି ସୁନା ଅଣ୍ଡା ଦେଉଥିବା କୁକୁଡ଼ାକୁ ଦାନା ଦେବା ପରିବର୍ତ୍ତେ କେବଳ ଅଣ୍ଡା ଗୋଟାଇବାରେ ବ୍ୟସ୍ତ ଥିବା ଭଳି ସ୍ପଷ୍ଟ ଜଣାପଡୁଛି। ସମସ୍ତଙ୍କର ମନେ ଥାଇପାରେ ଯେ, ଟାଟା ପାୱାରକୁ ସେସୁ, ୱେସ୍‌କୋ, ସାଉଥ୍‌କୋ ଓ ନେସ୍କୋ ହସ୍ତାନ୍ତର ହେବା ପୂର୍ବରୁ ୩ ମାସ ଧରି ଉପଭୋକ୍ତାଙ୍କୁ ବିଲ୍ ପଠାଯାଇ ନ ଥିଲା। ଟାଟା ପାୱାର ଯେଉଁଦିନ ଏହି ୪ଟି କମ୍ପାନୀର ଦାୟିତ୍ୱ ନେଲା, ସେହିଦିନଠାରୁ ତା'ର ଲାଭ ହେବାକୁ ଲାଗିଲା। ଜାତୀୟସ୍ତରରେ ଟାଟା ପାୱାରର ଅଂଶ ମୂଲ୍ୟ(ଶେୟାର ଭାଲ୍ୟୁ) ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଥିଲା। ଦିଲ୍ଲୀରେ ଟାଟା ପାୱାରର ଏକ କ୍ଷୁଦ୍ର ଭାଗ ଥିବା ଯୋଗୁ ସେଠାରେ ଯେଉଁ ଲାଭ ହେଉଥିଲା, ତାହା ତୁଳନାରେ ଓଡ଼ିଶାର ପୁରପଲ୍ଲୀରୁ ଲାଭ ପରିମାଣ ଯଥେଷ୍ଟ ହେବା ଯୋଗୁ କମ୍ପାନୀର ଶେୟାର ବଜାରରେ ମୂଲ୍ୟ ବୃଦ୍ଧି ପାଇବାକୁ ଲାଗିଛି। ଟାଟା ପାୱାର ପାଇଁ ଓଡ଼ିଶା ଏକ ଅତ୍ୟନ୍ତ ଲାଭଦାୟକ ଅଞ୍ଚଳ ବୋଲି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରବୀଣ ସିହ୍ନାଙ୍କ ଏକ ଦୈନିକ ଇଂଲିଶ୍ ଖବରକାଗଜରେ ପ୍ରକାଶିତ ସାକ୍ଷାତକାରରୁ ବୁଝାପଡୁଛି। ଅନ୍ୟ ଭାଷାରେ କହିବାକୁ ଗଲେ ଟାଟା ପାୱାରର ମେରୁଦଣ୍ଡକୁ ଶକ୍ତିଶାଳୀ କରିଦେଇଛି ଓଡ଼ିଶାର ବିଦ୍ୟୁତ୍ ସରବରାହ ବ୍ୟବସାୟ। ଏହା ସତ୍ତ୍ୱେ କମ୍ପାନୀ ୩ ବର୍ଷ ଧରି ଓଡ଼ିଶାର ଜନସାଧାରଣଙ୍କ ରକ୍ତ ଶୋଷି ନେଉଥିବାବେଳେ, ରାଜ୍ୟରେ ବିଦ୍ୟୁତ୍ ବଣ୍ଟନ ଭିତ୍ତିଭୂମିକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ୧ ଟଙ୍କା ମଧ୍ୟ ଖର୍ଚ୍ଚ କରିନାହିଁ। ଏହାର ଅନ୍ୟ ନାମ ହେବ ଏକତରଫା ପ୍ରେମ।

DSPL-101

ଓଡ଼ିଶା ସରକାର

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) କାର୍ଯ୍ୟାଦେଶ ବଣ୍ଟନ

प्रधान मंत्री आवास योजना-ग्रामीण
Pradhan Mantri Awaas Yojana-Gramin

ସରଳ ପଦ୍ଧତିରେ ହିତାଧିକାରୀ ପାଇପାରିବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ର କାର୍ଯ୍ୟାଦେଶ ।

- ☑ ହିତାଧିକାରୀଙ୍କ ମୋବାଇଲ୍ କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ଗୋଟିଏ ମେସେଜ ପଠାଯାଇଥାଏ ।
- ☑ ମେସେଜରେ ଥିବା hyperlink କୁ କ୍ଲିକ୍ କରିବା ପରେ କାର୍ଯ୍ୟାଦେଶ ଦେଖିବାକୁ ମିଳିଥାଏ ।
- ☑ ଏଥି ସହିତ https://rhodisha.gov.in/ ରେ ମଧ୍ୟ ଆଧାର ନମ୍ବର ପୂରଣ କରି ହିତାଧିକାରୀ ନିଜର କାର୍ଯ୍ୟାଦେଶକୁ ଦେଖିପାରିବେ ଓ ପ୍ରିଣ୍ଟ ବଟନକୁ କ୍ଲିକ୍ କରି ଏହାର କପି ପାଇପାରିବେ ।
- ☑ ଏହି ପଦ୍ଧତିରେ କାର୍ଯ୍ୟାଦେଶ ପାଇବା ପାଇଁ "ମୋ ସେବା" କେନ୍ଦ୍ରରେ ମଧ୍ୟ ସୁବିଧା ରହିଛି ।

କାର୍ଯ୍ୟାଦେଶ ପାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ହେଉଥିଲେ, ନିକଟସ୍ଥ ବ୍ଲକ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ଅନୁରୋଧ ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

OIPR-19001/13/0009/2324

DSPL-99

ଓଡ଼ିଶା ସରକାର

5T

ନିଯୁକ୍ତି ପର୍ବ

ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ

୨୬୯ ନୂଆ ନିଯୁକ୍ତି



| ଓଡ଼ିଶା ସୂଚନା ସେବା | ଓଡ଼ିଶା ଶିକ୍ଷା ସେବା | ଓଡ଼ିଶା ସାମାଜିକ ସୁରକ୍ଷା ସେବା |
|---|---|---|
| ୨୯ | ୧୭୦ | ୭୦ |
| ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ | ପ୍ରଧାନ ଶିକ୍ଷକ ଓ ବ୍ଲକ୍ ଶିକ୍ଷାଧିକାରୀ | ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ |
| ସୂଚନା ଓ ଲୋକସମ୍ପର୍କ ବିଭାଗ | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ |

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ

୧୯ ଜୁନ୍ ୨୦୨୩ | ଅପରାହ୍ନ ୫ ଟା ୩୦
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

OIPR-27068/13/0005/2324

# ହୋଣ୍ଡା ନ୍ୟୁ ୟୁନିକର୍ଣ୍ଣର ବଜାର ପ୍ରବେଶ

ଭୁବନେଶ୍ୱର,୧୮।୬ (ଅଭୟ ଦାଶ)



ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଣ୍ଡା ନ୍ୟୁ ୟୁନିକର୍ଣ୍ଣର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଓବିଡି୨ ନିୟମ ପାଳନ କରୁଥିବା ୨୦୨୩ ୟୁନିକର୍ଣ୍ଣକୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଥିଲା। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆର ସଭାପତି, ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ସୁସୁମୁ ଓଟାନି କହିଛନ୍ତି, ୟୁନିକର୍ଣ୍ଣ ବିଗତ ଦୁଇ ଦଶନ୍ଧିର ବ୍ୟାପକ ଅନୁଭୂତିରୁ ଭାରତୀୟ ମୋଟରସାଇକେଲ୍ ଚାଳକଙ୍କ ପସନ୍ଦ ହୋଇରହିଛି। ବିଶେଷ କରି ଶକ୍ତି, ଦକ୍ଷତା ଓ ଆରାମର ମିଶ୍ରଣ ଥିବା ମଡେଲ୍ ପ୍ରଦାନ କରିବା ଲାଗି ଆମର ରହିଥିବା ପ୍ରତିବଦ୍ଧତାକୁ ଏହି ମଡେଲ୍ ସୁଦୃଢ଼ କରୁଥିବା ବେଳେ ଏହା ସଦ୍ୟତମ ନିର୍ଗମନ ନିୟମକୁ ମଧ୍ୟ ପାଳନ କରୁଛି। ଆମ ଉପରେ ଦୀର୍ଘଦିନରୁ ଭରସା ରଖିଥିବା ଗ୍ରାହକମାନଙ୍କୁ ଆମେ କୃତଜ୍ଞତା ଜଣାଉଛୁ। ସେହିଭଳି ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆର ନିର୍ଦ୍ଦେଶକ-ବିକ୍ରି ଓ ମାର୍କେଟିଂ ଯୋଗେଶ ମାଥୁର କହିଛନ୍ତି, ଅତୁଳନୀୟ ଷ୍ଟାଇଲ, ଡିଜାଇନ, ଶକ୍ତି ଓ ଉନ୍ନତ ଏର୍ଗୋନୋମିକ୍‌କୁ ନେଇ ହୋଣ୍ଡା ୟୁନିକର୍ଣ୍ଣ କ୍ଷେତ୍ରରେ ନୂଆ ଧାରା ସୃଷ୍ଟି କରିଛି। ନୂଆ ଓବିଡି୨ ନିୟମ ପାଳନ କରୁଥିବା ପିଜିଏମ୍-ଏଫ୍‌ଆଇ ଇଞ୍ଜିନ ଏହାକୁ ଆହୁରି ଆଗକୁ ବଢ଼ାଇବା ସହ ତା'ର ଦକ୍ଷତା, ନିରବଚ୍ଛିନ୍ନ ଶକ୍ତି ପ୍ରଦାନରେ ମଧ୍ୟ ଉନ୍ନତି ଆଣିଥିବା ବେଳେ ସଦ୍ୟତମ ମାନକକୁ ମଧ୍ୟ ପୂରଣ କରୁଛି। ଉଲ୍ଲେଖଯୋଗ୍ୟ, ଓବିଡି୨ ନିୟମ ପାଳନ କରୁଥିବା ୨୦୨୩ ୟୁନିକର୍ଣ୍ଣରେ ୧୬୦ ସିସିର ପିଜିଏମ୍-ଏଫ୍‌ଆଇ ଇଞ୍ଜିନ ଯାହା ଉତ୍କୃଷ୍ଟ ପ୍ରଦର୍ଶନ ଓ ଦକ୍ଷତା ପ୍ରଦାନ କରୁଛି। ଏହା ସହିତ ଆରାମ ଓ ସୁବିଧା ପାଇଁ ଏଥିରେ ଆଣ୍ଟି ବ୍ରେକ୍ ସିଷ୍ଟମ, ଟ୍ୟୁବ୍‌ଲେସ୍ ଟାୟାର, ରିଅର ମନୋ ସକ୍, ଅଧିକ ଗ୍ରାଉଣ୍ଡ୍ କ୍ଲିୟରାନ୍ସ, ଲମ୍ୱା ହ୍ୱିଲ୍ ବେସ୍, ଲମ୍ୱା ସିଟ୍, ସିଲ୍ ଚେନ୍ ଓ ଇଞ୍ଜିନ୍ ଷ୍ଟପ୍ ସ୍ୱିଚ୍ ଆଦି ରହିଛି। ଏହାର ପାର୍ଶ୍ୱ କଭରରେ କ୍ରୋମ୍ ଷ୍ଟ୍ରୋକ୍ ଏବଂ ଟାଙ୍କିରେ ୩ଡି ହୋଣ୍ଡା ୱିଙ୍ଗ୍ ଚିହ୍ନ ବେଶ ଆକର୍ଷଣୀୟ ଦେଖାଯାଉଛି। ଏହା ଉପରେ ୧୦ବର୍ଷର ସ୍ୱତନ୍ତ୍ର ୱାରେଣ୍ଟି (୩ ବର୍ଷ ସାଧାରଣ ସହିତ ୭ ବର୍ଷର ବର୍ଦ୍ଧିତ ୱାରେଣ୍ଟି ବିକଳ୍ପ) ପ୍ରଦାନ କରାଯାଉଛି। ଏପରିକି ପର୍ଲ ଇଗ୍ନିଅସ୍ ବ୍ଲାକ୍, ଇମ୍ପେରିଆଲ୍ ରେଡ୍ ମେଟାଲିକ୍, ମ୍ୟାଟ୍ ଆକ୍ସିସ୍ ଗ୍ରେ ମେଟାଲିକ୍ ଓ ପର୍ଲ ସାଇରନ୍ ବ୍ଲୁ ଭଳି ଚାରିଟି ରଙ୍ଗରେ ଏହା ଉପଲବ୍ଧ। ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ୧,୦୯,୮୦୦ ଟଙ୍କା ରହିଛି।

## କ୍ଲିନ୍ ଆଣ୍ଡ କ୍ଲିୟର୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୧୮।୬

କ୍ଲିନ ଆଣ୍ଡ କ୍ଲିୟରର ନୂତନ ଉତ୍ପାଦ 'ଫୋମିଙ୍ଗ ଫେସୱାଶ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଝିଅମାନେ ସମ୍ମୁଖୀନ ହେଉଥିବା ବ୍ରଣ ଏବଂ ତୈଳାକ୍ତ ତ୍ୱଚା ସମସ୍ୟାର ଏହା ସମାଧାନ କରିବ। ଏପରିକି ଏହି ଶକ୍ତିଶାଳୀ ନୂଆ ଫର୍ମୁଲେଶନ ୫୦% ପିମ୍ପଲ-ଫାଇଟିଙ୍ଗ ଉପାଦାନରେ ସମୃଦ୍ଧ ଥିବାବେଳେ ମାତ୍ର ୧ସପ୍ତାହ ମଧ୍ୟରେ ବ୍ରଣ ହ୍ରାସ କରିବା ପାଇଁ କ୍ଲିନିକାଲ ରୂପେ ପ୍ରମାଣିତ ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ କେନ୍ୟୁର ମାର୍କେଟିଙ୍ଗ ଏବଂ ବିଜନେସ ୟୁନିଟ ହେଡ ଉପାଧ୍ୟକ୍ଷ ମନୋଜ ଗଡ଼ଗୀଲ କହିଛନ୍ତି, ବର୍ଷ ବର୍ଷ ଧରି ଆମ ଉତ୍ପାଦର ଶ୍ରେଷ୍ଠତା ଏବଂ ପ୍ରଭାବଶାଳୀତା ଯୋଗୁ ସମଗ୍ର ଭାରତରେ ଲକ୍ଷ ଲକ୍ଷ ଝିଅଙ୍କ ଦ୍ୱାରା ବିଶ୍ୱାସଯୋଗ୍ୟ କ୍ଲିନ ଆଣ୍ଡ କ୍ଲିୟର ନିଜକୁ ଏକ ଅଗ୍ରଣୀ ସ୍କିନ କେୟାର ବ୍ରାଣ୍ଡ୍ ଭାବେ ପ୍ରତିଷ୍ଠା କରିଛି।

## ପେମେଣ୍ଟ ଗେଟ୍‌ୱେରେ ଅଧିକ ସଞ୍ଚୟ ସୁବିଧା

ଭୁବନେଶ୍ୱର,୧୮।୬

ଡିଜିଟାଲ ଅର୍ଥ ଦେଣନେଣ ପ୍ଲାଟଫର୍ମ ଫୋନ୍ ପେ ପକ୍ଷରୁ ଏକ ଅଭିନବ ସୁବିଧା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଫୋନ୍ ପେର ପେମେଣ୍ଟ ଗେଟୱେ କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟଗୁଡ଼ିକୁ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିବାରେ ସକ୍ଷମ କରୁଛି। ବିଶେଷ କରି ଅଧିକାଂଶ ପେମେଣ୍ଟ ଗେଟୱେଗୁଡ଼ିକ ଏକ ଷ୍ଟାଣ୍ଡାର୍ଡ ଟ୍ରାଞ୍ଜାକ୍ସନ ଫି ହିସାବରେ ୨% ଚାର୍ଜ କରୁଥିବାବେଳେ ଫୋନପେ ପେମେଣ୍ଟ ଗେଟୱେରେ ନୂତନ ବ୍ୟବସାୟୀମାନଙ୍କ ପାଇଁ ମାଗଣାରେ ଅନବୋର୍ଡ କରିବା ଲାଗି ଏକ ନୂଆ ଅଫର ରହିଛି। ଏଥିରେ କୌଣସି ଲୁକ୍କାୟିତ ଫି, ସେଟଅପ ଫି କିମ୍ୱା ବାର୍ଷିକ ମେଣ୍ଟେନାନ୍ସ ଫି ରହି ନଥାଏ।

ଏ ସମ୍ପର୍କରେ ଫ୍ଲାୱର ଔରା ଏବଂ ବ୍ୟାକିଙ୍ଗୋର ସହ-ପ୍ରତିଷ୍ଠାତା ସୁମନ ପାତ୍ର କହିଛନ୍ତି, ଇ-କମର୍ସ ବ୍ୟବସାୟ ଭାବେ ଏକ ଭରସାଯୋଗ୍ୟ ପେମେଣ୍ଟ ସହଯୋଗୀ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଏବଂ ସେମାନଙ୍କର ନୈତିକତା ଏବଂ ଅଭିଜ୍ଞତା କାରଣରୁ ଫୋନ୍‌ପେ ପେମେଣ୍ଟ ଗେଟୱେକୁ ଆମ ବିକାଶ ସହଯୋଗୀ ଭାବେ ପାଇ ଆମେ ଅତ୍ୟନ୍ତ ଆନନ୍ଦିତ। ସେହିଭଳି ନିଶ୍ଚୟ ଏଜିର ସହ-ପ୍ରତିଷ୍ଠାତା ଏବଂ ସିଇଓ ଜାର ଶେୟାର କହିଛନ୍ତି, ଆମେ ଜାର୍ ଆରମ୍ଭ କରିବା ଦିନ ଠାରୁ ଆମେ ଫୋନ ପେକୁ ଏହାର ପହଞ୍ଚ ଓ ପ୍ରତିକ୍ରିୟାଶୀଳତା ପାଇଁ ଆମର ପେମେଣ୍ଟ ପାର୍ଟନର କରିବା ପାଇଁ ସ୍ପଷ୍ଟ ଥିଲୁ। ଫୋନ ପେର ବିଶାଳ ବିତରଣ ନେଟୱର୍କ ଏହାକୁ ଆମ ପାଇଁ ଅଧିକ ସହଜ କରିଛି।

# କାରବାରରେ ପ୍ରଯୁକ୍ତିକୁ ଗୁରୁତ୍ୱ

ଭୁବନେଶ୍ୱର,୧୮।୬

ଦେଶର ପ୍ରମୁଖ ଟାଇଲ ଉତ୍ପାଦନକାରୀ ସଂସ୍ଥା ଓରିଏଣ୍ଟବେଲ ଟାଇଲ୍‌ସ ପକ୍ଷରୁ ଗ୍ରାହକଙ୍କ ପାଇଁ ସରଳ ଓ ଅତ୍ୟାଧୁନିକ ସୁବିଧାର ପ୍ରୟୋଗ ସମ୍ପର୍କରେ ଘୋଷଣା କରାଯାଇଛି। ଫଳରେ ଗ୍ରାହକମାନେ ଘରେ ବସି ସେମାନଙ୍କର ଉତ୍ପାଦ ଅର୍ଡର ସାଙ୍ଗକୁ ଚୟନ ମଧ୍ୟ କରିପାରିବେ। ଏପରିକି ଗ୍ରାହକଙ୍କ ସୁବିଧା ଓ ଦୀର୍ଘ ଦିନର ଗ୍ରାହକଚାହିଦାକୁ ଦୃଷ୍ଟିରେ ରଖି ସଂସ୍ଥା ପକ୍ଷରୁ ଟାଇଲ ସପିଂ ପ୍ରକ୍ରିୟାକୁ ସରଳ କରିବା ଲାଗି ଓରିଏଣ୍ଟବେଲ ଟାଇଲସ ଡିଜିଟାଲି ଉପକରଣର ଅତ୍ୟାଧୁନିକ ପରିସର ସହ ପରିଚାଳନା ଆରମ୍ଭ କରିଛି। କମ୍ପାନୀର ୱେବସାଇଟ (www. orientbell.com) ରେ ଉନ୍ନତ ଇ-ବାଣିଜ୍ୟ ପରି ଉତ୍ପାଦଗୁଡ଼ିକୁ ଗ୍ରାହକ ୩୦୦୦ରୁ ଅଧିକ ଏସକେୟୁ ମାଧ୍ୟମରେ ପଠାଇବାକୁ ସହାୟତା କରିବ। ବିଶେଷ କରି ଗ୍ରାହକମାନେ ସେମାନଙ୍କର ପସନ୍ଦର ଟାଇଲ ଛବିକୁ ସଂସ୍ଥା ୱେବସାଇଟରେ ଅପଲୋଡ କରି ଟାଇଲ କ୍ରୟ କରି ପାରିବେ। ଏ ସମ୍ପର୍କରେ ଓରିଏଣ୍ଟବେଲ ଟାଇଲସର ସିଏମଓ ଆଲୋକ ଅଗ୍ରୱାଲ କହିଛନ୍ତି, ଆପଣ ଓ ଆପଣଙ୍କ ପ୍ରିୟଜନ ଆରାମରେ ଏଥିରୁ ବ୍ରାଉଜ କରି ଟାଇଲକୁ ବାଛି ପାରିବେ। ଏପରିକି ରଙ୍ଗ ବା ଆକାର ଆପଣଙ୍କ କୋଠରି ଅନୁଯାୟୀ ଅର୍ଡର କରି ପାରିବେ ବୋଲି ଅଗ୍ରୱାଲ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ସେହିଭଳି କମ୍ପାନୀର ଏହି ଡିଜିଟାଲ ପଦକ୍ଷେପ ସହିତ ଓରିଏଣ୍ଟବେଲ ଟାଇଲସ ଘର ଭିତର ଓ ବାହ୍ୟ ପୃଷ୍ଠ ଭାଗରେ ଉପଯୁକ୍ତ ଡିଜାଇନ ପ୍ରଦାନ କରିଥାଏ। ଏହାର ସୁଲଭ ୩୦୦ /୪୫୦ ଏମଏମ କାନ୍ଥ ଟାଇଲଠାରୁ ଆରମ୍ଭ କରି ହାଇ ଗ୍ଲୋସ ୧୨୦୦/୧୮୦୦ ଏମଏମ ମାର୍ବଲ ଟାଇଲ ପର୍ଯ୍ୟନ୍ତ ବ୍ୟାପକ ପରିସର ଉପଲବ୍ଧ।

# ୨୦ରୁ ଜୀ-ସାର୍ଥକରେ ରଥଯାତ୍ରାର ସିଧା ପ୍ରସାରଣ

ଭୁବନେଶ୍ୱର,୧୮।୬





ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜୀ-ସାର୍ଥକରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ସିଧା ପ୍ରସାରଣ ହେବ। ଏପରିକି ଜୁନ୍ ୨୦ ସକାଳ ୬ ଘଟିକାରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ରଥଯାତ୍ରାର ସିଧା ପ୍ରସାରଣ ହେବ ବୋଲି ଚ୍ୟାନେଲ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଜୁନ୍ ୨୮ରେ ବାହୁଡ଼ା ଯାତ୍ରା। ସକାଳ ୬ ଘଟିକାରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ପ୍ରସାରିତ ହେବାକୁ ଥିବାବେଳେ ଜୁନ୍ ୨୯ରେ ସୁନାବେଶ ଏବଂ ଜୁଲାଇ ୧ରେ ନୀଳାଦ୍ରି ବିଜେର ମଧ୍ୟ ସିଧା ପ୍ରସାରଣ ହେବ। ବିଶେଷକରି ସୁନାବେଶ ଦିନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏବଂ ନୀଳାଦ୍ରି ବିଜେ ରାତି ୧୦ଟା ୩୦ରୁ ସିଧା ପ୍ରାସାରଣ ହେବ ବୋଲି ଚ୍ୟାନେଲ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ରଥଯାତ୍ରାର ସମ୍ପୂର୍ଣ୍ଣ ଧାରାବିବରଣୀ ସହିତ ଭକ୍ତିପୂର୍ଣ୍ଣ ଭଜନ ଓ ସମସ୍ତ ରୀତିନୀତିର ପ୍ରକୃତ ଅର୍ଥ ଜୀ-ସାର୍ଥକରେ ଦେଖିବାକୁ ପାଇବେ। ଏପରିକି ଚଳିତ ଥର ଅଭିନେତ୍ରୀ ନୈନା ଦାସ ଉପସ୍ଥାପିକା ଭାବେ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଓଡ଼ିଶାର ଜଣାଶୁଣା ଗାୟକ ଓ ଗାୟିକାମାନେ ଭଜନ ପରିବେଷଣ କରିବେ। ଯେଉଁମାନଙ୍କ ମଧ୍ୟରେ ମନ୍ମଥ ମିଶ୍ର, ସୁବାସ ଦାସ, ଶରତ ନାୟକ, ଦୀପ୍ତିରେଖା ପାଢ଼ୀ, ଅସୀମା ପଣ୍ଡା, ବିଷ୍ଣୁମୋହନ କବି, କୁଳଦୀପ ପଟ୍ଟନାୟକ ଓ ବସନ୍ତ ପାତ୍ର ପ୍ରମୁଖ ସାମିଲ ଅଛନ୍ତି। ସେହିପରି ପ୍ରବଚକ ମଧ୍ୟ ଅବିରତ ଧାରାବିବରଣୀ ଜାରି ରଖିବେ। ଯେଉଁମାନଙ୍କ ମଧ୍ୟରେ ଗୁରୁପ୍ରସାଦ ମହାପାତ୍ର, ସୂର୍ଯ୍ୟନାରାୟଣ ରଥଶର୍ମା, ଶାଶ୍ୱତୀ ସୌମ୍ୟା ମିଶ୍ର ଓ ପାର୍ଥସାରଥୀ ମହାନ୍ତି ପ୍ରମୁଖ ଅନ୍ତର୍ଭୁକ୍ତ ଅଛନ୍ତି। ଏ ସମ୍ପର୍କରେ ଜୀ-ସାର୍ଥକର ଚିଫ କ୍ଲଷ୍ଟର ହେଡ୍ ସମ୍ରାଟ ଘୋଷ ଏବଂ ଚ୍ୟାନେଲ ହେଡ୍ ପ୍ରତୀକ ସିଲ୍ କହିଛନ୍ତି, ଓଡ଼ିଶାର କଳା,ସଂସ୍କୃତି ଓ ପରମ୍ପରା ଆଦିକୁ ପ୍ରାଧାନ୍ୟ ଦେଇଥାଏ। ବିଶେଷ କରି ରଥଯାତ୍ରାର ସିଧା ପ୍ରସାରଣ ସହିତ ଉଚ୍ଚକୋଟୀର ଧାରା ବିବରଣୀ ଓ ଭଜନର ଆୟୋଜନ କରି ଆମେ ବେଶ୍ ଉତ୍ସାହିତ ଅଛୁ।

# ଭାରତୀ ଆକ୍ସା ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୧୮।୬

ବାଲେଶ୍ୱର ବାହାନଗାଠାରେ ଘଟିଥିବା ଦୁଃଖଦ ଟ୍ରେନ୍ ଦୁର୍ଘଟଣାରେ ପ୍ରଭାବିତ ପରିବାରଙ୍କ ବୀମା ଦାବି ଫଇସଲା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଭାରତୀ ଆକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ କରାଯାଇଛି। ସ୍ଥିତିର ଗମ୍ଭୀରତାକୁ ନଜରରେ ରଖି ପଲିସି ଦାବିର ଶୀଘ୍ର ସମାଧାନ ପାଇଁ ମୃତ୍ୟୁକାଳୀନ ଓ ଦିବ୍ୟାଙ୍ଗ ଦାବିର ଫଇସଲା ପ୍ରକ୍ରିୟାକୁ ସହଜ କରାଯାଇଛି। ଭାରତୀ ଆକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଏକ ସରଳୀକୃତ ଦାବି ପ୍ରକ୍ରିୟା ଲାଗୁ କରାଯାଇଛି, ଯେଉଁଥିପାଇଁ ସର୍ବନିମ୍ନ କାଗଜପତ୍ର ଆବଶ୍ୟକ। ଦାବି ପ୍ରକ୍ରିୟାକରଣ ପାଇଁ ଭାରତୀ ଆକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସକୁ ପଲିସିଧାରକ କିମ୍ବା ନୋମିନି, ଆଇନଗତ ଉତ୍ତରାଧିକାରୀ ପ୍ରଦାନ କରିବାକୁ ଥିବା କାଗଜପତ୍ର ବିଷୟରେ ୱେବସାଇଟରେ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଭାରତୀ ଆକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସର ଗ୍ରାହକ ଅଧିକାରୀ ମୁଖ୍ୟ ଓ ମାର୍କେଟିଂ, ଡିଜିଟାଲ୍ ଓ ଅନଲାଇନ୍ ବିକ୍ରି ମୁଖ୍ୟ ନୀତିନ ମେହ୍‌ତା କହିଛନ୍ତି, ଏହି କଠିନ ସମୟରେ ବାଲେଶ୍ୱର ଦୁଃଖଦ ଟ୍ରେନ୍ ଦୁର୍ଘଟଣାରେ ପୀଡ଼ିତ ଲୋକମାନଙ୍କ ପ୍ରଭାବିତ ପରିବାର ପ୍ରତି ଅମେ ଗଭୀର ସମବେଦନା ଜଣାଉଛୁ। ଟ୍ରେନ୍ ଦୁର୍ଘଟଣାର ପୀଡ଼ିତମାନେ ସାମ୍ନା କରୁଥିବା ଚାପକୁ ସହଜ କରିବା ଦିଗରେ ଆମର ନିଷ୍ଠାପର ଉଦ୍ୟମ ସ୍ୱରୂପ ଆମେ ଦାବି ଫଇସଲା ପ୍ରକ୍ରିୟାର ସରଳୀକରଣ କରିଛୁ ଓ ଆଶା କରୁଛୁ ଯେ ଏହି ସହଜ ପଦ୍ଧତି ଲୋକଙ୍କୁ କିଛିଟା ଆରାମ ଓ ସହାୟତା ପ୍ରଦାନ କରିବ। ଭାରତୀ ଆକ୍ସା ଲାଇଫ୍‌ରେ ପ୍ରଭାବିତ ଗ୍ରାହକମାନଙ୍କୁ ଶ୍ରେଷ୍ଠ ଆର୍ଥିକ ରିଲିଫ୍ ପ୍ରଦାନ କରିବା ଦିଗରେ ଆମେ ନିରନ୍ତର ଭାବେ କାର୍ଯ୍ୟ କରୁଛୁ ।

## ଫୁରସତ୍

# ବାୟୁସେନାରେ ୨ କୃଷକ ପରିବାରର ଝିଅ

ହରିୟାଣା



ପୁଅଙ୍କଠାରୁ ଝିଅ ଅଧିକ ସଫଳତା ହାସଲ କରିସାରିଲେଣି। ପାଣିରୁ ଆରମ୍ଭ କରି ସିଆଚିନ୍ ଗ୍ଲାସିୟରରେ ମଧ୍ୟ ପହଞ୍ଚିଲେଣି। ସାଧାରଣ ଦୁଇ କୃଷକ ଘରର ଏହି ୨ ଝିଅ ଶନିବାର ଭାରତୀୟ ବାୟୁସେନାରେ ଫ୍ଲାଇଂ ଅଫିସର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଫ୍ଲାଇଂ ଅଫିସର ଇଭ୍‌ରାଜ କୌର ହେଲିକପ୍ଟର ପାଇଲଟ୍ ଭାବେ ଯୋଗଦେଇଥିବାବେଳେ ପ୍ରଭସିମ୍‌ରନ୍ କୌର ଭାରତୀୟ ବାୟୁସେନାର ଶିକ୍ଷା ଶାଖାରେ ଯୋଗଦେଇଛନ୍ତି। ହାଇଦ୍ରାବାଦ୍‌ର ଦୁଣ୍ଡିଗାଲରେ ଥିବା ବାୟୁସେନା ଏକାଡେମୀର ଅଧିକାରୀ ଭାବେ ଉଭୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ବାୟୁସେନା ଏକାଡେମୀର ପରେଡ୍‌କୁ ଅନୁଧ୍ୟାନ କରିଥିଲେ। ଉଭୟ ଏକାଠି ମୋହାଲିର ମାଇ ଭାଗୋ ସଶସ୍ତ୍ର ବାହିନୀ ପ୍ରସ୍ତୁତି ପ୍ରତିଷ୍ଠାନରେ ତାଲିମ ନେଉଥିଲେ, ଯାହା ସାରା ଦେଶରେ ମହିଳାଙ୍କୁ ସଶସ୍ତ୍ର ବାହିନୀ ତାଲିମ ଏକାଡେମୀରେ ପ୍ରବେଶ ପାଇଁ ପ୍ରସ୍ତୁତ କରିଥାଏ। ଫ୍ଲାଇଂ ଅଫିସର ଇଭ୍‌ରାଜ ପଞ୍ଜାବ ରୋପର ଜିଲାର ହୁସାଇନ୍‌ପୁରର କୃଷକ ଯଶପ୍ରୀତ ସିଂଙ୍କ ଝିଅ ଏବଂ ତାଙ୍କ ମା' ଜଣେ ଗୃହିଣୀ। ସେହିପରି ପ୍ରଭସିମ୍‌ରନ୍ ପଞ୍ଜାବ ଗୁରୁଦାସପୁର ଜିଲାର ଗହ୍ଲାରି ଗାଁର କୃଷକ ପରମଜିତ୍ ସିଂଙ୍କ ଝିଅ ଏବଂ ତାଙ୍କ ମା' ମଧ୍ୟ ଜଣେ ଗୃହିଣୀ। ମାଇ ଭାଗୋ ସଶସ୍ତ୍ର ବାହିନୀ ପ୍ରସ୍ତୁତି ପ୍ରତିଷ୍ଠାନ କର୍ତ୍ତୃପକ୍ଷ କହିଛନ୍ତି, ଇଭ୍‌ରାଜ ଏବଂ ପ୍ରଭସିମ୍‌ରନ୍‌ଙ୍କ ସଫଳତା ଫଳରେ ପଞ୍ଜାବର ଛୋଟ ଗାଁ ଓ ସହରର ଅନେକ ପିଲାଙ୍କୁ କମିଶନ ଅଫିସର ଭାବେ ଦେଶ ସେବା କରିବାକୁ ସୁଯୋଗ ଅନ୍ୱେଷଣ କରିବ। ପଞ୍ଜାବର ନିଯୁକ୍ତି, ଦକ୍ଷତା, ବିକାଶ ଓ ପ୍ରଶିକ୍ଷଣ ମନ୍ତ୍ରୀ ଅମର ଅରୋରା ଦୁଇ ନୂତନ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ମାଇ ଭାଗୋ ସଶସ୍ତ୍ର ବାହିନୀ ପ୍ରସ୍ତୁତି ପ୍ରତିଷ୍ଠାନ ପଞ୍ଜାବର ଝିଅଙ୍କୁ ନିଯୁକ୍ତି ଦେବା ପାଇଁ ନିଯୁକ୍ତି, ଦକ୍ଷତା, ବିକାଶ ଓ ପ୍ରଶିକ୍ଷଣ ବିଭାଗ ଅନ୍ତର୍ଗତ ଏହି ପ୍ରତିଷ୍ଠାନ ପଞ୍ଜାବ ସରକାରଙ୍କ ନିଆରା ପଦକ୍ଷେପ। ଏହି ପ୍ରତିଷ୍ଠାନ ଝିଅଙ୍କ ପାଇଁ ସବୁଠୁ ଭଲ ତାଲିମ କେନ୍ଦ୍ର।

# ଆଲିଆଙ୍କ ପ୍ରଥମ ହଲିଉଡ୍ ମୁଭି



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ନିଜ ଅଭିନୟ ଜରିଆରେ ଦର୍ଶକଙ୍କ ମନ ମୋହି ସାରିଛନ୍ତି। ଗତ ୨୦୨୨ରେ ଫିଲ୍ମ 'ଗଙ୍ଗୁବାଇ କାଠିଆୱାଡି'ରେ ଅଭିନୟ ପରେ ତାଙ୍କୁ ଏବେ ବହୁତ ବଡ଼ ବଡ଼ ଅଫର ମିଳୁଛି। ତେବେ ବଲିଉଡ୍ ପରେ ପ୍ରଥମ ଥର ପାଇଁ ଆଲିଆଙ୍କୁ ହଲିଉଡ୍‌ରେ ଦେଖିବାକୁ ମିଳିବ। ନିକଟରେ ତାଙ୍କ ଚଳଚ୍ଚିତ୍ର 'ହାର୍ଟ ଅଫ୍ ଷ୍ଟୋନ୍'ର ଟ୍ରେଲର ରିଲିଜ୍ ହୋଇଛି। ଏଥିରେ ସେ ପ୍ରଥମଥର ପାଇଁ ଭିଲେନ ଚରିତ୍ରରେ ନଜର ଆସିବାକୁ ଯାଉଛନ୍ତି। ମୁଭିରେ ହଲିଉଡ୍ ଅଭିନେତା ଗଲ ଗଡୋଟ ଓ ଜେମି ଡୋର୍ନନ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଆଲିଆ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଫିଲ୍ମର ଟ୍ରେଲର ଶେୟାର କରିଛନ୍ତି, ଯେଉଁଥିରେ ସେ କିଛି ସିନ୍‌ରେ ନଜର ଆସୁଛନ୍ତି। ଚଳଚ୍ଚିତ୍ରଟି ଆସନ୍ତା ଅଗଷ୍ଟ ୧୧ରେ ରିଲିଜ୍ ହେବାକୁ ଯାଉଛି, ଯାହାକୁ ଦର୍ଶକ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ଟମ୍ ହର୍‌ପେରଙ୍କ ନିର୍ଦ୍ଦେଶିତ ଏହି ମୁଭିରେ ପଉଲ୍ ରେଡ୍ଡୀ, ଜିଙ୍ଗ ଲୁସି ପ୍ରମୁଖ ନଜର ଆସିବେ। ତେବେ ସେ ୧୯୯୯ରେ ବଲିଉଡ୍‌ରେ ଡେବ୍ୟୁ କରିଥିବାବେଳେ ଶେଷଥର ପାଇଁ ଫିଲ୍ମ 'ବ୍ରହ୍ମାସ୍ତ୍ର'ରେ ନଜର ଆସିଥିଲେ। ଏଥିସହ ସେ କିଛିଟା ମ୍ୟୁଜିକ୍ ଭିଡିଓରେ ମଧ୍ୟ କାମ କରିଛନ୍ତି।

# ନାତି ବାହାଘରରେ ନାଚିଲେ ଧର୍ମେନ୍ଦ୍ର



**ମୁମ୍ବାଇ:** ବଲିଉଡ୍ ଅଭିନେତା ସନ୍ନି ଦେଓଲଙ୍କ ପୁଅ ତଥା ଅଭିନେତା କରନ ଦେଓଲ ରବିବାର ଜଣାଶୁଣା ଫିଲ୍ମ ନିର୍ମାତା ବିମଲ ରୟଙ୍କ ଅଣନାତୁଣୀ ଦ୍ରିଶା ଆଚାର୍ଯ୍ୟଙ୍କୁ ବିବାହ କରିଛନ୍ତି। ବିବାହ ମୁମ୍ବାଇର ତାଜ୍ ଲ୍ୟାଣ୍ଡ୍‌ସ ଆଣ୍ଡ ହୋଟେଲରେ ହୋଇଛି। ଦୁହେଁ ଆର୍ଯ୍ୟ ସମାଜର ରୀତିନୀତି ଅନୁଯାୟୀ ଅଗ୍ନିକୁ ସାକ୍ଷୀ ରଖି ୭ ଘେରା ବୁଲିଥିଲେ। ଏଥିରେ ପୂରା ଦେଓଲ ପରିବାର ଅଂଶଗ୍ରହଣ କରିଥିଲେ। ଧର୍ମେନ୍ଦ୍ରଙ୍କ ନାତି କରନଙ୍କ ବିବାହ ବରଯାତ୍ରୀରେ ପରିବାର ସହ ସେ ନାଚୁଥିବା ଦେଖିବାକୁ ମିଳିଥିଲା। ଗତ ଶୁକ୍ରବାର ସଙ୍ଗୀତ ସମାରୋହ ହୋଇଥିଲା। ଏଥିରେ ଅଭିନେତା ରଣବୀର ସିଂ ଯୋଗଦେଇ ବରକନ୍ୟାଙ୍କ ସହ ମିଶି ନାଚିଥିଲେ। ଏକ ସାକ୍ଷାତ୍‌କାରରେ ଧର୍ମେନ୍ଦ୍ର କହିଛନ୍ତି, କରନ ରାଜି ଥିବାରୁ ସେ ଦ୍ରିଶା ଘରେ ଦେଖାକରି ବିବାହ ପାଇଁ ସମ୍ମତି ଜଣାଇଥିଲେ। ଦ୍ରିଶାଙ୍କୁ ଦେଓଲ ପରିବାର ସ୍ୱାଗତ କରୁଥିବା ସେ କହିଛନ୍ତି। ତେବେ ୨୦୧୯ରେ କରନ 'ପଲ୍ ପଲ୍ ଦିଲ୍ କେ ପାସ୍' ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ପରେ ସେ ୨୦୨୧ରେ ମୁଭି 'ଭିଲ୍ଲେ'ରେ ମଧ୍ୟ କାମ କରିଥିଲେ। ଅନ୍ୟପକ୍ଷେ ଦ୍ରିଶା ତାଙ୍କ ମା' ଚିମୁ ଆଚାର୍ଯ୍ୟଙ୍କ ଏକ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ କମ୍ପାନୀରେ ନ୍ୟାଶନାଲ ପ୍ରୋଗ୍ରାମ ମ୍ୟାନେଜର ଅଛନ୍ତି।

# ପିଜ୍ଜା ଖାଅ, ଟଙ୍କା ନିଅ



ମାଡିଶନ

ସମସ୍ତେ ଆରାମଦାୟକ ଚାକିରି କରିବାକୁ ପସନ୍ଦ କରିଥାନ୍ତି, ଯେଉଁଠାରେ କାମ କମ୍ କିନ୍ତୁ ଦରମା ଅଧିକ ମିଳୁଥିବ। ନିକଟରେ ଏପରି ଏକ ଚାକିରି ବାହାରିଛି, ଯେଉଁଠାରେ କାମ ନୁହେଁ, କେବଳ ଟଙ୍କା ହିଁ ଟଙ୍କା ମିଳିବ। ସେଠାରେ କାମ ନାମରେ ଖାଇବାକୁ ପଡ଼ିବ ଲୋକଙ୍କ ଅଧିକ ପସନ୍ଦର ପିଜ୍ଜା। ରିପୋର୍ଟ ମୁତାବକ, ୟୁନିଭର୍ସିଟି ଅଫ୍ ୱିସକନ୍‌ସିନ୍- ମାଡିଶନ ସେଣ୍ଟର ଫର୍ ଡାଏରୀ ରିସର୍ଚ୍ଚ ଏପରି ଜଣଙ୍କୁ ଖୋଜୁଛି, ଯିଏକି ଭଲ ସ୍ୱାଦ ବାରି ପାରୁଥିବ। ତାଙ୍କୁ କେବଳ ଖାଦ୍ୟ ଖାଇ ତା' ସ୍ୱାଦ ବାବଦରେ କହିବାକୁ ପଡ଼ିବ। ଏହି ଡେସ୍କ୍ରିପ୍‌ଟିଭ୍ ସେନ୍ସୋରି ପେନାଲିଷ୍ଟ ପଦବୀରେ ବହୁତ ଭଲ ଟଙ୍କା ମିଳିବ। ସ୍ୱାଦ ଚାଖିବା ଛଡ଼ା ସେଠାରେ ହେଉଥିବା ସମସ୍ତ ପେନାଲ ଡିସ୍‌କଶନ୍, ଟ୍ରେନିଂ ସେସନ ଏବଂ ଅନ୍ୟ ପ୍ରୋଗ୍ରାମରେ ମଧ୍ୟ ଅଂଶଗ୍ରହଣ କରିବାକୁ ହେବ। ଏହି ଡାଏରୀ ଅନୁସନ୍ଧାନ କେନ୍ଦ୍ର ସବୁପ୍ରକାର ଖାଦ୍ୟପଦାର୍ଥ ଖାସ୍‌କରି ପନିର୍, ପିଜ୍ଜା ଓ ଅନ୍ୟ ଡାଏରୀ ପଦାର୍ଥ ପ୍ରତି ରୁଚି ରଖୁଥିବା ବ୍ୟକ୍ତିଙ୍କୁ ଖୋଜୁଛି। ଏପରି ଚାକିରି କେବଳ ସେମାନଙ୍କ ପାଇଁ, ଯେଉଁମାନେ ଖାଦ୍ୟ ଖାଇବାକୁ ଆଗ୍ରହୀ ହେବା ସହ ଖାଦ୍ୟର ଉତ୍ତମ ସ୍ୱାଦ ବାରି କହିପାରୁଥିବେ। ପେନାଲ ଡିସ୍‌କଶନ୍‌ରେ ମଧ୍ୟ ସେ ଖାଦ୍ୟର ସବିଶେଷ ତଥ୍ୟ ରଖିପାରୁଥିବେ। ଥରେ ଏହି ଚାକିରି କଲେ, ତାଙ୍କୁ ଅନ୍ୟ ସକ୍ଷମ ବିଶେଷଜ୍ଞଙ୍କ ସହ ପ୍ରଶିକ୍ଷଣ ମଧ୍ୟ ଦିଆଯିବ। ଏଥିରେ ଅନ୍ୟ ଖାଦ୍ୟପଦାର୍ଥ ସହ ଗୋଟେ ସପ୍ତାହରେ ୨୪ଟି ପନିର, ୧୨ ପିଜ୍ଜା ଚାଖିବାକୁ ପଡ଼ିବ। ୟୁନିଭର୍ସିଟି ମୁତାବକ, ଗୋଟିଏ ସିଜନରେ ୩ ଘଣ୍ଟା ସମୟ ରହିବ। ପ୍ରତି ସପ୍ତାହରେ ହେବାକୁ ଥିବା ୩ ସିଜନରେ ପେନାଲିଷ୍ଟଙ୍କୁ ନିଶ୍ଚିତ ରହିବାକୁ ପଡ଼ିବ। ପ୍ରତି ଘଣ୍ଟା ପାଇଁ ୧୫ ଡଲାର ଅର୍ଥାତ୍ ୧,୨୨୮ ଟଙ୍କା ଏବଂ ପ୍ରତି ସିଜନରେ ୪୫ ଡଲାର ଅର୍ଥାତ୍ ୩,୬୮୬ ଟଙ୍କା ମିଳିବ।

## ସଂକ୍ଷେପରେ

### ପରକୀୟା ପ୍ରୀତି ହେଲା କାଳ, ହାବିଲଦାର ନିଲମ୍ବିତ

ବଲାଙ୍ଗୀର, ୧୮।୬ (ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ସହରରେ ଶୁକ୍ରବାର ରାତିରେ ଜଣେ ପୋଲିସ ହାବିଲଦାରଙ୍କ ପରକୀୟା ପ୍ରୀତିକୁ ଖୋଦ୍ ତାଙ୍କ ସ୍ତ୍ରୀ ଧରିଥିଲେ। ପ୍ରେମିକାଙ୍କ ଘରେ ଥିବାବେଳେ ହାବିଲଦାରଙ୍କ ସ୍ତ୍ରୀ ସେଠାରେ ଅଚାନକ ପହଞ୍ଚି ସ୍ୱାମୀଙ୍କ ସହ ତାଙ୍କ ପ୍ରେମିକାଙ୍କ ପର୍ଦ୍ଦାଫାଶ କରିଥିଲେ। ଏହି ଘଟଣାରେ ଏସ୍‌ପି ସମ୍ପୃକ୍ତ ହାବିଲଦାରଙ୍କୁ ନିଲମ୍ବିତ କରିଛନ୍ତି। ରିଜର୍ଭ ପୋଲିସ ହାବିଲଦାରଙ୍କ ସ୍ତ୍ରୀ ବଲାଙ୍ଗୀର ହାତୀଶାଳପଡାର ଏକ ସରକାରୀ କ୍ୱାର୍ଟର୍ସକୁ ଯାଇ ଶୁକ୍ରବାର ବିଳମ୍ବିତ ରାତିରେ ପାଟିତୁଣ୍ଡ କରିଥିଲେ। ପାଟିଶୁଣି ପାଖ ପଡୋଶୀ ଉଠିପଡିଥିଲେ। ଏହାପରେ ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସେଠାରେ ଥିବା ଏକ ଘରୁ ହାବିଲଦାର ବାବୁ ଥିବା ଦେଖାଯାଇଥିଲା। ରିଜର୍ଭ ପୋଲିସରେ କାର୍ଯ୍ୟରତ ହାବିଲଦାର ଜଣକ ଗତ ପ୍ରାୟ ୭ ବର୍ଷ ତଳେ ବଙ୍ଗୋମୁଣ୍ଡା ଅଞ୍ଚଳରେ ବିବାହ କରିଥିଲେ। ତାଙ୍କର ସ୍ତ୍ରୀ ଓ ଏକ ଶିଶୁପୁତ୍ର ଅଛନ୍ତି। ହେଲେ ସେ ବଲାଙ୍ଗୀର ସହରରେ ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କରେ ରହିଥିବା ନେଇ ତାଙ୍କ ସ୍ତ୍ରୀ ଜାଣିବାକୁ ପାଇଥିଲେ। ପ୍ରେମିକାଙ୍କ ସହ ସ୍ୱାମୀଙ୍କୁ କାବୁ କରିବାକୁ ଯାଇ ସ୍ତ୍ରୀ ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି। ତେବେ ସ୍ୱାମୀଙ୍କ ନାଁରେ ଥାନାରେ ଲିଖିତ ଅଭିଯୋଗ କରିନଥିଲେ। ଏହାସତ୍ତ୍ୱେ ଘଟଣାଟି ସର୍ବତ୍ର ପ୍ରଚାରିତ ହୋଇଥିଲା। ଏହି ଘଟଣା ପାଇଁ ପୋଲିସ ହାବିଲଦାର ବାବୁ ଜଣକ ନିଲମ୍ବିତ ହେବା ପରେ ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି।

### ବର୍ଷୀୟାନ କଳାକାର ଈଶ୍ୱର ପଣ୍ଡାଙ୍କ ପରଲୋକ

ଖପ୍ରାଖୋଲ,୧୮।୬ (ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲା ଗ୍ରାମର ବରିଷ୍ଠ



କଳାକାର ଈଶ୍ୱର ଚନ୍ଦ୍ର ପଣ୍ଡାଙ୍କର ରବିବାର ସକାଳେ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୯ ବର୍ଷ ହୋଇଥିଲା। ସ୍ୱର୍ଗତ ପଣ୍ଡା ୧୯୩୮ ମସିହାରେ ବଲାଙ୍ଗୀର ସଂସ୍କୃତ ଟୋଲରେ ସଂସ୍କୃତ ମଧମା ପର୍ଯ୍ୟନ୍ତ ପଢିବା ପରେ କିଛି କାଳ ଶିକ୍ଷକତା କରିଥିଲେ। ଭାନପୁର ପଞ୍ଚାୟତ ଅଫିସରେ କିଛି ଦିନ ସେ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ଜଣେ ସୌଖିନ ଦାସ କାଠିଆ କଳାକାରଭାବେ ରାଜ୍ୟସ୍ତରୀୟ ବହୁ ସମ୍ମାନ ପ୍ରାପ୍ତ ହୋଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ସକ୍ରିୟ ରାଜନୀତିରେ ଯୋଗଦେଇଥିଲେ। ସେହିପରି କବିରାଜ ଭାବେ ଅଶି ଦଶକରୁ ନବେ ଦଶକ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରି ବେଶ୍ ଲୋକ ପ୍ରିୟତା ଅର୍ଜନ କରିଥିଲେ। ସେ ଜଣେ ପୁରାଣ ଗାୟକ ଓ ପ୍ରବଚକ ଭାବେ ମଧ ପ୍ରସିଦ୍ଧି ଲାଭ କରିଥିଲେ। ମୃତ୍ୟୁ ସମୟରେ ବଡପୁଅ ଅଶୋକ ପଣ୍ଡା, ମଝିଆ ପୁଅ ଡ଼. ଅକ୍ଷୟ କୁମାର ପଣ୍ଡା, ସାନପୁଅ ଅଶ୍ୱିନୀ କୁମାର ପଣ୍ଡା, ପୁତ୍ରବଧୂ, ନାତି ନାତୁଣୀ ଓ ଆତ୍ମୀୟ ସଜନ ଉପସ୍ଥିତ ଥିଲେ।

# ଜଳସେଚନ ନାହିଁ ତ, ଭୋଟ ନାହିଁ

## ଲୋୟର ସୁକତେଲ ଜଳ ସେଚନ ପ୍ରକଳ୍ପ

ଲୋଇସିଂହା, ୧୮।୬( ସୁଶାନ୍ତ ବାରିକ )

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଲୋୟର ସୁକତେଲ ପ୍ରକଳ୍ପ ଜଳସେଚନରୁ ବାଦ୍ ପଡିଛି। ବ୍ଲକର ଝରଣୀପାଲି, ନୁନିଆଁପାଲି, ବଡଟିକା, ନଅଗାଁ(ଖ) ଓ ବେନ୍ଦ୍ରା ପଞ୍ଚାୟତବାସୀ ଜଳସେଚନ ଦାବିରେ ଏକ କମିଟି ଗଠନ କରି ଚାଷୀ ସଚେତନତା ସଭା ଓ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ରବିବାର ନୁନିଆପାଲି ପଞ୍ଚାୟତରେ ଦସ୍ତଖତ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ୧୬ଜଣିଆ କମିଟି ବେନ୍ଦ୍ରା ପଞ୍ଚାୟତର ଗସ୍ତ କରି ବେନ୍ଦ୍ରା ରଘୁନାଥ ମଠ ଏବଂ ରାମପୁର ଗ୍ରାମ୍ୟ ବସ୍ତିରେ ବୈଠକ କରିଥିଲେ। ବୈଠକରେ ବ୍ଲକ କୃଷକ ସଂଘ ସଭାପତି ରତ୍ନାକର ମିଶ୍ରଙ୍କ ସମେତ ବହୁ ଚାଷୀ ସାମିଲ



ବେନ୍ଦ୍ରା ରଘୁନାଥ ମଠରେ ଆନୁଷ୍ଠିତ ଦସ୍ତଖତ ଅଭିଯାନ ଓ ବୈଠକରେ ଉପସ୍ଥିତ ଚାଷୀ।

ହୋଇଥିଲେ। ପୂର୍ବରୁ ଜଳସେଚନ ପାଇଁ ସମ୍ପୃକ୍ତ ଅଞ୍ଚଳରେ ସର୍ଭେ ସତ୍ତ୍ୱେ ଜଳସେଚନରୁ ବାଦ ଦେବା ଘଟଣାକୁ ନେଇ ଚାଷୀମାନେ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ । ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପରୁ ପାଣି ନାହିଁ ତ ୨୦୨୪ରେ ଭୋଟ ବର୍ଜନ କରିବାକୁ ବୈଠକରେ ନିଷ୍ପତ୍ତି ନେଇଥିବା କମିଟି ମୁଖ୍ୟ କ୍ଷମା ଦଳପତି ସୂଚନା ଦେଇଛନ୍ତି।

ଲୋଇସିଂହା ବ୍ଲକ ସୀମାନ୍ତକୁ ଲାଗି ଆଗଲପୁର ବ୍ଲକର ସମ୍ପୃକ୍ତ ପଞ୍ଚାୟତ ରହିଛି। ଏବେ ଲୋୟର ସୁକତେଲ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଏଥିପାଇଁ ଲୋଇସିଂହା ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଗ୍ରାମସଭା ସରି ଯାଇଥିବା ଉକ୍ତ ପଞ୍ଚାୟତବାସୀ ଜାଣିବାକୁ ପାଇଥିଲେ। ଏହାପରେ ସମ୍ପୃକ୍ତ ପଞ୍ଚାୟତର ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜୁନ ୧୫ରେ ବଡଟିକାରେ ସମ୍ପୃକ୍ତ ପଞ୍ଚାୟତର ଚାଷୀଙ୍କୁ ନେଇ ବୈଠକ ଆହୂତ ହୋଇଥିଲା । ୧୬ ଜଣିଆ କମିଟି ଗଠନ କରି ଜଳସେଚନ ଦାବିରେ ଜିଲା ପ୍ରଶାସନ, ୫ଟି ସଚିବ, ଜଳ ସମ୍ପଦ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କ ନିକଟରେ ଫେରାଦ ହେବା ପାଇଁ ଦସ୍ତଖତ ଅଭିଯାନ ଓ ଚାଷୀ ସଚେତନା ସଭା କରିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଥିଲା।

# ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ମେଗା ରକ୍ତଦାନ ଶିବିର




ଶିବିରରେ ଜଣେ ବ୍ୟକ୍ତି ରକ୍ତଦାନ କରୁଥିବା ବେଳେ ନିକଟରେ ଉପସ୍ଥିତ ଅତିଥି।

## ୨୦୫ ୟୁନିଟ ରକ୍ତ ସଂଗ୍ରହ

କୋକସରା,୧୮।୬ (ଦୁଷ୍ମନ୍ତ କୁମାର ପାଇଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ମାରୱାଡି ଯୁବାମଞ୍ଚ ପକ୍ଷରୁ ରବିବାର ମେଗା ରକ୍ତଦାନ ଶିବିର ଲଡୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼. ଗିରିଶ ଚନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସ, ଲଡୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରଜତ ସୌମ୍ୟ ଅନୁରାଗ ଯୋଗଦେଇ ରକ୍ତଦାନ ଶିବିର ଉଦଘାଟନ କରିଥିଲେ। ମାରୱାଡି ଯୁବାମଞ୍ଚର ଏହିଭଳି ରକ୍ତଦାନ ଶିବିର ଜିଲାର ବିଭିନ୍ନ ଡାକ୍ତରଖାନାରେ ଜରୁରୀ ସମୟରେ ରକ୍ତର ଅଭାବ ଦୂର ହେବ ବୋଲି ଅତିଥିମାନେ କହିଛନ୍ତି। ଲଡୁଗାଁ ମାରୱାଡି ଯୁବାମଞ୍ଚ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କ ପ୍ରମୁଖ ଭୂମିକା ରହିଥିବା ବେଳେ ବ୍ଲକର ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଯୁବକ ସଙ୍ଗଠନ ପକ୍ଷରୁ ରକ୍ତଦାନ କରାଯାଇଛ । ମାରୱାଡି ଯୁବାମଞ୍ଚ ପକ୍ଷରୁ ସଭାପତି ପଙ୍କଜ ଅଗ୍ରୱାଲ, ସମ୍ପାଦକ ରୋନକ ଅଗ୍ରୱାଲ, ସଂଯୋଜକ ଅଙ୍କିତ ଅଗ୍ରୱାଲ, ସହ ସଂଯୋଜକ ବିକାଶ ଅଗ୍ରୱାଲ, ରାଜ୍ୟ ସଂଯୋଜକ ଗଣେଶ ଅଗ୍ରୱାଲ, ଶ୍ରୀକାନ୍ତ ଶର୍ମା, ପ୍ରିନ୍ସ ଅଗ୍ରୱାଲ, ଗୌତମ ଅଗ୍ରୱାଲ, ଅଙ୍କୁଶ ଅଗ୍ରୱାଲ, ପିଙ୍କୁ ଅଗ୍ରୱାଲ, ଅଜୟ ତାୟଲ, ବି ବେକ ତାୟଲ, ମହେନ୍ଦ୍ର ଗୋୟଲ, ଶୁଭମ ଅଗ୍ରୱାଲ, ଅଭୟ ତାୟଲ, ବିକ୍ରମ ଗୋୟଲ, ନାନକ ଅଗ୍ରୱାଲ ପ୍ରମୁଖ ରକ୍ତଦାନ ଶିବିର ଆୟୋଜନ ନେତୃତ୍ୱ ନେଇଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୨୦୫ରୁ ଊର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ଧର୍ମଗଡ ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ଆଶା କର୍ମୀ ଓ ଡାକ୍ତରଖାନାର କର୍ମଚାରୀମାନେ ସହଯୋଗ କରିଥିଲେ।

# ଖରିଆର ରୋଡଠାରେ ବିଜେଡିର କର୍ମୀ ସମ୍ମିଳନୀ

ନୂଆପଡ଼ା,୧୮।୬ (ମକାରୁ ବେମାଲ)

ନୂଆପଡା ଜିଲା ଖରିଆର ରୋଡ କେଜିଏନ ସରିୟାଠାରେ ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳି ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଶାସକ ଦଳ ପକ୍ଷରୁ ବିଭିନ୍ନ ଜିଲା ପାଇଁ ନୂତନ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛ। ଏହି କ୍ରମରେ ଅତାବିରା ବିଧାୟିକା ସ୍ନେହାଗିନୀ ଛୁରିଆଙ୍କୁ ନୂଆପଡା ଦାୟିତ୍ୱ ଦିଆଯାଇଛି। ସେ ନୂତବ ଭାବେ ଦାୟିତ୍ୱ ପାଇବା ପରେ ନୂଆପଡା ଜିଲାଗସ୍ତ କରି ଶନିବାର ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳିର ଖଡିଆଳ ଓ ବୋଡେନ ବ୍ଲକ ପାତଳଗଙ୍ଗାଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଯୋଗଦେଇ ରବିବାର ଖରିଆର ରୋଡ କେଜିଏନ ସରିୟାଠାରେ ଆୟୋଜିତ



ଜିଲା ପର୍ଯ୍ୟବେକ୍ଷକ ସ୍ନେହାଗିନୀ ଛୁରିଆ ଉଦ୍‌ବୋଧନ ଦେଉଛନ୍ତି।

କର୍ମୀ ସମ୍ମିଳନୀରେ ଯୋଗ ଦେଇଛନ୍ତି। ସମ୍ମିଳନୀରେ ପର୍ଯ୍ୟବେକ୍ଷକ ଛୁରିଆଙ୍କ ସମେତ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ବିଜେଡି ଜିଲା ସଭାପତି ମନୋଜ କୁମାର ମିଶ୍ର, ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ, ରାଜ୍ୟ ସହ ସମ୍ପାଦକ ଅବନୀ ରଞ୍ଜନ ଯୋଶୀ, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା, ରାଜ୍ୟ ମହିଳା ସମ୍ପାଦିକା ଯଶୋବନ୍ତି ମେହେର, ଜିଲା ପରିଷଦ ମୁରଲିଧର ଭୋଇ, ଦିଲୀପ ନିର୍ମଲକର, ଜୟ ଢୋଲକିଆ, ସନ୍ତୋଷ ସୁପକାର ସଙ୍ଗିତା ପାରଖ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ ଓ ରାଜେଶ ନିଗମଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପର୍ଯ୍ୟବେକ୍ଷକ ଛୁରିଆ ବିଜୁ ଜନତା ଦଳ ଆଉ ଏକ ଦଳ ହୋଇ ରହିବ ନାହିଁ। ଯାହାର ଏକ ମାତ୍ର ଲକ୍ଷ୍ୟ ଓଡିଶାର ଜନତାଙ୍କ ବିକାଶ। ଦଳର ପ୍ରତ୍ୟେକ କର୍ମୀଙ୍କ ଖବର ଜିଲା ସଭାପତି ପାଖରେ ରହିଛି। ତେଣୁ ସମସ୍ତେ ମିଳିମିଶି ଓଡିଶାର ବିକାଶ ପଥରେ ଭାଗିଦାରି ହେବା ବୋଲି କହିଥିଲେ। ଖରିଆର ରୋଡ ନଗର ସଭାପତି ଶେଖର ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

# ଉନ୍ନୟନ ବିରୋଧୀଙ୍କୁ ବରଦାସ୍ତ କରାଯିବନି



ବୈଠକରେ ଉପସ୍ଥିତ ସରପଞ୍ଚମାନେ।

## ବ୍ଲକସ୍ତରୀୟ ସରପଞ୍ଚ ସଂଘ ବୈଠକ

ଖପ୍ରାଖୋଲ, ୧୮।୬ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକସ୍ତରୀୟ ସରପଞ୍ଚ ସଂଘର ବୈଠକ ରବିବାର ଘୁନୁସର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୀମାଞ୍ଚଳ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବିଡ଼ିଓ ବିଜୟ କୁମାର ହୋତା ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଉପସଭାପତି ବୈଦ୍ୟନାଥ ମିଶ୍ର, ସମ୍ପାଦିକା ସୁମତି ପଧାନ, କୋଷାଧ୍ୟକ୍ଷ ଦେବାଶିଷ ସାହୁ ଯୋଗ ଦେଇଥିଲେ। ବୈଠକରେ ସରକାରୀ ଯୋଜନାର ସଫଳ ରୂପାୟନ ଏବଂ ଦାରିଦ୍ର୍ୟ ଦୂରୀକରଣ ଉପରେ ସଚେତନ ହେବାକୁ ଆଲୋଚନା ହୋଇଥିଲା । ବିଭିନ୍ନ ସମୟରେ କେତେକ ଖଳ ପ୍ରକୃତିର ଲୋକ ଉନ୍ନୟନମୂଳକ କାମ ଉପରେ ବାଧା ଦେଉଛନ୍ତି। ଆଗାମୀ ଦିନରେ ସଂଘ ତରଫରୁ ଏହାକୁ ତୀବ୍ର ବିରୋଧ କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ସରପଞ୍ଚ ଉମାକାନ୍ତ ମେହେର, ଅନୁସୟା ସାହୁ, ବେଟିଖାଇ ସେନ୍ଦ୍ରିଆ, ଦେବରାଜ ପଧାନ, ଜୟଶ୍ରୀ ଭାଇଁସାଲ, ନିଳେନ୍ଦ୍ରି ପୂଝାରୀ, ସନ୍ତୋଷିନୀ ବରିହା, ତାରାକାନ୍ତି ତାଣ୍ଡି, ରିନାଜାଲ ପ୍ରମୁଖ ସରପଞ୍ଚ ଉପସ୍ଥିତ ଥିଲେ। ଶେଷରେ ଯତୀଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

TPCODL
TP CENTRAL ODISHA DISTRIBUTION LIMITED
(A Tata Power and Odisha Govt. Joint Venture)

ପ୍ରିୟ ଗ୍ରାହକ ବନ୍ଧୁ,
ଆମେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ସମ୍ମୁଖୀନ ହେଉଛୁ ଯାହା ଫଳରେ ସ୍ୱାଭାବିକ ତାପମାତ୍ରା ତୁଳନାରେ ବର୍ତ୍ତମାନର ତାପମାତ୍ରା ବୃଦ୍ଧି ପାଇଛି । କେନ୍ଦ୍ରୀୟ ଓଡିଶା ର ବିଦ୍ୟୁତ ଶକ୍ତି ଚାହିଦା ୨୦୨୫ ମେଗାୱାଟ୍ ରୁ ଅଧିକ ହେଉଛି।
ଏହି ପରିସ୍ଥିତିରେ ଆମେ ଗ୍ରାହକମାନଙ୍କୁ ଅନୁରୋଧ କରୁଛୁ କି ସେମାନେ ଦାୟିତ୍ୱବାନ ହୋଇ ଆବଶ୍ୟକତା ଏବଂ ଅନୁମତି ପ୍ରାପ୍ତ ଲୋଡ୍ ଲେଭୁଲ୍ ଅନୁଯାୟୀ ବିଦ୍ୟୁତ ଶକ୍ତି ବ୍ୟବହାର କରନ୍ତୁ । ଏହାଦ୍ୱାରା ଅଧିକ ବିଦ୍ୟୁତ୍ ଶକ୍ତି (ଓଭରଲୋଡ୍) ବ୍ୟବହାର ଜନିତ ଅସୁବିଧାକୁ ଦୂର କରାଯାଇ ପାରିବ ଏବଂ ବିଦ୍ୟୁତ ଯୋଗାଣ ନେଟ୍‌ୱାର୍କକୁ ଦୃଢ ଏବଂ ସ୍ଥିର କରିବା ସହ ନିୟମିତ ଭାବେ ସମସ୍ତଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇ ଦିଆଯାଇ ପାରିବ।
ବିନମ୍ରତାର ସହିତ ଅନୁରୋଧ କରୁଛୁ ଯେ, ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ ମିଳିଲେ ଆମେ ଉତ୍ତମ ମାନର ସେବା ଯୋଗାଇ ଦେବାକୁ ସକ୍ଷମ ହୋଇପାରିବୁ।

# ବିଭାଗୀୟ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

କେସିଙ୍ଗା,୧୮।୬(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିରୋଲ, ବାଲସି ଏବଂ ପରଲସିଙ୍ଗା ଗ୍ରାମପଞ୍ଚାୟତରେ ନୂତନ ମେଘା ପ୍ରୋଜେକ୍ଟ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀ ରବିବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଗତ ମେ' ୧୯ ତାରିଖରେ ଭବାନୀପାଟଣାସ୍ଥିତ ଭଙ୍ଗାବାରି ମେଡ଼ିକାଲ କଲେଜରେ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ ସାକ୍ଷାତ କରି ନୂତନ ମେଘା ପ୍ରୋଜେକ୍ଟ ନିର୍ମାଣ ପାଇଁ ଉପରୋକ୍ତ ୩ ପଞ୍ଚାୟତ ଚାଷୀମାନେ ଦାବି କରିଥିଲେ। ୫-ଟି ସଚିବ ଚାଷୀଙ୍କ ସମସ୍ୟା ଅଗ୍ରାଧିକାର ଭିତ୍ତିରେ ୩ଟି ଗ୍ରାମପଞ୍ଚାୟତକୁ ମେଘା ପ୍ରୋଜେକ୍ଟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏକ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ଚାଷୀଙ୍କ ସମସ୍ୟା ବୁଝି



ଶିରୋଲ ପଞ୍ଚାୟତ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀଙ୍କ ସହ ଚାଷୀଙ୍କ ସହ ଆଲୋଚନା।

## ମୁଖ୍ୟମନ୍ତ୍ରୀ ମଞ୍ଜୁର କଲେ ନୂତନ ମେଘା ପ୍ରୋଜେକ୍ଟ

ମେଘା ପ୍ରୋଜେକ୍ଟ ନିର୍ମାଣ ପାଇଁ ଭବାନୀପାଟଣା ମେଘା ଲିଫ୍ଟ ଡିଭିଜନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଅତିରିକ୍ତ ଇଞ୍ଜିନିୟର ଅନନ୍ତରାମ ନାଏକ, ଯନ୍ତ୍ରୀ ବିଭୁତି ଭୂଷଣ ସ୍ୱାଇଁ ରବିବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଶିରୋଲ ସରପଞ୍ଚ ବଝରଣା ବାଗଙ୍କ ଅଧ୍ୟକ୍ଷତାରେ ବାଲସି ସରପଞ୍ଚ ଭାରତୀ ସୁନା, ପରଲସିଙ୍ଗା ସରପଞ୍ଚ କୃତାଞ୍ଜଳ ଗୌଡ଼, ପୂର୍ବତନ ସରପଞ୍ଚ ବିକ୍ରାନ୍ତ ରାଜ ବାଗ, ଜିଆରଏସ ଉପେନ୍ଦ୍ର ଗୌଡ଼, ଭବାନୀ ସାହୁଙ୍କ ସମେତ ବହୁ ଚାଷୀଙ୍କ ସହ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବ ଭି.କେ.ପାଣ୍ଡିଆ ଙ୍କୁ ଚାଷୀମାନେ ଧନ୍ୟବାଦ ଜଣାଇଛନ୍ତି। ଏହି ଅସରରେ ବିଭାଗୀୟ ଅଧିକାରୀମାନେ ଶିରୋଲ ଓ ଚିରସ୍ରୋତା ତେଲ ନଦୀକ୍ଷେତ୍ର ପରିଦର୍ଶନ କରି ମେଘା ପ୍ରୋଜେକ୍ଟ ନିର୍ମାଣ ତଦନ୍ତ କରିଥିଲେ। କେସିଙ୍ଗା ତେଲ ନଦୀର ଚିରସ୍ରୋତା ଜଳ ବହୁଥିବା ସ୍ଥଳେ ଏହି ୩ଟି ପଞ୍ଚାୟତକୁ କୌଣସି ଜଳ ସେଚନ ପ୍ରକଳ୍ପରେ ସାମିଲ କରାଯାଇ ନ ଥିଲା। ଅତ୍ୟନ୍ତ ଖୁସିର ବିଷୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ବିଭାଗ ଉଚ୍ଚପଦସ୍ଥ ଅଧିକାରୀ ଆସି କ୍ଷେତ୍ର ପରିଦର୍ଶନ କରିଛନ୍ତି। ବହୁତ ଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଏହି ଅଞ୍ଚଳର ଚାଷୀମାନଙ୍କ ମୁହଁରେ ହସ ଫୁଟାଇବ ବୋଲି ଚାଷୀମାନେ ଆନନ୍ଦିତ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ପରକୀୟା ପ୍ରୀତି ହେଲା କାଳ, ହାବିଲଦାର ନିଲମ୍ବିତ

**ବଲାଙ୍ଗୀର, ୧୮।୬ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ସହରରେ ଶୁକ୍ରବାର ରାତିରେ ଜଣେ ପୋଲିସ ହାବିଲଦାରଙ୍କ ପରକୀୟା ପ୍ରୀତିକୁ ଖୋଦ୍ ତାଙ୍କ ସ୍ତ୍ରୀ ଧରିଥିଲେ। ପ୍ରେମିକାଙ୍କ ଘରେ ଥିବାବେଳେ ହାବିଲଦାରଙ୍କ ସ୍ତ୍ରୀ ସେଠାରେ ଅଚାନକ ପହଞ୍ଚି ସ୍ୱାମୀଙ୍କ ସହ ତାଙ୍କ ପ୍ରେମିକାଙ୍କ ପର୍ଦ୍ଦାଫାଶ କରିଥିଲେ। ଏହି ଘଟଣାରେ ଏସ୍‌ପି ସମ୍ପୃକ୍ତ ହାବିଲଦାରଙ୍କୁ ନିଲମ୍ବିତ କରିଛନ୍ତି। ରିଜର୍ଭ ପୋଲିସ ହାବିଲଦାରଙ୍କ ସ୍ତ୍ରୀ ବଲାଙ୍ଗୀର ହାତୀଶାଳପଡାର ଏକ ସରକାରୀ କ୍ୱାର୍ଟର୍ସକୁ ଯାଇ ଶୁକ୍ରବାର ବିଳମ୍ବିତ ରାତିରେ ପାଟିତୁଣ୍ଡ କରିଥିଲେ। ପାଟିଶୁଣି ପାଖ ପଡୋଶୀ ଉଠିପଡିଥିଲେ। ଏହାପରେ ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସେଠାରେ ଥିବା ଏକ ଘରୁ ହାବିଲଦାର ବାବୁ ଥିବା ଦେଖାଯାଇଥିଲା। ରିଜର୍ଭ ପୋଲିସରେ କାର୍ଯ୍ୟରତ ହାବିଲଦାର ଜଣକ ଗତ ପ୍ରାୟ ୭ ବର୍ଷ ତଳେ ବଙ୍ଗୋମୁଣ୍ଡା ଅଞ୍ଚଳରେ ବିବାହ କରିଥିଲେ। ତାଙ୍କର ସ୍ତ୍ରୀ ଓ ଏକ ଶିଶୁପୁତ୍ର ଅଛନ୍ତି। ହେଲେ ସେ ବଲାଙ୍ଗୀର ସହରରେ ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କରେ ରହିଥିବା ନେଇ ତାଙ୍କ ସ୍ତ୍ରୀ ଜାଣିବାକୁ ପାଇଥିଲେ। ପ୍ରେମିକାଙ୍କ ସହ ସ୍ୱାମୀଙ୍କୁ କାବୁ କରିବାକୁ ଯାଇ ସ୍ତ୍ରୀ ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି। ତେବେ ସ୍ୱାମୀଙ୍କ ନାଁରେ ଥାନାରେ ଲିଖିତ ଅଭିଯୋଗ କରିନଥିଲେ। ଏହାସତ୍ତ୍ୱେ ଘଟଣାଟି ସର୍ବତ୍ର ପ୍ରଚାରିତ ହୋଇଥିଲା। ଏହି ଘଟଣା ପାଇଁ ପୋଲିସ ହାବିଲଦାର ବାବୁ ଜଣକ ନିଲମ୍ବିତ ହେବା ପରେ ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି।

### ବର୍ଷୀୟାନ୍ କଳାକାର ଈଶ୍ୱର ପଣ୍ଡାଙ୍କ ପରଲୋକ

**ଖପ୍ରାଖୋଲ,୧୮।୬ (ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲା ଗ୍ରାମର ବରିଷ୍ଠ



କଳାକାର ଈଶ୍ୱର ଚନ୍ଦ୍ର ପଣ୍ଡାଙ୍କର ରବିବାର ସକାଳେ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୯ ବର୍ଷ ହୋଇଥିଲା। ସ୍ୱର୍ଗତ ପଣ୍ଡା ୧୯୩୮ ମସିହାରେ ବଲାଙ୍ଗୀର ସଂସ୍କୃତ ଟୋଲରେ ସଂସ୍କୃତ ମଧମା ପର୍ଯ୍ୟନ୍ତ ପଢିବା ପରେ କିଛି କାଳ ଶିକ୍ଷକତା କରିଥିଲେ। ଭାନପୁର ପଞ୍ଚାୟତ ଅଫିସରେ କିଛି ଦିନ ସେ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ଜଣେ ସୌଖିନ ଦାସ କାଠିଆ କଳାକାରଭାବେ ରାଜ୍ୟସ୍ତରୀୟ ବହୁ ସମ୍ମାନ ପ୍ରାପ୍ତ ହୋଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ସକ୍ରିୟ ରାଜନୀତିରେ ଯୋଗଦେଇଥିଲେ। ସେହିପରି କବିରାଜ ଭାବେ ଅଶି ଦଶକରୁ ନବେ ଦଶକ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରି ବେଶ୍ ଲୋକ ପ୍ରିୟତା ଅର୍ଜନ କରିଥିଲେ। ସେ ଜଣେ ପୁରାଣ ଗାୟକ ଓ ପ୍ରବଚକ ଭାବେ ମଧ ପ୍ରସିଦ୍ଧି ଲାଭ କରିଥିଲେ। ମୃତ୍ୟୁ ସମୟରେ ବଡପୁଅ ଅଶୋକ ପଣ୍ଡା, ମଝିଆ ପୁଅ ଡ଼. ଅକ୍ଷୟ କୁମାର ପଣ୍ଡା, ସାନପୁଅ ଅଶ୍ୱିନୀ କୁମାର ପଣ୍ଡା, ପୁତ୍ରବଧୂ, ନାତି ନାତୁଣୀ ଓ ଆତ୍ମୀୟ ସଜନ ଉପସ୍ଥିତ ଥିଲେ।

# ନିର୍ମାଣାଧୀନ ଇଥାନଲ ପ୍ଲାଣ୍ଟକୁ ନେଇ ରାଜନୀତି

ବରଗଡ଼ ୧୮।୬ (ପ୍ରେମାନନ୍ଦ ଖମାରୀ)

### କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପରେ ନିର୍ମାଣ କାର୍ଯ୍ୟ ଠପ୍



ନିର୍ମାଣାଧୀନ ଇଥାନଲ ପ୍ଲାଣ୍ଟ।

ବରଗଡ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବାଉଲସିଂହାଠାରେ ନିର୍ମାଣାଧୀନ ଇଥାନଲ ପ୍ଲାଣ୍ଟ କାର୍ଯ୍ୟ ଠପ୍ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରିଦର୍ଶନ ଏବଂ ସମୀକ୍ଷା ପରଦିନଠାରୁ ପ୍ଲାଣ୍ଟରେ ଏଭଳି ସ୍ଥିତି ଉପୁଜିଥିବାରୁ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ନିର୍ମାଣ କାର୍ଯ୍ୟ ବନ୍ଦ ପଛରେ ଶାସକ ବିଜେଡିର ହାତ ରହିଛି ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ ଆଚାର୍ଯ୍ୟ ଏଥିରେ ସିଧାସଳଖ ସ୍ଥାନୀୟ ବିଧାୟକଙ୍କୁ ଟାର୍ଗେଟ କରିଥିବାବେଳେ ପ୍ଲାଣ୍ଟ କର୍ମଚାରୀଙ୍କୁ ଧମକ ଚମକ ଦେଇ ନିର୍ମାଣ କାର୍ଯ୍ୟ ବନ୍ଦ କରି ଦିଆଯାଇଛି ବୋଲି ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଅଭିଯୋଗ କରିଛନ୍ତି। ଏହାକୁ ଉଭୟେ ନିଜ ଟ୍ୱିଟର ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଏ ସମ୍ପର୍କରେ ଭଟଲି ବିଧାୟକ ସୁଶାନ୍ତ ସିଂଙ୍କୁ ପଚାରିବାରୁ ସେ କହିଥିଲେ, ସେଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ପ୍ଲାଣ୍ଟରେ କାର୍ଯ୍ୟରତ ଜଣେ ବିଜେଡି କର୍ମୀଙ୍କୁ ଭାଜପା କର୍ମୀମାନେ ଆକ୍ରମଣ କରି ହାତଗୋଡ଼ ଭାଙ୍ଗି ଦେଇଛନ୍ତି। ସେ ଏବେ ଚିକିତ୍ସାଧୀନ ଅଛନ୍ତି। ଏହାରି ଭୟରେ ପ୍ଲାଣ୍ଟକୁ ବନ୍ଦ କରି ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ଲାଣ୍ଟକୁ ଆସି ଦଳୀୟ କର୍ମୀଙ୍କୁ ଉସୁକାଇଥିବାରୁ ପ୍ଲାଣ୍ଟରେ କାର୍ଯ୍ୟରତ ବିଜେଡି କର୍ମୀଙ୍କ ଉପରେ ଭାଜପା କର୍ମୀ ସେଭଳି ଆକ୍ରମଣ କରିଛନ୍ତି ବୋଲି ବିଧାୟକ ସିଂ ପାଲଟା ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ୧୬୦୭ କୋଟି ଟଙ୍କା ବ୍ୟୟ ଅଟକଳରେ ୭୦ଏକର ପରିମିତ ଜମିରେ ଉକ୍ତ ଇଥାନଲ ପ୍ଲାଣ୍ଟ ନିର୍ମାଣ କରାଯାଉଛି। ଗତ ୧୧ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉକ୍ତ ପ୍ଲାଣ୍ଟ ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରିଥିଲେ। ଖୁବ୍‌ଶୀଘ୍ର ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି ଏବଂ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ବରଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗୀର ଜିଲା ସମେତ ଆଖପାଖ ଅଞ୍ଚଳର ଚାଷୀଙ୍କ ଆୟ ବଢିବ ବୋଲି ସେ କହିଥିଲେ। ମାତ୍ର ତାଙ୍କ ଗସ୍ତର ଠିକ୍ ପରଦିନଠାରୁ ପ୍ଲାଣ୍ଟରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିବା, ଏଥିରେ ଭାଜପା ଶାସକ ବିଜେଡି ଦଳକୁ ଦାୟୀ କରିବା ଏବଂ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପରେ ପ୍ଲାଣ୍ଟରେ କାର୍ଯ୍ୟରତ ବିଜେଡି କର୍ମୀଙ୍କ ଉପରେ ଭାଜପା କର୍ମୀଙ୍କ ଆକ୍ରମଣ ଅଭିଯୋଗ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

## ସାମାଜିକ କର୍ମୀ ଗୋଦାବରୀ ପୁରୋହିତଙ୍କ ପରଲୋକ

ଅମରପାଲି,୧୮।୬(ପୀତାମ୍ବର ସାହୁ)



ଗୋଦାବରୀ ପୁରୋହିତ(ଫାଇଲ ଫଟୋ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଚମ୍ପାମାଲ ଗ୍ରାମର ଅବସରପ୍ରାପ୍ତ ପଟୁଆରୀ ଗୋଦାବରୀ ପୁରୋହିତ (୯୧)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ଚିକିତ୍ସା ପାଇଁ ବୀରମହାରାଜପୁର ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସାତ ଜଣ ପୁଅ, ବୋହୂ,ନାତି ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ପୁଅ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁରନ୍ଦର ପୁରୋହିତ ମୁଖାଗ୍ନି ଦେଇଥିଲେ। ଗ୍ରାମରେ ଥିବା ବୁଢାବନ୍ଧ ନାଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଜଣେ ସାମାଜିକ କର୍ମୀ ଭାବେ ସେ ଅଞ୍ଚଳରେ ଜଣାଶୁଣା ଥିଲେ।

# ରାସ୍ତାଘାଟ ଶୂନ୍‌ଶାନ, ଜନଜୀବନ ଅସ୍ତବ୍ୟସ୍ତ

ବୌଦ୍ଧ,୧୮।୬ (ଅଜିତ କୁମାର ବାରିକ)

ପଶ୍ଚିମ ଓଡିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଗତ କିଛି ଦିନ ହେବ ବୌଦ୍ଧ ଜିଲାର ତାପମାତ୍ରା ୪୪ ଡିଗ୍ରୀ ଉପରେ ରହୁଛି। ପ୍ରଚଣ୍ଡ ଖରା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ସକାଳ ୯ ଟାରୁ ରାସ୍ତାଘାଟ ଶୂନଶାନ ହୋଇ ପଡୁଥିବା ଦେଖିବାକୁ ମିଳୁଛି। ବୌଦ୍ଧ ସହର ଦେଇ ଚିରସ୍ରୋତା ମହାନଦୀ ପ୍ରବାହିତ ହୋଇଥିବା ବେଳେ ଏବେ ମହାନଦୀ ପୁରାପୁରି ଶୁଖିଲା ପଡିଛି । ମହାନଦୀ ଶୁଖିଲା ପଡିବା ଯୋଗୁ ନଦୀର ବାଲି ଓ ନଦୀ ଭିତରେ ଥିବା ପଥର ଖରାର ତାପ ଯୋଗୁ ତାପମାତ୍ରା ବୃଦ୍ଧି ହେବାରେ ଲାଗିଛି । ଖରା ସାଙ୍ଗକୁ ତତଲା ଝାଞ୍ଜି ପବନରେ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। ସନ୍ଧ୍ୟା ୬ଟା ନ ହେଲା ପର୍ଯ୍ୟନ୍ତ ଘରୁ ବାହାରି ହେଉନାହିଁ। ଖରା ଯୋଗୁ ରାସ୍ତାଘାଟ ପୁରା ଖାଁ ଖାଁ ଲାଗୁଛି । ରାସ୍ତାକୁ ଦେଖିଲେ ଅଘୋଷିତ କର୍ଫ୍ୟୁ ଭଳି ଲାଗୁଛି । ବୌଦ୍ଧ ସହର ବର୍ତ୍ତମାନ ବୃକ୍ଷଶୂନ୍ୟ ହୋଇପଡିଛି। ସହରର ପ୍ରମୁଖ ରାସ୍ତାଗୁଡିକ ପ୍ରଶସ୍ତି କରଣ କରାଯିବା ଯୋଗୁ ରାସ୍ତା କଡରେ ଥିବା ବଡ ବଡ ଗଛଗୁଡିକ କାଟି ଦିଆଯାଇଥିଲା । ଗଛଗୁଡିକ କାଟି ଦିଆଯିବା



ପ୍ରଚଣ୍ଡ ଖରାଯୋଗୁ ବୌଦ୍ଧ ସହରର ରାସ୍ତା ଶୂନଶାନ୍ ହୋଇପଡିଛି।

ଉତ୍ତାପ ବୃଦ୍ଧିର ଅନ୍ୟତମ କାରଣ ପାଲଟିଛି। ରାସ୍ତା କଡ ବୃକ୍ଷଶୂନ୍ୟ ଯୋଗୁ ପଥଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନ ପକ୍ଷରୁ ମହାନଦୀରେ ଖରାଦିନେ ଯେପରି ପାଣି ଭରପୁର ରହିପାରିବ ସେ ନେଇ ପଦକ୍ଷେପ ନେବା ଜରୁରୀ ହୋଇପଡିଛି । ଏହାସହ ସହରର ରାସ୍ତା କଡରେ ଲିମ୍ବ, ଜାମୁ , ତେନ୍ତୁଳି, ବର ଓ ପିପଳ ଗଛ ଲଗାଗଲେ ସହରରେ ଖରା ତାପ କମିବାରେ ସହାୟକ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ଅନ୍‌ଲାଇନ ନାମଲେଖା ତାଲିମ ଶିବିର

ଝାରବନ୍ଧ,୧୮।୬(ଦେବେନ୍ଦ୍ର ପ୍ରଧାନ)

ଝାରବନ୍ଧ କଲେଜ ସମ୍ମିଳନୀ କକ୍ଷଠାରେ ଅଧକ୍ଷ ଶ୍ରୀ ଶ୍ୟାମସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ରବିବାର ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଚଳିତ ଶିକ୍ଷାବର୍ଷ ୨୦୨୩-୨୪ ପାଇଁ ଏକ ସ୍ୱତନ୍ତ୍ର ତାଲିମ ପ୍ରଦାନ ପାଇଁ ମହାବିଦ୍ୟାଳୟ ତରଫରୁ ଝାରବନ୍ଧ ବ୍ଲକ ଅନ୍ତର୍ଗତ କମ୍ପ୍ୟୁଟର ଓପରେଟରମାନଙ୍କୁ ଅଞ୍ଜନ କୁମାର ବରିହା ଏବଂ ବଲ୍ଲଭ କୁମାର ମିର୍ଦ୍ଧା ତାଲିମ ପ୍ରଦାନ କରିଥିଲେ। ସାମ୍‌ସ ପୋର୍ଟାଲରେ କିଭଳି ଅନଲାଇନ ଆବେଦନ ସମୟରେ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ନ ହେବେ ଏବଂ ନିର୍ଭୁଲ ଓ ଠିକ୍ ତଥ୍ୟ ପ୍ରଦାନ କରିବେ ସେ ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ୧୫ ଜଣ କମ୍ପ୍ୟୁଟର ଅପରେଟର, ମହାବିଦ୍ୟାଳୟର ଗ୍ରନ୍ଥାଗାରିକ ଅଶୋକ କୁମାର ହାତୀ ଏବଂ ଦୁର୍ଯ୍ୟୋଧନ ପାଣ୍ଡେ ଉପସ୍ଥିତ ଥିଲେ। ଅଧ୍ୟାପକ ନବୀନ କୁମାର ମେହେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ମେଗା ରକ୍ତଦାନ ଶିବିର

କୋକସରା,୧୮।୬
(ଦୁଷ୍ମନ୍ତ କୁମାର ପାଟଯୋଶୀ)

### ୨୦୫ ୟୁନିଟ ରକ୍ତ ସଂଗ୍ରହ

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ମାରୱାଡି ଯୁବାମଞ୍ଚ ପକ୍ଷରୁ ରବିବାର ମେଗା ରକ୍ତଦାନ ଶିବିର ଲଡୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼. ଗିରିଶ ଚନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ, ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସ, ଲଡୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରଜତ ସୌମ୍ୟ ଅନୁରାଗ ଯୋଗଦେଇ ରକ୍ତଦାନ ଶିବିର ଉଦଘାଟନ କରିଥିଲେ। ମାରୱାଡି ଯୁବାମଞ୍ଚର ଏହିଭଳି ରକ୍ତଦାନ ଶିବିର ଜିଲାର ବିଭିନ୍ନ ଡାକ୍ତରଖାନାରେ ଜରୁରୀ ସମୟରେ ରକ୍ତର ଅଭାବ ଦୂର ହେବ ବୋଲି ଅତିଥିମାନେ କହିଛନ୍ତି। ଲଡୁଗାଁ ମାରୱାଡି ଯୁବାମଞ୍ଚ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲଙ୍କ ପ୍ରମୁଖ ଭୂମିକା ରହିଥିବା ବେଳେ ବ୍ଲକର ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଯୁବକ ସଙ୍ଗଠନ ପକ୍ଷରୁ ରକ୍ତଦାନ କରାଯାଇଛ। ମାରୱାଡି ଯୁବାମଞ୍ଚ ପକ୍ଷରୁ ସଭାପତି ପଙ୍କଜ ଅଗ୍ରୱାଲ, ସମ୍ପାଦକ ରୋନକ ଅଗ୍ରୱାଲ, ସଂଯୋଜକ ଅଙ୍କିତ ଅଗ୍ରୱାଲ, ସହ ସଂଯୋଜକ ବିକାଶ ଅଗ୍ରୱାଲ, ରାଜ୍ୟ ସଂଯୋଜକ ଗଣେଶ ଅଗ୍ରୱାଲ, ଶ୍ରୀକାନ୍ତ ଶର୍ମା, ପ୍ରିନ୍ସ ଅଗ୍ରୱାଲ, ଗୌତମ ଅଗ୍ରୱାଲ, ଅଙ୍କୁଶ ଅଗ୍ରୱାଲ, ପିଙ୍କୁ ଅଗ୍ରୱାଲ, ଅଜୟ ଟାୟଲ, ବି ବେକ ଟାୟଲ, ମହେନ୍ଦ୍ର ଗୋୟଲ, ଶୁଭମ ଅଗ୍ରୱାଲ, ଅଭୟ ଟାୟଲ, ବିକ୍ରମ ଗୋୟଲ, ନାନକ ଅଗ୍ରୱାଲ ପ୍ରମୁଖ ରକ୍ତଦାନ ଶିବିର ଆୟୋଜନ ନେତୃତ୍ୱ ନେଇଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୨୦୫ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ଧର୍ମଗଡ ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ଆଶା କର୍ମୀ ଓ ଡାକ୍ତରଖାନାର କର୍ମଚାରୀମାନେ ସହଯୋଗ କରିଥିଲେ।

# ଉନ୍ନୟନ ବିରୋଧୀଙ୍କୁ ବରଦାସ୍ତ କରାଯିବନି



ବୈଠକରେ ଉପସ୍ଥିତ ସରପଞ୍ଚମାନେ।

ଖପ୍ରାଖୋଲ, ୧୮।୬
(ଅଭୟ ତ୍ରିପାଠୀ)

### ବ୍ଲକସ୍ତରୀୟ ସରପଞ୍ଚ ସଂଘ ବୈଠକ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକସ୍ତରୀୟ ସରପଞ୍ଚ ସଂଘର ବୈଠକ ରବିବାର ଘୁନୁସର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୀମାଞ୍ଚଳ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବିଡ଼ିଓ ବିଜୟ କୁମାର ହୋତା ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଉପସଭାପତି ବୈଦ୍ୟନାଥ ମିଶ୍ର, ସମ୍ପାଦିକା ସୁମତି ପଧାନ, କୋଷାଧକ୍ଷ ଦେବାଶିଷ ସାହୁ ଯୋଗ ଦେଇଥିଲେ। ବୈଠକରେ ସରକାରୀ ଯୋଜନାର ସଫଳ ରୂପାୟନ ଏବଂ ଦାରିଦ୍ର୍ୟ ଦୂରୀକରଣ ଉପରେ ସଚେତନ ହେବାକୁ ଆଲୋଚନା ହୋଇଥିଲା । ବିଭିନ୍ନ ସମୟରେ କେତେକ ଖଳ ପ୍ରକୃତିର ଲୋକ ଉନ୍ନୟନମୂଳକ କାମ ଉପରେ ବାଧା ଦେଉଛନ୍ତି। ଆଗାମୀ ଦିନରେ ସଂଘ ତରଫରୁ ଏହାକୁ ତୀବ୍ର ବିରୋଧ କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ସରପଞ୍ଚ ଉମାକାନ୍ତ ମେହେର, ଅନୁସୟା ସାହୁ, ବେଟିଖାଇ ସେନ୍ଦ୍ରିଆ, ଦେବରାଜ ପଧାନ, ଜୟଶ୍ରୀ ଭାଇଁସାଲ, ନିଳେନ୍ଦ୍ରି ପୂଝାରୀ, ସନ୍ତୋଷିନୀ ବରିହା, ତାରାକାନ୍ତି ତାଣ୍ଡି, ରିନାଜାଲ ପ୍ରମୁଖ ସରପଞ୍ଚ ଉପସ୍ଥିତ ଥିଲେ। ଶେଷରେ ଯତୀଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ବିଭାଗୀୟ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

କେସିଙ୍ଗା,୧୮।୬(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିରୋଲ, ବାଲସି ଏବଂ ପରଲସିଙ୍ଗା ଗ୍ରାମପଞ୍ଚାୟତରେ ନୂତନ ମେଘା ପ୍ରୋଜେକ୍ଟ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀ ରବିବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଗତ ମେ' ୧୯ ତାରିଖରେ ଭବାନୀପାଟଣାସ୍ଥିତ ଭଙ୍ଗାବାରି ମେଡ଼ିକାଲ କଲେଜରେ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ ସାକ୍ଷାତ କରି ନୂତନ ମେଘା ପ୍ରୋଜେକ୍ଟ ନିର୍ମାଣ ପାଇଁ ଉପରୋକ୍ତ ୩ ପଞ୍ଚାୟତ ଚାଷୀମାନେ ଦାବି କରିଥିଲେ। ୫-ଟି ସଚିବ ଚାଷୀଙ୍କ ସମସ୍ୟା ଅଗ୍ରାଧିକାର ଭିତ୍ତିରେ ୩ଟି ଗ୍ରାମପଞ୍ଚାୟତକୁ ମେଘା ପ୍ରୋଜେକ୍ଟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏକ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ଚାଷୀଙ୍କ ସମସ୍ୟା ବୁଝି



ଶିରୋଲ ପଞ୍ଚାୟତ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀଙ୍କ ସହ ଚାଷୀଙ୍କ ଆଲୋଚନା।

### ମୁଖ୍ୟମନ୍ତ୍ରୀ ମଞ୍ଜୁର କଲେ ନୂତନ ମେଘା ପ୍ରୋଜେକ୍ଟ

ମେଘା ପ୍ରୋଜେକ୍ଟ ନିର୍ମାଣ ପାଇଁ ଭବାନୀପାଟଣା ମେଘା ଲିଫ୍ଟ ଡିଭିଜନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଅତିରିକ୍ତ ଇଞ୍ଜିନିୟର ଅନନ୍ତରାମ ନାଏକ, ଯନ୍ତ୍ରୀ ବିଭୁତି ଭୂଷଣ ସ୍ୱାଇଁ ରବିବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଶିରୋଲ ସରପଞ୍ଚ ବଙ୍ଗରଣା ବାଗଙ୍କ ଅଧକ୍ଷତାରେ ବାଲସି ସରପଞ୍ଚ ଭାରତୀ ସୁନା, ପରଲସିଙ୍ଗା ସରପଞ୍ଚ କୃତାଞ୍ଜଳ ଗୌଡ଼, ପୂର୍ବତନ ସରପଞ୍ଚ ବିକ୍ରାନ୍ତ ରାଜ ବାଗ, ଜିଆରଏସ ଉପେନ୍ଦ୍ର ଗୌଡ଼, ଭବାନୀ ସାହୁଙ୍କ ସମେତ ବହୁ ଚାଷୀଙ୍କ ସହ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବ ଭି.କେ.ପାଣ୍ଡିଆ ଙ୍କୁ ଚାଷୀମାନେ ଧନ୍ୟବାଦ ଜଣାଇଛନ୍ତି। ଏହି ଅସରରେ ବିଭାଗୀୟ ଅଧିକାରୀମାନେ ଶିରୋଲ ଓ ଚିରସ୍ରୋତା ତେଲ ନଦୀକ୍ଷେତ୍ର ପରିଦର୍ଶନ କରି ମେଘା ପ୍ରୋଜେକ୍ଟ ନିର୍ମାଣ ତଦନ୍ତ କରିଥିଲେ। କେସିଙ୍ଗା ତେଲ ନଦୀର ଚିରସ୍ରୋତା ଜଳ ବହୁଥିବା ସ୍ଥଳେ ଏହି ୩ଟି ପଞ୍ଚାୟତକୁ କୌଣସି ଜଳ ସେଚନ ପ୍ରକଳ୍ପରେ ସାମିଲ କରାଯାଇ ନ ଥିଲା। ଅତ୍ୟନ୍ତ ଖୁସିର ବିଷୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ବିଭାଗ ଉଚ୍ଚପଦସ୍ଥ ଅଧିକାରୀ ଆସି କ୍ଷେତ୍ର ପରିଦର୍ଶନ କରିଛନ୍ତି। ବହୁତ ଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଏହି ଅଞ୍ଚଳର ଚାଷୀମାନଙ୍କ ମୁହଁରେ ହସ ଫୁଟାଇବ ବୋଲି ଚାଷୀମାନେ ଆନନ୍ଦିତ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ଲହୁଣୀପଡ଼ା,(ଦାସରଥୀ ପଣ୍ଡା):** ସୁନ୍ଦରଗଡ଼ ଜିଲା କେଲାଙ୍ଗ ଥାନା ଅନ୍ତର୍ଗତ ତୋଡା କଞ୍ଚାଟୋଲା ଗ୍ରାମର ପାତ୍ରାସ ପୂର୍ତ୍ତୀ(୨୩) ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଶନିବାର ନିକଟ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିଲେ। ସେହି ସମୟରେ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ପାତ୍ରାସ ଗୁରୁତର ହୋଇଥିଲେ। ସାଙ୍ଗରେ ଥିବା ଲୋକେ ଚିତ୍କାର କରିବାରୁ ଭାଲୁ ଜଙ୍ଗଲ ଭିତରକୁ ପଳାଇଥିଲା। ପରେ ଲୋକମାନେ ପାତ୍ରାସକୁ ଘରକୁ ଆଣିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ କେଲାଙ୍ଗ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଏବେ ପାତ୍ରାସଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଅଛି।

**ସଂକ୍ଷେପରେ**

## କାରଖାନାରେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

### କ୍ଷତିପୂରଣ ପ୍ରତିଶ୍ରୁତି ପରେ ହେଲା ବ୍ୟବଚ୍ଛେଦ

**ହୁଣୀପଡ଼ା,୧୮।୬(ଦାସରଥୀ ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ବଡ଼ ତୁମକଲା ଗ୍ରାମସ୍ଥିତ ବୁଧୁ ରାମ ସ୍ପଞ୍ଜ ଆଇରନ କାରଖାନାରେ ଶନିବାର ବିଳମ୍ବିତ ରାତିରେ ଲୋଡର ବକେଟ ତଳେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ପରେ ଉତ୍ତେଜନା ଦେଖାଦେଇଛି। ମୃତ ଦୁଃଖ ମାହାନ୍ତଙ୍କ ଉପଯୁକ୍ତ କ୍ଷତିପୂରଣ ଓ ପରିବାରର ଜଣେ ସଦସ୍ୟଙ୍କୁ କାରଖାନାରେ ନିଯୁକ୍ତି ଦେବା ଦାବିରେ ଶ୍ରମିକମାନେ ଆନ୍ଦୋଳନ କରିଥିଲେ। ଏ ନେଇ ଲହୁଣୀପଡ଼ା ଥାନାରେ ମୃତକ ଦୁଃଖ ମାହାନ୍ତଙ୍କ ପରିବାର ସହିତ ସିଆଇଟିୟୁ ଶ୍ରମିକ ସଂଘ କାରଖାନା କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଶେଷରେ ମୃତଙ୍କ ପରିବାରକୁ କମ୍ପାନୀ ପକ୍ଷରୁ ସାଢେ ୮ ଲକ୍ଷ ଟଙ୍କାର ଚେକ ଓ ଶୁଦ୍ଧିକ୍ରିୟା ପାଇଁ ନଗଦ ୨୫ ହଜାର ଟଙ୍କା ପ୍ରଦାନ କରାଯିବା ପରେ ପରିବାର ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ ପାଇଁ ରାଜି ହୋଇଥିଲେ। ଲହୁଣୀପଡ଼ା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିବା ସହିତ ଲୋଡରକୁ ଜବତ କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ଚନ୍ଦ୍ରମଣି ତାଜନ ଶିକ୍ଷା ନିରୀକ୍ଷକ ସଂଘର ରାଜ୍ୟସଭାପତି



**ସୁନ୍ଦରଗଡ଼,୧୮।୬(ଜୟନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ଜିଲା କଲ୍ୟାଣ ବିଭାଗର ଅଲେଇକେରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରମଣି ତାଜନ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ରାଜ୍ୟ ସଭାପତିଭାବେ ନିର୍ବାଚିତ ହୋଇଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନ ୩୦ଜିଲାର ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ସଙ୍ଘର ସାଧାରଣ ପରିଷଦ ବୈଠକ ଭୁବନେଶ୍ୱର ରେଡକ୍ରସ୍ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠିତ ନିର୍ବାଚନରେ ଚନ୍ଦ୍ରମଣି ତାଜନ ରାଜ୍ୟ ସଭାପତିଭାବେ ନିର୍ବାଚିତ ହୋଇଛନ୍ତି। ଏଥିସହିତ ବାବୁଲାଲ ପଟେଲ ସମ୍ବଲପୁର ମଣ୍ଡଳ ଉପସଭାପତି, ଶଶୀ ବାଦୀ ସମ୍ବଲପୁର ମଣ୍ଡଳ ସାଙ୍ଗଠନିକ ସମ୍ପାଦକ, ମୋହିତ କୁମାର ମହାନନ୍ଦିଆ ସୁନ୍ଦରଗଡ଼ ମଣ୍ଡଳ ସମ୍ପାଦକ ଏବଂ ରଥିନ୍ଦ୍ର ପ୍ରଧାନ ସୁନ୍ଦରଗଡ଼ ଜିଲା ପ୍ରତିନିଧି ଭାବେ ନିର୍ବାଚିତ ହୋଇଛନ୍ତି। ଏହି ଅବସରେ ରବିବାର ସୁନ୍ଦରଗଡ଼ଠାରେ ଆୟୋଜିତ ଏକ ସଭାରେ ନବ ନିର୍ବାଚିତ ରାଜ୍ୟ ସଭାପତି ଓ ଅନ୍ୟ କର୍ମକର୍ତ୍ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶିକ୍ଷକ କଳାଚାନ୍ଦ ପଟେଲଙ୍କ ନେତୃତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସଂଘର ସମସ୍ତ ସକ୍ରିୟ ସଦସ୍ୟ ଓ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଶାଳମଞ୍ଜିରୁ ସ୍ୱାବଲମ୍ବୀ ହେବେ ବନ ସୁରକ୍ଷା ସମିତି ସଦସ୍ୟ

### ୪୪ ବନ ସୁରକ୍ଷା ସମିତିରୁ ୮୨୯୧ କୁଇଣ୍ଟାଲ ଶାଳମଞ୍ଜି ସଂଗ୍ରହ

**ସୁନ୍ଦରଗଡ଼,୧୮।୬ (ଜୟନାରାୟଣ ମେଣ୍ଡୁଲି)**



ସୁନ୍ଦରଗଡ଼ ଜିଲା ଜଙ୍ଗଲ ଓ ଆଦିବାସୀ ବହୁଳ ଅଞ୍ଚଳରେ କୃଷି ପରେ ଲୋକଙ୍କ ପ୍ରମୁଖ ଜୀବିକା ହେଉଛି ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରି। ଗରିବ, ଆଦିବାସୀ, ପାରମ୍ପରିକ ବନବାସୀମାନେ କାହିଁ କେତେ କାଳରୁ ମହୁଲ, ଟୋଲ, କେନ୍ଦୁ, ଚାର, ଶାଳ ମଞ୍ଜି, କେନ୍ଦୁ ପତ୍ର, କୁସୁମ ମଞ୍ଜି, ଭୁଇଁ ନିମ୍ବ ଇତ୍ୟାଦି ବହୁବିଧ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଆସୁଛନ୍ତି। କୃଷି ଋତୁ ଓ ମହୁଲ ଫୁଲ ସଂଗ୍ରହ ପରେ ଲୋକଙ୍କ ସାଧାରଣତଃ ଅନ୍ୟ କୌଣସି ଜୀବିକା ନ ଥିବା ବେଳେ ଶାଳ ମଞ୍ଜି ଆଦିବାସୀ ଓ ବନବାସୀଙ୍କ ଆୟର ମାଧ୍ୟମ ପାଲଟିଥାଏ। ମାତ୍ର ପୂର୍ବବର୍ଷ ମାନଙ୍କରେ ସରକାରୀ ସ୍ତରରେ ଏଥି ନିମନ୍ତେ ସଚେତନତା ଓ ହସ୍ତକ୍ଷେପର ଅଭାବ ଯୋଗୁଁ ଆଦିବାସୀଙ୍କ ଅପେକ୍ଷା ବେପାରୀ ଓ ଦଲାଲମାନେ ଏଥିରୁ ଅଧିକ ଫାଇଦା ଉଠାଇ ଲାଭବାନ ହେଉଥିଲେ। ଆଦିବାସୀଙ୍କଠାରୁ ଶାଳମଞ୍ଜିକୁ ଅତି କମ୍ ମୂଲ୍ୟରେ କିଣି ନେଉଥିଲେ। ଫଳରେ ସଂଗ୍ରହକାରୀମାନେ ଏହାର ଉଚିତ ମୂଲ୍ୟ ପାଉ ନ ଥିବାରୁ ଏହି କାର୍ଯ୍ୟରୁ କ୍ରମେ ମୁହଁ ଫେରାଇ ନେଉଥିଲେ। ୨୦୨୦-୨୧ରେ କରୋନା ମହାମାରୀ ସମୟରେ ହଜାର ହଜାର ପରିବାର ନିଜର ଜୀବିକା ହରାଇଥିବା ବେଳେ ଏହି ଶାଳମଞ୍ଜିର ଉଚିତ ମୂଲ୍ୟ ସହିତ ବିକ୍ରି ନିମନ୍ତେ ସୁନ୍ଦରଗଡ଼ ବନଖଣ୍ଡରେ ଅଣ୍ଟା ଭିଡ଼ିଥିଲା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ। ଆନ୍ତଃ ବିଭାଗୀୟ ସଂଯୋଗୀକରଣରେ ଆଦିବାସୀ ଉନ୍ନୟନ ସମବାୟ ନିଗମ (ଟିଡିସିସି)କୁ କିଲୋ ପ୍ରତି ୨୬୦୦ କୁଇଣ୍ଟାଲ ଶାଳ ମଞ୍ଜି ବିକ୍ରିକରି ଅନେକ ପରିବାର ରୋଜଗାରର ପନ୍ଥା ପାଇଥିଲେ। ଚଳିତ ବର୍ଷ ଶାଳମଞ୍ଜି ଋତୁ ଆରମ୍ଭରୁ ବନଖଣ୍ଡର ଉଜ୍ଜଳପୁର, ଲେଫ୍ରିପଡ଼ା, ହେମଗିର, ସୁନ୍ଦରଗଡ଼ ଓ ବଡଗାଁ କ୍ଷେତ୍ର ପରିଚାଳନା ଏକକରେ ପ୍ରତ୍ୟେକ ବନ ସୁରକ୍ଷା ସମିତି ସ୍ତରରେ ପ୍ରାଥମିକ ସଂଗ୍ରହକାରୀଙ୍କୁ ସଙ୍ଗଠିତ ଓ ବ୍ୟାପକ ସଚେତନ କରି ବହୁଳ ପରିମାଣରେ ଶାଳ ମଞ୍ଜି ସଂଗ୍ରହ କରାଯାଇଛି। ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତାଙ୍କ ନିରନ୍ତର ପ୍ରୟାସ ତଥା ଖଣ୍ଡୀୟ ପରିଚାଳନା ଓ କ୍ଷେତ୍ର ପରିଚାଳନା ଏକକର କର୍ମକର୍ତ୍ତାଙ୍କ ସହଯୋଗ ଦ୍ୱାରା ଏ ପର୍ଯ୍ୟନ୍ତ ୮୨୯୧.୩୧ କୁଇଣ୍ଟାଲ ଶାଳ ମଞ୍ଜି ବିକ୍ରି କରିସାରିଲେଣି ୪୪ ଟି ବନ ସୁରକ୍ଷା ସମିତିର ୧୬୬୮ ଟି ପରିବାର। ଏହାର ସର୍ବନିମ୍ନ ସହାୟକ ମୂଲ୍ୟ ହିସାବରେ ସମୁଦାୟ ମୂଲ୍ୟ ୧.୬୫ କୋଟି ଟଙ୍କା ହୋଇଥିବା ବେଳେ ଅନେକ ଗରିବ, ଆଦିବାସୀ ପରିବାରଙ୍କ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ। ଆହୁରି ମଧ୍ୟ ୨୦୦୦ କୁଇଣ୍ଟାଲ ଊର୍ଦ୍ଧ୍ୱ ଶାଳ ମଞ୍ଜି ବିକ୍ରି ପାଇଁ ବନ ସୁରକ୍ଷା ସମିତି ସ୍ତରରେ ମହଜୁଦ ଥିବା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ବିଷୟଗତ ବିଶେଷଜ୍ଞ ଗୋପାଳ ଚନ୍ଦ୍ର ଶୁକ୍ଳ ସୂଚନା ଦେଇଛନ୍ତି।

## ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ।

**ସୁନ୍ଦରଗଡ଼,୧୮।୬ (ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ଦାଶରଥି ସରାବୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜବାଟି ରଥଯାତ୍ରା କମିଟି, ଭାଗବତ ମନ୍ଦିର, ସୁନାରୀପଡ଼ା ରଥଯାତ୍ରା କମିଟି, ଜଗନ୍ନାଥ ମନ୍ଦିର ମହେଶଡ଼ିହି ରଥଯାତ୍ରା କମିଟି, ଶଙ୍କରା ରଥଯାତ୍ରା କମିଟି ଏବଂ ରଙ୍ଗାଡ଼ିପା ରଥ ଯାତ୍ରା କମିଟିର କର୍ମକର୍ତ୍ତା ଉପସ୍ଥିତ ରହି ରଥଯାତ୍ରା ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ। ରଥଯାତ୍ରା ସମୟରେ ଟ୍ରାଫିକ ଓ ଭିଡ଼ ପରିଚାଳନା, ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ, ଅଗ୍ନିଶମ ସେବା ତଥା ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଇବା, ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ, ପୌରପାଳିକା ଦ୍ୱାରା ରଥଯାତ୍ରା ସ୍ଥାନମାନଙ୍କରେ ପରିଚ୍ଛନ୍ନତା ବଜାୟ ରଖିବା ତଥା ବର୍ଜ୍ୟବସ୍ତୁ ପରିଚାଳନା ଆଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହା ସହିତ ରଥଯାତ୍ରା ସମୟରେ ଆଇନ ଶୃଙ୍ଖଳା ରକ୍ଷା ନିମନ୍ତେ ପର୍ଯ୍ୟାପ୍ତ ମାତ୍ରାରେ ପୋଲିସ ମୁତୟନ କରାଯିବା ସହ ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ନିୟୋଜିତ କରାଯିବାକୁ ଆଲୋଚନା ହୋଇଥିଲା। ବୈଠକରେ ସଦର ଏସଡିପିଓ ହିମାଂଶୁ ବେହେରା, ତହସିଲଦାର କୁଳମଣୀ ରଣବିଡ଼ା, ପୌର ପାଳିକାର ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଅଗ୍ନିଶମ ଅଧିକାରୀ ଅଜୟ ବରଦା, ବିଦ୍ୟୁତ୍ ବିଭାଗର ଅଧିକାରୀ ଏବଂ ରଥଯାତ୍ରା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ବୈଠକ

**ବଡ଼ଗାଁ,୧୮।୬(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ସଭାଗୃହରେ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ବ୍ଲକସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସୁନ୍ଦରଗଡ଼ ପିଏଆଇଟିଡିଏ ରାମକୃଷ୍ଣ ଗଣ୍ଡ, ବିଡିଓ କ୍ଷମାନିଧି ଭୋଇ, ତହସିଲଦାର ସରୋଜ କୁମାର ପୃଷେଟ, ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଉପାଧ୍ୟକ୍ଷା ରଶ୍ମିତା ପଟେଲ, ବଡ଼ଗାଁ ଥାନା ଇନ୍ସପେକ୍ଟର ବିଜୟ କୁମାର ଦାସ, ପ୍ରାଣୀ ଚିକିତ୍ସକ ଏସ୍.କେ ନାଏକଙ୍କ ସହିତ ବନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଶିକ୍ଷା ବିଭାଗ, ସମନ୍ୱିତ ଶିଶୁ ବିକାଶ ବିଭାଗର କର୍ମଚାରୀ ଓ ସରପଞ୍ଚ ଯୋଗଦେଇଥିଲେ। କୌଣସି ପ୍ରକାର ବିପର୍ଯ୍ୟୟ ଦେଖାଦେଲେ କିପରି ଠିକ୍ ପରିଚାଳନା କରାଯିବ ଓ ଏହାକୁ ଦୃଷ୍ଟିରେ ରଖି ପ୍ରସ୍ତୁତି କ'ଣ କରାଯାଇଛି ତାକୁ ନେଇ ବିଭାଗୀୟ ଅଧିକାରୀମାନେ ଆଲୋଚନା କରିଥିଲେ। ବିପର୍ଯ୍ୟୟ ଦେଖାଦେବା ପୂର୍ବରୁ ସଜାଗ ହେବା, କିପରି ସୁରକ୍ଷା ଦିଆଯିବ ଓ ବିପର୍ଯ୍ୟୟ ପରବର୍ତ୍ତୀ ପରିସ୍ଥିତିକୁ ସୁଧାରିବା ଆଦି ବିପର୍ଯ୍ୟୟର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ବନ୍ୟା, ବାତ୍ୟା ଭଳି ପରିସ୍ଥିତିରେ ଲୋକେ କିପରି ସୁରକ୍ଷିତ ରହିବେ, ଆହତଙ୍କୁ ଉଦ୍ଧାର କିପରି କରାଯିବ ଓ ରାସ୍ତାଘାଟକୁ ବ୍ୟବହାର ଉପଯୋଗୀ କରିବା ଉପରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପ୍ରଦର୍ଶିତ କରି ଦେଖାଇଥିଲେ।



ବିପର୍ଯ୍ୟୟ ସମୟରେ ଲୋକଙ୍କ ସୁରକ୍ଷିତ ପାଇଁ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ମକଡ୍ରିଲ।

## ରାଶନ ଦୋକାନରୁ ବିଦେଶୀ ମଦ ଜବତ

**ଲହୁଣୀପଡ଼ା,୧୮।୬(ଦାସରଥୀ ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ପକ୍ଷରୁ ବେଆଇନ ମଦ କାରବାର ନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ୨ ଟି ସ୍ଥାନରୁ ବିଦେଶୀ ମଦ ଜବତ କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, କଲେଇପୋଷ ପଞ୍ଚାୟତ ଠାକୁରପାଲି ଗ୍ରାମର ଚୌଧୁରୀ ପ୍ରଧାନଙ୍କ ଏକ ରାସନ ଦୋକାନ ରହିଛି। ଏହି ଦୋକାନରେ ବେନିୟମଭାବେ ବିଦେଶୀ ମଦ କାରବାର ହେଉଥିବା ନେଇ ଲହୁଣୀପଡ଼ା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଅତର୍କିତ ଚଢ଼ାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଥିଲା। ସେହିଭଳି ଖୁଣ୍ଟଗାଁ ପଞ୍ଚାୟତ ନୂଆଡିହି ଗ୍ରାମର ଶଙ୍କର କିଷାନ ମଧ୍ୟ ବେନିୟମଭାବେ ବିଦେଶୀ ମଦ କାରବାର କରୁଥିବା ନେଇ ପୋଲିସ ସୂଚନା ପାଇ ଚଢ଼ାଉ କରିଥିଲା। ସେଠାରୁ ମଧ୍ୟ ବିପୁଳ ପରିମାଣର ବିଦେଶୀ ମଧ ଜବତ କରିଥିଲା। ପୋଲିସ ଉଭୟଙ୍କ ନାମରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ଥିବା ଜଣାପଡ଼ିଛି।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ




ବୈଠକରେ ଅଧିକାରୀମାନେ ପ୍ରାକୃତିକ ବିପର୍ଯ୍ୟୟ ନେଇ ଆଲୋଚନା କରୁଛନ୍ତି।

**କୁତ୍ରା,୧୮।୬(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନେଇ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଅଞ୍ଚଳରେ ଗତ ୧୦ ବର୍ଷ ମଧ୍ୟରେ ଦେଖାଦେଇଥିବା ପ୍ରାକୃତିକ ବିପର୍ଯ୍ୟୟ ନେଇ ଆଲୋଚନା ହୋଇଥିଲା। ବିଶେଷଭାବେ ଶଙ୍ଖ ନଦୀ ତଟରେ ଥିବା ତରକେରା, ସମଲାଇମୁଣ୍ଡା, ଲକ୍ଷ୍ମୀପୋଷ, ଭେଲୁଆଡିହି ଅଞ୍ଚଳରେ ବର୍ଷା ଦିନେ ଦେଖାଦେଇଥିବା ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ସହ ଆଲୋଚନା ହୋଇଥିଲା। ଗତ କିଛି ବର୍ଷ ହେଲା ଏହି ଅଞ୍ଚଳରେ ଦେଖାଦେଉଥିବା କାଳବୈଶାଖି ଜନିତ ବିପର୍ଯ୍ୟୟର ମୁକାବିଲା ପାଇଁ ଆଲୋଚନା ହୋଇଥିଲା। ଏଥିସହ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କ ମତାମତ ଗ୍ରହଣ କରାଯାଇଥିଲା। ଏହି ବୈଠକରେ ତହସିଲଦାର ମାନସୀ ନାଏକ, ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶ୍ରୀକାନ୍ତ ଟପ୍ପୋ, ସିଡିପିଓ ଜୟଶ୍ରୀ ପଟ୍ଟନାୟକ ସମେତ ବିଦ୍ୟୁତ୍ ,ପୋଲିସ ଷ୍ଟେସନ, ଅଗ୍ନିଶମ, କୃଷି ବିଭାଗ ଅଧିକାରୀ କର୍ମଚାରୀ ଏବଂ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ରେ ଏମ୍ସ ପ୍ରତିଷ୍ଠା ପାଇଁ ସରକାରଙ୍କ ଆନ୍ତରିକତା ନାହିଁ: ଜୁଏଲ

**ସୁନ୍ଦରଗଡ଼,୧୮।୬ (ଜୟନାରାୟଣ ମେଣ୍ଡୁଲି)**



ସମ୍ମିଳନୀରେ ଉପସ୍ଥିତ ଅତିଥି ବୃନ୍ଦ।

କେନ୍ଦ୍ର ସରକାରଙ୍କ ସୁଶାସନର ୯ବର୍ଷ ପୂର୍ତ୍ତି ପାଳନ ଅବସରରେ ସ୍ଥାନୀୟ ଜେଡିଆର ସମ୍ମିଳନୀ କକ୍ଷରେ ଏମ୍‌ପି ଜୁଏଲ ଓରାମ ଏକ ଖବରଦାତା ସମ୍ମିଳନୀରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ସଫଳତା ସମ୍ପର୍କରେ ସୂଚନା ଦେଇଛନ୍ତି। ଏମ୍‌ପି ଓରାମ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ୯ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଅନେକ ବିକାଶମୂଳକ କାର୍ଯ୍ୟ କରି ସାରାବିଶ୍ୱରେ ଭାରତକୁ ଏକ ନୂତନ ପରିଚୟ ଦେବାରେ ସକ୍ଷମ ହୋଇଛନ୍ତି। ଦେଶର ବିକାଶ ସହିତ ମହିଳା ସଶକ୍ତିକରଣ, କୃଷି, କୃଷକଙ୍କ ଉନ୍ନତି, ପ୍ରତିରକ୍ଷା, ଯୁବତୀଯୁବକଙ୍କୁ ସ୍ୱାବଲମ୍ବୀ କରିବା ଏବଂ ଦେଶର ଅର୍ଥନୈତିକ ବ୍ୟବସ୍ଥାକୁ ମଜବୁତ କରିବା ସହ ଅନେକ ଗୁଡ଼ିଏ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଉଜ୍ଜ୍ୱଳା ଯୋଜନା ସମେତ ଜନଧନସୁରକ୍ଷା ମାଧ୍ୟମରେ ପ୍ରତ୍ୟେକ ହିତାଧିକାରୀଙ୍କୁ ଏହାର ସୁଫଳ ମିଳିଛି। ପ୍ରଧାନମନ୍ତ୍ରୀ କୃଷି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟବୀମା ଯୋଜନା, ଜନଔଷଧି ଯୋଜନା ମାଧ୍ୟମରେ ରିହାତି ଦରରେ ଔଷଧ ମିଳିପାରୁଛି। ଅନେକ ଗୁଡ଼ିଏ ସଫଳ ଯୋଜନା ଦେଶର ପ୍ରତେକ ନାଗରିକ ମାନଙ୍କ ପାଖକୁ ପହଞ୍ଚାଇବା ସହ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ବିବାଦ ରାମ ମନ୍ଦିର ହଉ ଅବା ତିନ ତଲାକ କି ୩୭୦ଧାରା ଉଚ୍ଛେଦ, ସେହିଭଳି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ସଫଳତା ଆପଣମାନେ ଦେଖିପାରୁଥିବା କହିବା ସହ ରେଳ ସଂଯୋଗୀକରଣ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ତିଆରି କରିଛନ୍ତି ବୋଲି କହିଥିଲେ। ସେହିଭଳି ଖବରଦାତାମାନଙ୍କ କେତେକ ପ୍ରଶ୍ନର ଉତ୍ତର ଦେଇ ଜୁଏଲ କହିଥିଲେ, ସୁନ୍ଦରଗଡ଼ରେ ଏମ୍ସ ନିର୍ମାଣ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ, ହେଲେ ରାଜ୍ୟ ସରକାରଙ୍କ ଏଥିପ୍ରତି ଆନ୍ତରିକତା ନାହିଁ ବୋଲି ସ୍ପଷ୍ଟ କରିଥିଲେ। ସେହିଭଳି ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଗୁଡ଼ିକ କାହିଁକି ଡାକ୍ତରଖାନା ଭିତରେ ଖୋଲା ଯାଉନାହିଁ ପ୍ରଶ୍ନରେ ଓରାମ କହିଛନ୍ତି, ରାଜ୍ୟ ସରକାର ଏଥିପାଇଁ ଜମି କିମ୍ବା ଅନୁମତି ଦେଉନାହାନ୍ତି। ଏହା ହେଲେ ଜନତାଙ୍କ ଭିତରେ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଜାଗ୍ରତ ସୃଷ୍ଟି ହୋଇଯିବ, ସେନେଇ ରାଜ୍ୟ ସରକାର ଏହାକୁ ଅଣଦେଖା କରୁଛନ୍ତି। ଏହି ଖବରଦାତା ସମ୍ମିଳନୀରେ ତଳସରା ବିଧାୟକ ତଥା ଭାଜପା ଜିଲା ସଭାପତି ଭବାନୀ ଶଙ୍କର ଭୋଇ, ବିଧାୟିକା କୁସୁମ ଟେଟେ, ସାଂସଦ ପ୍ରତିନିଧି ବଟକିଶୋର ମିଶ୍ର, ଜିଲା ସମ୍ପାଦକ ଯଶୋବନ୍ତ ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଦେଓଗାଁ,୧୮।୬(କୃଷ୍ଣପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ବନ୍ଧପଡାରେ ଥିବା ଏକ ଢ଼ାବା ପାଖ ଜଙ୍ଗଲରୁ ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଛି। ମୃତକ କଣ୍ଟାବାଞ୍ଜି ଆନନ୍ଦନଗର ୱାର୍ଡ ନଂ ୮ର ରମେଶ ହାତୀ (୩୬) ବୋଲି ଚିହ୍ନଟ କରାଯାଇଛି। ପୋଲିସ ମୃତଦେହ ଜବତ କରିଛି। ଏକ ଅପମୃତ୍ୟୁ ମାମଲା (୫/୨୩) ହୋଇଥିବା ଫାଣ୍ଡି ଅଧିକାରୀ ସୁଦର୍ଶନ ଦୋରା ସୂଚନା ଦେଇଛନ୍ତି।

### ରେଳ ଧାରଣାରୁ ବୃଦ୍ଧଙ୍କ ମୃତଦେହ ଜବତ

**ଦେଓଗାଁ,୧୮।୬(କୃଷ୍ଣପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ହାତିସରା ନିକଟସ୍ଥ ରେଳଧାରଣାରୁଜଣେ ବୃଦ୍ଧଙ୍କ ମୃତଦେହ ଜିଆରପି ଜବତ କରିଛି। ବୃଦ୍ଧଙ୍କ ପରିଚୟ ମିଳିନାହିଁ। ରବିବାର ସକାଳୁ ଦେଓଗାଁ ରୋଡରୁ ସଇଁତଳା ରେଳ ଲାଇନ ହାତିସରା ନିକଟ ରେଳଧାରଣା ମଝିରେ ଜଣେ ବୃଦ୍ଧ ମୃତ ଅବସ୍ଥାରେ ପଡିଥିବା କେତେକ ଯୁବକ ଦେଖି ରେଳ କର୍ମଚାରୀଙ୍କୁ ଖବରଦେଇଥିଲେ। ଦେଓଗାଁ ରେଳଷ୍ଟେଶନ କର୍ମଚାରୀ ଜିଆରପିଙ୍କୁ ଖବର ଦେବାପରେ ସନ୍ଧ୍ୟାରେ ବୃଦ୍ଧଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।

### ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ବିକାଶ ମନ୍ଥର

**ଅଭିଯୋଗ କଲେ କୋଶଳବାଦୀ ନେତା ପ୍ରମୋଦ ମିଶ୍ର**

**କଣ୍ଟାବାଞ୍ଜି,୧୮।୬(ଗୁରୁଦୟାଲ ହଂସ):** ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ବଲାଙ୍ଗୀର ଜିଲାର ଆଶନୁରୂପ ବିକାଶ ହୋଇ ପାରୁନାହିଁ। କଣ୍ଟାବାଞ୍ଜି ହରିଭବନରେ ରବିବାର ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି କୋଶଲବାଦୀ ନେତା ପ୍ରମୋଦ ମିଶ୍ର। ସେ କହିଛନ୍ତି ଏହି ଜିଲାରୁ ବିଧାନସଭା ଏବଂ ସଂସଦକୁ ଅନେକ ବାର ପ୍ରତିନିଧିତ୍ୱ କରି ଆସିଥିବା ନେତୃବୃନ୍ଦ ଜିଲାର ବିକାଶ ଉପରେ ଦିନେ ହେଲେ ସ୍ୱର ଉତ୍ତୋଳନ କରିନାହାନ୍ତି। ଅଞ୍ଚଳରେ ଅନେକ ସମସ୍ୟା ରହିଛି। ଲୋକେ ମୌଳିକ ଅଧିକାରରୁ ବଞ୍ଚିତ ଅଛନ୍ତି। ହେଲେ ସେମାନଙ୍କୁ କୌଣସି ବିକାଶରେ ସାମିଲ କରାଯାଇ ନାହିଁ। ଜିଲାରେ ଜଳସେଚନର ଅଭାବ, ଦାଦନ ଶ୍ରମିକ ଚାଲାଣ, କଳ କାରଖାନା ନାହିଁ ଏହା ଉପରେ କୌଣସି ରାଜନେତା ପ୍ରସଙ୍ଗଭିତ୍ତିକ ରାଜନୀତି କରୁ ନାହାନ୍ତି। ଏଣୁ ସାଧାରଣ ଲୋକେ ରାଜନୀତିରେ ସାମିଲ ହେଲେ ଜିଲାର ବିକାଶ ହେବ ବୋଲି ମିଶ୍ର ପ୍ରେସ କହିଛନ୍ତି। ଖବରଦାତା ସମ୍ମିଳନୀରେ ଶ୍ରମିକ ନେତା ରବି ନନ୍ଦ, ଓକିଲ ବ୍ରଜଶ୍ୟାମ ଗୁରୁ, ଶେଷଦେବ ପୁଟେଲ, କୈଳାସ ନେରୋଲାକ, ମୁରାରି ଅଗ୍ରୱାଲ, ଆଶିଷ ଖାଇତାନ ପ୍ରମୁଖ ଉପସ୍ଥିତ ଥିଲେ।

### ଚେକ୍‌ଡ୍ୟାମ୍ ନିର୍ମାଣରେ ଅନିୟମିତତା

**ଅଭିଯୋଗର ତଦନ୍ତ କରାଯିବ: ଉପଜିଲାପାଳ**

**ସଇଁତଳା, ୧୮।୬(ରାଖାଲ ପ୍ରସାଦ ଶତପଥୀ):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କନ୍ଧକେଲଗାଁ ପଞ୍ଚାୟତ ଅନ୍ତର୍ଗତ ଜଲିଆ ବାବାମଠ ନିକଟରେ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ୪୧ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଚେକଡ୍ୟାମ ନିର୍ମାଣ କାମ ଚାଲିଛି। କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ କାର୍ଯ୍ୟସ୍ଥଳକୁ ପରିଦର୍ଶନରେ ଆସୁ ନ ଥିବାରୁ ଠିକାସଂସ୍ଥା ନିମ୍ନମାନର ସିମେଣ୍ଟ ଓ ଲୋକାଲ ଲୁହାରଡ଼ ବ୍ୟବହାର କରୁଛନ୍ତି। ଏପରିକି ୧୬ଏମଏମ ସ୍ଥାନରେ ୧୨ଏମଏମର ରଡ ବ୍ୟବହୃତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ଉପସ୍ଥିତ ଠିକାସଂସ୍ଥାର ଜନୈକ କର୍ମଚାରୀଙ୍କୁ ପଚାରିବାରୁ କିଛି କହିପାରିବେ ନାହିଁ ବୋଲି କହିଥିଲେ। ସେହିପରି ଧରବଗଡ଼ ପଞ୍ଚାୟତ ଅନ୍ତଗତ ମାକ୍ରି ଗ୍ରାମ ନିକଟସ୍ଥ କଦଳୀମୁଣ୍ଡାରେ ନିର୍ମାଣାଧୀନ ଚେକଡ୍ୟାମର ମଧ୍ୟ ସମାନ ଅବସ୍ଥା। ଟେଣ୍ଡର ନେଇଥିବା ଠିକା ସଂସ୍ଥା ନିଜେ କାମ ନ କରି ସ୍ଥାନୀୟ ପେଟି ଠିକାଦାରଙ୍କୁ କାମ ଦେଇଛନ୍ତି। ଫଳରେକ କାମ ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ସେହିଭଳି କଅଁସର ପଞ୍ଚାୟତର କୁକୁରଖାଇ ଯୋରରେ ୩୬ ଲକ୍ଷ ୧୩ ହଜାର ୩୭୦ ଟଙ୍କା ବ୍ୟୟରେ ନିର୍ମାଣାଧୀନ ଚେକଡ୍ୟାମରେ ନିମ୍ନମାନର ସମଗ୍ରୀ ବ୍ୟବହାର କରାଯାଉଥିବା ଓ ଆବଶ୍ୟକ ପାଣି ଦିଆଯାଉ ନ ଥିବା ଯୋଗୁ ଡ୍ୟାମର କେତେକ ସ୍ଥାନ ଫାଟି ଆଁ କଲାଣି। ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାତ୍ରଙ୍କୁ ଏ ନେଇ ପଚାରିବାରୁ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହଛନ୍ତି।

# ଡକାୟତି ଷଡ଼ଯନ୍ତ୍ର ପଣ୍ଡ, ୮ ଗିରଫ

**ବଲାଙ୍ଗୀର, ୧୮।୬ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରରେ ସଶସ୍ତ୍ର ଡକାୟତି ଯୋଜନାକୁ ପଣ୍ଡ କରିଛି ପୋଲିସ। ଶନିବାର ରାତିରେ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଅତର୍କିତ ଚଢ଼ାଉ କରି ୧୦ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରେ ୨ଜଣ ନାବାଳକ ଅଛନ୍ତି। ଅଭିଯୁକ୍ତମାନଙ୍କଠାରୁ ବିପୁଳ ପରିମାଣର ମାରଣାସ୍ତ୍ର ସହ ୫ ହଜାର ନଗଦ ଟଙ୍କା ଏବଂ ୮ଟି ମୋବାଇଲ ଜବତ ହୋଇଛି। ରବିବାର ଟାଉନ୍ ଥାନାରେ ଏକ ଖବରଦାତା ସମ୍ମିଳନୀ କରି ଏସ୍‌ଡିପିଓ ତୋଫାନ ବାଗ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି।

ଏସ୍‌ଡିପିଓଙ୍କ ସୂଚନା ଅନୁସାରେ ବଲାଙ୍ଗୀର ସହର ପାଟଣା ହୋଟେଲ ନିକଟ ସପ୍ନା ଲଜ୍ ପାଖ ଉପହାର କମ୍ପ୍ଲେକ୍ସରେ ଶନିବାର ରାତି ପ୍ରାୟ ସାଢ଼େ ୯ଟାରେ କେତେକ ଯୁବକ ସହରର ଜଣେ ବ୍ୟବସାୟୀଙ୍କ ଘରେ ଡକାୟତି ଷଡ଼ଯନ୍ତ୍ର କରି ଯୋଜନା ପ୍ରସ୍ତୁତ କରୁଥିଲେ। ନିର୍ଭରଯୋଗ୍ୟ ସୂଚନା ମିଳିବା ପରେ ଏସ୍‌ପି ଋଷିକେଶ ଖିଲାରୀଙ୍କ ନିର୍ଦ୍ଦେଶକ୍ରମେ ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ସେଠାରୁ ଗେଟସରୋବରପଡାର ସିଲୁ ସେଠ୍ (୨୩), କଂସାରୀପଡାର ବବ୍‌ଲୁ ବେହେରା (୨୩), ରାମେଶ୍ୱରନଗରର ଶିବ ପଟେଲ (୨୩), ଆକାଶ ରାଓ (୨୧), ତାଳପାଲିପଡାର ସିଲୁ ପଧାନ (୨୩), ରାଜୀବନଗରର ଦିଲୁ ବନ୍‌ଛୋର (୨୨), ବିଭୂତିପଡାର ଆକାଶ ରାଉତ (୨୫), ପ୍ରତାପସାଗରପଡାର ସୁମନ୍ତ ବରାଡ (୨୨)ଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ସହ ଦୁଇଜଣ ନାବାଳକଙ୍କୁ ପୋଲିସ ଘଟଣାସ୍ଥଳରୁ ଧରିଥିଲା। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଖଣ୍ଡା, ଗୋଟିଏ ଲୁହା ହାମର, ଦୁଇଟି ଟାଙ୍ଗିଆ, ଦୁଇଟି ଲୁହାରଡ୍, ଗୋଟିଏ ଲୁହା ପାଇପ୍, ୫ହଜାର ଟଙ୍କା ଜବତ କରାଯାଇଥିଲା। ସହରର କେଉଁ ବ୍ୟବସାୟୀଙ୍କ ଘରେ ଡକାୟତି ଯୋଜନା କରୁଥିଲେ ଏସ୍‌ଡିପିଓ ସେ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କିଛି କହି ନାହାନ୍ତି। ତେବେ ଗିରଫ ଅଭିଯୁକ୍ତମାନେ ଜଣେ ଧନୀ ବ୍ୟବସାୟୀଙ୍କ ଘରକୁ ଟାର୍ଗେଟ କରିଥିଲେ ବୋଲି ସେ ସୂଚନା ଦେଇଛନ୍ତି। ଏହି ସଶସ୍ତ୍ର ଡକାୟତି ଯୋଜନାରେ ନାବାଳକ ସାମିଲ ଥିବାରୁ ଏହାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ଦୁଇ ନାବାଳକ ଅଭିଯୁକ୍ତଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିଲ।


ବଲାଙ୍ଗୀର ଆଦର୍ଶ ଟାଉନ୍ ଥାନାରେ ଗିରଫ ଅଭିଯୁକ୍ତମାନେ।

- ବିପୁଳ ପରିମାଣର ମାରଣାସ୍ତ୍ର ଜବତ
- ସହରର ଜଣେ ବ୍ୟବସାୟୀଙ୍କ ଘରେ ଡକାୟତି କରିଥାନ୍ତେ
- ଅଭିଯୁକ୍ତଙ୍କ ସହ ଧରା ପଡିଛନ୍ତି ୨ ନାବାଳକ


ଡକାୟତି ଯୋଜନା କରୁଥିବା ଅଭିଯୁକ୍ତଙ୍କଠାରୁ ଜବତ ମାରଣାସ୍ତ୍ର ଓ ମୋବାଇଲ।

# ନିଜସ୍ୱ କୋଠା ନାହିଁ, ଗ୍ରାହକ ହଇରାଣ

**ଲାଠୋର, ୧୮।୬(ଭୁବନେଶର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସେଣ୍ଟ୍ରାଲ ବ୍ୟାଙ୍କରେ ଗ୍ରାହକଙ୍କୁ ଉପଯୁକ୍ତ ସେବା ଉପଲବ୍ଧ ହେଉନାହିଁ। ଏଥିପାଇଁ ଗ୍ରାହକମାନେ ଦାବି କରି ଆସୁଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଲାଠୋର ଗ୍ରାମରେ ଗତ ୩୦ ଅଗଷ୍ଟ ୧୯୭୨ ମସିହାରେ ସେଣ୍ଟ୍ରାଲ ବ୍ୟାଙ୍କର ଏକ ଶାଖା ଖୋଲା ଯାଇଥିଲା। ଲାଠୋର-କଣ୍ଟାବାଞ୍ଜି ମୁଖ୍ୟ ରାସ୍ତାକଡ ସେବା ସମବାୟ ସମିତି ନିକଟ ସ୍ୱର୍ଗତ ତେଜୁରାମ ଅଗ୍ରୱାଲଙ୍କ ଏକ ଘର ଭଡା ସୂତ୍ରରେ ନିଆଯାଇ ଆରମ୍ଭ ହୋଇଥିବା ବ୍ୟାଙ୍କ ଏବେ ବି ସେହିଠାରେ ଚାଲିଛି। ଏକ ଲମ୍ବା ହଲରେ ଶାଖା ପରିଚାଳକଙ୍କ ଚ୍ୟାମ୍ବର, କ୍ୟାଶ କାଉଣ୍ଟର ଓ ଅନ୍ୟ କର୍ମଚାରୀ ବସି କାମ କରୁଛନ୍ତି। ଗ୍ରାହକମାନେ ଟଙ୍କା ଜମା ଉଠାଣ ଏବଂ ଅନ୍ୟାନ୍ୟ କାମରେ ବ୍ୟାଙ୍କକୁ ଅସିଲେ ସେମାନଙ୍କ ବସିବା ପାଇଁ ଚୌକିର ବ୍ୟବସ୍ଥା ନାହିଁ। ବ୍ୟାଙ୍କରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ନାହିଁ। ଖପ୍ରାଖୋଲ ବ୍ଲକରେ କେବଳ ଗୋଟିଏ ମାତ୍ର ସେଣ୍ଟ୍ରାଲ ବ୍ୟାଙ୍କ ରହିଥିବା ହେତୁ ଏଠାରେ ପ୍ରତିଦିନ ପ୍ରବଳ ଭିଡ଼ ଜମିଥାଏ। ଭିଡ଼ ଯୋଗୁଁ ଗ୍ରାହକମାନେ ବ୍ୟାଙ୍କ ଭିତରେ ବସିବା ପାଇଁ ଯାଗା ନପାଇ ପାଖ ଆଖରେ ରହିଥିବା ବିଭିନ୍ନ ଦୋକାନରେ ଅପେକ୍ଷା କରିଥାନ୍ତି। ଗତ ମେ ୨୯ତାରିଖରେ କରୁଆଝର ଗ୍ରାମର ନାରାୟଣ ଶବର(୭୬) ବ୍ୟାଙ୍କକୁ ବାର୍ଦ୍ଧକ୍ୟ ଭତ୍ତା ଉଠାଣ ପାଇଁ ଆସି ବ୍ୟାଙ୍କରେ ଅପେକ୍ଷା କରିବାକୁ ଜାଗା ନପାଇ ଏକ ଦୋକାନ ସମ୍ମୁଖରେ ଅପେକ୍ଷା କରିଥିବା ବେଳେ ଅଂଶୁଘାତର ଶିକାର ହୋଇଥିଲେ। ଏହିପରି ବିଭିନ୍ନ ସମୟରେ ଗ୍ରାହକ ବ୍ୟାଙ୍କ ଆସି ସମସ୍ୟା ଭୋଗୁଛନ୍ତି। ଏନେଇ ଶାଖା ପରିଚାଳକ ଆଶୁତୋଷ ଡୁଙ୍ଗଡୁଙ୍ଗଙ୍କୁ ପଚାରିବାରୁ ବ୍ୟାଙ୍କ ସ୍ଥାନ ପରିବର୍ତ୍ତନ ପାଇଁ ଖୁବ୍‌ଶୀଘ୍ର ଟେଣ୍ଡର ହେବ। ଏଥିସହ ଅନ୍ୟାନ୍ୟ ସୁବିଧା ପାଇଁ ଉପରସ୍ଥ ଅଧିକାରୀଙ୍କୁ ସୁପାରିଶ କରାଯାଇଛି ବୋଲି କହିଥିଲେ।


ଲାଠୋର ସେଣ୍ଟ୍ରାଲ ବ୍ୟାଙ୍କ।

**ଲାଠୋର ସେଣ୍ଟ୍ରାଲ ବ୍ୟାଙ୍କ**

- ୫୦ବର୍ଷ ହେଲା ଗୋଟିଲ ଲଙ୍ଗହଲରେ ଚାଲିଛି ବ୍ୟାଙ୍କ
- ନିଜସ୍ୱ କୋଠା ନିର୍ମାଣ ପାଇଁ ଖୁବ୍‌ଶୀଘ୍ର ଟେଣ୍ଡର ହେବ: ଶାଖା ପରିଚାଳକ

### କଫ୍ ସିରପ ଜବତ, ୩ ଗିରଫ

**ବଲାଙ୍ଗୀର, ୧୮।୬ (ବୀରେନ୍ଦ୍ର କୁମାର ଝାଙ୍କର)**

କଫ୍ ସିରପ କାରବାରରେ ସମ୍ପୃକ୍ତ ତିନ ଅଭିଯୁକ୍ତଙ୍କୁ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଟିମ୍ ସ୍ଥାନୀୟ ହାଟପଦାପଡାରୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହାଟପଦାପଡାର ତାଜୁ ଓରଫ୍ ରାକେଶ ଜେନା (୨୪), ବ୍ରାହ୍ମଣପଡାର ସୋନୁ ଓରଫ୍ ସୌମ୍ୟରଞ୍ଜନ ପଟ୍ଟନାୟକ (୨୫) ଏବଂ ଦେଓଗାଁ ଥାନା ଅନ୍ତର୍ଗତ ସାନମୁଣ୍ଡା ଗାଁର ଟିଙ୍କୁ ମଟାରୀ (୨୨)। ସେମାନଙ୍କ ଠାରୁ ୫୦ ବୋତଲ ଅପମିଶ୍ରିତ କଫ୍ ସିରପ୍, ନିଶା ବଟିକା ସହ ୩ ହଜାର ଟଙ୍କା ଜବତ ହୋଇଛି। ଏନେଇ ଟାଉନ୍ ଥାନାରେ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଛି ବୋଲି ଏସଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି।

# ରେଳଲାଇନ୍ କଡ଼ରୁ ଦୁଇ ମୃତଦେହ ଜବତ

**ବଲାଙ୍ଗୀର, ୧୮।୬ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର-ଟିଟିଲାଗଡ ରେଳଲାଇନ୍‌ର ଦୁଇଟି ପୃଥକ୍ ସ୍ଥାନରୁ ଦୁଇଜଣଙ୍କ ମୃତଦେହକୁ ବଲାଙ୍ଗୀର ରେଳବାଇ ପୋଲିସ ରବିବାର ଜବତକରିଛି। ବଲାଙ୍ଗୀର ରେଳଷ୍ଟେଶନ୍ ନିକଟ ଖୁଜେନ୍‌ପାଲି ନାଳା ପାଖ ରେଳଲାଇନ୍ କଡରୁ ଜଣେ ଯୁବକଙ୍କ ମୃତଦେହ ରବିବାର ସକାଳୁ ଉଦ୍ଧାର କରାଯାଇଥିଲା। ପରେ ସମ୍ପୃକ୍ତ ଯୁବକ ଜଣକ ସୁବର୍ଣ୍ଣପୁର ଜିଲା ତରଭା ଥାନା ଦେଓଗାଁ ଗ୍ରାମର ରାମ ନାଏକ (୨୫) ବୋଲି ଚିହ୍ନଟ ହୋଇଥିଲା। ଘରୋଇ କଳହରୁ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ବଲାଙ୍ଗୀର-ଟିଟିଲାଗଡ ରେଳଲାଇନ୍‌ର ଦେଓଗାଁ ପଟକୁ ଆଉ ଜଣେ ପ୍ରୌଢ଼ ବ୍ୟକ୍ତି ମରି ପଡିଥିବା ଦେଖାଯାଇଥିଲା। ଏନେଇ ଖବର ପାଇବା ପରେ ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏହି ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ। ତେବେ କୌଣସି ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି ବୋଲି ରେଳବାଇ ପୋଲିସ ଥାନାଧିକାରୀ ସୁକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

### ମୃତ ଶିକ୍ଷୟିତ୍ରୀଙ୍କ ପରିବାରକୁ ଶିକ୍ଷକ ସଂଘର ସହାୟତା

**ମୁରିବାହାଲ,୧୮।୬(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଚୋରମରା ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ସୋନାଲି ମାଝି(୨୬)ଙ୍କର ଗତ ୭ ତାରିଖ ସନ୍ଧ୍ୟାରେ ମୃତ୍ୟୁ ଘଟିଥିଲା। ମୃତ ଶିକ୍ଷୟିତ୍ରୀଙ୍କ ଶୁଦ୍ଧକ୍ରିୟା ପାଇଁ ବଲାଙ୍ଗୀର ଜିଲା ଏନପିଏସ ଓ ପ୍ରାରମ୍ଭିକ ନିଯୁକ୍ତ ଶିକ୍ଷକ ସଂଘର ଏକ ମିଳିତ ପ୍ରତିନିଧି ଦଳ ମୃତାଙ୍କ ପରିବାରକୁ ରବିବାର ୫୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କଳାହାଣ୍ଡି ଜିଲା ବାରାଝୁଲା ଗ୍ରାମର ସୋନାଲି ମାଝିଙ୍କର ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ବ୍ଲକ ଚୋରମାରା ସରକାର ଉନ୍ନତଉଚ୍ଚ ବିଦ୍ୟାଳୟରେ ଗତ ଅଗଷ୍ଟ ୨ତାରିଖରେ ଯୋଗ ଦେଇଥିଲେ। ଜୁନ ୭ ତାରିଖରେ ଅସୁସ୍ଥତା ଯୋଗୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରତିନିଧି ଦଳରେ ପାର୍ଥ ସାରଥୀ ପଣ୍ଡା, ହିମାଂଶୁ ଭୂଷଣ ସେନାପତି, ହେମନ୍ତ ନାଗ, ଭାରତ ମାଝି, ଧ୍ରୁବଚରଣ ସାହୁ, ସୁଶାନ୍ତ ସୁନା ପ୍ରମୁଖ ଉପସ୍ଥିତ ଥିଲେ।


ମୃତ ଶିକ୍ଷୟିତ୍ରୀଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଉଛି।

# ଫ୍ଲଡ଼୍‌ଲାଇଟ କ୍ରିକେଟ: କୁମ୍ଭାରୀ ଚାମ୍ପିୟନ

**ମୁରିବାହାଲ,୧୮।୬(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଘୁଷୁରାମୁଣ୍ଡା ଖେଳ ପଡିଆରେ ଗତ ୧୫ ତାରିଖଠାରୁ ଆରମ୍ଭ ହୋଇଥିବା ୧୨ତମ ମା' ବାରଝୁଲେନ ଫ୍ଲଡଲାଇଟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ବେଲପଡାକୁ ହରାଇ କୁମ୍ଭରୀ ଦଳ ଚାମ୍ପିୟନ ହୋଇଛି। ଘୁଷୁରାମୁଣ୍ଡା ଖେଳ ପଡିଆରେ ୟୁଥ ଓ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ କୁମ୍ଭାରୀ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ଓଭରରେ ୮୬ରନ କରିଥିଲା। ଜବାବରେ ବେଲପଡା ଦଳ ୬୪ ରନରେ ସୀମିତ ରହିଥିଲା। ଫଳରେ କୁମ୍ଭାରୀ ଦଳ ୨୮ ରନ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ପୁରସ୍କର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଶ୍ରୀବତ୍ସ ବେହେରା, ବିଶିଷ୍ଟ ଶିକ୍ଷାବିତ୍ ଭଗତ ନାଗ, ଲକ୍ଷ୍ମୀ ଧାରୁଆ, ରୋମନ ବାଗ, କୁନ୍ତ ପୋଡ଼ ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ମ୍ୟାଚକୁ ସରୋଜ ଖମାରି, ଶୁଦ୍ଧାକର ବାଗ ଓ ଗିରିଧାରୀ ବାଗ ପରିଚାଳନା କରିଥିଲେ। ରାକେଶ ପୃଷ୍ଟି ସ୍କୋରର, ଧରା ବିବରଣୀ ପ୍ରଦାନ କରିଥିଲେ ଗଣେଶ ଭୋଇ ଓ ଶିବ ସାହୁ। ଆୟୋଜକ କମିଟି ସଭାପତି ମକରନ ମାଝି, ସମ୍ପାଦକ ରୋମାନ ଭୋଇଙ୍କ ନେତୃତ୍ୱରେ କ୍ଲବ ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।


ଫାଇନାଲ ମ୍ୟାଚ ଖେଳିଥିବା ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।

# ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ବାପା**

**ମୁରିବାହାଲି, ୧୮।୬(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ଖଲିଆପାଲି ଗ୍ରାମର ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘର ପଛ ପଟେ ଥିବ ଏକ ଗଛରୁ ଶନିବାର ସନ୍ଧ୍ୟାରେ ଜବତ କରାଯାଇଛି। ମୃତକ ହେଲେ ଗାଁର ଅରୁଣ ବାଗଙ୍କ ପୁଅ ଗୁଣନିଧି(୧୪)। ସେ ନବମ ଶ୍ରେଣୀରେ ପଢୁଥିଲେ। ତେବେ କେତେକ ଲୋକେ ଜାତିଆଣ ମନୋଭାବ ନେଇ ଗାଁ ପୋଖରୀ ତୁଠରେ ପୁଅକୁ ପିଟି ମାରି ଦେଇଥିବା ଗୁଣନିଧିଙ୍କ ବାପା ଅରୁଣ ବାଗ ଅଭିଯୋଗ କରିଛନ୍ତି। ହତ୍ୟା କରିବା ପରେ ଗଛରେ ଝୁଲାଇ ଆତ୍ମହତ୍ୟାର ରୂପ ଦିଆଯାଉଥିବା ନେଇ ସେ ମୁରିବାହାଲ ଥାନାରେ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତି କରି ଥାନାରେ ଏକ ମାମଲା(୧୦୪/୨୩) ରୁଜୁ ହୋଇଛି।

ଅଭିଯୋଗ ଅନୁସାରେ ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ଗୁଣନିଧି ଓ ତାଙ୍କ କକା ପୁଅ ହୃଦାନନ୍ଦ ବାଗ ଇଚ୍ଛାପଡା ସାଗରକୁ ଗାଧେଇବାକୁ ଯାଇଥିଲେ। ଜାତିଆଣ ମନୋଭାବ ଦେଖାଇ କେତେକ ସେମାନଙ୍କୁ ତୁଠରେ କୁଆଡେ ଗାଧୋଇବାକୁ ବାରଣ କରିଥିଲେ। ପରେ ସେହିମାନେ ଗୁଣନିଧିଙ୍କୁ ନିସ୍ତୁକ ମାଡ ମାରିଥିଲେ। ପରେ ହୃଦାନନ୍ଦ ଓ ଗୁଣନିଧି ସେଠାରୁ ଘରକୁ ଆସିଥିଲେ। ଘରେ କିଛି ସମୟ ରହିବା ପରେ ଗୁଣନିଧି ପୁଣି କେଉଁ ଆଡେ ଚାଲିଯାଇଥିଲେ। ଏହାର ପ୍ରାୟ ଘଣ୍ଟାଏ ପରେ ଘର ବାରିପଟେ ଥିବା ବହଳ ଗଛରେ ଗୁଣନିଧିଙ୍କୁ ଝୁଲନ୍ତା ଅବସ୍ଥାରେ ଥିବା ଦେଖାଯାଇଥିଲା। ମୁରିବାହାଲ ପୋଲିସ ଓ ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ ରବିବାର ଘଟଣାସ୍ଥଳକୁ ଯାଇ ଛାନଭିନ କରିଛି। ପୋଖରୀ ତୁଠରେ ମାଡ ଖାଇବା ପରେ ଗୁଣନିଧି ଆସି ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଛି ତାହାର ତଦନ୍ତ କରାଯାଉଛି। ଅପରାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହ ଗୁଣନିଧିଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ଏସଆଇ ପ୍ରମୋଦ ପ୍ରଧାନ କହିଛନ୍ତି।

### ମେଗା ରକ୍ତଦାନ ଶିବିର, ୧୦୫ ୟୁନିଟ ରକ୍ତ ସଂଗ୍ରହ



ଅତିଥିଙ୍କ ଉପସ୍ଥିତିରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

**ଲୋଇସିଂହା, ୧୮।୬( ସୁଶାନ୍ତ ବାରିକ )**

ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରେସନ ଭବନରେ ମାରୱାଡି ଯୁବାମଞ୍ଚ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୦୫ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରରେ ଶହେରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାକୃତ ରକ୍ତାଦାତା ରକ୍ତ ଦେଇଥିଲେ। ବଲାଙ୍ଗୀର ରକ୍ତଭଣ୍ଡାର ମେଡିକାଲ ଅଫିସର ଡ.ସୁମିତ ମୁଣ୍ଡ, କାଉନସେଲର ଶେଖ ଅସରଫ, ଷ୍ଟାଫନର୍ସ ଜ୍ୟୋତିର୍ମୟୀ ନାଏକ ଓ ଷ୍ଟାଫଯୋଗ ଦେଇ ରକ୍ତ ସଂଗ୍ରହ କରିଥିଲେ। ସ୍ଥାନୀୟ ଯୁବାମଞ୍ଚ ସଭାପତି ରାକେଶ ଅଗ୍ରୱାଲ, ସମ୍ପାଦକ ଅଭିଷେକ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। ବିକାଶ ଅଗ୍ରୱାଲ, ସାହିଲ ଅଗ୍ରୱାଲ, ଓମପ୍ରକାଶ ଅଗ୍ରୱାଲ, ପଙ୍କଜ ଅଗ୍ରୱାଲ, କେଶବ ଅଗ୍ରୱାଲ. ମୋହନ ଅଗ୍ରୱାଲ, ରୋହିତ ଅଗ୍ରୱାଲ, ପ୍ରତିକ ଅଗ୍ରୱାଲ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ଜିଲା କଂଗ୍ରେସ ସଭାପତି ଦିଲିପ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ବିଜେଡି ରାଜଜ୍ଞ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା, ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା, ଡା ସଞ୍ଜୀବ କୁମାର ବିଶ୍ୱାଳ ଯୋଗଦେଇ ରକ୍ତଦାତା ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।

### ବିପର୍ଯ୍ୟୟ ପରିଚାଳନା ପ୍ରାକ୍ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି।

**ଖପ୍ରାଖୋଲ, ୧୮।୬ (ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଭା ଗୃହରେ ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରାକ ପ୍ରସ୍ତୁତି ବୈଠକ ରବିବାର ବିଡ଼ିଓ ବିଜୟ କୁମାର ହୋତା ଅଧକ୍ଷତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ପଟେଲ, ସମ୍ମାନିତ ଅତିଥି ସମିତି ଉପାଧକ୍ଷ ସୁଖିରାମ ସାଣ୍ଡ, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା ସପ୍ନେଶ୍ୱର ନାଏକ, ବ୍ଲକ ଅଗ୍ନିଶମ ଅଧିକାରୀ ଜୟଗୋପାଳ ପଣ୍ଡା, ଜିପିଇଓ ବିକାଶ ବାର୍ଲା ପ୍ରମୁଖ ଯୋଗଦେଇଥିଲେ। ମୌସୁମୀ ବର୍ଷା ହେଉ କି ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କିଭଳି କରାଯାଇ ପାରିବ ସେ ନେଇ ସମସ୍ତେ ସଜାଗ ରହିବାକୁ ଆଲୋଚନା ହୋଇଥିଲା। ସେହିପରି ଜଳଉତ୍ସ, ପ୍ରାଣୀ ସମ୍ପଦ, କୃଷି ପାଇଁ ସଚେତନତା ଏବଂ ସତର୍କତା ଉପରେ ମଧ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ସମେତ ସରପଞ୍ଚ ସଂଘ ସଭାପତି ସୀମାଞ୍ଚଳ ପୁରୋହିତ, ବୈଦ୍ୟନାଥ ମିଶ୍ର, ଉମାକାନ୍ତ ମେହେର, ସୁଶିଲ ଗୁରୁ, ଦେବାଶିଷ ସାହୁ, ରାଜ କିଶୋର ମେହେର, ସନ୍ତୋଷ ତାଣ୍ଡି ପ୍ରମୁଖ ସମିତି ସଭ୍ୟ ସରପଞ୍ଚ ଉପସ୍ଥିତ ଥିଲେ। ଶେଷରେ ବିକାଶ ବର୍ଲା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ମେଗା ରକ୍ତଦାନ ଶିବିର : ୨୫ ୟୁନିଟ ରକ୍ତ ସଂଗ୍ରହ

ବାଉଁଶୁଣୀ, ୧୮ା୬(ଦେବାଶିଷ ନେପାକ): ବୌଦ୍ଧ ଜିଲା ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସମର୍ପଣ ସୋସିଆଲ ଫାଉଣ୍ଡେଶନ, ବାଉଁଶୁଣୀ ଓ ମାରୱାଡ଼ି ଯୁବ ମୋର୍ଚ୍ଚା, ବୌଦ୍ଧ ପକ୍ଷରୁ ମେଗା ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ବାଉଁଶୁଣୀ ଥାନା ଅଧିକାରୀ ଅରୁଣ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ ମହାପୂଣ୍ୟ । ରକ୍ତ ଅଭାବରୁ ଯେପରି କୌଣସି ଲୋକର ମୃତ୍ୟୁ ନ ହେବ ସେଥିପାଇଁ ସହଯୋଗ କରିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମର୍ପଣ ସୋସିଆଲ ଫାଉଣ୍ଡେଶନର ସଭାପତି ସୁଜିତ ମେହେର, ସମ୍ପାଦକ ବିକାଶ ଅଗ୍ରୱାଲା, ମାରୱାଡି ଯୁବମୋର୍ଚ୍ଚାର କୋଡ଼ିନେଟର ଅଙ୍କିତ ଅଗ୍ରୱାଲା ଉପସ୍ଥିତ ଥିଲେ । ଶିବିରରେ ୨୫ ୟୁନିଟ ରକ୍ତ ସଂଗ୍ରହ କରା ଯାଇଥିଲା। ଶିବିରକୁ ଚକ୍ରଧର ମେହେର,ପ୍ରଶାନ୍ତ ଚନ୍ଦ୍ର ପଣ୍ଡା, ସୁରଜିତ ସାହୁ, ଅଶୋକ ମେହେର, କୁଶ ଅଗ୍ରୱାଲା,କୁଳମଣି ରାଉତ ସହଯୋଗ କରିଥିଲେ । ବାଉଁଶୁଣୀ ମେଡ଼ିକାଲର ଡାକ୍ତର,ନର୍ସ ତଥା ବୌଦ୍ଧ ରକ୍ତଭଣ୍ଡାରର କର୍ମଚାରୀମାନେ ବୈଷୟିକ ସହାୟତା ଯୋଗାଇ ଦେଇଥିଲେ।

### ୩ ଦିନିଆ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ବାଉଁଶୁଣୀ,୧୮ା୬(ଦେବାଶିଷ ନେପାକ): ବୌଦ୍ଧ ଜିଲା ବାଉଁଶୁଣୀର ୱାଇସିଡିଏ ତରଫରୁ ବାଉଁଶୁଣୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ତିନି ଦିନ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ଶିବିର ୨୦୨୩ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ପଞ୍ଚମ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୫୫ ଜଣ ପିଲା ଯୋଗ ଦେଇ ଥିଲେ। ପିଲାମାନଙ୍କର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ପାଇଁ ପ୍ରାର୍ଥନା ସଭା, ଯୋଗ, ସ୍ୱଚ୍ଛ ଭାରତ ସଚେତନତା, ବେଲୁନ ଖେଳ, ନୃତ୍ୟ, ସଙ୍ଗୀତ, ମ୍ୟୁଜିକ ଚେୟାର, କୁଇଜ, ରଙ୍ଗୋଲି ପ୍ରତିଯୋଗିତା ଆଦି କରାଯାଇଥିଲା। ପ୍ରଥମ ଦିନରେ ବାଉଁଶୁଣୀ ଗ୍ରାମ ପଞ୍ଚାୟତ ସରପଞ୍ଚ ଅଇଁଠୁ ମହାଲିକ ଓ ଯୁବ ସାମାଜିକ କର୍ମୀ ଶ୍ରୀନିବାସ ମେହେର ଯୋଗ ଦେଇଥିଲେ। ଶିବିର ପରିଚାଳନାରେ ୱାଇସିଡିଏର ସଦସ୍ୟ ଜ୍ୟୋତିର୍ମୟୀ ପଣ୍ଡା, ଗିରିଶ ମେହେର ତଥା ସ୍ୱେଚ୍ଛାସେବୀ ଗୋପାଳ କ୍ରିଷ୍ଣା ଥାପା, କ୍ରିଷ୍ଣାପଣ ଦନାୟକ, ପୂଜାରାଣୀ ଝାଙ୍କର୍‌, ନଳିନୀ କର୍ଣ୍ଣ, ରାକ୍ଷୀ ଭୁକ୍ତା, ବୀଣାପାଣି ମହାକୁଳ, ବିମଳିନୀ ଦେହୁରୀ ସହଯୋଗ କରିଥିଲେ।

### ରକ୍ତଦାନ ଶିବିର, ୬୨ ୟୁନିଟ୍ ସଂଗ୍ରହ

ସରଣ୍ଡା,୧୮ା୬(ଡି.ଏନ.ଏ.) ରାଷ୍ଟ୍ରୀୟ ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ୧୧ରୁ ୧୮ତାରିଖ ପର୍ଯ୍ୟନ୍ତ ଚାଲିଥିବା ମେଗା ରକ୍ତଦାନ ଶିବିର ବିଭିନ୍ନ କେନ୍ଦ୍ରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଅତାବିରା ମାରୱାଡ଼ି ଯୁବାମଞ୍ଚ ଓ ଜାଗୃତି ଶାଖାର ମିଳିତ ଆନୁକୂଲ୍ୟରେ ଅତାବିରା ମାରୱାଡ଼ି ଧର୍ମଶାଳାଠାରେ ଅନୁଷ୍ଠିତ ଶିବିରରେ ୬୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅତାବିରା ଥାନାଧିକାରୀ ସୁକୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିର ସକାଳ ୮ଟାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ସଂଘ ସଭାପତି ପବନ ଅଗ୍ରୱାଲ, ସମ୍ପାଦକ ଅର୍ପିତ ବାଙ୍କା, କନଭେନର ଶିବ ଶଙ୍କର ଅଗ୍ରୱାଲ, ମନିଷ ଅଗ୍ରୱାଲ, ମୁକେଶ ଅଗ୍ରୱାଲ, ମାରୱାଡ଼ି ଯୁବାମଞ୍ଚ ଓ ଜାଗୃତି ଶାଖାର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ବରଗଡ଼ ରକ୍ତଭଣ୍ଡାର ଡ. ସୁଶାନ୍ତ କର, ଟେକ୍‌ନିସିଆନ ଭୁବନେଶ୍ୱର ସାହୁ ଓ ଝରଣା ବାରିକ, ସରୋଜ ସୁନା, ରାକେଶ ରଣା ଓ କୃଷ୍ଣଚନ୍ଦ୍ର ସାହୁ ରକ୍ତ ସଗ୍ରହ କରିଥିଲେ।

### ଜେନିଥ୍ ଡିଗ୍ରୀ ମହାବିଦ୍ୟାଳୟର ସଫଳତା

ପଦ୍ମପୁର,୧୮ା୬(ପ୍ରଦୀପ୍ତ ଦାଶ): ଚଳିତ ବର୍ଷ ଯୁକ୍ତ ୩ ଡିଗ୍ରୀ ପରୀକ୍ଷାରେ ପଦ୍ମପୁର ଜେନିଥ ଡିଗ୍ରୀ ମହାବିଦ୍ୟାଳୟର ବୋଟାନି ବିଭାଗର ତନିଶା ଦାଶ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ତରରେ ୨ୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପଦାର୍ଥ ବିଜ୍ଞାନରେ ପ୍ରତ୍ୟୁଷ କୁମାର ବାରିକ ୮ମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଅନୁଷ୍ଠାନର ସଭାପତି ପ୍ରତାପ ମିଶ୍ର, ସମ୍ପାଦକ ସୁଶାନ୍ତ ରଥ, ସଂଯୋଜକ ମନୋଜ କୁମାର ପଣ୍ଡା, ଅଧକ୍ଷ ନୀତୀଶ ରଞ୍ଜନ ମହାନ୍ତ, ଅଧାପିକା ଅଧାପକ କୃତଜ୍ଞତା ଜଣାଇଛନ୍ତି।

# ଯନ୍ତ୍ରୀ ଆସିଲେ, ଗୋଟିଏ ପ୍ରକଳ୍ପ ଦେଖି ପଳାଇଲେ

ଅମରପାଲି,୧୮ା୬(ପୀତାମ୍ବର ସାହୁ)


ଅମରପାଲି ଗ୍ରାମବାସୀଙ୍କ ସହିତ ବିଭାଗୀୟ ଯନ୍ତ୍ରୀଙ୍କ ଆଲୋଚନା ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ଗ୍ରାମ ପଞ୍ଚାୟତରେ ଥିବା ୬ଟି ଥଣ୍ଡା ପାନୀୟ ଜଳ ଯୋଗାଣ ପ୍ରକଳ୍ପ(ଅମୃତଧାରା)ରୁ ୫ଟି ପ୍ରକଳ୍ପ ଦୀର୍ଘଦିନ ହେଲା ଅଚଳ ହୋଇ ପଡିଛି। ଏନେଇ ଗତ ୧୬ ତାରିଖରେ‘ଶୋଷ ମେଣ୍ଟାଇ ପାରୁନି ଅମୃତଧାରା ପ୍ରକଳ୍ପ’ଶୀର୍ଷକ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା। ବିଭାଗୀୟ ଏସଡିଓଙ୍କ ନିର୍ଦ୍ଦେଶ କ୍ରମେ ଆରଡବ୍ଲୁଏସଏସ ଯନ୍ତ୍ରୀ ଦିଲୀପ ପ୍ରଧାନ ପ୍ରକଳ୍ପଗୁଡ଼ିକର ସ୍ଥିତି ନିରୀକ୍ଷଣ କରିବାକୁ ଆସିଥିଲେ। ସେ ପ୍ରଥମେ ପଞ୍ଚାୟତର ଅମରପାଲି ଗ୍ରାମକୁ ଆସି ଗ୍ରାମବାସୀଙ୍କ ସହିତ ପ୍ରକଳ୍ପଗୁଡିକ କିପରି ଓ କେବେ ଠାରୁ ଅଚଳ ହୋଇଛି ସେନେଇ ଆଲୋଚନା କରିଥିଲେ। ଏ ନେଇ ବହଳପଦର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁ, ୱାର୍ଡସଭ୍ୟ ସଦାନନ୍ଦ ସେଠୀ, ଗ୍ରାମ୍ୟ କମିଟିର ସଦସ୍ୟ ଲକ୍ଷିନ୍ଦ୍ର ପଧାନ, ଅଶୋକ ସାହୁ, ସ୍ୱେଚ୍ଛାସେବୀ ରାଜେଶ ସାହୁ, ଶୁଭେନ୍ଦୁ ଶେଖର ସାହୁ, ମିଲନ ବିଶି,ଏ.ଏସ .ଏମ ସୁରେନ୍ଦ୍ର ଷାଣ୍ଢ ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ। ପରେ ଗ୍ରାମବାସୀ ଅଚଳ ଅମୃତଧାରାଗୁଡିକ ଦେଖିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ କହିଥିଲେ। ମାତ୍ର ଯନ୍ତ୍ରୀ କେବଳ ଗୋଟିଏ ମାତ୍ର ପ୍ରକଳ୍ପ ଦେଖି ପଳାଇଥିଲେ। ଯେହେତୁ ପ୍ରକଳ୍ପ ଗୁଡିକୁ ପଞ୍ଚାୟତ ପାଣ୍ଠିରୁ ତିଆରି ହୋଇଛି ସେଗୁଡିକ ପଞ୍ଚାୟତ ମରାମତି କରି କାର୍ଯ୍ୟକ୍ଷମ କରିବ ବୋଲି କହିଥିଲେ। ଗ୍ରାମବାସୀ ଅନ୍ୟ ସବୁ ଅଚଳ ଅମୃତ ଧାରା ପ୍ରକଳ୍ପ ଦେଖିବାକୁ କହିବାରୁ ସେଗୁଡିକର ମଧ ସମାନ ଅବସ୍ଥା ହୋଇଥିବ କହି ପଳାଇଥିଲେ।

**ବହଳପଦର ପଞ୍ଚାୟତର ୫ ଅମୃତଧାରା ଅଚଳ ଘଟଣା**

ସୂଚନାଯୋଗ୍ୟ, ୫ଟିପ୍ରକଳ୍ପ ଏକବର୍ଷରୁ ଅଧିକ ସମୟ ହେବ ଅଚଳ ହୋଇପଡିବା ଫଳରେ ଲୋକେ ଅମୃତଧାରାରୁ ଥଣ୍ଡାପାଣି ପାଇ ପାରୁନାହାନ୍ତି। ଏଗୁଡିକୁ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ବାରମ୍ବାର ଦାବି ହୋଇ ଆସୁଥିଲେ ହେଁ କେହି ଶୁଣୁ ନ ଥିବା ଅଭିଯୋଗ ହେଉଛି। ପଞ୍ଚାୟତର ଗୌଡଗାଡ ଗ୍ରାମରେ ଗୋଟିଏ, ଅମରପାଲି ଗ୍ରାମରେ ଦୁଇଟି, ସ୍ଥାନୀୟ ହାଇସ୍କୁଲ ପରିସରରେ ଦୁଇଟି ଓ ବହଳପଦରରେ ଗୋଟିଏ ଅମୃତ ଧାରା ପ୍ରକଳ୍ପ କରାଯାଇଛି। ୬ଟି ଅମୃତଧାରାରୁ ଏବେ ବହଳପଦରରେ ଥିବା ଗୋଟିଏ ପ୍ରକଳ୍ପ କାର୍ଯ୍ୟକ୍ଷମ ରହିଛି । ଫଳରେ ପ୍ରବଳ ଗରମରେ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ପ୍ରଶାସନ ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

# ଜୈବିକ ପଦ୍ଧତିରେ ଚାଷ କରିବାକୁ ଚାଷୀଙ୍କୁ ଆହ୍ୱାନ


ଆଲୋଚନାଚକ୍ରରେ ଉପସ୍ଥିତ ଚାଷୀ ।

ଅମରପାଲି,୧୮ା୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସଦରସ୍ଥିତ ଅନ୍ନପୂର୍ଣ୍ଣା ରେସିଡେନ୍ସି ପରିସରରେ ଜୈବିକ ଚାଷ ବିଷମୁକ୍ତ ଚାଷ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ବଳ ବ୍ୟକ୍ତି ଭାବେ ବୀରମହାରାଜପୁର ବ୍ଲକ କୃଷି ଅଧିକାରୀ ତଥା ଆତ୍ମାର କନଭେନର ମକରଧ୍ୱଜ ପଟେଲ ଯୋଗଦେଇ ଚାଷୀମାନଙ୍କୁ ଏ ସମ୍ପର୍କରେ ବୁଝାଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ଅଧିକ ଅମଳ ଆଶାରେ ମାତ୍ରାଧିକ ରସାୟନିକ ସାର ସହିତ ବ୍ୟାପକ ପରିମାଣର କୀଟନାଶକ ବ୍ୟବହାର ହେଉଛି। ଫଳରେ ଅମଳ ଫସଲ ବିଷଯୁକ୍ତ ହୋଇଥିବାରୁ ବିଭିନ୍ନ ସମୟରେ ଅନେକ ରୋଗର କାରଣ ହୋଇଥାଏ। ଯଦି ଚାଷୀ ରସାୟନିକ ଓ କୀଟନାଶକ ବ୍ୟବହାରରୁ ଦୂରେଇ ରହି ଜୈବିକ ପଦ୍ଧତିରେ ଚାଷ କରନ୍ତି ତେବେ ଉକ୍ତ ଫସଲକୁ ବ୍ୟବହାର କରି ନିରୋଗ ହୋଇପାରିବ ବୋଲି ଉପସ୍ଥିତ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଅନ୍ୟତମ ସମ୍ବଳ ବ୍ୟକ୍ତି ଭାବେ ଏଟିଏମ ମୀନକେତନ ମହାକୁର ଯୋଗଦେଇ ଜୈବିକ ଚାଷ କରିବା ପ୍ରଣାଳୀ ଏବଂ ଜୈବିକ ଚାଷର ଉପାଦେୟତା ବିଷୟରେ ଚାଷୀମାନଙ୍କୁ ସୂଚନା ଦେବା ସହ ଜୈବିକ ପ୍ରଣାଳୀରେ ଚାଷ କରିବାକୁ ଆହ୍ୱାନ କରିଥିଲେ । ଅଞ୍ଚଳରୁ ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଆଲୋଚନାଚକ୍ରରେ ଉପସ୍ଥିତ ରହିବା ସହ ଆଲୋଚନାରେ ଭାଗ ନେଇଥିଲେ।

**ବୀରମହାରାଜପୁରରେ ଜୈବିକ ଚାଷ ନେଇ ଆଲୋଚନାଚକ୍ର**

କାର୍ଯ୍ୟକ୍ରମରେ ବୀରମହାରାଜପୁର ଅଞ୍ଚଳର ଆୟୋଜକ ଚାଷୀ ସୁଶୀଳ କୁମାର ଅମାତ, ଭରଦ୍ୱାଜ କର୍ମୀ ,ହେମନ୍ତ କୁମାର ମହାକୁର, ସତ୍ୟନାରାୟଣ ମେହେର, ଚାଷୀ ବେଣୁଧର ଭୋଇ, କାଳିନ୍ଦୀ ଚରଣ କର୍ଣ୍ଣ, ସହଦେବ ମନ୍ତ୍ରୀ, ଭାଗିରଥୀ ମାଝୀ ,ସୁବ୍ରତ ପାଣିଗ୍ରାହୀ, ସୁରେଶ ମିଶ୍ର, ରୋହିଣୀ ସାହୁ, ସୁଦର୍ଶନ ଷାଣ୍ଢ, ନିରାକାର ସାହୁ, ଶିବ ନାଏକ ଯୋଗଦେଇ ଜୈବିକ ଚାଷ ସମ୍ପର୍କିତ ବିଭିନ୍ନ ବିଷୟ ନେଇ ଆଲୋଚନା କରିଥିଲେ ।

## ମଦ ଚଢ଼ାଉ, ଜଣେ ଗିରଫ

ପଦ୍ମପୁର,୧୮ା୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ଗାଇସିଲେଟ ଥାନା ଅଧୀନ ହଲକାମାସି ଗ୍ରାମର ନଦୀ ପାର୍ଶ୍ୱରେ ଚାଲିଥିବା ବେଆଇନ ମଦ ରନ୍ଧା ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେଠାରୁ ପ୍ରାୟ ୩୨୦ ଲିଟର ମହୁଲ ପୋଚ, ୫୦ ଲିଟର ମହୁଲି ମଦ, ଗୋଟିଏ ବାଇକ୍ ଓ ମଦ ରନ୍ଧା ସାମଗ୍ରୀ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ପୀତବାସ କୁମ୍ଭାର। ଅବକାରୀ ଏସ୍‌ପି ସୁବର୍ଣ୍ଣ ନାଏକଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା।

## ଏକ୍ସ-ରେ ମେଶିନ ଅଚଳ

ପଦ୍ମପୁର,୧୮ା୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ମାସେରୁ ଊର୍ଦ୍ଧ୍ୱ ହେବ ଏକ୍ସ-ରେ ମେଶିନ ଅଚଳ ହୋଇ ପଡ଼ିଛି। ଫଳରେ ଲୋକେ ବାହାର ବେସରକାରୀ କ୍ଲିନିକକୁ ଯାଇ ଶୋଷଣର ଶିକାର ହେଉଛନ୍ତି। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି।

# ବିପୁଳ ପରିମାଣର କଫ ସିରପ୍ ଜବତ


ଜବତ କଫ ସିରପ ସହ ଗିରଫ ଅଭିଯୁକ୍ତ ।

ବରଗଡ଼,୧୮ା୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ କୁଶନପୁରୀ ଗ୍ରାମରେ ରବିବାର ଅବକାରୀ ଚଢ଼ାଉ ହୋଇଛି। ଚଢ଼ାଉରେ ବିପୁଳ ପରିମାଣର କଫ ସିରପ୍ ଜବତ ହୋଇଛି। ଏହି ଘଟଣାରେ ଗ୍ରାମର ଅରମାନ୍ ଖାନ୍ (୨୮)ଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୫୪୦ ବୋତଲ କଫ ସିରପ୍, ୨୦ଲିଟର ଅପମିଶ୍ରିତ କଫ ସିରପ୍ ଏବଂ ନଗଦ ୪୩ ହଜାର ଟଙ୍କା ଜବତ ହୋଇଛି। ଅବକାରୀ ଇନ୍‌ସପେକ୍ଟର ସମରଜିତ ଦାଶ, ଏସ୍‌ଆଇ ମୋହନ ପ୍ରଧାନ, ଉଷାବତୀ ଗୌଡ଼, ସ୍ୱପ୍ନା ଟେଟେ, ଏଏସ୍‌ଆଇ ନନ୍ଦ କିଶୋର ପ୍ରଧାନ, ବିନୋଦ କୁମାର ତିର୍କୀ, ବିରେନ୍ଦ୍ର କୁମାର ପାନ୍ନା ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରି ପୋଲିସ ଏହାର ଅଧିକ ତଦନ୍ତ କରୁଛି ।

# ଅଗ୍ନି ବିପନ୍ନ ପରିବାରକୁ ରିଲିଫ ପ୍ରଦାନ

ଅମରପାଲି,୧୮ା୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଙ୍ଗା ଗ୍ରାମ ପଞ୍ଚାୟତର ନାରାୟଣପୁର ଗ୍ରାମର ଦୁଇଟି ପରିବାରକୁ ରାଜ୍ୟ ରେଡକ୍ରସ ତରଫରୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି । ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଏଡିଇଓ ଡ. ରାଧାକାନ୍ତ ଗଡତିଆ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ତଥା ଖଣ୍ଡହତା ସମିତି ସଭ୍ୟ ବିନୋବାନନ୍ଦ ପଧାନ, ବରିଷ୍ଠ ସାଧନ କର୍ମୀ ଚନ୍ଦ୍ରମଣି ବାଘ, ଜଟେସିଙ୍ଗା ହାଇସ୍କୁଲର ପ୍ରଧାନଶିକ୍ଷକ ତ୍ରିପୁରାରୀ ରଥ ପ୍ରମୁଖ ଅଗ୍ନିବିପନ୍ନ ପରିବାର ପାଖକୁ ଯାଇ ରାଜ୍ୟ ରେଡକ୍ରସ ତରଫରୁ ପଠାଯାଇଥିବା ମୌଳିକ ଆବଶ୍ୟକ ଥିବା ସାମଗ୍ରୀ ପ୍ରଦାନ କରିଥିଲେ ।

ସୂଚନାଯୋଗ୍ୟ, ଗତ ୮ ତାରିଖରେ ନାରାୟଣପୁର ଗ୍ରାମର ଦୁଇ ଗୋଟି ପରିବାରର ଘର ପୋଡ଼ି ଯାଇଥିଲା। ଖବର ପାଇ ଉକ୍ତ ବ୍ଲକର ଜୁନିୟର ରେଡକ୍ରସର ସାଧନକର୍ମୀ ଏବଂ ପରାମର୍ଶଦାତା ଜିଲା ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତଙ୍କ ମାଧ୍ୟମରେ ରାଜ୍ୟ ଜୁନିୟର ରେଡକ୍ରସ ଅଫିସରଙ୍କୁ ସୂଚନା ଦେଇ ଅଗ୍ନିବିପନ୍ନ ପରିବାରକୁ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଜୁନିୟର ରେଡକ୍ରସ ଅଫିସର ଲକ୍ଷ୍ମଣ ସ୍ୱାଇଁ ଭାରତୀୟ ରେଡକ୍ରସ ଓଡିଶା ଶାଖାର ସହମତି କ୍ରମେ ଏହି ପରିବାରଦ୍ୱୟକୁ ତାର୍ପୋଲିନ, ଷ୍ଟୋଭ,ସାବୁନ, ଡିଟରଜେଣ୍ଟ ପାଉଡର, ଷ୍ଟିଲ ବାସନ, ଧୋତି, ଶାଢ଼ୀ,ଗାମୁଛା, ମଶାରୀ, ବାଲଟି, ମଗ ପ୍ରଭୃତି ଆବଶ୍ୟକ ସାମଗ୍ରୀ ପଠାଇଥିଲେ। ସୁବର୍ଣ୍ଣପୁର ଜିଲା ଜୁନିୟର ରେଡକ୍ରସ ଏହି ସମସ୍ତ ସାମଗ୍ରୀ ତଥା ଆର୍ଥିକ ସହାୟତା ଉକ୍ତ ଅଗ୍ନି ବିପନ୍ନ ପରିବାର ମୁଖ୍ୟ ମଗନିଆ ସାହୁ ଓ ମାଳତୀ ସାହୁଙ୍କୁ ପ୍ରଦାନ କରିଛନ୍ତି ।

# ମୁସ୍‌ଲିମ ସମାଜ ପକ୍ଷରୁ ସରବତ ବଣ୍ଟନ


ସରବତ ବଣ୍ଟନ କରିଥିବା ମୁସଲିମ ସମାଜର ସଦସ୍ୟବୃନ୍ଦ ।

ବରଗଡ଼,୧୮ା୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ତାତି ଅସମ୍ଭାଳ ହୋଇ ପଡ଼ିଛି। ତାତି ବୃଦ୍ଧି ଯୋଗୁ ରାସ୍ତାରେ ଯାଉଥିବା ବାଟୋଇମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏପରିକି ପର୍ଯ୍ୟାପ୍ତ ଜଳଛତ୍ର ନ ଥିବା ଯୋଗୁ ବାଟୋଇମାନେ ଜଳକଷ୍ଟ ଭୋଗୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ରବିବାର ବରଗଡ଼ ଗାନ୍ଧୀ ଛକରେ ସ୍ଥାନୀୟ ମୁସଲିମ ସମାଜ ପକ୍ଷରୁ ସରବତ ବଣ୍ଟନ କରାଯାଇଥିଲା। ମୁସଲିମ ସମାଜର ସଦସ୍ୟମାନେ ଉପସ୍ଥିତ ରହି ବାଟୋଇଙ୍କୁ ସରବତ ବିତରଣ କରିଥିଲେ। ବରଗଡ଼ ସୁନ୍ନି ମସଜିଦ କମିଟି ଅଧ୍ୟକ୍ଷ ଶେଖ ଅସଗର, ସମ୍ପାଦକ ମହମ୍ମଦ ନିଜାମ, ନୁରୀର ମସଜିଦ ଅଧ୍ୟକ୍ଷ ମହମ୍ମଦ ଆସ୍କାଲାନି, ଗୁଲାମ ରସୁଲ, ଶେଖ୍ ନସିମୁଦ୍ଦିନ, ଅରମାନ ଅନସାରୀ, ଶେଖ ନସିମୁଦ୍ଦିନ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ନଦୀରେ ୧ କି.ମି. ନାଳ ଖୋଳିଲେ ଚାଷୀ

**ଚାଷ ବଞ୍ଚାଇବାକୁ ବିକଳ୍ପ ଚିନ୍ତା**

ବରପାଲି,୧୮ା୬(ଚିତ୍ତରଞ୍ଜନ ସାହୁ)


ଚାଷୀମାନେ ଜିରା ନଦୀରେ ନାଳା ଖୋଳି ପାଣି ଆଣୁଛନ୍ତି।

ଆଷାଢ଼ ମାସରେ କେନାଲରେ ପାଣି ଆସିଲାନି। ପର୍ଯ୍ୟାପ୍ତ ପାଣି ନ ମିଳିବାରୁ ପରିବା ଚାଷ ନଷ୍ଟ ହେବାକୁ ବସିଲା। ଏଭଳି ସ୍ଥିତିରେ ନିଜ ଚାଷ ବଞ୍ଚାଇବାକୁ ଚାଷୀମାନେ ଜିରା ନଦୀରେ ୧ କିଲୋମିଟର ଯାଏ ଧାର କରି ପାଣି ଆଣିଛନ୍ତି। ଏଭଳି ବରପାଲି ବ୍ଲକ ଅନ୍ତର୍ଗତ ବରମକେଲା ଗ୍ରାମପଞ୍ଚାୟତ ଗ୍ରୀଣ୍ଡୋଲା ଅଞ୍ଚଳରେ ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ଗ୍ରୀଣ୍ଡୋଲା ଗ୍ରାମବାସୀ ମୁଖ୍ୟତଃ ଚାଷ କରି ପରିବାର ପୋଷଣ କରିଥାଆନ୍ତି। ବର୍ତ୍ତମାନ ସେମାନେ ପରିବା ଚାଷ କରିଛନ୍ତି। ଜିରା ନଦୀର ବିଭିନ୍ନ ସ୍ଥାନରେ ୧୪ଟି ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ଏହି ପରିବା ଚାଷକୁ ଜଳଯୋଗାଣ ହୋଇଥାଏ। ପ୍ରବଳ ଖରାରେ ଜିରା ନଦୀ ଶୁଖିଯାଇଥିବା ବେଳେ ହୀରାକୁଦରୁ ବାହାରି ବରପାଲି ଦେଇ ଯାଇଥିବା କେନାଲରେ ପାଣି ଛଡାଯାଇନାହିଁ। ଫଳରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଥିଲେ। ନିଜ ଚାଷ ବଞ୍ଚାଇବାକୁ ଚାଷୀ ଓ ଗ୍ରାମବାସୀ ବିକଳ୍ପ ଚିନ୍ତା କରି ରବିବାର ଜିରା ନଦୀରେ ୧ କିଲୋମିଟର ଯାଏ ନାଳା ଖୋଳି ପାଣି ଆଣିବା ବ୍ୟବସ୍ଥା କରିଛନ୍ତି। ସେମାନେ ଏହି ପାଣିକୁ ଚାଷ ସମେତ ପାନୀୟ, ସ୍ନାନ କାର୍ଯ୍ୟରେ ବ୍ୟବହାର କରିବେ ବୋଲି କହିଛନ୍ତି। ଏହାସହ ଜିଲା ପ୍ରଶାସନ ତୁରନ୍ତ କେନାଲ ପାଣି ଛାଡ଼ିବା ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଆଜିର ଏହି କାର୍ଯ୍ୟରେ ଗ୍ରାମର ଲବ ରଣା, ଚନ୍ଦ୍ରଶେଖର ଭୋଇ, ତ୍ରିଲୋଚନ ଭୁଏ, ନାରେନ୍ଦ୍ରେ ପଟେଲ, ଲିଙ୍ଗରାଜ ରଣା, ଗିରିଧାରୀ ସେଠ, ଆନନ୍ଦ ପଟେଲ, ଝସକେତନ ରଣା, ଆନନ୍ଦ ସେଠଙ୍କ ସମେତ ବହୁ ଚାଷୀ ସାମିଲ ହୋଇଥିଲେ।

# ବନ୍ୟା ବିପର୍ଯ୍ୟୟ ମୁକାବିଲାକୁ ଗୁରୁତ୍ୱ



ବୈଠକରେ ଜିଲାପାଳ ଏବଂ ଅଧିକାରୀବୃନ୍ଦ ।

ବରଗଡ଼,୧୮ା୬(ପ୍ରେମାନନ୍ଦ ଖମାରୀ) : ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ରବିବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ବର୍ଷାଋତୁରେ ସମ୍ଭାବ୍ୟ ବନ୍ୟା ସ୍ଥିତି ମୁକାବିଲା ପାଇଁ ଆଲୋଚନା ହୋଇଥିଲା। ବନ୍ୟା ତଥା ପ୍ରବଳ ବର୍ଷା ସମୟରେ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀମାନେ କିଭଳି ଦାୟିତ୍ୱ ସମାପନ କରିବେ ଏବଂ ବିପର୍ଯ୍ୟୟ ସ୍ଥିତିକୁ ପ୍ରତିହତ କରିବା ପାଇଁ ଆଗୁଆ ପ୍ରସ୍ତୁତ ରହିବେ, ସେ ସମ୍ପର୍କରେ ଜିଲାପାଳ ବାନାର୍ଜୀ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ କୃତ୍ତିବାସ ରାଉତ ବୈଠକରେ ଯୋଗଦେଇ ସବୁ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ବନ୍ୟାସ୍ଥିତି ମୁକାବିଲା ଦିଗରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅଗ୍ନିଶମ, ଏନ୍‌ଡିଆର୍‌ଏଫ୍ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।

# ତିନି ଠାକୁରଙ୍କ ଟାହିଆକୁ ଶେଷ ସ୍ପର୍ଶ

ବୌଦ୍ଧ,୧୮ା୬(ଅଜିତ କୁମାର ବାରିକ)


ପୋଡାପୋଡା ହରିଗୁଡ଼ୀ ମନ୍ଦିରରେ ଟାହିଆ ନିର୍ମାଣ ଚାଲିଛି।

ଦିନକ ପରେ ରଥଯାତ୍ରା । ଏଥିପାଇଁ ପୁରା ବୌଦ୍ଧ ସହର ଚଳଚଞ୍ଚଳ ହୋଇ ପଡିଥିବା ବେଳେ ପ୍ରସ୍ତୁତି ସରି ଆସିଲାଣି। ବୌଦ୍ଧ ସହରର ପୋଡାପୋଡା ସାହିର ହରିଗୁଡୀଠାରେ ପ୍ରଭୁ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ଟାହିଆ ଏବଂ ସହରର ନୂଆସାହିଠାରେ ପ୍ରଭୁ ବଳଭଦ୍ରଙ୍କ ଟାହିଆ କାମ ତିଆରି ଚାଲିଛି । ପୂର୍ବ ପୁରୁଷରୁ ଜଗନ୍ନାଥଙ୍କ ଟାହିଆକୁ ପୋଡାପୋଡା ସାହିବାସୀ ଦେଇ ଆସୁଥିବା ବେଳେ ବଳଭଦ୍ରଙ୍କ ଟାହିଆକୁ ନୂଆସାହିବାସୀ ଦେଇ ଆସୁଛନ୍ତି । ସେହିପରି ସୁଭଦ୍ରାଙ୍କ ଟାହିଆ ବୌଦ୍ଧ ତହସିଲ ପକ୍ଷରୁ ଦିଆଯାଇଆସୁଛି । ତିନି ଠାକୁରଙ୍କ ଟାହିଆକୁ ଶେଷ ସ୍ପର୍ଶ ଦେବାରେ ବ୍ୟସ୍ତ ଅଛନ୍ତି ଟାହିଆ ସେବକମାନେ। ଠାକୁରଙ୍କୁ ସାଜସଜ୍ଜା କରିବା ପରେ ଟାହିଆ ବାନ୍ଧି ଦିଆଯାଏ । ଏହା ଧାରଣ କରିବା ପରେ ତିନି ଠାକୁରଙ୍କ ଅପରୂପ ସୌନ୍ଦର୍ଯ୍ୟ ଦେଖି ଭାବରେ ବିଭୋର ହୋଇଉଠନ୍ତି ଭକ୍ତ। ବୌଦ୍ଧର ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଦିନ ତିନି ଠାକୁରଙ୍କୁ ନୂତନ ଟାହିଆ ଲାଗି କରାଯାଇଥାଏ । ସ୍ନାନପୂର୍ଣ୍ଣିମା ଦିନ ବର୍ଷସାରା ଧାରଣ କରିଥିବା ଟାହିଆ ଖୋଲି ଦିଆଯାଇଥାଏ। ଅଣସର ଘରେ ରହିବା ସମୟରେ ତିନି ଠାକୁରଙ୍କ ପାଇଁ ନୂତନ ଟାହିଆ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ । ବୌଦ୍ଧ ସହରର ପୋଡାପୋଡା ଓ ନୂଆ ସାହିଠାରେ କାରୁକାର୍ଯ୍ୟପୂର୍ଣ୍ଣ ଟାହିଆ ତିଆରି କରାଯାଏ। ଏହାର ତିଆରିରେ ରହିଛି ଅନେକ ସ୍ୱତନ୍ତ୍ରତା । ତିନି ଠାକୁରଙ୍କ ପହଣ୍ଡି ସମୟରେ ଠାକୁରମାନେ ଯେତେ ଝୁଲି ଝୁଲି ନାଚିଲେ ବି ଟାହିଆ ନଷ୍ଟ ହୋଇ ନ ଥାଏ । ଏହା ତିଆରି ପାଇଁ ବାଉଁଶ କାଠି, ସୋଲ, ଜରି, ତାମଡା କାଗଜ, ମୟୁର ଚନ୍ଦ୍ରିକା, ଲେସ, ରଙ୍ଗ, ସୁତୁଲି ଆଦି ସାମଗ୍ରୀ ବ୍ୟବହାର କରାଯାଏ । ହରିଗୁଡ଼ୀ ମନ୍ଦିରଠାରେ ବଂଶାନୁକ୍ରମିକ ଭାବେ ରାଜରାଜୁଡା ଅମଳରୁ ଟାହିଆ ସେବକମାନେ ଏହି ସେବା କରି ଆସୁଛନ୍ତି । ସେହିପରି ହରିଗୁଡ଼ୀ ମନ୍ଦିରର ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ମଧ ଏହି ସେବକମାନେ ଟାହିଆ ନିର୍ମାଣ କରିଥାନ୍ତି। ପୋଡାପୋଡା ଠାରେ ଲୋକନାଥ ଦାସ, ପୂର୍ଣ୍ଣଚନ୍ଦ୍ର ମେହେର, ଚନ୍ଦ୍ର ବାଘ, ମାନସ ରାଜଙ୍କ ସମେତ ଅନ୍ୟମାନେ ନିର୍ମାଣ କରୁଛନ୍ତି । ସେହିପରି ନୂଆସାହିଠାରେ ରଘୁନାଥ ନାଏକ, ନରେନ୍ଦ୍ର ବେହେରା ଓ ଅନ୍ୟମାନେ ତିଆରି କରୁଛନ୍ତି ।

**ବୌଦ୍ଧ ହରିଗୁଡ଼ି ମନ୍ଦିର ଠାରେ ଚାଲିଛି ତିଆରି**

## ସଂକ୍ଷେପରେ

### ଜିଏସ୍‌ଟି ସଚେତନତା କାର୍ଯ୍ୟକ୍ରମ

ରାଉରକେଲା,୧୮।୬(ବିପ୍ଳବ ରଞ୍ଜନ ଦାଶ): ଆର୍‌ଏସ୍‌ପିର ଏଚ୍‌ଆର୍‌ଡି କେନ୍ଦ୍ରରେ ଦୁଇଦିନ ଧରି ଜିଏସ୍‌ଟିପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅର୍ଥ ବିଭାଗ ସିଜିଏମ୍ ଏସ୍. କେ. ନାୟକ ଏବଂ ଡିଆଇସି ସଚିବାଳୟର ଜିଏମ୍ ଏସ୍. ମଲିକ ବିଭିନ୍ନ ଅଧିବେଶନରେ ଯୋଗଦାନ କରିଥିଲେ। ପ୍ରାୟ ୮୦ଜଣ ବିଲ୍ଟିଂ ଅଫିସର, କଣ୍ଟ୍ରାକ୍ଟ ତଥା ଯୋଗାଣ ପରିଚାଳନା ସହ ଜଡିତ ବ୍ୟକ୍ତିବିଶେଷ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିତ୍ତ, ଲେଖା ବିଭାଗର ମ୍ୟାନେଜର ବିଶ୍ୱଜିତ୍ ପାଲ ଅଧିବେଶନ ପରିଚାଳନା କରିଥିଲେ। ବିତ୍ତ ଓ ଲେଖା ବିଭାଗ ଏବଂ କଣ୍ଟ୍ରାକ୍ଟ ସେଲ୍ ୱାର୍କସ ବିଭାଗ କାର୍ଯ୍ୟକ୍ରମକୁ ମିଳିତ ଭାବେ ସଂଯୋଜନା କରିଥିଲେ।

### ୱାର୍ଡ ସମସ୍ୟା ନେଇ କଂଗ୍ରେସ ଦେଲା ସ୍ମାରକପତ୍ର

ରାଉରକେଲା, ୧୮।୬(ସଙ୍ଗୀତା ଜେନା): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୨ ନମ୍ବର ୱାର୍ଡ ପାନପୋଷ ଅଞ୍ଚଳର ଜଗନ୍ନାଥ କଲୋନୀ, ଜାମିଆ କଲୋନୀ, ଖଡିଆଟୋଲା, ଛଟ୍‌ଘାଟ ଗଳି, ମସ୍‌ଜିଦ ଗଳି, ଶଙ୍କର ହୋଟେଲ ଗଳି, ପଟ୍ଟନାୟକ ଗଳି, ହସ୍ପିଟାଲ ଗଳି ଏବଂ ପୋଷ୍ଟ ଅଫିସ ନିକଟସ୍ଥ ବସ୍ତି ଗୁଡିକରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏହି ସମସ୍ୟାର ସମାଧାନ ପାଇଁ ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେନାପତିଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ଉକ୍ତ ଅଞ୍ଚଳ ବୁଲି ଅନୁଧ୍ୟାନ କରିବା ପରେ ଶନିବାର ମହାନଗର ନିଗମ କମିଶନରଙ୍କୁ ୧୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। କମିଶନରଙ୍କ ଅନୁପସ୍ଥିତିରେ ଉପକମିଶନର ଦାବିପତ୍ର ଗ୍ରହଣ କରିଥିଲେ। ବରିଷ୍ଠ ନେତା ମାତାପ୍ରସାଦ ଜୟସ୍ୱାଲ, ବିଜୟ ସାହୁ, ପ୍ରତାପ ସାହୁ, ପିସିସି ସଭ୍ୟ ସବୀର ହୁସେନ, ବୁଲୁ ଦାସ, ଭାସ୍କର ଖିଲାର, କୈଳାସ ସାହୁ, ଧର୍ମେନ୍ଦ୍ର ପରମାର, ଦିଲୀପ ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

### କଳିଙ୍ଗ ବିହାରରୁ ଉଦ୍ଧାର ଅଚେତ ଯୁବକ ମୃତ

ରାଉରକେଲା,୧୮।୬(ସଙ୍ଗୀତା ଜେନା): କଳିଙ୍ଗ ବିହାର ମଦ ଦୋକାନ ନିକଟରେ ଅଚେତ ଅବସ୍ଥାରେ ପଡିଥିବା ଜଣେ ଯୁବକଙ୍କ ଶନିବାର ଅପରାହ୍ନରେ ମୃତ୍ୟୁ ହୋଇଛି। ମୃତକ ହେଲେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ନଦିଟୋଲାର ଶୁକ୍ରା ଓରାମ(୪୫)। ଏ ନେଇ ରଘୁନାଥପାଲୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬୮।୨୩) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଶନିବାର ଶୁକ୍ରା ପ୍ରାୟ ଅଧଘଣ୍ଟା ଗରମରେ ଖୋଲା ସ୍ଥାନରେ ଅଚେତ ଅବସ୍ଥାରେ ପଡ଼ିରହିଥିଲେ। ସମାଜସେବୀ ବିଶ୍ୱଜିତ ରାଉତ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଶୁକ୍ରାଙ୍କୁ ଉଦ୍ଧାର କରି ଆର୍‌ଜିଏଚରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମଦ ଜବତ, ଯୁବକ ଗିରଫ

ରାଉରକେଲା,୧୮।୬(ସଙ୍ଗୀତା ଜେନା): ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ରବିବାର ଉଦିତନଗର ଆମ୍ବେଦକର ଛକରେ ପାଟ୍ରୋଲିଂ ବେଳେ ୨୦୦ ଲିଟର ଦେଶୀ ମଦ ଓ ଏକ ଅଟୋ (ନଂ.ଓଆର୧୪ଏମ/୩୭୩୬) ଜବତ କରାଯାଇଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ରାଜଗାଙ୍ଗପୁରର ଏମ୍‌ଡି ସୋଏବ। ତାଙ୍କୁ ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି।

# ବେଆଇନ ବାଲି ଚାଲାଣ, ପ୍ରଶାସନ ନୀରବ

ରାଉରକେଲ,୧୮।୬
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ତହସିଲ ଅଧୀନ ତୁମକେଲା ଓ ଲଇକେରା ଘାଟରୁ ପ୍ରତିଦିନ ଶହ ଶହ ଗାଡ଼ିରେ ବେଆଇନ ଭାବେ ବାଲି ଉଠାଯାଉଛି। ଫଳରେ ସରକାରଙ୍କ ବିପୁଳ ରାଜସ୍ୱ ହାନି ହେଉଛି। ଏ ଦିଗରେ ବିଭାଗ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବାଲି ମାଫିଆ ସକ୍ରିୟ ହୋଇପଡିଥିବା ଆଲୋଚନା ହେଉଛି।

ସୂଚନା ଅନୁସାରେ, ରାଉରକେଲା ତହସିଲ ଅଧୀନରେ ୭ ବାଲିଘାଟ ରହିଛି। ଏହି ବାଲିଘାଟରୁ ପ୍ରତିବର୍ଷ ଖଣିଜ ରାଜସ୍ୱ ଆକାରରେ ୪କୋଟିରୁ ଉର୍ଦ୍ଧ୍ୱ ରାଜସ୍ୱ ସରକାରଙ୍କ ତହବିଲକୁ ଯାଇଥାଏ। ତନ୍ମଧ୍ୟରୁ ୧୬ ନମ୍ବର ତୁମକେଲା ଓ ଲଇକେରା ବାଲିଘାଟରୁ ବାଲି ଉଠାଣ ପାଇଁ ଏପର୍ଯ୍ୟନ୍ତ ରାଜସ୍ୱ ବିଭାଗ ପକ୍ଷରୁ ଅନୁମତି ଦିଆଯାଇନାହିଁ। ଏହାସତ୍ତ୍ୱେ ଉକ୍ତ ବାଲିଘାଟରୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଶହ ଶହ ଗାଡ଼ି ଯୋଗେ ବେଆଇନ ଭାବେ ବାଲି ଉଠାଣ କରାଯାଉଛି। ସେହିପରି ସହରର ତାପମାତ୍ରା ୪୪ ଡିଗ୍ରୀ ରହୁଥିବା ବେଳେ ଶ୍ରମିକମାନଙ୍କୁ ଦିନତମାମ ଟାଣଖରାରେ ବାଲି ଉତ୍ତୋଳନ କାମରେ ନିୟୋଜିତ କରାଯାଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ବାଲିଘାଟ ଲିଜ୍‌ଧାରୀଙ୍କ ନାଁରେ ରହିଥିବା କୋଟି କୋଟି ଟଙ୍କା ବକେୟା ରାଜସ୍ୱ ଖଜଣା ଆଦାୟ ହେଉନାହିଁ। ସେହିପରି ମାସ ମାସ ଧରି ବାଲିଘାଟ ଗୁଡିକ ନିଲାମ ହେଉ ନ ଥିବାରୁ ଏହା ମାଫିଆଙ୍କୁ ସୁହାଉଛି। ଏ ସମ୍ପର୍କରେ ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ, ରାଉରକେଲା ତହସିଲ ଅଧୀନ ବିଭିନ୍ନ ବାଲିଘାଟ ନିଲାମ ହୋଇଛି। କେବଳ ୧୬ ନମ୍ବର ବାଲଘାଟ ନିଲାମ ହୋଇନାହିଁ। ଉକ୍ତ ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନ ଉପରେ ନଜର ରଖାଯାଇଛି।


ଗାଡ଼ି ଯୋଗେ ବେଆଇନ ବାଲି ଚାଲାଣ ହେଉଛି।

# ବାଣିଜ୍ୟ ଟପ୍-୧୦ରେ ମ୍ୟୁନିସିପାଲ କଲେଜର ତିନି ବିଦ୍ୟାର୍ଥୀ


ବିଷ୍ଣୁପ୍ରିୟା ସୁବୁଦ୍ଧି


ଲୋକେଶ ଚୌଧୁରୀ


ଶ୍ୱେତା ପଣ୍ଡା

ରାଉରକେଲା,୧୮।୬(ଦିନେଶ ମିଶ୍ର)

ଗତ ୧୬ ତାରିଖରେ ଯୁକ୍ତ ତିନି ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ପୁଣି ଥରେ ମ୍ୟୁନିସିପାଲ କଲେଜର ବାଣିଜ୍ୟ ବିଭାଗ ଅନର୍ସରେ ୩ ଜଣ ବିଦ୍ୟାର୍ଥୀ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଟପ୍-୧୦ ତାଲିକାରେ ସ୍ଥାନ ପାଇଛନ୍ତି। ସେଥିମଧ୍ୟରୁ ମ୍ୟୁନିସିପାଲ କଲେଜର ଶ୍ୱେତା ପଣ୍ଡା ୯.୧୩ ସିଜିପିଏ ରଖି ୪ର୍ଥ ର୍‍ୟାଙ୍କରେ ଥିବାବେଳେ ଲୋକେଶ ଚୌଧୁରୀ ୯.୦୩ ସିଜିପିଏ ରଖି ୭ମ ର୍‍ୟାଙ୍କ ଓ ବିଷ୍ଣୁପ୍ରିୟା ସୁବୁଦ୍ଧି ୯.୦୨ ସିଜିପିଏ ରଖି ୮ମ ର୍‍ୟାଙ୍କରେ ରହିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ଯୁକ୍ତ ୩ ବାଣିଜ୍ୟ ପରୀକ୍ଷାରେ ରାଉରକେଲା ମ୍ୟୁନିସିପାଲ କଲେଜରୁ ୨୪୧ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୬୨ ଜଣ ଫାଷ୍ଟକ୍ଲାସ ସହ ଡିଷ୍ଟିଙ୍ଗଶନ ପାଇଥିବାବେଳେ ୧୧ ଜଣ ଫାଷ୍ଟକ୍ଲାସ ପାଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ପୁଣିଥରେ କଲେଜର ବିଦ୍ୟାର୍ଥୀମାନେ ସଫଳତା ହାସଲ କରିଥିବାରୁ କଲେଜର ଅଧ୍ୟକ୍ଷ ପରେଶ ଚନ୍ଦ୍ର ପ୍ରଧାନଙ୍କ ସହ କ୍ୟାପଟେନ ଏସ. ଏନ୍. ରାଉତ ଓ ବାଣିଜ୍ୟ ବିଭାଗର ଅଧ୍ୟାପିକା ଅଧ୍ୟାପକ ମାନେ ଖୁସିବ୍ୟକ୍ତ କରିଛନ୍ତି।

# ନାଁକୁ ଶୀତଳ ଜଳ ପ୍ରକଳ୍ପ, ବାହାରୁଛି ଗରମ ପାଣି

ରାଉରକେଲ,୧୮।୬
(ବିପ୍ଳବ ରଞ୍ଜନ ଦାଶ)

ଗତ ହକି ବିଶ୍ୱକପ୍ ପୂର୍ବରୁ ରାଉରକେଲା ମହାନଗର ନିଗମ ପକ୍ଷରୁ ସହରର ୧୦ଟି ପ୍ରମୁଖ ଜନବହୁଳ ସ୍ଥାନରେ ମୃଦୁ ଶୀତଳ ଜଳପ୍ରକଳ୍ପ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଜଳପ୍ରକଳ୍ପ ଅଚଳ ଅବସ୍ଥାରେ ପଡିଛି। ଏଥିରୁ ଶୀତଳ ପାଣି ପରିବର୍ତ୍ତେ ଗରମ ପାଣି ବାହାରୁଛି। ଫଳରେ ପ୍ରବଳ ଗରମରେ ଶୋଷ ମେଣ୍ଟାଇବାକୁ ଆସୁଥିବା ଲୋକେ ନିରାଶ ହୋଇ ଫେରୁଛନ୍ତି।

ସୂଚନା ଅନୁସାରେ, ରାଉରକେଲା ସହରର ପ୍ରମୁଖ ୧୦ ସ୍ଥାନରେ ହୋଇଥିବା ଜଳପ୍ରକଳ୍ପ ମଧ୍ୟରୁ ରାଉରକେଲା ଆଞ୍ଚଳିକ ପରିବହନ ବିଭାଗ କାର୍ଯ୍ୟାଳୟ ସମ୍ମୁଖ, ପୁରୁଣାକୋର୍ଟ, ସିଭିଲ ଟାଉନଶିପ୍ ପଟେଲ ଛକ, ଉଦିତନଗର ଛକ ଏବଂ ଆର୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ ଶୀତଳ ଜଳପ୍ରକଳ୍ପ ଅଚଳ ହୋଇପଡିଛି। ଏସବୁ ପ୍ରକଳ୍ପରୁ ଥଣ୍ଡା ପରିବର୍ତ୍ତେ ଗରମ ପାଣି ନିର୍ଗତ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ସହରର ତାପମାତ୍ରା ୪୪ ଡିଗ୍ରୀ ଡେଇଁଥିବା ବେଳେ ଉହ ଉହ ଖରାରେ ଲୋକମାନଙ୍କୁ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଶୀତଳ ଜଳ ପ୍ରକଳ୍ପର ଥଣ୍ଡା ପାଣି ମୁନ୍ଦାଏ ମିଳୁନାହିଁ। ଏ ସମ୍ପର୍କରେ ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ (ପିଏମ୍‌ୟୁ) ପରିଚାଳକ ସୁଦୀପ୍ତ ଦାସଙ୍କୁ ପଚାରିବାରୁ ସେ କହିଲେ, ଆର୍‌ଏମ୍‌ସି ଅଧୀନରେ ୧୦ଟି ମୃଦୁ ପାନୀୟ ଜଳପ୍ରକଳ୍ପ ବ୍ୟବସ୍ଥା ରହିଛି। ଦିନେ ଦୁଇଦିନ ହେବ ଗୋଟିଏ ଦୁଇଟି ପ୍ରକଳ୍ପରେ ସାମାନ୍ୟ ଡିଫେକ୍ଟ ରହିଛି। ସେସବୁର ଯାଞ୍ଚ ହୋଇସାରିଛି। ଖୁବଶୀଘ୍ର ଠିକ୍ ହୋଇଯିବ। ଏଥିସହ ପ୍ରକଳ୍ପ ଗୁଡିକରେ ଲାଗିଥିବା ଷ୍ଟିଲ ଟ୍ୟାପ୍ ଚୋରି ହେଉଥିବା ସେ କହିଥିଲେ।



ଆର୍‌ଟିଓ ଅଫିସ ସମ୍ମୁଖ ଜଳପ୍ରକଳ୍ପ ଅଚଳ।

## ଯାତ୍ରୀଙ୍କୁ ଲାପ୍‌ଟପ୍ ହସ୍ତାନ୍ତର କଲା ଆର୍‌ପିଏଫ୍

ରାଉରକେଲା,୧୮।୬(ଦିନେଶ ମିଶ୍ର)

ରାଉରକେଲା ରେଳ ଷ୍ଟେଶନରେ ଟ୍ରେନକୁ ଅପେକ୍ଷା କରିଥିବା ଜଣେ ଯାତ୍ରୀଙ୍କ ଲାପଟପ୍‌କୁ ଆର୍‌ପିଏଫ୍ ପୋଲିସ ହସ୍ତାନ୍ତର କରିଛି। ୱେଷ୍ଟବେଙ୍ଗଲ ମେଦିନିପୁର ଅଞ୍ଚଳର ଶମ୍ଭୁ ଦ୍ୱାରୀ(୩୫) ରବିବାର ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ ନଂ-୪ରେ ହାୱଡ଼ା ଯିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିଲେ। ମାତ୍ର ଟ୍ରେନଟି ୪ ନମ୍ବର ପ୍ଲାଟଫର୍ମରେ ଆସିବା ପରିବର୍ତ୍ତେ ୨ ନମ୍ବରରେ ଆସିଥିଲା। ଫଳରେ ଶମ୍ଭୁ ତାଙ୍କ ଲାପଟପ ବ୍ୟାଗକୁ ୪ନଂ ପ୍ଲାଟଫର୍ମରେ ଛାଡି ଟ୍ରେନ ପାଖକୁ ପଳାଇଥିଲେ। ଲାଇନ କ୍ଲିଅର ନ ଥିବାରୁ ଟ୍ରେନଟି କିଛି ସମୟ ଅଟକିଥିବାବେଳେ ଆରପିଏଫ ପୋଲିସ ତାଙ୍କ ଲାପ୍‌ଟପ୍ ବ୍ୟାଗକୁ ଉଦ୍ଧାର କରି ତାଙ୍କୁ ହସ୍ତାନ୍ତର କରିଥିଲା।

# ଧାମରା ସଂଘର ଆଲୋଚନାଚକ୍ର, ପୁସ୍ତକ ଲୋକାର୍ପଣ ଉତ୍ସବ




ରାଉରକେଲା,୧୮।୬(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ଧାମରା ସଂଘ ପକ୍ଷରୁ ସାହିତ୍ୟ ଭାବଭୂମିରେ ଅନୁଭୂତିର ଉଡାଣକୁ ନେଇ ଏକ ଆଲୋଚନାଚକ୍ର ଓ ପୁସ୍ତକ ଲୋକାର୍ପଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସ୍ତମ୍ଭକାର ଭୂପେନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ରାଜୀବ ପାଣି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସଂଘ ସଭାପତି ପ୍ରଶାନ୍ତ କୁମାର ବେହେରା ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଭଗବାନ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନିରୁପମା ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହ ସମ୍ପାଦକ ଅକ୍ଷୟ କୁମାର ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅତିଥିଗଣ କବିତା ସଙ୍କଳନ 'ସ୍ମୃତି କିଛି ଶୀତ କିଛି ବସନ୍ତର'କୁ ଉନ୍ମୋଚନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅଙ୍ଗୁରବାଳା ପରିଡାଙ୍କ ସଭାପତିତ୍ୱରେ ଏକ କବିତା ଆସର ହୋଇଥିଲା। ସଦସ୍ୟ ନିରଞ୍ଜନ କରଣ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉର୍ବଶୀ ଦାସ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ୮ଶହରୁ ଉର୍ଦ୍ଧ୍ୱ ନେବେ ଯୋଗ ତାଲିମ



ସମ୍ମିଳନୀରେ କମିଟି କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ରାଉରକେଲା,୧୮।୬(ଦିନେଶ ମିଶ୍ର)

ରାଉରକେଲା ସିଭିଲଟାଉନଶିପ୍ ସ୍ଥିତ ଏକ ଘରୋଇ ହୋଟେଲ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ସେଲିବ୍ରେଶନ କମିଟି ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀ ସଭାପତି ମଳୟ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୧ ତାରିଖରେ ହେବାକୁ ଥିବା ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ନେଇ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ରାଉରକେଲା ଟାଉନଶିପ୍ ଅଞ୍ଚଳର ବିଭିନ୍ନ ସାମାଜିକ ସଙ୍ଗଠନ, ଶିକ୍ଷାନୁଷ୍ଠାନ, ବଣିକ ସଂଘର କର୍ମକର୍ତ୍ତାମାନେ ଶିବିରରେ ଉପସ୍ଥିତ ରହିବାକୁ ଆହ୍ୱାନ ଦିଆଯାଇଥିଲା। ରାଉରକେଲା ଉଦିତନଗର ପରେଡ ପଡିଆରେ ସକାଳ ୬ଟାରୁ ସାଢେ ୭ଟା ପର୍ଯ୍ୟନ୍ତ ଯୋଗ ଦିବସ ଅନୁଷ୍ଠିତ ହେବ। ଶିବିରରେ ଯୋଗଗୁରୁ ସୁଶାନ୍ତ କୁମାର ଶତପଥୀ ଯୋଗଦେଇ ତାଲିମ ପ୍ରଦାନ କରିବେ। ରାଉରକେଲାର ବିଭିନ୍ନ ସଙ୍ଗଠନ ଓ ସ୍କୁଲ, କଲେଜରୁ ପ୍ରାୟ ୮ଶହରୁ ଉର୍ଦ୍ଧ୍ୱ ଅଂଶଗ୍ରହଣ କରିବେ ବୋଲି ପରାମର୍ଶ ସମିତି ସଦସ୍ୟ ସୁନିଲ କୟାଲ ସୂଚନା ଦେଇଥିଲେ। ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବେ। ରାଉରକେଲା ଏଡିଏମ ଡ. ଶୁଭଙ୍କର ମହାପାତ୍ର, ଏସ୍‌ପି ମିତ୍ରଭାନୁ ମହାପାତ୍ର, ଡିଏଫ୍‌ଓ ଯଶୋବନ୍ତ ସେଠୀ, ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ସମାଜରେ ଯୋଗକୁ କିଭଳି ମୁଖ୍ୟସ୍ରୋତରେ ସାମିଲ କରିହେବ ସେ ନେଇ ଏହା ଏକ ପ୍ରୟାସ ବୋଲି ପରାମର୍ଶ କମିଟି ସଦସ୍ୟ କମଲ ଡାଲମିଆ କହିଥିଲେ। କମିଟିର ଉପଦେଷ୍ଟା ଅଶୋକ ଅଗ୍ରୱାଲ, ବିଜୟ ଅଗ୍ରୱାଲ, ଆଦିତ୍ୟ ମହାପାତ୍ର, ବାଳମୁକୁନ୍ଦ କଦମାବାଲା, ଏଫ୍. ସି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୁଶାନ୍ତ ଶପତଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁର ନାରାୟଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଖବରଦାତା ସମ୍ମିଳନୀରେ ସୂଚନା**

## ରାଜ୍ୟପାଳଙ୍କୁ ସଚେତନ ନାଗରିକ ମଞ୍ଚର ଚିଠି

ରାଉରକେଲା, ୧୮।୬(ସଙ୍ଗୀତା ଜେନା): ତାଲଚେର-ବିମଳାଗଡ଼ ରେଳପଥ ନିର୍ମାଣ, ରାଉରକେଲାରେ ରେଳ ଡିଭିଜନ, ବିମାନବନ୍ଦରକୁ ଏଏଆଇ ଦ୍ୱାରା ପୂର୍ଣ୍ଣ ମାଲିକାନା ପ୍ରଦାନ, ରାଉରକେଲାରେ ଆଇଟିଆଇ ହବ୍ ନିର୍ମାଣ, ସରକାରୀ ମେଡ଼ିକାଲ କଲେଜ ଓ ସୁପରସ୍ପେଶାଲିଟି ହସ୍ପିଟାଲ କାର୍ଯ୍ୟକ୍ଷମ, ଏମ୍‌ଏସ୍‌ଏମ୍‌ଇ ଟ୍ରେନିଂ ସେଣ୍ଟର ଓ କୌଶଳ ଯୋଜନାକୁ କାର୍ଯ୍ୟକାରୀ କରିବା ଆଦି ଦାବିରେ ଶନିବାର ସଚେତନ ନାଗରିକ ମଞ୍ଚ ରାଉରକେଲା ପକ୍ଷରୁ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଚିଠି ପ୍ରେରଣ କରାଯାଇଛି। ଏହାର ଏକ ନକଲ ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଛି। ନାଗରିକ ମଞ୍ଚ ପକ୍ଷରୁ ୨୦୨୩ ମାର୍ଚ୍ଚ ୧୨ ତାରିଖରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟିବାକୁ ଯାଇ ଏ ସମ୍ପର୍କରେ ଆଲୋଚନା କରିଥିଲେ ବୋଲି ସଭାପତି ବିମଳ ବିଶି କହିଛନ୍ତି।

# ମଧ୍ୟପ୍ରଦେଶ, ଚଣ୍ଡିଗଡ, ହରିୟାଣା, ଓଡ଼ିଶା, ଜମ୍ମୁକଶ୍ମୀର, ରାଜସ୍ଥାନ ବିଜୟୀ

**ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍**

ରାଉରକେଲା,୧୮।୬(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ତ୍ରୟୋଦଶ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍‌ର ସପ୍ତମ ଦିନରେ ୬ଟି ମ୍ୟାଚ ଖେଳାଯାଇଥିଲା। ସେଥିମଧ୍ୟରୁ ପ୍ରଥମ ମ୍ୟାଚ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ମଧ୍ୟରେ ଖେଳାଯାଇଥିଲା। ଏଥିରେ ମଧ୍ୟପ୍ରଦେଶ ଦଳ ୨-୧ ଗୋଲରେ ଉତ୍ତର ପ୍ରଦେଶକୁ କରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ ଚଣ୍ଡିଗଡ ଓ ଛତିଶଗଡ ମଧ୍ୟରେ ଖେଳାଯାଇଥିଲା। ଏଥିରେ ହକି ଚଣ୍ଡିଗଡ ୧୧-୩ ଗୋଲରେ ଛତିଶଗଡକୁ ହକିକୁ ପରାସ୍ତ କରିଛି। ତୃତୀୟ ମ୍ୟାଚ ହରିୟାଣା ଓ ଉତ୍ତରାଖଣ୍ଡ ମଧ୍ୟରେ ଖେଳାଯାଇଥିଲା। ଏଥିରେ ହରିୟାଣା ୧୦-୩ ଗୋଲରେ ଉତ୍ତରାଖଣ୍ଡକୁ ପରାସ୍ତ କରିଥିଲା। ଚତୁର୍ଥ ମ୍ୟାଚ ଓଡିଶା ଓ ମଣିପୁର ମଧ୍ୟରେ ଖେଳାଯାଇଥିବାବେଳେ ଓଡିଶା ଦଳ ୩-୨ ଗୋଲରେ ମଣିପୁର ଦଳକୁ ପରାସ୍ତ କରିଥିଲା। ପଞ୍ଚମ ମ୍ୟାଚ ଜମ୍ମୁକଶ୍ମୀର ଓ ଗୁଜୁରାଟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଜମ୍ମୁକଶ୍ମୀର ଦଳ ୭-୧ ଗୋଲରେ ଗୁଜୁରାଟ ଦଳକୁ ପରାସ୍ତ କରିଥିଲା। ଶେଷ ମ୍ୟାଚ ରାଜସ୍ଥାନ ଓ ତ୍ରିପୁରା ମଧ୍ୟରେ ଖେଳାଯାଇଥିବାବେଳେ ରାଜସ୍ଥାନ ଦଳ ୫-୦ ଗୋଲରେ ତ୍ରିପୁରାକୁ ପରାସ୍ତ କରିଛି।

# 'ପ୍ରମାଣପତ୍ର ସାମ୍ପ୍ରତିକ ସମୟର ଆବଶ୍ୟକତା'

ରାଉରକେଲା,୧୮।୬
(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଇଡି ସମ୍ମିଳନୀ ହଲଠାରେ ଦାୟିତ୍ୱଶୀଳ ଷ୍ଟିଲ ସାର୍ଟିଫିକେଶନ ସନ୍ଦର୍ଭରେ ଏକ ସଚେତନତା ଅଧିବେଶନ ଆୟୋଜିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ ଅଧକ୍ଷତା କରିଥିଲେ। ମୁଖ୍ୟ ଜେନେରାଲ ମ୍ୟାନେଜର ଏବଂ ବିଭାଗ ମୁଖ୍ୟ ମାନେ ଉପସ୍ଥିତ ଥିଲେ। ଅଳକା ଉପାଧ୍ୟାୟଙ୍କ ନେତୃତ୍ୱରେ ମେସର୍ସ ଏର୍ନଷ୍ଟ ଏବଂ ୟଙ୍ଗର ଦୁଇ ଜଣିଆ ସଦସ୍ୟ ଦଳ ପ୍ରମାଣପତ୍ରର ଗୁରୁତ୍ୱ, ପ୍ରକ୍ରିୟା ଏବଂ ଲାଭ ବିଷୟରେ ଏକ ସମୀକ୍ଷା ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ସୂର୍ଯ୍ୟବଂଶୀ ପ୍ରମାଣପତ୍ର ସାମ୍ପ୍ରତିକ ସମୟର ଆବଶ୍ୟକତା ଅଟେ। ବିଦ୍ୟମାନ ମାନକ ଏବଂ ପ୍ରମାଣପତ୍ର ଆବଶ୍ୟକତା ଅନୁଯାୟୀ ୧୨ଟି ନୀତି ସମ୍ବନ୍ଧରେ ବ୍ୟବଧାନ ଚିହ୍ନଟ କରିବା ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେଗୁଡିକ ଦୂର କରିବା, ଯୋଜନା ଏବଂ ରଣନୀତି ପ୍ରସ୍ତୁତ କରିବା ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ଏବଂ ସ୍ଥାୟିତ୍ୱର କଠୋର ବିଶ୍ୱସ୍ତରୀୟ ଆବଶ୍ୟକତା ସହ ସମାନ ରହିବାକୁ ଏକ ରୂପରେଖ ପ୍ରସ୍ତୁତ କରିବାକୁ ସୂର୍ଯ୍ୟବଂଶୀ ଅନୁରୋଧ କରିଥିଲେ। ବିଶେଷଜ୍ଞମାନେ ସାର୍ଟିଫିକେଶନ ବିଷୟରେ ବ୍ୟାଖ୍ୟା କରିଥିଲେ। ଗୁଣବତ୍ତା ବିଭାଗ ସିଜିଏମ୍ ଆଶିଶ ଚନ୍ଦ୍ର ସରକାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ସଚେତନତା ଅଧିବେଶନରେ ବିଶେଷଜ୍ଞଗଣ।

**ଆର୍‌ଏସ୍‌ପିରେ ଷ୍ଟିଲ୍ ସାର୍ଟିଫିକେଶନ କାର୍ଯ୍ୟକ୍ରମ**

# ଭିନ୍ନକ୍ଷମ ନାବାଳକଙ୍କୁ ମିଳୁନି ସରକାରୀ ସହାୟତା

ରାଉରକେଲା,୧୮।୬
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଆର୍‌ଏମ୍‌ସି ଅଧୀନ ୪ ନମ୍ବର ୱାର୍ଡ ବାଲୁଘାଟ ତରେକେଲାର ଜଣେ ଆଜନ୍ମ ଭିନ୍ନକ୍ଷମ ନାବାଳକଙ୍କୁ ମିଳୁନି ସରକାରୀ ସହାୟତା। ନାବାଳକ ଜଣଙ୍କ ହେଲେ ଆଲୋକ ମିଞ୍ଜ(୯)। ପରିବାର କହିଲେ ତାଙ୍କ ବାପା ମିନ ମିଞ୍ଜ (୫୦), ବଡ଼ଭାଇ ଅରମାନ ମିଞ୍ଜ(୧୬) ଏବଂ ବୁଢ଼ୀ ଆଈ ଶୁକ୍ର ମିଞ୍ଜ(୭୦)। ଆଜିକୁ ୨ ବର୍ଷ ତଳେ ଜ୍ୱରରେ ଆକ୍ରାନ୍ତ ହୋଇ ମା' ବିତନୀଙ୍କ ମୃତ୍ୟୁ ହୋଇଥିଲା। ସ୍ତ୍ରୀଙ୍କ ମୃତ୍ୟୁରେ ମିନ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ି ପଥଭ୍ରଷ୍ଟ ହେଲେ। ଫଳରେ ଭିନ୍ନକ୍ଷମ ଆଲୋକଙ୍କ ଲାଳନ ପାଳନ ବୋଝ ବୁଢ଼ୀ ଆଈଙ୍କ ଉପରେ ପଡ଼ିଲା। ମାତ୍ର ଆଲୋକଙ୍କ ଜନ୍ମରୁ ବାମ ହାତ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇଯାଇଥିଲା। ପରିଣତ ବୟସରେ ମଧ ଭିନ୍ନକ୍ଷମ ନାତି ମୋହ ଓ ଦୁଃଖକୁ ବୁଝି ଶୁକ୍ର ଆଲୋକଙ୍କ ସମସ୍ତ ଦେଖାଶୁଣା କରୁଛନ୍ତି। ମାତ୍ର ଏଯାଏ ଭିନ୍ନକ୍ଷମ ଆଲୋକଙ୍କ ପାଇଁ ସରକାରୀ ଯୋଜନା ସାତସପନ ହୋଇ ରହିଯାଇଛି। ଭିନ୍ନକ୍ଷମ ହେବାର ସମସ୍ତ ମାନଦଣ୍ଡ ଥାଇ ମଧ ତାଙ୍କୁ ନା ମିଳୁଛି ଭିନ୍ନକ୍ଷମ ଭତ୍ତା ନା ରାଶନ। ତୁରନ୍ତ ଏହି ଆଲୋକଙ୍କୁ ସମସ୍ତ ସରକାରୀ ଯୋଜନାରେ ସାମିଲ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ନେଇ ରାଉରକେଲା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଚେତାବନୀ ବଡେକଙ୍କୁ ପଚାରିବାରୁ ସେ କହିଲେ, ନାବାଳକ ଆଲୋକଙ୍କୁ ଭିନ୍ନକ୍ଷମ ଭତ୍ତା ମିଳିବ। ତାଙ୍କୁ ଆର୍‌ଜିଏଚ୍ ଆଣି ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇ ଦେବା ବ୍ୟବସ୍ଥା କରାଯିବ। ତାଙ୍କ ପରିବାର ଯେଭଳି ସମସ୍ତ ସରକାରୀ ଯୋଜନାର ଲାଭ ପାଇବେ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବଡେକ କହିଥିଲେ।


ପରିବାର ସହ ଭିନ୍ନକ୍ଷମ ଆଲୋକ।

# ସ୍ୱାଭିମାନ ଅଞ୍ଚଳର ହଳଦୀ କିଣିଲେ ଜର୍ମାନୀ କୃଷିମନ୍ତ୍ରୀ

## ହାଇଦ୍ରାବାଦ ଜି-୨୦ ସମ୍ମିଳନୀରେ ପ୍ରଦର୍ଶିତ

ମାଲକାନଗିରି,୧୮।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ପ୍ରଚୁର ପରିମାଣରେ ହଳଦୀ ଚାଷ ହେଉଛି। ଜିଲା ପ୍ରଶାସନ ପକ୍ଷରୁ ଆଦିବାସୀମାନଙ୍କୁ ପ୍ରୋତ୍ସାହନ ଦିଆଯିବା ସହ ହଳଦୀ ଚାଷ ନିମନ୍ତେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଉଛି। ଏଥିସହ ଓରମାସ୍ ପକ୍ଷରୁ ମଧ୍ୟ ହଳଦୀ ଚାଷ ପାଇଁ ପ୍ରୋତ୍ସାହନ ଓ ସହଯୋଗ ଯୋଗାଇ ଦିଆଯାଉଛି। ଇତି ମଧ୍ୟରେ ତେଲଙ୍ଗାନାର ହାଇଦ୍ରାବାଦଠାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ହଳଦୀ ପ୍ରଦର୍ଶିତ ହୋଇଥିଲା। ଏହି ସମ୍ମିଳନୀରେ ଦେଶ ବିଦେଶରୁ ବହୁ ଲୋକ ଯୋଗଦେଇ ବିଭିନ୍ନ ଜିନିଷ କିଣିଥିବା ବେଳେ ଜର୍ମାନୀର କୃଷିମନ୍ତ୍ରୀ ସ୍ୱାଭିମାନ ଅଞ୍ଚଳର ହଳଦୀ କିଣିଥିଲେ। ପରେ ସେ ଓଡ଼ିଶା ସରକାର ତଥା ମାଲକାନଗିରି ଜିଲା ପ୍ରଶାସନ ଏବଂ ଓରମାସ୍‌କୁ ହଳଦୀର ମାନ ଦେଖି ସାଧୁବାଦ ଜଣାଇଛନ୍ତି। ଫଳରେ ସ୍ୱାଭିମାନ ଅଞ୍ଚଳବାସୀ ଏଥି ଲାଗି ଖୁସି ପ୍ରକଟ କରିଛନ୍ତି। ଏହି ଖବର ଜଣାପଡିବା ପରେ ମାଲକାନଗିରି ଜିଲାରେ ଖୁସି ପ୍ରକାଶ ପାଇଛି। ଆଗାମୀ ଦିନରେ ଏହି ହଳଦୀ କେବଳ ଦେଶରେ ନୁହେଁ, ବିଦେଶକୁ ମଧ୍ୟ ଯିବାର ସମ୍ଭାବନା ରହିଛି।



ଜର୍ମାନୀର କୃଷିମନ୍ତ୍ରୀ ହଳଦୀ କିଣିବା ଅବସରରେ।

# ପୂର୍ତ୍ତ ବିଭାଗରେ ବି ଠିକାସଂସ୍ଥା

## ରାଣ୍ଡଷ୍ଟାଡ୍ ଇଣ୍ଡିଆ ପକ୍ଷରୁ ୧୮ ଯନ୍ତ୍ରୀ ମନୋନୀତ

ହର୍ଷବର୍ଦ୍ଧନ ବେହେରା
ଯାଜପୁର,୧୮।୬

କେବଳ ଶିଳ୍ପାଞ୍ଚଳରେ ନୁହେଁ, ଏବେ ସରକାରୀ ପୂର୍ତ୍ତ ବିଭାଗରେ ମଧ୍ୟ ଠିକାସଂସ୍ଥା ଜରିଆରେ ନିଯୁକ୍ତି ମିଳୁଛି। ଅର୍ଥାତ୍ ଏଠାରେ ବି ଜିଲା କର୍ମ ନିୟୋଜନ ସଂସ୍ଥାରେ ପଞ୍ଜୀକୃତ ଶିକ୍ଷିତ ଯୁବତୀଯୁବକଙ୍କୁ ଅଣଦେଖା କରାଯାଉଛି। ଠିକାସଂସ୍ଥା ରାଣ୍ଡଷ୍ଟାଡ୍ ଇଣ୍ଡିଆ ପ୍ରାଇଭେଟ ଲିଃ ଦ୍ୱାରା ମନୋନୀତ ୩୨ ଜଣ ଆବେଦନକାରୀଙ୍କୁ ନେଇ ୯।୬।୨୦୨୩ରେ ଇଣ୍ଟରଭ୍ୟୁ ହୋଇଥିଲା। ଏହାପରେ ଗତ ୧୬ ତାରିଖରେ ପୂର୍ତ୍ତ ବିଭାଗର ଡିପିଆଇ ଆଣ୍ଡ୍ ରୋଡ୍ ଚିଫ୍ ଇଞ୍ଜିନିୟର କାର୍ଯ୍ୟାଳୟ ପକ୍ଷରୁ ଏକ ଚୟନ କମିଟି ମାଧ୍ୟମରେ ଇଣ୍ଟରଭ୍ୟୁ କରାଯାଇ ଯନ୍ତ୍ରୀ ପରାମର୍ଶଦାତା ପଦବୀ ପାଇଁ ୧୮ ଜଣଙ୍କୁ ଚୂଡ଼ାନ୍ତ ଭାବେ ଚୟନ କରାଯାଇଛି। ଏହି ନିଯୁକ୍ତି ପ୍ରକ୍ରିୟାରେ ଆବେଦନକାରୀଙ୍କଠାରୁ ମୋଟା ଅଙ୍କର ଚାନ୍ଦା ଆଦାୟ କରାଯାଇଥିବା ଚର୍ଚ୍ଚା ହେଉଛି।

ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଁ ଜିଲା କର୍ମନିୟୋଜନ ସଂସ୍ଥା ମାଧ୍ୟମରେ କମ୍ପଲସରି ନୋଟିଫିକେସନ ଅଫ୍ ଭାକେନ୍ସି ଆକ୍ଟ ଅନୁଯାୟୀ ପ୍ରକ୍ରିୟା ହେବା କଥା। କିନ୍ତୁ କେତେଜଣ ବିଭାଗୀୟ ଅଧିକାରୀ ନିଜର ସ୍ୱାର୍ଥସାଧନ ପାଇଁ କର୍ମ ନିୟୋଜନ ସଂସ୍ଥା ମାଧ୍ୟମରେ ପଞ୍ଜୀକୃତ ଶିକ୍ଷିତ ଯୁବତୀଯୁବକଙ୍କୁ ଚୟନ କରାଯାଉ ନାହିଁ। ଯାଜପୁର ଜିଲା କର୍ମ ନିୟୋଜନ ସଂସ୍ଥା ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୧ରୁ ୨୦୨୩ ଏପ୍ରିଲ ପର୍ଯ୍ୟନ୍ତ ସମୁଦାୟ ୧୮,୫୫୩ ଜଣ ଶିକ୍ଷିତ ଯୁବତୀଯୁବକ ନିଯୁକ୍ତି ପାଇଁ ପଞ୍ଜୀକରଣ କରିଛନ୍ତି। ଏଥିରେ ସିଭିଲ, ମେକାନିକାଲ, ଇଲେକ୍ଟ୍ରିକାଲ ଆଦି ବୈଷୟିକ ଡିଗ୍ରୀଧାରୀ ଛାତ୍ରୀଛାତ୍ରମାନେ ମଧ୍ୟ ରହିଛନ୍ତି। ହେଲେ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ଏଥିରୁ ଜଣଙ୍କୁ ବି ନିଯୁକ୍ତି ମିଳିନାହିଁ। ଏପରିକି ସରକାରୀ ସଂସ୍ଥା ମଧ୍ୟ କର୍ମ ନିୟୋଜନ ସଂସ୍ଥାରେ ପଞ୍ଜୀକୃତ ଛାତ୍ରୀଛାତ୍ରଙ୍କୁ ଅଣଦେଖା କରି ଚାଲିଛନ୍ତି। ଏହି ସରକାରୀ ସଂସ୍ଥା ଏବେ ଥାଇ ନ ଥିଲା ଭଳି ମନେ ହେଉଛି।

ସୂଚନାଯୋଗ୍ୟ ଯେ, ପୂର୍ବରୁ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍) କାର୍ଯ୍ୟ ପାଇଁ କେନ୍ଦୁଝର ଓ ସୁନ୍ଦରଗଡ଼ରେ ସିଭିଲ, ଇଲେକ୍ଟ୍ରିକାଲ ଓ ମେକାନିକାଲ ଡିଗ୍ରୀ/ଡିପ୍ଲୋମାଧାରୀମାନଙ୍କଠାରୁ ଆବେଦନପତ୍ର ଆହ୍ୱାନ କରାଯାଇଥିଲା। ଏଥିରେ ସିଭିଲ ଇଞ୍ଜିନିୟର ଡିଗ୍ରୀଧାରୀ ୧୬୪, ସିଭିଲ ଡିପ୍ଲୋମାଧାରୀ ୭୮, ଇଲେକ୍ଟ୍ରିକାଲ ଡିଗ୍ରୀଧାରୀ ୨୧, ଇଲେକ୍ଟ୍ରିକାଲ ଡିପ୍ଲୋମାଧାରୀ ୧୫, ମେକାନିକାଲ ଡିଗ୍ରୀଧାରୀ ୧୩ ଓ ଡିପ୍ଲୋମାଧାରୀ ୬ ଜଣ ଆବେଦନ କରିଥିଲେ। ଏଥିରେ ମଧ୍ୟ ଠିକାସଂସ୍ଥା ରାଣ୍ଡଷ୍ଟାଡ ଇଣ୍ଡିଆ ଯୁବତୀଯୁବକଙ୍କଠାରୁ ଆବେଦନପତ୍ର ଗ୍ରହଣ କରିଥିଲା। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃର ଚିଫ୍ ଜେନେରାଲ ମ୍ୟାନେଜର ଅତୁଲ୍ୟ ଚମ୍ପତିରାୟ ୧୫।୧୦।୨୦୨୨ରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ମନୋନୟନ ପ୍ରକ୍ରିୟା କରିବାକୁ ଜଳସମ୍ପଦ ବିଭାଗର ସ୍ପେଶାଲ ସେକ୍ରେଟାରୀ ପ୍ରଭାତ କୁମାର ଭୋଇଙ୍କୁ ପତ୍ର ଲେଖିଥିଲେ। ତେବେ ଏହି ନିଯୁକ୍ତି ପ୍ରକ୍ରିୟାରେ ମଧ୍ୟ ବ୍ୟାପକ ଭାବେ ଅନିୟମିତତା ହୋଇଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ଏଭଳି ଭାବେ ସରକାରୀ କର୍ମ ନିୟୋଜନ ସଂସ୍ଥାକୁ ବାଦ୍ ଦେଇ ବେସରକାରୀ ଠିକାସଂସ୍ଥାକୁ ମାଲାମାଲ କରିବା ଉଦ୍ଦେଶ୍ୟ ରଖି ନିଯୁକ୍ତି ଚାଲିଥିବା ମତପ୍ରକାଶ ପାଇଛି।


OFFICE OF THE ENGINEER-IN-CHIEF (CIVIL) ODISHA
NIRMAN SOUDHA, KESHARI NAGAR, UNIT-V, BHUBANESWAR – 751001
***
Letter No. 25486 /Dt. Bhubaneswar the 16th June 2023
File No. C-I-Mis-IVR-03/2023
From
Er. Tara Prasad Mishra
Chief Engineer (DPI & Roads), Odisha
Email: ceroads.bbsr@gmail.com
To
The MD OB & CC
Odisha, Bhubaneswar.
Sub: Manpower outsourcing for deployment in the O/o the Engineer-in-Chief (Civil) Odisha, Bhubaneswar.
Ref: This office letter No.16068 dt.13.04.2023 and OB & CC Ltd. Memo No.3572 dt.26.04.2023.
Sir,
With reference to the letter and subject cited above, it is to state that user Department has conducted an interview of the candidate by its selection committee on date.09.06.2023. The vender Randstad India Pvt. Ltd. has submitted profile of 32 Nos of candidates for selection by the user Department. The user department conducted its selection procedure for 32 Nos of candidates and shortlisted the following 18 Nos of candidates (List enclosed).
You are therefore requested to issue necessary order to the vendor for engagement of the selected candidates as per the list at an early.
Your's Faithfully,
Chief Engineer (D.P.I & Roads)
Odisha, Bhubaneswar

ପୂର୍ତ୍ତ ବିଭାଗର ଡିପିଆଇ ଆଣ୍ଡ୍ ରୋଡ୍ ଚିଫ୍ ଇଞ୍ଜିନିୟରଙ୍କ ଚିଠି।

# ତାଳଚେର ବିଧାୟକଙ୍କ ପିତୃ ବିୟୋଗ

ତାଳଚେର, ୧୮।୬ (ମନୋଜ ନନ୍ଦ): ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ପିତା ପୂର୍ଣ୍ଣଚନ୍ଦ୍ର ପ୍ରଧାନ (୮୫)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ ଭାରତୀୟ ସେନା ବାହିନୀରୁ ଅବସର ନେଇଥିଲେ। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ଡାକ୍ତରଖାନାରେ ଚିକିତ୍ସା ଚାଲିଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ ତଥା ବିଧାୟକ ପ୍ରଧାନଙ୍କ ସହ ପରିବାର ସଦସ୍ୟ, ବନ୍ଧୁପରିଜନ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତାଳଚେରରେ ଶୋକର ଛାୟା ଖେଳିଯାଇଥିଲା।



ଅନୁଗୋଳ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା, ବିଜେଡି କର୍ମକର୍ତ୍ତା, କର୍ମୀମାନେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଖବରପାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସେହିପରି ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଗଭୀର ଦୁଃଖ ପ୍ରକାଶ କରିବା ସହିତ ପୂର୍ଣ୍ଣଚନ୍ଦ୍ରଙ୍କ ହାଣ୍ଡିଧୁଆଁସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ଶୋକସନ୍ତପ୍ତ ପରିବାରଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ଶେଷକୃତ୍ୟରେ ସାମିଲ ହୋଇଥିଲେ। ଜିଲା ଭାଜପା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ପ୍ରାକ୍ତନ କାଉନସିଲର ଶଙ୍କର ବେହେରା, ବିନାୟକ ଜେନା, କାର୍ତ୍ତିକେଶ୍ୱର ସାହୁ, ରିତେଶ ସାହୁ ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ନିକଟସ୍ଥ ଶ୍ମଶାନରେ ପୂର୍ଣ୍ଣଚନ୍ଦ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# କୁଶେଇ ନଦୀରେ ମାଛ ମଡ଼କ

## ମଲାମାଛ ଖାଇବାକୁ ବାରଣ କଲା ପ୍ରଶାସନ


ଲୋକେ ନଦୀରୁ ମଲାମାଛ ସଂଗ୍ରହ କରୁଛନ୍ତି।

ଆନନ୍ଦପୁର, ୧୮।୬(ସନ୍ତୋଷ ରାଉତ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ ଜଳସୁଆଁ ନିକଟ କୁଶେଇ ନଦୀର ଗଣ୍ଡଠାରୁ ୧ କି.ମି. ପର୍ଯ୍ୟନ୍ତ ତଳମୁଣ୍ଡକୁ ନଦୀଗର୍ଭରେ ଭାସୁଛି କୁଡ଼ କୁଡ଼ ମଲା ମାଛ । ରବିବାର ସକାଳୁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଖବର ପ୍ରଚାରିତ ହେବା ପରେ ଲୋକମାନେ ମଲା ମାଛ ସାଉଁଟିବାରେ ଲାଗି ପଡିଥିଲେ। ଏହାର କାରଣ ଜଣାପଡ଼ି ନ ଥିବାରୁ ଏହି ମଲା ମାଛ ଖାଇବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ସୂଚନା ଅନୁଯାୟୀ, ନଦୀର ତଳମୁଣ୍ଡରେ ଶହ ଶହ ସଂଖ୍ୟାରେ ମାଛ, କୋଚିଆ, ଗେଣ୍ଡା, କଇଁଛ ଆଦି ମରି ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପ୍ରଚାର ପରେ କିଛି ସମୟ ମଧ୍ୟରେ ସ୍ଥାନୀୟ ଲୋକେ ପହଞ୍ଚି ମାଛ ସଂଗ୍ରହ କରିବା ଆରମ୍ଭ କରିଥିଲେ। ତେବେ ମାଛ ମଡ଼କକୁ ନେଇ ସ୍ପଷ୍ଟ କାରଣ ମିଳିପାରି ନ ଥିବା ବେଳେ କେହି ବିଷ ପକାଇଥିବା ଆଲୋଚନା ହେଉଛି। ଘଟଣା ସମ୍ପର୍କରେ ଜାଣିବା ପରେ ଉପଜିଲାପାଳ ଅନୀଲ କୁମାର ସେଠୀ ସ୍ଥାନୀୟ ଆରଆଇଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ଡାକବାଜି ଯନ୍ତ୍ର ଯୋଗେ ମଲାମାଛକୁ ନ ଖାଇବାକୁ ଲୋକଙ୍କୁ ସଚେତନ କରାଯାଇଥିଲା।


ଏକ ମଲା କଇଁଛ ଭାସୁଛି

# ସମୁଦ୍ରରେ ଓଲଟିଲା ଭୁଟୁଭୁଟି, ବୁଡ଼ିଯାଇ ମତ୍ସ୍ୟଜୀବୀ ମୃତ

## ୫ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର

ରୂପସା, ୧୮।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକର ବାହାବଳପୁର ସାମୁଦ୍ରିକ ଥାନା ଅଧୀନ ବାହାବଳପୁର ମାଛଧରା କେନ୍ଦ୍ରରେ ରବିବାର ଏକ ଦୁର୍ଘଟଣା ଘଟିଛି। ସମୁଦ୍ରରୁ ମାଛ ଧରି ଫେରୁଥିବା ଏକ ଭୁଟୁଭୁଟି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଜଣେ ମତ୍ସ୍ୟଜୀବୀଙ୍କର ମୃତ୍ୟୁ ହୋଇଛି। ଆଉ ଜଣେ ମତ୍ସ୍ୟଜୀବୀ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ୫ଜଣ ମତ୍ସ୍ୟଜୀବୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି।

କଷାଫଳ ଗ୍ରାମର ସୁବାସ ବେହେରାଙ୍କ 'ହିମାଦ୍ରି' ନାମକ ଭୁଟୁଭୁଟି ସମୁଦ୍ରରୁ ମାଛ ଧରି ଫେରୁଥିଲା। ସେଥିରେ ଡ୍ରାଇଭର ସମେତ ୭ଜଣ ମତ୍ସ୍ୟଜୀବୀ ଥିଲେ। ମୁହାଣ ନିକଟରେ ଭୁଟୁଭୁଟିଟି ଓଲଟି ପଡିଥିଲା। ସେଥିରୁ ୫ଜଣ କୂଳକୁ କୌଶଳକ୍ରମେ ପଳାଇ ଆସିଥିବା ବେଳେ ଅନ୍ୟ ୨ଜଣ ନିଖୋଜ ଥିଲେ। ସେମାନଙ୍କୁ ତଟରକ୍ଷୀ ବାହିନୀ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜାଖୋଜି କରି ଉଦ୍ଧାର କରାଯାଇଥିଲା। କଷାଫଳ ଗ୍ରାମର କାଳିପଦ ମାନ୍ନା (୩୨)ଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଆହତ ମତ୍ସ୍ୟଜୀବୀ କଷାଫଳ ଗ୍ରାମର ବାବୁଧର ବେହେରାଙ୍କୁ ସମୁଦ୍ର କୂଳରୁ ଉଦ୍ଧାର କରାଯାଇ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ଏନେଇ ମେଡ଼ିକାଲ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ କାଳିପଦଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।


ଓଲଟି ପଡ଼ିଥିବା ଭୁଟୁଭୁଟି

# ଘାଇଲା ଶିକାରୀଙ୍କୁ ଖୋଜୁଛି ପୋଲିସ

## ଡେପୁଟି ରେଞ୍ଜରଙ୍କ ମୃତ୍ୟୁ ଘଟଣା

- ୧୦ ଅଟକ
- ଶହୀଦ ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ: ପ୍ରଦୀପ ଅମାତ
- ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉ: ବିଶ୍ୱେଶ୍ୱର ଟୁଡୁ

ବାରିପଦା, ୧୮।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିରେ ଡେପୁଟି ରେଞ୍ଜର ମାଥି ହାଁସଦା ନିହତ ହେବା ଘଟଣାରେ ପୋଲିସ ୧୦ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ବନ କର୍ମଚାରୀ ଓ ଶିକାରୀଙ୍କ ମଧ୍ୟରେ ଗୁଳି ବିନିମୟ ସମୟରେ ଗୁଳି ବାଜି ଘାଇଲା ହେବା ଆଶଙ୍କା ଥିବା ଶିକାରୀଙ୍କୁ ଠାବ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ବାରିପଦାଠାରୁ ଆରମ୍ଭ କରି ବାଲେଶ୍ୱର ମଧ୍ୟରେ ଥିବା ନର୍ସିଂହୋମ ଓ ଘରୋଇ କ୍ଲିନିକରେ ପୋଲିସ ଯାଞ୍ଚ କରୁଛି। ଅନ୍ୟପକ୍ଷରେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୃତ ବନ ଅଧିକାରୀଙ୍କ ପରିବାରଙ୍କୁ ଭେଟିବା ସହ ବନ କର୍ମଚାରୀ ଶିମିଳିପାଳର ସୁରକ୍ଷା ପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ଦାବି କରିଛନ୍ତି। ସେହିପରି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। ସୂଚନା ଅନୁଯାୟୀ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଉପର ବାରହାକାମଡ଼ା ରେଞ୍ଜ କାଣ୍ଡଧେନୁ ସେକ୍ସନ ଗାମୁଛା ଝରଣ ବିଟ ଅଞ୍ଚଳରେ ଶିକାରୀ ସହ ମୁହାଁମୁହିଁ ହୋଇ ଡେପୁଟି ରେଞ୍ଜର ମାଥି ଶହୀଦ ହୋଇଛନ୍ତି। ଏସ୍‌ପି ବି.ଗଙ୍ଗାଧର ଠାକୁରମୁଣ୍ଡା ଥାନାରେ ପହଞ୍ଚି ତଦନ୍ତକୁ ବ୍ୟାପକ କରିଛନ୍ତି। କାଠ ମାଫିଆ ଓ ଜୀବଜନ୍ତୁ ଶିକାରୀଙ୍କ ଏକ ବଡ଼ ଧରଣର ର୍ୟାକେଟ ମାଧ୍ୟମରେ ନିରୀହ ଜୀବନ ଯାଉଛି। କର୍ମଚାରୀମାନେ ଠେଙ୍ଗା ଓ ଅଦରକାରୀ ବନ୍ଧୁକ ଧରି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଶିକାରୀଙ୍କ ସହ ମୁକାବିଲା କରୁଛନ୍ତି। ମାତ୍ର ବିଭାଗ ପକ୍ଷରୁ ଦିଆଯାଇଥିବା ବନ୍ଧୁକରୁ ଗୁଳି ବାହାରୁ ନ ଥିବାରୁ କର୍ମଚାରୀମାନଙ୍କ ଆତ୍ମରକ୍ଷା ସମ୍ଭବ ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ ଟୁଡୁ କ୍ଷୋଭ ପ୍ରକାଶ କରିଛନ୍ତି। ଶିମିଳିପାଳ ଓ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଉ ବୋଲି ସେ ଦାବି କରିଛନ୍ତି। ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ମନ୍ତ୍ରୀ ଅମାତ ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଶିମିଳିପାଳ ଓ ବନ କର୍ମଚାରୀଙ୍କ ସୁରକ୍ଷା ନିମନ୍ତେ ବନ୍ଧୁକ ଚାଳନା ତାଲିମ ପ୍ରଦାନ କରାଯିବା ସହ ଲାଇଫ୍ ଜାକେଟ ଯୋଗାଇ ଦିଆଯିବ। ଡ୍ରୋନ ମାଧ୍ୟମରେ ଶିକାରୀଙ୍କ ଅନୁପ୍ରବେଶକୁ ରୋକାଯିବ। ଦେଶୀ ବନ୍ଧୁକ ତିଆରି କାରଖାନାକୁ ଚିହ୍ନଟ କରାଯାଇ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କର୍ମଚାରୀଙ୍କ ସୁରକ୍ଷା ନିମନ୍ତେ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବ। ଶହୀଦ ବିମଳ କୁମାର ଜେନାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ଲକ୍ଷ ଓ ଶିମିଳିପାଳ ଫାଉଣ୍ଡେସନ ପକ୍ଷରୁ ୧୫ଲକ୍ଷ ମିଶାଇ ମୋଟ ୨୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ତଦନୁଯାୟୀ ଡେପୁଟି ରେଞ୍ଜର ମାଥି ହାଁସଦାଙ୍କ ପରିବାରକୁ ଅଧିକରୁ ଅଧିକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରଦୀପ ଅମାତ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।




# ରଥଯାତ୍ରା ନିମନ୍ତେ ସ୍ୱତନ୍ତ୍ର ଟ୍ରେନ୍

**01. ତା.18.06.23ରିଖ, ତା.19.06.23ରିଖ ଏବଂ ତା.21.06.23ରିଖ ଦିନ ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରସ୍ଥାନ ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 07058 | ସିକନ୍ଦରାବାଦ - ମାଳତୀପାଟପୁର | 18.06.23 | 2105 | 1815 |
| 07063 | ନାନ୍ଦେଡ଼ - ଖୋର୍ଦ୍ଧା ରୋଡ଼ | 19.06.23 | 1420 | 1630 |
| 07069 | କାଚିଗୁଡ଼ା - ମାଳତୀପାଟପୁର | 21.06.23 | 2030 | 1830 |

**02. ତା.19.06.23ରିଖ, ତା.20.06.23ରିଖ ଏବଂ ତା.22.06.23ରିଖ ଦିନ ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରସ୍ଥାନ ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 07059 | ମାଳତୀପାଟପୁର - ସିକନ୍ଦରାବାଦ | 19.06.23 | 2300 | 2000 |
| 07064 | ଖୋର୍ଦ୍ଧା ରୋଡ଼ - ନାନ୍ଦେଡ଼ | 20.06.23 | 1830 | 2130 |
| 07070 | ମାଳତୀପାଟପୁର - କାଚିଗୁଡ଼ା | 22.06.23 | 2300 | 2220 |

**03. ତା.20.06.23ରିଖ (ଗୁଣ୍ଡିଚା ଯାତ୍ରା) ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08901 | ବିଶାଖାପାଟଣା - ପୁରୀ | 19.06.23 | 1430 | 0115 |
| 08903 | ଜୁନାଗଡ଼ ରୋଡ଼ - ପୁରୀ | 19.06.23 | 1100 | 0130 |
| 08907 | ପାରାଦ୍ୱୀପ - ପୁରୀ | 19.06.23 | 2200 | 0220 |
| 08057 | ଜଗଦଲପୁର - ପୁରୀ | 19.06.23 | 1000 | 0400 |
| 08019 | ଅନୁଗୁଳ - ପୁରୀ | 19.06.23 | 2330 | 0410 |
| 08041 | ଭଦ୍ରକ - ପୁରୀ | 19.06.23 | 2300 | 0445 |
| 08905 | ସମ୍ବଲପୁର - ପୁରୀ | 19.06.23 | 2000 | 0510 |
| 08033 | ଖୋର୍ଦ୍ଧା ରୋଡ଼ - ପୁରୀ | 20.06.23 | 0500 | 0630 |
| 08051 | ନୂଆଗାଁ ରୋଡ଼ - ପୁରୀ | 20.06.23 | 0415 | 0815 |
| 08021 | ଅନୁଗୁଳ - ପୁରୀ | 20.06.23 | 0400 | 0830 |
| 08043 | ଭଦ୍ରକ - ପୁରୀ | 20.06.23 | 0400 | 0850 |
| 08023 | ବ୍ରହ୍ମପୁର - ପୁରୀ | 20.06.23 | 0400 | 0920 |
| 08909 | ପାରାଦ୍ୱୀପ - ପୁରୀ | 20.06.23 | 0400 | 0945 |
| 08549 | ପଲାସା - ପୁରୀ | 20.06.23 | 0400 | 1000 |
| 08045 | କେନ୍ଦୁଝରଗଡ଼ - ପୁରୀ | 20.06.23 | 0400 | 1045 |
| 08029 | ଗୁଣୁପୁର - ପୁରୀ | 20.06.23 | 0200 | 1130 |
| 08911 | ଯାଜପୁର କେଓଁଝର ରୋଡ଼ - ପୁରୀ | 20.06.23 | 0600 | 1145 |
| 08025 | ବ୍ରହ୍ମପୁର - ପୁରୀ | 20.06.23 | 0730 | 1330 |
| 08037 | ଖୋର୍ଦ୍ଧା ରୋଡ଼ - ପୁରୀ | 20.06.23 | 1300 | 1415 |

**04. ତା.20.06.23ରିଖ (ଗୁଣ୍ଡିଚା ଯାତ୍ରା) ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08908 | ପୁରୀ - ପାରାଦ୍ୱୀପ | 20.06.23 | 1430 | 1945 |
| 08020 | ପୁରୀ - ଅନୁଗୁଳ | 20.06.23 | 1515 | 2100 |
| 08042 | ପୁରୀ - ଭଦ୍ରକ | 20.06.23 | 1530 | 2145 |
| 08024 | ପୁରୀ - ବ୍ରହ୍ମପୁର | 20.06.23 | 1545 | 2030 |
| 08030 | ପୁରୀ - ଗୁଣୁପୁର | 20.06.23 | 1645 | 2240 |
| 08912 | ପୁରୀ - ଯାଜପୁର କେଓଁଝର ରୋଡ଼ | 20.06.23 | 1745 | 2200 |
| 08910 | ପୁରୀ - ପାରାଦ୍ୱୀପ | 20.06.23 | 1815 | 2330 |
| 08550 | ପୁରୀ - ପଲାସା | 20.06.23 | 1830 | 0100 |
| 08046 | ପୁରୀ - କେନ୍ଦୁଝରଗଡ଼ | 20.06.23 | 1845 | 0200 |
| 08034 | ପୁରୀ - ଖୋର୍ଦ୍ଧା ରୋଡ଼ | 20.06.23 | 1945 | 2100 |
| 08022 | ପୁରୀ - ଅନୁଗୁଳ | 20.06.23 | 2000 | 0145 |
| 08906 | ପୁରୀ - ସମ୍ବଲପୁର | 20.06.23 | 2100 | 0500 |
| 08052 | ପୁରୀ - ନୂଆଗାଁ ରୋଡ଼ | 20.06.23 | 2115 | 0115 |
| 08058 | ପୁରୀ - ଜଗଦଲପୁର | 20.06.23 | 2130 | 1200 |
| 08904 | ପୁରୀ - ଜୁନାଗଡ଼ ରୋଡ଼ | 20.06.23 | 2225 | 1045 |
| 08902 | ପୁରୀ - ବିଶାଖାପାଟଣା | 20.06.23 | 2255 | 0730 |
| 08044 | ପୁରୀ - ଭଦ୍ରକ | 20.06.23 | 2325 | 0445 |
| 08038 | ପୁରୀ - ଖୋର୍ଦ୍ଧା ରୋଡ଼ | 20.06.23 | 2345 | 0100 |
| 08026 | ପୁରୀ - ବ୍ରହ୍ମପୁର | 21.06.23 | 0030 | 0445 |

**05. ତା.21.06.23ରିଖ ଠାରୁ ତା.27.06.23ରିଖ ପର୍ଯ୍ୟନ୍ତ ଏବଂ ତା.30.06.23ରିଖ ପୁରୀକୁ ଦୈନିକ ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|
| 08033 | ଖୋର୍ଦ୍ଧା ରୋଡ଼ - ପୁରୀ | 0500 | 0630 |
| 08021 | ଅନୁଗୁଳ - ପୁରୀ | 0400 | 0830 |
| 08043 | ଭଦ୍ରକ - ପୁରୀ | 0400 | 0850 |
| 08909 | ପାରାଦ୍ୱୀପ - ପୁରୀ | 0400 | 0945 |
| 08911 | ଯାଜପୁର କେଓଁଝର ରୋଡ଼ - ପୁରୀ | 0600 | 1145 |
| 08037 | ଖୋର୍ଦ୍ଧା ରୋଡ଼ - ପୁରୀ | 1300 | 1415 |

**06. ତା.21.06.23ରିଖ ଠାରୁ ତା.27.06.23ରିଖ ପର୍ଯ୍ୟନ୍ତ ଏବଂ ତା.30.06.23ରିଖ ପୁରୀରୁ ଦୈନିକ ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|
| 08020 | ପୁରୀ - ଅନୁଗୁଳ | 1515 | 2100 |
| 08911 | ପୁରୀ - ଯାଜପୁର କେଓଁଝର ରୋଡ଼ | 1745 | 2200 |
| 08910 | ପୁରୀ - ପାରାଦ୍ୱୀପ | 1815 | 2330 |
| 08044 | ପୁରୀ - ଭଦ୍ରକ | 2325 | 0445 |
| 08038 | ପୁରୀ - ଖୋର୍ଦ୍ଧା ରୋଡ଼ | 2345 | 0100 |
| 08026 | ପୁରୀ - ବ୍ରହ୍ମପୁର | 0030 | 0445 |

**07. ତା.28.06.23ରିଖ (ବାହୁଡ଼ା ଯାତ୍ରା) ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08901 | ବିଶାଖାପାଟଣା - ପୁରୀ | 27.06.23 | 1430 | 0115 |
| 08907 | ପାରାଦ୍ୱୀପ - ପୁରୀ | 27.06.23 | 2200 | 0220 |
| 08019 | ଅନୁଗୁଳ - ପୁରୀ | 27.06.23 | 2330 | 0410 |
| 08041 | ଭଦ୍ରକ - ପୁରୀ | 27.06.23 | 2300 | 0445 |
| 08905 | ସମ୍ବଲପୁର - ପୁରୀ | 27.06.23 | 2000 | 0510 |
| 08033 | ଖୋର୍ଦ୍ଧା ରୋଡ଼ - ପୁରୀ | 28.06.23 | 0500 | 0630 |
| 08051 | ନୂଆଗାଁ ରୋଡ଼ - ପୁରୀ | 28.06.23 | 0415 | 0815 |
| 08021 | ଅନୁଗୁଳ - ପୁରୀ | 28.06.23 | 0400 | 0830 |
| 08043 | ଭଦ୍ରକ - ପୁରୀ | 28.06.23 | 0400 | 0850 |
| 08023 | ବ୍ରହ୍ମପୁର - ପୁରୀ | 28.06.23 | 0400 | 0920 |
| 08909 | ପାରାଦ୍ୱୀପ - ପୁରୀ | 28.06.23 | 0400 | 0945 |
| 08549 | ପଲାସା - ପୁରୀ | 28.06.23 | 0400 | 1000 |
| 08045 | କେନ୍ଦୁଝରଗଡ଼ - ପୁରୀ | 28.06.23 | 0400 | 1045 |
| 08029 | ଗୁଣୁପୁର - ପୁରୀ | 28.06.23 | 0200 | 1130 |
| 08911 | ଯାଜପୁର କେଓଁଝର ରୋଡ଼ - ପୁରୀ | 28.06.23 | 0600 | 1145 |
| 08025 | ବ୍ରହ୍ମପୁର - ପୁରୀ | 28.06.23 | 0730 | 1330 |
| 08037 | ଖୋର୍ଦ୍ଧା ରୋଡ଼ - ପୁରୀ | 28.06.23 | 1300 | 1415 |

**08. ତା.28.06.23ରିଖ (ବାହୁଡ଼ା ଯାତ୍ରା) ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08908 | ପୁରୀ - ପାରାଦ୍ୱୀପ | 28.06.23 | 1430 | 1945 |
| 08020 | ପୁରୀ - ଅନୁଗୁଳ | 28.06.23 | 1515 | 2100 |
| 08042 | ପୁରୀ - ଭଦ୍ରକ | 28.06.23 | 1530 | 2145 |
| 08024 | ପୁରୀ - ବ୍ରହ୍ମପୁର | 28.06.23 | 1545 | 2030 |
| 08030 | ପୁରୀ - ଗୁଣୁପୁର | 28.06.23 | 1645 | 2240 |
| 08912 | ପୁରୀ - ଯାଜପୁର କେଓଁଝର ରୋଡ଼ | 28.06.23 | 1745 | 2200 |
| 08910 | ପୁରୀ - ପାରାଦ୍ୱୀପ | 28.06.23 | 1815 | 2330 |
| 08550 | ପୁରୀ - ପଲାସା | 28.06.23 | 1830 | 0100 |
| 08046 | ପୁରୀ - କେନ୍ଦୁଝରଗଡ଼ | 28.06.23 | 1845 | 0200 |
| 08034 | ପୁରୀ - ଖୋର୍ଦ୍ଧା ରୋଡ଼ | 28.06.23 | 1945 | 2100 |
| 08022 | ପୁରୀ - ଅନୁଗୁଳ | 28.06.23 | 2000 | 0145 |
| 08906 | ପୁରୀ - ସମ୍ବଲପୁର | 28.06.23 | 2100 | 0500 |
| 08052 | ପୁରୀ - ନୂଆଗାଁ ରୋଡ଼ | 28.06.23 | 2115 | 0115 |
| 08902 | ପୁରୀ - ବିଶାଖାପାଟଣା | 28.06.23 | 2255 | 0730 |
| 08044 | ପୁରୀ - ଭଦ୍ରକ | 28.06.23 | 2325 | 0445 |
| 08038 | ପୁରୀ - ଖୋର୍ଦ୍ଧା ରୋଡ଼ | 28.06.23 | 2345 | 0100 |
| 08026 | ପୁରୀ - ବ୍ରହ୍ମପୁର | 29.06.23 | 0030 | 0445 |

**09. ତା.29.06.23ରିଖ (ସୁନାବେଶ) ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08903 | ଜୁନାଗଡ଼ ରୋଡ଼ - ପୁରୀ | 28.06.23 | 1100 | 0130 |
| 08907 | ପାରାଦ୍ୱୀପ - ପୁରୀ | 28.06.23 | 2200 | 0220 |
| 08057 | ଜଗଦଲପୁର - ପୁରୀ | 28.06.23 | 1000 | 0400 |
| 08019 | ଅନୁଗୁଳ - ପୁରୀ | 28.06.23 | 2330 | 0410 |
| 08041 | ଭଦ୍ରକ - ପୁରୀ | 28.06.23 | 2300 | 0445 |
| 08033 | ଖୋର୍ଦ୍ଧା ରୋଡ଼ - ପୁରୀ | 29.06.23 | 0500 | 0630 |
| 08051 | ନୂଆଗାଁ ରୋଡ଼ - ପୁରୀ | 29.06.23 | 0415 | 0815 |
| 08021 | ଅନୁଗୁଳ - ପୁରୀ | 29.06.23 | 0400 | 0830 |
| 08043 | ଭଦ୍ରକ - ପୁରୀ | 29.06.23 | 0400 | 0850 |
| 08023 | ବ୍ରହ୍ମପୁର - ପୁରୀ | 29.06.23 | 0400 | 0920 |
| 08909 | ପାରାଦ୍ୱୀପ - ପୁରୀ | 29.06.23 | 0400 | 0945 |
| 08549 | ପଲାସା - ପୁରୀ | 29.06.23 | 0400 | 1000 |
| 08045 | କେନ୍ଦୁଝରଗଡ଼ - ପୁରୀ | 29.06.23 | 0400 | 1045 |
| 08029 | ଗୁଣୁପୁର - ପୁରୀ | 29.06.23 | 0200 | 1130 |
| 08911 | ଯାଜପୁର କେଓଁଝର ରୋଡ଼ - ପୁରୀ | 29.06.23 | 0600 | 1145 |
| 08025 | ବ୍ରହ୍ମପୁର - ପୁରୀ | 29.06.23 | 0730 | 1330 |
| 08037 | ଖୋର୍ଦ୍ଧା ରୋଡ଼ - ପୁରୀ | 29.06.23 | 1300 | 1415 |

**10. ତା.29.06.23ରିଖ (ସୁନାବେଶ) ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08908 | ପୁରୀ - ପାରାଦ୍ୱୀପ | 29.06.23 | 1430 | 1945 |
| 08020 | ପୁରୀ - ଅନୁଗୁଳ | 29.06.23 | 1515 | 2100 |
| 08042 | ପୁରୀ - ଭଦ୍ରକ | 29.06.23 | 1530 | 2145 |
| 08024 | ପୁରୀ - ବ୍ରହ୍ମପୁର | 29.06.23 | 1545 | 2030 |
| 08030 | ପୁରୀ - ଗୁଣୁପୁର | 29.06.23 | 1645 | 0140 |
| 08912 | ପୁରୀ - ଯାଜପୁର କେଓଁଝର ରୋଡ଼ | 29.06.23 | 1745 | 2200 |
| 08910 | ପୁରୀ - ପାରାଦ୍ୱୀପ | 29.06.23 | 1815 | 2330 |
| 08550 | ପୁରୀ - ପଲାସା | 29.06.23 | 1830 | 0100 |
| 08046 | ପୁରୀ - କେନ୍ଦୁଝରଗଡ଼ | 29.06.23 | 1845 | 0200 |
| 08034 | ପୁରୀ - ଖୋର୍ଦ୍ଧା ରୋଡ଼ | 29.06.23 | 1945 | 2100 |
| 08022 | ପୁରୀ - ଅନୁଗୁଳ | 29.06.23 | 2000 | 0145 |
| 08052 | ପୁରୀ - ନୂଆଗାଁ ରୋଡ଼ | 29.06.23 | 2115 | 0115 |
| 08058 | ପୁରୀ - ଜଗଦଲପୁର | 29.06.23 | 2130 | 1200 |
| 08904 | ପୁରୀ - ଜୁନାଗଡ଼ ରୋଡ଼ | 29.06.23 | 2225 | 1045 |
| 08044 | ପୁରୀ - ଭଦ୍ରକ | 29.06.23 | 2325 | 0445 |
| 08038 | ପୁରୀ - ଖୋର୍ଦ୍ଧା ରୋଡ଼ | 29.06.23 | 2345 | 0100 |
| 08026 | ପୁରୀ - ବ୍ରହ୍ମପୁର | 30.06.23 | 0030 | 0445 |

UTS APP
ଡାଉନ୍‌ଲୋଡ୍ କରିବା ପାଇଁ ଏହି QR କୋଡ୍‌କୁ ସ୍କାନ୍ କରନ୍ତୁ

ECOR YATRA APP
ଡାଉନ୍‌ଲୋଡ୍ କରିବା ପାଇଁ ଏହି QR କୋଡ୍‌କୁ ସ୍କାନ୍ କରନ୍ତୁ

ରେଳମଦଦ୍ ହେଲ୍ପଲାଇନ୍ 139 ଏକୀକୃତ ନମ୍ବର

ମୋବାଇଲ UTS APP
ଅଣସଂରକ୍ଷିତ କାଗଜବିହୀନ ଟିକେଟ୍ ପାଇଁ

- ସଂରକ୍ଷିତ ସୁବିଧା ସ୍ୱତନ୍ତ୍ର ଭଡ଼ା ବିଶିଷ୍ଟ ଟ୍ରେନ୍‌ଗୁଡ଼ିକ ବ୍ୟତୀତ ପୁରୀରୁ ଏବଂ ପୁରୀକୁ ଯାତାୟତ କରିବାକୁ ଥିବା ସମସ୍ତ ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ୍ ଅଣସଂରକ୍ଷିତ ସ୍ୱତନ୍ତ୍ର ଭଡ଼ା ଟ୍ରେନ୍ ରୂପେ ଚଳାଚଳ କରିବ।
- ରଥଯାତ୍ରା ସମୟରେ ପଲାସା ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ବିଶେଷ ଟ୍ରେନ୍ ଖୋର୍ଦ୍ଧା ରୋଡ଼ ନଯାଇ,ଭାୟା-ଅନୁଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟତ କରିବ।

D-4/23

ପୂର୍ବ ତଟ ରେଳପଥ

@EASTCOASTRailway1 @EastCoastRail www.instagram.com/cproecor eastcoastrail.indianrailways.gov.in

## ସଂକ୍ଷେପରେ

### ୩ ହାଇୱା ଟ୍ରକ୍ ଜବତ, ଜରିମାନା

ଖଡ଼ିଆଳ,୧୮।୬(ସୁଜିତ୍ ପ୍ରଧାନ): ନୂଆପଡା ଜିଲା ଖଡିଆଳ ରାଜସ୍ୱ ବିଭାଗ ପକ୍ଷରୁ ଚଢାଉ କରି ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ୩ଟି ହାଇୱା ଟ୍ରକ ଜବତ କରି ୪୬,୨୨୫ ଟାଙ୍କ ଜରିମାନା ଆଦାୟ କରାଯାଇଛି। ଖଡ଼ିଆଳ ତହସିଲଦାର ସିନ୍ଧୁସୂତା ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ାଉ ହୋଇଥିଲା। ରାଜସ୍ୱ ନିରୀକ୍ଷକ ହିମାଂଶୁ କଟା, ଦେବରାଜ ତ୍ରିପାଠୀ, ଦିଲୀପ ମାଝି, ପୁରନନ୍ଦର ସୁନାନୀ ଓ ଗୋପୀନାଥ ମଲ୍ଲିକଙ୍କ ସମେତ ଖଡ଼ିଆଳ ପୋଲିସ ଚଢାଉରେ ସହଯୋଗ କରିଥିଲେ। ୨ଟି ସାନମହେଶ୍ୱରଠାରେ ଜରିମାନା ଆଦାୟ ହୋଇଥିବା ବେଳେ ଗୋଟିଏ ଚଳାନ ପଡା ବଡ ପୋଲ ପାଖରେ ଅଟକଥିଲା। ଖଡ଼ିଆଳ ବ୍ଲକର ବିଭିନ୍ନ ନଦୀ ବାଲି ଘାଟରୁ ବାଲି ଚୋରା ଚାଲାଣ ହେଉଥିବା ବେଳେ ରୟାଲଟି କାଗଜ ନ ଥିବା ଯୋଗୁ ଜରିମାନା ଆଦାୟ ହୋଇଥିବା ବିଭାଗ ପକ୍ଷରୁ ପ୍ରକାଶ କରିଥିଲେ।

### ଜଙ୍ଗଲରେ ନିଆଁ, ୫ ଶହ ଗଛ ପୋଡି ନଷ୍ଟ



ଖଡ଼ିଆଳ,୧୮।୬(ସୁଜିତ୍ ପ୍ରଧାନ) ନୂଆପଡ଼ା ଜିଲା ଖଡ଼ିଆଳ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଘରଧରା ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗିଯାଇଛି। ଫଳରେ ନିକଟରେ ଥିବା ଏକ ବଗିଚାର ୫ଶହ ଗଛ ପୋଡି ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ସୂଚନାମତେ ରବିବାର ମଧାହ୍ନରେ କେହି ଦୁର୍ବୃତ୍ତ ଏହି ଜଙ୍ଗଲରେ ନିଆଁ ଲଗେଇ ଦେଇଥିଲା। ଫଳରେ ଜଙ୍ଗଲ ଜଳିବା ସହ ଜଙ୍ଗଲକୁ ଲାଗି ଘରଧରା ଗ୍ରାମର ପ୍ରକାଶ ବନ୍ଦୀ ଛୋରଙ୍କ ଫଳ ବଗିଚା ମଧ ଜଳି ଯାଇଛି। ସେ ନିଜ ଗୋଟିଏ ଏକର ଜମିରେ ୫ ଶହ ଆମ୍ବ ଓ ପଣସ ଗଛ ଲଗାଇ ପାଞ୍ଚ ବର୍ଷ ହେବ ରକ୍ଷଣାବେକ୍ଷଣ କରିଆସୁଥିଲେ। ହଠାତ ବଗିଚା ପୋଡ଼ିଯାଉଥିବା ଦେଖିବାକୁ ପାଇ ସ୍ଥାନୀୟ ଲୋକଙ୍କୁ ଡାକି ନିଆଁ ଲିଭେଇବା ସହ ଦମକଳ କେନ୍ଦ୍ରକୁ ଯୋଗାଯୋଗ କରିଥିଲେ। ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ୫ଶହ ଗଛରୁ ଅଧାଗଛ ପୋଡି ପାଉଁଶ ହୋଇଯାଇଥିବା ପ୍ରକାଶ କରିବା ସହ ଦୁର୍ବୃତ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

### ବାଲ୍ମୀକି ସମାଜ ପକ୍ଷରୁ ହସ୍ପିଟାଲରେ ଫଳ, ଜୁସ ବଣ୍ଟନ

କେସିଙ୍ଗା,୧୮।୬(ତୁମେଶ୍ୱର ସାହୁ): କଳାହାଣ୍ଡି ଜିଲା କେସିଙ୍ଗା ବାଲ୍ମୀକି ସମାଜ ପକ୍ଷରୁ ଟିକେରାମ ତାଣ୍ଡିଙ୍କ ନେତୃତ୍ୱରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ରୋଗୀଙ୍କ ତୃଷ୍ଣା ନିବାରଣ ପାଇଁ ରବିବାର ସକାଳୁ ସ୍ଥାନୀୟ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ସମସ୍ତ ରୋଗୀଙ୍କୁ ଫଳ ଓ ଜୁସ ବଣ୍ଟନ କରାଯାଇଛି। କେସିଙ୍ଗା ଅଞ୍ଚଳରେ ୪୨ରୁ ୪୫ଡିଗ୍ରୀ ତାପମାନ ରହଛି। ରୋଗୀଙ୍କ ତୃଷ୍ଣା ନିବାରଣ ପାଇଁ ଗର୍ଭବତୀ, ପ୍ରସୂତୀ, ଶିଶୁ ଓ ଅନ୍ୟାନ୍ୟ ଗୋଷ୍ଠୀକେନ୍ଦ୍ରର ସମସ୍ତ ୱାର୍ଡ ବୁଲି ବୁଲି ସମସ୍ତ ରୋଗୀମାନଙ୍କୁ ଫଳ ଓ ଜୁସ ବଣ୍ଟନ କରାଯାଇଥିଲା। ପ୍ରକାଶ ଥାଉ କେସିଙ୍ଗା ବାଲ୍ମୀକି ସମାଜର ଏକତା, ସଶକ୍ତିକରଣ ଓ ବିକାଶ ପାଇଁ ଆଗରୁ ଅନେକ କାର୍ଯ୍ୟକ୍ରମ କରି ଆସୁଛି। ଆସନ୍ତା ବର୍ଷା ଋତୁରେ କେସିଙ୍ଗା ଅଞ୍ଚଳର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ ଓ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ସମାଜିର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଫଳବଣ୍ଟନ କାର୍ଯ୍ୟକ୍ରମରେ କେସିଙ୍ଗା ମେଡିକାଲର ଡ. ବିନୟ କୁମାର ଜୈନ, ଡ. ଏ.କେ. ଶତପଥୀଙ୍କ ସମେତ ପୂର୍ବତନ ନଗରପାଳ ରାମଜୀ ମୃ ଖଣ୍ଡିଆ, କେଟା ସୁନା, ପୂର୍ଣ୍ଣଚନ୍ଦ୍ର ନାଏକ, ରାଜୁ ଦୀପ, ମୋହନ ମାତ ଖଣ୍ଡିଆ, ଗୌତମ ସୁନା, ଜ୍ୟୋତି ନାଏକ, ବିଜେନ ସୁନା, ଟିକେ ରାମ ତାଣ୍ଡି, କିଶନ ଦୀପ, ମହାଦେବ ସୁନା, ଚନ୍ଦନ ଦୀପ, ଗୋପୀ ଦୀପ, ରଖି ଦୀପ, ରୁପେଶ ନାଏକ, ଙ୍କର ଦୀପ, ଭରତ ସିନ୍ଦୂର ପ୍ରମୁଖ ଉପସ୍ଥିତ ଥିଲେ।

# ନଦୀରେ ଚୁଆ ଖୋଳି ପିଉଛନ୍ତି ପାଣି

ଖଡ଼ିଆଳ,୧୮।୬(ସୁଜିତ୍ ପ୍ରଧାନ)



ମହିଳାମାନେ ନଦୀରୁ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି।

**ବଡମୂଳା ଗ୍ରାମରେ ପିଇବା ପାଣି ସମସ୍ୟା ଉତ୍କଟ**

ଗତ କିଛିଦିନ ହେବ ଓଡ଼ିଶା ହଟ୍‌ସ୍ପଟ୍ ପାଲଟିଛି। ପାରଦ ଉପରମୁହାଁ ରହିଛି। ପ୍ରଚଣ୍ଡ ଗ୍ରୀଷ୍ମରେ ସାରା ରାଜ୍ୟ ବେହାଲ। ଆକାଶରୁ ବର୍ଷୁଛି ଅଗ୍ନି। ସୂର୍ଯ୍ୟ ନଇଁବା ଯାଏ ନିସ୍ତାର ନାହିଁ। ସନ୍ଧ୍ୟା ପରେ ଖରା ନ ଥିଲେ ମଧ ଗରମ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ବିଦ୍ୟୁତ୍ କାଟ ପାଇଁ ଲୋକେ ଅତିଷ୍ଠ ହୋଇପଡ଼ିଥିବା ବେଳେ ଅନେକ ଗ୍ରାମରେ ପାଣି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ସରକାର ମେଗା ଯୋଜନାରେ ପ୍ରାୟ ୯୦ ପ୍ରତିଶତ ଲୋକଙ୍କୁ ଜଳ ଯୋଗାଣ କରିସାରିଛନ୍ତି। ହେଲେ ଏହି ମେଗା ଯୋଜନାରେ ଜଳ ଯୋଗାଣ ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବଡ଼ମୁଲା ଗ୍ରାମରେ ଫେଲ ମାରିଛି। ସୂଚନା ମତେ ଖଡ଼ିଆଳ ବ୍ଲକ ବଡ଼ମୁଲା ଗ୍ରାମରେ ୨୦୦୦ରୁ ଅଧିକ ଲୋକ ବାସ କରନ୍ତି। ୨୦୨୧ରେ ଉକ୍ତ ଗ୍ରାମରେ ମେଗା ଯୋଜନାରେ ପାଇପ ଯୋଗେ ପାଣି ଯୋଗାଇ ଦିଆଯାଇଥିଲା। ହେଲେ ପାଣି କେଉଁ ଦିନ ଆସୁଥିଲା ତ କେଉଁ ଦିନ ଆସୁ ନ ଥିଲା। ଗତ ଏକ ମାସ ହେଲା ପାଣି ସମ୍ପୂର୍ଣ୍ଣ ଭାବେ ଆସୁ ନ ଥିବା ଗ୍ରାମର ଧନଞ୍ଜୟ ଚୌହାନ ଅଭିଯୋଗ କରିଛନ୍ତି। ଏକ ମାସରେ କେବଳ ଥରେ ପାଣି ଦିଆଯାଇଛି ବୋଲି ସେ କହିଛନ୍ତି। ପାଣି ସମସ୍ୟା ଉତ୍କଟ ହେଉଥିବାରୁ ମହିଳାମାନେ ଅତ୍ୟଧିକ ଗରମରେ ଏକ କିଲୋମିଟର ଦୂର ନଦୀକୁ ଯାଇ ଚୁଆ ଖୋଳି ପାଣି ଆଣୁଛନ୍ତି। ଗ୍ରାମରେ ୬ଟି ନଳକୂପ ରହିଛି। ହେଲେ ନଳକୂପଗୁଡ଼ିକରୁ ମଧ ଠିକରେ ପାଣି ବାହାରୁ ନ ଥିବା ଗ୍ରାମର ମହିଳାମାନେ ପ୍ରକାଶ କରିଛନ୍ତି। ଏ ବିଷୟରେ ଖଡ଼ିଆଳ ବିଡିଓ ବିରସେନ ବେହେରାଙ୍କୁ ଯୋଗାଯୋଗ କରାଯିବାରୁ ପାଣି ସମସ୍ୟା ରହିଛି। ପାଣି ଯୋଗାଣରେ କାଁ ଭାଁ ଟିକିଏ ଅସୁବିଧା ହେଉ ଥେଇପାରେ, ଆମେ ସମାଧାନ କରିଦେବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତିଖାଲି ବାମ ମୁଖ୍ୟ କେନାଲରେ ପାଣି ଆସୁଥିଲା। ଚଳିତବର୍ଷ କେନାଲ ମରାମତି କରାଯାଉଥିବାରୁ କେନାଲରେ ପାଣି ଛଡା ଯାଉନାହିଁ। ଫଳରେ ଜଳସ୍ତର ତଳାଭିମୁଖୀ ହୋଇଛି। ଆମେ ଅତିଶୀଘ୍ର ପାଣି ସମସ୍ୟା ସମାଧାନ କରିଦେବୁ ବୋଲି କହିଥିଲେ। ପିଏଚର କନିଷ୍ଠ ଯନ୍ତ୍ରୀ ଦେବୀପ୍ରସାଦ ତାଣ୍ଡିଙ୍କୁ ଯୋଗାଯୋଗ କରାଯିବାରୁ ବଡ଼ମୁଲା ଗ୍ରାମର ପାଣି ଯୋଗାଣ ପାଇଁ ଖୋଳାଯାଇଥିବା ବୋରୱେଲରେ ପାଣି ନିମ୍ନଗାମୀ ହୋଇଛି। ଫଳରେ ପାଣି ସମସ୍ୟା ଦେଖାଦେଇଛି ବୋଲି ସେ କହିଥିଲେ। ବିଡିଓଙ୍କ ସହିତ କଥା ହୋଇ ଅତିଶୀଘ୍ର ଟେଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଟଙ୍କା ଖର୍ଚ୍ଚ ପରେ ବି ଲୋକଙ୍କୁ ମିଳୁନି ପାଣି

କର୍ଲାମୁଣ୍ଡା,୧୮।୬(ପ୍ରଦୀପ ସାହୁ)

**ବାଟବଣା ବସୁଧା ଯୋଜନା**

- କାମରେ ଠିକାଦାର ବିଳମ୍ବ କରିବା ଅଭିଯୋଗ
- ଅନ୍ୟ କାମ ସମ୍ପୂର୍ଣ୍ଣ ହୋଇପାରୁନି



ସରକାର ସମସ୍ତଙ୍କୁ ପିଇବା ପାଣି ଯୋଗାଇବା ନିମନ୍ତେ ବିଭିନ୍ନ ସ୍ଥାନରେ ବସୁଧା ଯୋଜନାରେ ପାଣି ଟାଙ୍କି ନିର୍ମାଣ ପାଇଁ ଟେଣ୍ଡର ବ୍ୟବସ୍ଥା କରିଛନ୍ତି। ହେଲେ ଠିକ ସମୟରେ ପାଣି ଟାଙ୍କି ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ସାଧାରଣ ଲୋକଙ୍କ ପାଇଁ ବସୁଧା ଯୋଜନା ଅପହଞ୍ଚ ହୋଇପଡ଼ିଛି। ଏଭଳି ପରିସ୍ଥିତି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଦେଖିବାକୁ ମିଳିଛି। ବ୍ଲକର ପୁଟିଗା ଉତେଇ ନଦୀରୁ ପୁଟିଗା ଓ ରାଜପୁର ପାଇଁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ୪ କୋଟି ଟଙ୍କା ଅଟକଳରେ ଆଜକୁ ୩ବର୍ଷ ତଳେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ଉଭୟ ଗାଁରେ ପାଣି ଟାଙ୍କି ନିର୍ମାଣ ଶେଷ ହୋଇଥିଲେ ମଧ ଅନ୍ୟ କାର୍ଯ୍ୟ ହୋଇପାରି ନାହିଁ। ଫଳରେ ଉଭୟ ଗ୍ରାମବାସୀଙ୍କ ପାଇଁ ବସୁଧା ଯୋଜନା ଅପହଞ୍ଚ ହୋଇରହିଛି। ସେହିପରି ଝାରମୁଣ୍ଡା ଓ ବ୍ରହ୍ମଣୀମୁଣ୍ଡା ପାଇଁ ଝରମୁଣ୍ଡାଠାରେ ପାଣିଟାଙ୍କି ନିର୍ମାଣ, ସିରବହସଲ ଓ ବଡଡୁଙ୍ଗୁରିଗୁଡାଠାରେ ପାଣି ଟାଙ୍କି ନିର୍ମାଣ ହୋଇଥିଲେ ମଧ ଏହିସବୁ ଗାଁକୁ ପାଇପ ଯୋଗେ ଜଳ ଯୋଗାଣ ଆରମ୍ଭ ହୋଇ ନ ଅଭିଯୋଗ ହେଉଛି। ଏହା ବ୍ୟତୀତ ବୁଢ଼ୀପଦର ଓ ଖରଝୋରା ଟେଣ୍ଡର ହେବାର ୩ବର୍ଷ ବିତିଯାଇଥିଲେ ମଧ ପାଣି ଟାଙ୍କି ନିର୍ମାଣ ହୋଇପାରି ନ ଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଠିକାଦାରମାନେ ନିୟମ ପାଳନ କରୁ ନ ଥିବାରୁ ବସୁଧା ଯୋଜନା ଏବେ ଫେଲ ମାରିଛି। ଅନ୍ୟପଟେ ଏହି ବ୍ଲକରେ ୪୩ରୁ ୪୫ ଡିଗ୍ରୀ ଉତ୍ତାପ ରହୁଥିବାରୁ ନଦୀ, ନାଳ, ପୋଖରୀ, ନଳକୂଅଗୁଡିକ ସମ୍ପୂର୍ଣ୍ଣ ଶୁଖିବାରେ ଲାଗିଛି। ଫଳରେ ଲୋକେ ପାନୀୟ ଜଳ ପାଇଁ ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଅନୁସାୟା ଭଞ୍ଜଙ୍କୁ ପଚାରିବାରୁ ପୁଟିଗା ଓ ରାଜପୁର ପ୍ରକଳ୍ପ ପାଇଥିବା ଠିକାଦାର କାମରେ ବିଳମ୍ବ ଓ ଲୋକଙ୍କ ଅଭିଯୋଗକ୍ରମେ ତାଙ୍କ ଏଗ୍ରିମେଣ୍ଟକୁ ବାତିଲ କରାଯାଇ ଟେଣ୍ଡର ଜରିଆରେ ନୂତନ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଛି, କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ। ଝାରମୁଣ୍ଡା, ବ୍ରହ୍ମଣୀମୁଣ୍ଡା, ସିରାବାହାଲ, ବଡ଼ଡୁଙ୍ଗୁରିଗୁଡା, କଣ୍ଡରେଇ, ବୁଢ଼ୀପଦର, ଖରଝୋରା ଏହି ୭ଟି ଗାଁର ପ୍ରକଳ୍ପ ୭ କୋଟି ଟଙ୍କା ଅଟକଳରେ ଠିକାଦାରଙ୍କ ଦ୍ୱାରା ନଭେମ୍ବର ସୁଦ୍ଧା କାର୍ଯ୍ୟ ଶେଷ ହେବା ଚୁକ୍ତିନାମା ରହିଛି ବୋଲି କହିଛନ୍ତି।

## ବ୍ୟବସାୟୀଙ୍କ ଘରୁ ଡକାୟତି ଘଟଣା: ୬ ଗିରଫ



ଜବତ ଟଙ୍କା ଓ ବ୍ୟବହୃତ ସାମଗ୍ରୀ।

କେସିଙ୍ଗା,୧୮।୬(ତୁମେଶ୍ୱର ସାହୁ)

**୧ ଲକ୍ଷ ୧୨ ହଜାର ଟଙ୍କା, ଡକାୟତ ବ୍ୟବହୃତ ସାମଗ୍ରୀ ଜବତ**

କଳାହାଣ୍ଡି ଜିଲା କେସିଙ୍ଗା ସହରର ଜଣେ ବ୍ୟବସାୟୀଙ୍କ ଘରୁ ଡକାୟତି ଘଟଣାର କେସିଙ୍ଗା ପୋଲିସ ପର୍ଦ୍ଦାଫାଶ କରିଛି। ୬ ଡକାୟତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧ ଲକ୍ଷ ୧୨ ହଜାର ଟଙ୍କା, ଡକାୟତିରେ ବ୍ୟବହାର ୨ଟି ବାଇକ୍, ୪ଟି ମୋବାଇଲ ଫୋନ, ଛୁରୀ, ଲୁହାରଡ଼, ସ୍କ୍ରୁଡ୍ରାଇଭର ଜବତ କରାଯାଇଥିବା କଳାହାଣ୍ଡି ଏସ୍‌ପି ଅଭିଲାଷ ଜି. ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଡକାୟତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଗତ ମେ’୨୮ ତାରିଖ ରାତ୍ରି ୨ଟାରେ କେସିଙ୍ଗାର ୯ ନମ୍ବର ୱାର୍ଡ ଜଗନ୍ନାଥପଡ଼ାର ସୁବାସ ଚନ୍ଦ୍ର ଅଗ୍ରୱାଲଙ୍କ ଘର ପଛପଟ କବାଟ ତାଲାଭାଙ୍ଗି ୯ଜଣ ମୁଖାଧାରୀ ଦୁର୍ବୃତ୍ତ ଘରେ ଭିତରେ ପଶିଥିଲେ। ଛୁରି ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇ ସୁବାସ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଦଉଡିରେ ବାନ୍ଧିଥିଲେ। ପରେ ଆଲମିରା, ଡ୍ର ଓ ଲକର ଭାଙ୍ଗି ଡକାୟତମାନେ ୬ ଲକ୍ଷ ଟଙ୍କା, ଗୋଟିଏ ସୁନା ହାର, ଗୋଟିଏ ସୁନା ମୁଦି, ହୀରାର ଗୋଟିଏ ବ୍ରାସଲେଟ, ୨ଟି ମୋବାଇଲ ଫୋନ ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟ କରି ଚାଲିଯାଇଥିଲେ। ମେ’ ୨୯ ତାରିଖରେ ସୁବାସଙ୍କ ଅଭିଯୋଗକ୍ରମେ ଥାନାରେ ଧାରା ୪୫୭ ଓ ୩୯୫ରେ ଏକ ମାମଲା ରୁଜୁ କରି ପୋଲିସ ସନ୍ଧାନୀ କୁକୁର ବ୍ୟବହାର କରି ଡକାୟତି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ୬ଜଣ ଡକାୟତଙ୍କୁ କେସିଙ୍ଗା ଥାନା ଗୁର୍ଜିମୁଣ୍ଡାର ଖିତିସ ରଣା ଓ ରୁକମନ ରଣା, କୁଣ୍ଡାବନ୍ଧ ଗ୍ରାମର ଦୈତାରୀ କରୁଆଁ ଓ ବବଲୁ ଦୀପ, କିକିଆର ଧୋବା ଖର୍ସେଲ ଓ ମଦନପୁର ରାମପୁର ଥାନା ଅନ୍ତର୍ଗତ ମଦନପୁରର ସୁବିଧା ରଣାଙ୍କୁ ପୋଲିସ ଗିରଫ କରିଛି। ଡକାୟତି ହେବା ଦିନଠାରୁ ତଦନ୍ତ ଜାରି ରହିଥିଲା। ସିସି କ୍ୟାମେର ଆଧାରରେ ଡକାୟତିମାନଙ୍କୁ ଚିହ୍ନଟ କରି ବିଭିନ୍ନ ଜାଗାରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି କେସିଙ୍ଗା ଏସ୍‌ଡିପିଓ ରୋହିତ ବର୍ମା ସୂଚନା ଦେଇଥିଲେ।

## ହାତୀ ଆକ୍ରମଣ ଘଟଣା: ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ

ଭବାନୀପାଟଣା,୧୮।୬ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଙ୍ଗୁଡିସର ଯୋଜନା ନିକଟରେ ଶନିବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଗୁରୁତର ଝାରବନ୍ଧ ଗ୍ରାମର ଗଜିନ୍ଦ୍ର ଜାନୀ(୫୫)ଙ୍କ ରବିବାର ମୃତ୍ୟୁ ଘଟିଛି। ସୂଚନା ଯେ, ଚିଙ୍ଗୁଡିସର ଯୋଜନା ନିକଟରେ ହାତୀ ଆକ୍ରମଣରେ ଗଜିନ୍ଦ୍ର ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ବିଳମ୍ବିତ ରାତିରେ ପରିବାରବର୍ଗ ଗଜିନ୍ଦ୍ରଙ୍କୁ ବୁର୍ଲା ନେଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଉପସ୍ଥିତିରେ ରବିବାର ମଧାହ୍ନରେ ଭବାନୀପାଟଣାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଅନ୍ୟପଟେ, ବନବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ଅନ୍ତିମ ସଂସ୍କାର କରିବା ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି। ସେହିପରି ହାତୀ ଆକ୍ରମଣରେ ଗଜିନ୍ଦ୍ରଙ୍କ ମୃତ୍ୟୁ ହୋଇଥିବାରୁ ସରକାରୀସ୍ତରରେ ଥିବା କ୍ଷତିପୂରଣ ତାଙ୍କ ପରିବାରକୁ ଖୁବଶୀଘ୍ର ଦିଆଯିବ ବୋଲି ବନବିଭାଗ ପକ୍ଷରୁ ଜଣାପଡିଛି।

## ଟେବୁଲ୍ ଟପ୍ ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି ଅଭ୍ୟାସ ସମ୍ବନ୍ଧୀୟ ବୈଠକ

ଭବାନୀପାଟଣା,୧୮।୬ (ଉତ୍ତମ କୁମାର ଦାଶ)



ବୈଠକରେ ଆଲୋଚନା କରାଯାଉଛି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦଭାବନା ଗୃହରେ ରବିବାର ଜିଲାସ୍ତରୀୟ ଟେବୁଲ୍ ଟପ୍ ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି ଅଭ୍ୟାସ ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଅତିରିକ୍ତ ଜିଲାପାଳ ସୁବ୍ରତ କୁମାର ନାୟକ ଓ ତନ୍ମୟ ଦରୱାନ ଉପସ୍ଥିତ ଥିଲେ। ବୈଠକରେ ଜିଲାରେ ଯଦି ବାତ୍ୟା ପ୍ରଭାବରେ ବନ୍ୟା କିମ୍ବା ଅତ୍ୟଧିକ ବର୍ଷା ହୁଏ, ତେବେ ତାହାର ଠିକ୍ ମୁକାବିଲା କିପରି କରାଯାଇ ପାରିବ ସେ ବିଷୟ ନେଇ କୃତ୍ରିମ ଦୃଶ୍ୟପଟ ସହ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଭୂମିକା କିପରି ଠିକ୍ ରୂପେ ପରିପାଳନ କରାଯିବ ସେ ନେଇ ଅଭ୍ୟାସ କରାଯାଇଥିଲା। ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରବର୍ତ୍ତୀ କାଳରେ ସଂପୃକ୍ତ ଅଧିକାରୀଙ୍କ ଦାୟିତ୍ୱ ଓ ତ୍ୱରିତ ପଦକ୍ଷେପ ଉପରେ ଆଲୋଚନା କରାଗଲା। ବିପର୍ଯ୍ୟୟ ସମୟରେ ଯେମିତି ଲୋକଙ୍କୁ ସୁରକ୍ଷିତ ଉଦ୍ଧାର, ଆଶ୍ରୟସ୍ଥଳୀରେ ରହିବା ବ୍ୟବସ୍ଥା, ଯୋଗାଯୋଗ ବ୍ୟବସ୍ଥା, ଖାଦ୍ୟ, ପାନୀୟ, ଶିଶୁ ଖାଦ୍ୟ, ଔଷଧ, ଆଲୋକର ବ୍ୟବସ୍ଥା, ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ, ମହିଳା, ଶିଶୁ, ଭିନ୍ନକ୍ଷମ ଓ ବୃଦ୍ଧଙ୍କ ପାଇଁ ଉଚିତ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ କ୍ଷୟକ୍ଷତି ଆକଳନ ସହ ଲୋକଙ୍କୁ ସହାୟତା ରାଶି ପ୍ରଦାନ, ସର୍ବସାଧାରଣ ସମ୍ପତ୍ତିର ପୁନର୍ନିର୍ମାଣ, ସରକାରଙ୍କୁ ରିପୋର୍ଟ ପ୍ରଦାନ ଉପରେ ଗୁରୁତ୍ୱ ଦିଆଗଲା। ଟେବୁଲ୍ ଟପ୍ ଅଭ୍ୟାସରେ ଜିଲା ବିପର୍ଯ୍ୟୟ ପରାମର୍ଶ ଦାତା ପ୍ରଦୋଷ ରଞ୍ଜନ ଜେନା, ରାଜ୍ୟ ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି ନିରୀକ୍ଷକ ଡ ରାଜେଶ କୁମାର ଠାକୁର ବିଶେଷ ପରାମର୍ଶ ଦେଇଥିଲେ। ଜିଲା ଜରୁରୀ ଅଧିକାରୀ ପ୍ରମୋଦ କୁମାର ଖୀଲୋ ଧନ୍ୟବାଦ୍ ଦେଇଥିଲେ।

## ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ନୂଆପଡ଼ା,୧୮।୬ (ମକାରୁ ବେମାଲ)

ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟଠାରେ ଉତ୍କଳମଣି ଗୋପବନ୍ଧୁଙ୍କ ୯୫ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉପରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ କରାଯାଇଛି। ଏହି ଅବସରରେ ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମହମ୍ମଦ ଆଦାମ, ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ବିଜେଡି ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ଅବନୀ ରଞ୍ଜନ ଯୋଶୀ, ସୁଶାନ୍ତ ପତି, ଅମଲା ମଞ୍ଚ ସଭାପତି ଧର୍ମରାଜ ନାଏକ, ମନୋଜ ମହାରଣା, ବିଭୁଦତ ମିଶ୍ର, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋଲାପ ସାହୁ, ଶ୍ରୀକାନ୍ତ ଶତପଥୀ, ଅମୀୟ ଜ୍ୟୋତି ପାଢୀ, କିଶୋର ପ୍ରଧାନ ପ୍ରମୁଖ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉପରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ନୂତନ ଜିଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା

ନୂଆପଡ଼ା,୧୮।୬ (ମକାରୁ ବେମାଲ)

ସ୍ଥାନୀୟ ପୋଲିସସ୍ଥିତ ଏନ୍‌ଏସି କଲ୍ୟାଣ ମଣ୍ଡପରେ ରବିବାର ନୂତନ ନୂଆପଡା ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ଆଜାଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ବିଜୟ ଶଙ୍କର ଯୋଶୀ, ଅଭୟ ଯୋଶୀ, ଦେବଦତ ଦିକ୍ଷୀତ, ପବନ ଶର୍ମା, ଅନନ୍ତ ସୋନି, ଅମିତ ଅହିର, ଦେବେନ୍ଦ୍ର ସାହୁ, ଛକନ ପଟେଲ, କୌସିକ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଗତ ୯ ତାରିଖରେ ପ୍ରଦେଶ କଂଗ୍ରେସ କମିଟି ସୁପାରିଶକ୍ରମେ ଜାତୀୟ କଂଗ୍ରେସ କମିଟି ଜିଲା ସଭାପତି ଦାୟିତ୍ୱ ଦେଇଥିବାରୁ ମୁଁ ବହୁତ ଖୁସି ହେବା ସହ ପ୍ରଦେଶ କଂଗ୍ରେସ କମିଟି, ଜାତୀୟ କଂଗ୍ରେସ କମିଟି ଓ ଜିଲ୍ଲାର ସମସ୍ତ କଂଗ୍ରେସ କର୍ମକର୍ତ୍ତାମାନଙ୍କୁ ଅଭିନନ୍ଦନ ଜଣାଉଛି ବୋଲି କହିଥିଲେ। ଦଳକୁ ସୁଦୃଢ କରିବା ସହ ଦଳ ଛାଡି ଚାଲି ଯାଇଥିବା କର୍ମକର୍ତ୍ତାମାନଙ୍କୁ ଏକାଠି କରିବି, ଆଗାମୀ ୨୦୨୪ ନିର୍ବାଚନରେ ନୂଆପଡା ଓ ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜୟ ହେବା ପାଇଁ ପ୍ରାଣପଣେ ଚେଷ୍ଟା କରିବି ବୋଲି ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜିଲା କଂଗ୍ରେସ ସଭାପତି ଆଜାଦ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରତିକ୍ରିୟା ଦେଇଛନ୍ତି। କୂଳଦୀପ ସୁରଜ, ପିଲେଶ୍ୱର ସାହୁ, ଭୀମ ଯାଦବ, ଗୋବିନ୍ଦ ସିଂ ଠାକୁର, ନରେନ୍ଦ୍ର ନାଗ, ଆସିଫ ବେଗ, ତୋପ ଦାସ, ରାଜାରାମ ସାହୁ, ରଘୁ ଦାସସୁକଦେଓ ତିୱାରୀ, ଗୁଲାବ ସାହୁ, ସୁଜ୍ଞାନୀ ମାଝି, ଚୁନୁଲାଲ ଶବର, ପ୍ୟାରି ଶବର, ବିମାଲ ସାହୁ ପ୍ରମୁଖ ଓ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଚେତିଲା ପ୍ରଶାସନ, ଖନନ କାର୍ଯ୍ୟ ବନ୍ଦ

ଭବାନୀପାଟଣା,୧୮।୬ (ଉତ୍ତମ କୁମାର ଦାଶ)



ମୂଲ୍ୟବାନ ପଥର ପାଇଁ ବେଆଇନ ଭାବେ ଖନନ କରିଥିବା ସ୍ଥାନ।

**ବୋଣ୍ଡୋଗୁଡା ରତ୍ନପଥର ଖଣି ବେଆଇନ ଖନନ ଘଟଣା**

- ସନ୍ଦେହରେ ଜଣେ ସରକାରୀ ଶିକ୍ଷକ

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବୋଣ୍ଡୋଗୁଡା ରତ୍ନପଥର ଖଣିକୁ ସ୍ଥାନୀୟ କିଛି ଲୋକ ବେଆଇନ ଭାବେ ଖନନ କରୁଥିବା ଘଟଣା ଗତ କିଛି ଦିନ ତଳେ ସାମାନାକୁ ଆସିଥିଲା। ଏଠାରେ ଟଙ୍କା ଲୋଭରେ ବିପଦଜନକ ଭାବେ ଅଞ୍ଚଳର ଶିଶୁଠାରୁ ଆରମ୍ଭ କରି ବୁଢା ପର୍ଯ୍ୟନ୍ତ ଖନନରେ ଲାଗିପଡିଥିଲେ। ପ୍ରତିଦିନ ସେମାନେ ଖନନ ସମୟରେ କିଛି ନା କିଛି ମୂଲ୍ୟବାନ ପଥର ପାଉଥିବାରୁ ତାକୁ ବିକ୍ରି କରି ବେଶ ଟଙ୍କା ପାଉଥିଲେ। ଏହି ଘଟଣାକୁ ନେଇ ଧରିତ୍ରୀ ସମେତ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ ଚେତିଛି। ଘଟଣାସ୍ଥଳ ସ୍ଥାନୀୟ ପୋଲିସ ଓ ଖଣି ବିଭାଗ ଅଧିକାରୀ ପହଞ୍ଚି ତଦନ୍ତ କରିବା ପରେ ବେଆଇନ ଖଣି ଖନନ ଏବେ ବନ୍ଦ ରହିଛି। ଏହି ବେଆଇନ ଖଣି ଖନନରେ ଅଞ୍ଚଳର ଜଣେ ସରକାରୀ ଶିକ୍ଷକ ମୁଖ୍ୟ କାର୍ପେଟଦାର ବୋଲି ଶୁଣିବାକୁ ମିଳୁଛି। ତାଙ୍କ ଇସାରାରେ ଏପରି ବେଆଇନ କାମ ଚାଲୁଥିଲା ବୋଲି ଅଭିଯୋଗ ହୋଇଛି। ଏହି ଶିକ୍ଷକଙ୍କ ଉପରେ ଭିଜିଲାନ୍ସ ବିଭାଗ ତଦନ୍ତ କଲେ ଅନେକ ଗୁମର ଫିଟିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅବଶ୍ୟ, ଜୁନାଗଡ଼ ପୋଲିସ ଏହି ଘଟଣାରେ କିଛି ଲୋକଙ୍କୁ ଗତ କିଛି ଦିନ ତଳେ ଥାନାକୁ ଡାକି ପଚରାଉଚୁରା କରି ନିଜ କାମ ସାରିଦେଇଛି। ଅନ୍ୟପଟେ ବୋଣ୍ଡୋଗୁଡା ଖଣି ଲିଜରେ ନେଇଥିବା ମାଣିକେଶରୀ ଜେମ୍ସ (ପି) ଏଲଟିଡି ପକ୍ଷରୁ ଜୁନାଗଡ଼ ଥାନରେ ଏତଲା ଦିଆଯାଇଛି। କମ୍ପାନୀ ପକ୍ଷରୁ ୨୦୨୧ରୁ ଆଗାମୀ ୩୦ ବର୍ଷ ପର୍ଯ୍ୟନ୍ତ ୨.୦୨୩ ଏକର ସ୍ଥାନରେ ଖଣି ଖନନ ପାଇଁ ଲିଜ ନିଆଯାଇଛି। ହେଲେ ସ୍ଥାନୀୟ ଅଞ୍ଚଳବାସୀ ଲିଜ ଅଞ୍ଚଳରେ ଧସେଇ ପଶି ବେଆଇନ ଭାବେ ଖନନ କରି ମୂଲ୍ୟବାନ ପଥର ଲୁଟ କରିନେଉ ଥିବା ଅଭିଯୋଗ କରିଛନ୍ତି। ଏପରିକି ସେଠାରେ ଥିବା ଗାର୍ଡ ସେମାନଙ୍କୁ ମନା କଲେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଉଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। ବେଆଇନ ଖଣି ଖନନ କରୁଥିବା ଲୋକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେଇ ଏହି ଖଣି ସୁରକ୍ଷିତ ରଖିବା ପାଇଁ ନିବେଦନ କରାଯାଇଛି।

## ସଂକ୍ଷେପରେ

### ଘୁଡୁଘୁଡ଼ି ପଟି ଉପରେ ଚଢ଼ାଉ, ୬ ଗିରଫ

ପଦ୍ମପୁର,୧୮।୬(ପ୍ରଦୀପ୍ତ ଦାଶ): ପଦ୍ମପୁର ଅନ୍ତର୍ଗତ ମେଲଛାମୁଣ୍ଡା ପୋଲିସ ଘୁଡୁଘୁଡ଼ି ପଟି ଖେଳ ଚାଲିଥିବା ବେଳେ ଚଢ଼ାଉ କରି ନଗଦ ୩୪୦୦ ଟଙ୍କା, ଖେଳ ସାମଗ୍ରୀ ଜବତ କରିବା ସହ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗାଇସିଲେଟ ଥାନା ଚାଣ୍ଟିପାଲି ଗ୍ରାମର ପ୍ରଫୁଲ୍ଲ ଡନସନା, ଆଗଲପୁର ଥାନା ଡୁଡୁକାମୁଣ୍ଡାର ସୁଧାଂଶୁ ସାହୁ, ଚାଣ୍ଡାଲ ଗୁରୁ, ନଅଗାଁର ଅଶୋକ ସାହୁ, ଉକିଲ ଭୋଇ ଏବଂ ମେଲଛାମୁଣ୍ଡା ଥାନା ଟାଲ ଗ୍ରାମର ଅଲୋ ସାହୁ। ପୋଲିସ ଏକ ମାମଲା (ନଂ.୧୦୮।୨୩) ରୁଜୁ କରି ତଦନ୍ତ ଚଳାଇଛି।

### ୫-ଟି ସଚିବଙ୍କ ଆଶୀର୍ବାଦ ପାଇଁ ଛାତ୍ରୀଛାତ୍ରଙ୍କ ନିବେଦନ

ପଦ୍ମପୁର,୧୮।୬(ପ୍ରଦୀପ୍ତ ଦାଶ): ଆସନ୍ତା ୨୭ରେ ବରଗଡ଼ ଜିଲା ପାଇକମାଳର ଦେବଦର୍ହା ଗସ୍ତରେ ଆସୁଥିବା ୫- ଟି ସଚିବଙ୍କୁ ଭେଟି ତାଙ୍କ ଆର୍ଶୀବାଦ ନେବାକୁ ଉଚ୍ଚ ଶିକ୍ଷା ପାଇଁ ସହାୟତା ପାଇଥିବା ଛାତ୍ରୀ ବନିତା ଓ ଛାତ୍ର ମନୀଷ ନିବେଦନ କରିଛନ୍ତି। ଦାରିଦ୍ର୍ୟ ଯୋଗୁ ଗତ ସପ୍ତାହରେ ୨ ମେଧାବୀ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବା ନେଇ ଖବର ପ୍ରକାଶିତ ହେବା ପରେ ୫-ଟି ସଚିବ ତୁରନ୍ତ ସହାୟତା ପାଇଁ ହାତ ବଢ଼ାଇଥିଲେ। ସଚିବ ଜିଲାପାଳଙ୍କ ମାଧ୍ୟମରେ ଉଭୟଙ୍କୁ ୨୦ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

### ଢେମସା ସ୍କୁଲରୁ ଚୋରି

ସରଣ୍ଡା,୧୮।୬(ଯୁଧିଷ୍ଠିର ମହାପାତ୍ର): ବରଗଡ ଜିଲା ଅତାବିରା ଥାନା ଅନ୍ତର୍ଗତ ୨ଟି ସ୍କୁଲରୁ ଶନିବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଛି। ଏ ନେଇ ଉଭୟ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଅତାବିରା ଥାନାରେ ରବିବାର ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ଶନିବାର ରାତ୍ରିରେ ଢେମସା ସ୍କୁଲ ଗେଟ ସମେତ ୬ଟି ଶ୍ରେଣୀ କୋଠରୀ ତାଲା ଭାଙ୍ଗି ମଧାହ୍ନ ଭୋଜନ ସାମଗ୍ରୀ ଓ ଅଫିସ ଚୌକି ଚୋରି ହୋଇଛି। ଏ ନେଇ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ସରୋଜ ମିଁଧା ଅତାବିରା ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଭଟିମୁଣ୍ଡା ସ୍କୁଲ ତାଲା ଭାଙ୍ଗି ଚୋରି ହୋଇଥିବା କମିଟି ପକ୍ଷରୁ ଅଭିଯୋଗ ହୋଇଛି।

### ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

ପାଇକମାଳ,୧୮।୬(ବଢ଼ ଶତପଥୀ) ବରଗଡ ଜିଲା ପାଇକମାଳ ସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ଧର୍ମଶାଳାଠାରେ ମାରୱାଡ଼ି ଯୁବାମଞ୍ଚ ତରଫରୁ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଶିବିରକୁ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏନେଇ ଅନୁଷ୍ଠିତ ସଭାରେ ନିଲେଶ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷା ଭାବନା ସିଂ, ଉପାଧ୍ୟକ୍ଷ ସଞ୍ଜୀବ ବରିହା, ହୃଦାନନ୍ଦ ବାରିକ, ରାଜେନ୍ଦ୍ର ରାଉତ, ଯୁବାମଞ୍ଚ ସଭାପତି ଆୟୁଷ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପଦ୍ମପୁର ବ୍ଲଡ ବ୍ୟାଙ୍କର ସଂଗ୍ରାମ କେଶରୀ ମହନ୍ତ, ଦୀପକ କୁମାର ସାହୁ, ହିତେଶ କୁମାର ସାହୁ, ଜିତେନ୍ଦ୍ର ଗୁର୍ଲା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ୩୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଗପୁ ଅଗ୍ରୱାଲ, ବିକି ଅଗ୍ରୱାଲ, ଡାକ୍ତର କମଲେଶ ଅଗ୍ରୱାଲ, ମୁକେଶ ଅଗ୍ରୱାଲ, ଆସୁ ଅଗ୍ରୱାଲ, ଅମନ ଜିନ୍ଦଲ, ମହିଳା ମଣ୍ଡଳ ସଭାନେତ୍ରୀ ସବିତା ଜିନ୍ଦଲ ପ୍ରମୁଖ ସହଯୋଗ କରିଥିଲେ। ଯୁବା ମଞ୍ଚ ସମ୍ପାଦକ ଅମିତ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଡୁମାଲ ପରିଷଦ, ବଦଳିଲେ ଜିଲା ସଭାପତି

ଭେଡ଼େନ, ୧୮।୬ (ସୁଦନ ମହାକୁର): ବରଗଡ଼ ଜିଲା ଭେଡ଼େନ ବ୍ଲକ ଅର୍ନ୍ତଗତ ଅପାମରା ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଜିଲା ଉପ ସଭାପତି ସୁଶିଲ ପଧାନଙ୍କ ସଭାପତିତ୍ୱରେ ଡୁମାଲ ପରିଷଦର ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଦୟା ସାଗର ମେଣ୍ଡେଲି ରାଜ୍ୟ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଜିଲା ସଭାପତି ପଦରୁ ଇସ୍ତଫା ଦେଇଥିଲେ। ସର୍ବସମ୍ମତି କ୍ରମେ ଗଣେଶ ପ୍ରଧାନଙ୍କୁ ଜିଲା ସଭାପତି ଭାବେ ମନୋନୀତ କରାଯାଇଥିଲା। ଜିଲା କମିଟି ଓ ମା' ମାହେଶ୍ୱରୀ ସେନା ପକ୍ଷରୁ ରାଜ୍ୟ ସଭାପତି ମେଣ୍ଡେଲି, ନୂତନ ରାଜ୍ୟ ମହିଳା ସଭାନେତ୍ରୀ ହେମାବତୀ କରନ, ଖୋର୍ଦ୍ଧା ଜିଲା ସଭାପତି ବାମଦେବ ବଘାରଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ସମ୍ପାଦକ ସୁବାଶ ଠାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡିରେ ପଡ଼ିଛି ୧,୦୮,୫୯୦ ବସ୍ତା ଧାନ

- ମିଲର୍ସଙ୍କ କଟନୀ ଛଟନୀ
- ଚାଷୀଙ୍କୁ ଘାରିଛି ବର୍ଷା ଭୟ

ଭେଡ଼େନ,୧୮।୬(ସୁଦନ ମହାକୁର)

ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ ଭେଡ଼େନ ବ୍ଲକରେ ମେ' ୧୨ରୁ ରବିଧାନ କିଣା ଆରମ୍ଭ ହୋଇଛି। ତେବେ ରବିବାର ସୁଦ୍ଧା ବ୍ଲକର ୯ଟି ମାର୍କେଟ ୟାର୍ଡ ଏବଂ ୧୫ଟି ଉପକେନ୍ଦ୍ରରେ ୧ଲକ୍ଷ ୮ହଜାର ୫୯୦ ବସ୍ତା ଧାନ ବିକ୍ରି ହୋଇ ନ ପାରି ପଡ଼ି ରହିଛି। ତନ୍ମଧ୍ୟରୁ ଖୁଣ୍ଟୁଲିପାଲି ମଣ୍ଡିରେ ୧୧୦୦, ପପଙ୍ଗା ୧୩ ହଜାର, ଝରାପାଲି ୧୫ ହଜାର, ରଷୁଡ଼ା ୬ ହଜାର, ମହୁଲପାଲି ୪୬ ଶହ, ଭେଡ଼େନ, ତେନ୍ତୁଲିଟିକ୍ରା, ରେଶମ, ସହଁରାଟିକ୍ରା ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡ଼ି ରହିଛି। ଚଳିତ ରବି ଋତୁରେ ଭେଡ଼େନ ବ୍ଲକର ମଣ୍ଡିଗୁଡ଼ିକରୁ ଆଜି ପର୍ଯ୍ୟନ୍ତ ୨୮ଲକ୍ଷ ୬୪ହଜାର ୭୨୧ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ବେଳେ ୨୭ଲକ୍ଷ ୫୬ହଜାର ୧୩୧ କୁଇଣ୍ଟାଲ ଧାନ ବିକ୍ରି ହୋଇ ସାରିଛି। ଆଉ କିଛି ଦିନ ପରେ ରାଜ୍ୟକୁ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି।


ମହୁଲପାଲି ମଣ୍ଡିରେ ଶତାଧିକ ବସ୍ତା ଧାନ ପଡ଼ି ରହିଛି ।

ତେବେ ଆସନ୍ନ ବର୍ଷାକୁ ନେଇ ଚାଷୀ ଭୟଭୀତ ହୋଇ ପଡ଼ିଛନ୍ତି। ଜିଲାରେ ମୋଟ ୮୧ ହଜାର ୭୦୦ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଅତାବିରା ଆରଏମସି ଅନ୍ତର୍ଗତ ଭେଡ଼େନ ବ୍ଲକରେ ୧୩୦୨୪ ଜଣ ପଞ୍ଜୀକୃତ ହୋଇଛନ୍ତି।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୧୩ ତାରିଖରେ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ମେ ୬ରେ ଅତାବିରା ଆର୍‌ଏମ୍‌ସି ଅଧୀନ ମଣ୍ଡିଗୁଡ଼ିକୁ ଖୋଲାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ୬ ତାରିଖରେ ଖୋଲି ନ ଥିଲା। ଅଞ୍ଚଳର କେତେକ ଚାଷୀ ସଙ୍ଗଠନର ଦାବିକୁ ଦୃଷ୍ଟିରେ ରଖି ମେ ୧୦ ତାରିଖରେ ମଣ୍ଡି ଖୋଲାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ କହିଥିଲେ। ତେବେ ୧୦ ତାରିଖରେ କେବଳ ଅତାବିରା ବ୍ଲକର ମଣ୍ଡିଗୁଡ଼ିକ ଖୋଲାଯାଇଥିଲା। ଗୋଟିଏ ପଟେ ମଣ୍ଡି ଖୋଲିବାରେ ବିଳମ୍ବ ଏବଂ ଅନ୍ୟପଟେ ଟୋକନ ଅବଧି ଏକ ମାସ ରଖାଯାଇଛି। କେବଳ ସେତିକି ନୁହେଁ ଜିଲାସ୍ତରୀୟ ଧାନସଂଗ୍ରହ କମିଟି ବୈଠକରେ ଚାଷୀ ଯେମିତି କଟ୍‌ନୀ ଛଟନୀର ଶିକାର ନ ହୋଇ ସୁରୁଖୁରୁରେ ଧାନ ବିକ୍ରି କରିପାରିବେ ସେଥିପ୍ରତି ପ୍ରଶାସନ ଯତ୍ନବାନ ହେବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ବାସ୍ତବ କ୍ଷେତ୍ରରେ ଏହାର ସମ୍ପୂର୍ଣ୍ଣ ଅଲଗା ଚିତ୍ର ଦେଖିବାକୁ ମିଳୁଛି। କଟନୀ ଛଟନୀ ନ ହେଲେ ମିଲର୍ସ ଧାନ ଉଠାଉ ନାହାନ୍ତି। ଏଫ୍‌ଏକ୍ୟୁ ଆଳ ଦେଖାଇ ମିଲର୍ସ କୁଇଣ୍ଟାଲ ପ୍ରତି ୩ରୁ ୪ କେଜି ଧାନ କାଟୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଦାଶରଥୀ ସୋରେନ କହିଛନ୍ତି, ବର୍ତ୍ତମାନ ମଣ୍ଡିଗୁଡ଼ିକରେ ସପ୍ତାହର ୩ ଦିନ ସଂଗ୍ରହ ଏବଂ ୩ ଦିନ ଉକ୍ତ ଧାନ ବିକ୍ରି କରାଯିବା ବ୍ୟବସ୍ଥା କରାଯାଇଛି। ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇଛି। ମିର୍ଲସଙ୍କୁ ମଧ୍ୟ ଟାର୍ଗେଟ୍ ଦିଆଯାଇଛି। ଚାଷୀମାନେ ବ୍ୟସ୍ତ ହେବାର କିଛି ନାହିଁ। ଚାଷୀ ଆରାମରେ ଧାନ ବିକ୍ରି କରିପାରିବେ।

# ବନ୍ୟା, ବାତ୍ୟା ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ବିନିକା,୧୮।୬ (ରାମ ଗୋପାଳ ବାଘ) : ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ସ୍ପୋର୍ଟସ କ୍ଲବଠାରେ ରବିବାର ଓଡ଼ିଶା ସରକାରଙ୍କ ଡିଜାଷ୍ଟର ମ୍ୟାନେଜମେଣ୍ଟ ବିଭାଗ, ବିନିକା ଏନଏସି ଓ ସ୍ପୋର୍ଟସ କ୍ଲବର ମିଳିତ ଆନୁକୂଲ୍ୟରେ ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ, ବିଡ଼ିଓ ବ୍ୟାସଦେବ ବେହେରା, ଡେପୁଟି କଲେକ୍ଟର ତଥା ଜିଲା ଜରୁରୀକାଳୀନ ଅଧିକାରୀ ଆନନ୍ଦ କୁମାର ପଣ୍ଡା,ଏସ.କେ.ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡ଼ି କର୍ମୀ, ବିଭିନ୍ନ ବିଭାଗର ଅଧିକାରୀ, ପୋଲିସ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସ୍ପୋର୍ଟସ କ୍ଲବ ର ସଭାପତି ସୋମନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷା ମହାସଭା ଗଠନ ନେଇ ଆଲୋଚନାଚକ୍ର

କନ୍ଧମାଳ,୧୮।୬(ଆଦିତେଶ୍ୱର ମିଶ୍ର): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଦହ୍ୟାସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ସତ୍ୟଶିଖା ପକ୍ଷରୁ ରବିବାର ଦିନ କସ୍ତୁରବନ୍ଧ ପଞ୍ଚାୟତର ଭାଲୁପାଲି ଶିବମନ୍ଦିର ପରିସରରେ ଶିକ୍ଷା ମହାସଭା ଗଠନ ଲାଗି ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସତ୍ୟଶିକ୍ଷାର ସମ୍ପାଦକ ଝସକେତନ ନାୟକ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପାଇଥିବା ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ ଯୋଗଦେଇ ଶିକ୍ଷାର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିବା ସହ ୪୦ ଜଣ ପିଲାଙ୍କୁ ବିନା ଖର୍ଚ୍ଚରେ କଣ୍ଢେଇ ତିଆରି ଓ କଣ୍ଢେଇ ମାଧ୍ୟମରେ ଶିକ୍ଷାଦାନ ସମ୍ବନ୍ଧୀୟ ତାଲିମ ଯୋଗାଇ ଦେବା ପାଇଁ ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବେ ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶରତ ପ୍ରଧାନ ଯୋଗଦେଇ ଆଜିର ଶିଶୁ ହିଁ ଦେଶର ଭବିଷ୍ୟତ ଏବଂ ଶିଶୁମାନଙ୍କର ବିକାଶ ପାଇଁ ଅଧିକ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଆବଶ୍ୟକ ବୋଲି କହିଥିଲେ। ବିଭିନ୍ନ ଗ୍ରାମ ପଞ୍ଚାୟତର ଆଗ୍ରହୀ ବ୍ୟକ୍ତିମାନଙ୍କୁ ନେଇ ଶିକ୍ଷା ମହାସଭା ଗଠନ କରିବାକୁ ମତବ୍ୟକ୍ତ କରିଥିଲେ। ସତ୍ୟଶିଖା ସଂଗଠନର ପ୍ରତ୍ୟକ୍ଷ ଦାୟିତ୍ୱରେ ଶିକ୍ଷା ମହାସଭା ସହଯୋଗରେ ୩ ବର୍ଷରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନଙ୍କୁ ସର୍ବଶ୍ରେଷ୍ଠ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ପାଇଁ ୪୦ଟି ଗ୍ରାମରେ ଶିଶୁ ସଂସ୍କାର କେନ୍ଦ୍ର ସ୍ଥାପନ କରିବା ପାଇଁ ସ୍ଥିର କରାଯାଇଛି। ସେଥିପାଇଁ ୪୦ ଜଣ ସ୍ୱେଚ୍ଛାସେବୀଙ୍କୁ ତାଲିମ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଲୋଚନାଚକ୍ରରେ ଆଶିଷ ଘିବେଲା, ସିକୁନ ମିଶ୍ର, ଅଜିତ ଖମାରି ପ୍ରମୁଖ ସାମିଲ ଥିଲେ। ଶେଷରେ ସିତାକାନ୍ତ ସିଂ ଧନ୍ୟବାଦ ଦେଇଥିଲେ ।


ଆଲୋଚନାଚକ୍ରରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

# ନାରାୟଣନଗର ଗ୍ରାମରେ ସଶସ୍ତ୍ର ଡକାୟତି

**ଲୁଟି ନେଲେ ୧୬୦ ଗ୍ରାମ ସୁନା, ଲକ୍ଷାଧିକ ଟଙ୍କା**

ବୌଦ୍ଧ,୧୮।୬(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଜହ୍ନାପଙ୍କ ଫାଣ୍ଡି ଅନ୍ତର୍ଗତ ନାରାୟଣନଗର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଗତ ଶନିବାର ରାତିରେ ସଶସ୍ତ୍ର ଡକାୟତି ହୋଇଥିବା ଜଣାପଡିଛି ।

ସୂଚନା ମୁତାବକ, ନାରାୟଣନଗର ଚାରଶମ୍ଭୁ ରାସ୍ତାର ଷ୍ଟେଟ ବ୍ୟାଙ୍କ ନିକଟରେ ଜଗଦୀଶ ସାହୁ ରୁହନ୍ତି । ଶନିବାର ବିଳମ୍ବିତ ରାତିରେ ପରିବାର ଲୋକେ ଶୋଇଥିବା ବେଳେ ଡକାୟତମାନେ ତାଙ୍କ ଘରର ମୁଖ୍ୟଗେଟକୁ ଭାଙ୍ଗି ଭିତରକୁ ପଶିଥିଲେ । ପ୍ରଥମେ ଡକାୟତମାନେ ଲାଇନ କାଟିବା ସହ ଇନଭର୍ଟର ବନ୍ଦ କରିଥିଲେ । ଲାଇନ ବନ୍ଦ ହେବା ପରେ ସାହୁ ଉଠିପଡି ଇନଭଟର ପାଖକୁ ଯିବା ବେଳେ ଡକାୟତମାନେ ତାଙ୍କୁ ଘେରି ଯାଇଥିଲେ । ସେ ନିଜ ଶୋଇବା ଘରକୁ ଭୟରେ ଦୌଡି ପଳାଇବା ବେଳେ ଡକାୟତ ତାଙ୍କ ପଛେ ପଛେ ଯାଇ ମାରଣାସ୍ତ୍ର ଦେଖାଇ ଆଲମିରା ଚାବି ମାଗିଥିଲେ । ଏହାପରେ ଡକାୟତ ଦଳ ସୁନା ଓ ନଗଦ ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଥିଲେ। ଘରେ ୬ ଜଣ ଡକାୟତ ପଶିଥିବା ପରିବାର ଲୋକଙ୍କ ନିକଟରୁ ସୂଚନା ମିଳିଛି । ଏନେଇ ସକାଳେ ପରିବାର ଲୋକ ଜହ୍ନାପଙ୍କ ଫାଣ୍ଡିରେ ଜଣାଇବା ପରେ ଫାଣ୍ଡି ଅଧିକାରୀ ଘଟଣାସ୍ଥଳ ଯାଇଥିଲେ । ଖବର ପାଇ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ବୌଦ୍ଧ ଥାନା ଅଧିକାରୀ ମାଧବାନନ୍ଦ ନାଏକ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ପୋଲିସ ପକ୍ଷରୁ ସାଇଣ୍ଟିଫିକ ଟିମ୍ ଯାଇ ତଦନ୍ତ କରିଥିବା ଜଣାପଡଇଛି । ଏନେଇ ବୌଦ୍ଧ ଥାନାରେ ନଂ ୨୩୫/୨୩ରେ ଏକ ମାମଲା ରୁଜୁ ହୋଇଛି । ଏନେଇ ଥାନା ଅଧିକାରୀ ନାଏକଙ୍କୁ ପଚାରିବାରେ ତଦନ୍ତ ଆରମ୍ଭ ହୋଇଛି । ଡକାୟତମାନେ ୧୬୦ ଗ୍ରାମ ସୁନା ଓ ନଗଦ ୧ ଲକ୍ଷ ୮୦ ହଜାର ଟଙ୍କା ନେଇଯାଇଥିବା ପ୍ରକାଶ କରିଛନ୍ତି ।


ଭଙ୍ଗା ଯାଇଥିବା ଘରର ଆଲମିରା

# ଅଂଶୁଘାତରେ ନିର୍ମଳ ବାବାଙ୍କ ମୃତ୍ୟୁ


ନିର୍ମଳ ବାବା ।

ସୋନପୁର,୧୮।୬(ମୃତ୍ୟୁଞ୍ଜୟ ଶତପଥୀ): ସାଧୁ ନିର୍ମଳ ବାବା (୭୨)ଙ୍କ ଅଂଶୁଘାତରେ ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି । ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଛି । ସେ କୌଣସି କାମରେ ଧଉରାଖମନ ମଠକୁ ଯାଇଥିଲେ । ପ୍ରଚଣ୍ଡ ଖରା ଯୋଗୁ ଅସୁସ୍ଥ ହୋଇ ପଡିଥିଲେ । ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ବଡବଜାର ତେନ୍ତୁଳିଘାଟ ଅଞ୍ଚଳର ନିର୍ମଳ ଦାସ ପରିବାର ତ୍ୟାଗ କରି ଗତ ୩୫ ବର୍ଷ ଧରି ସନ୍ୟାସୀ ଭାବରେ ଜୀବନ ଅତିବାହିତ କରୁଥିଲେ । ସେ ଭାଗବତ ପାଠାଗାର ଓ ରାମେଶ୍ୱର ପୀଠସ୍ଥିତ ମଠରେ ରହି ସାଧନା କରୁଥିଲେ । ସାଧୁ ଗୋପୀ ମହାରାଜଙ୍କ ସେବାରେ ନିଜକୁ ଉତ୍ସର୍ଗୀକୃତ କରି ଧାର୍ମିକ ଚେତନାର ପ୍ରଚାର ପ୍ରସାର କରୁଥିଲେ । ଭାଗବତ ପାଠାଗାର ଓ ସଙ୍ଗମ ଆଳତି କମିଟିର ଜଣେ ସକ୍ରିୟ ସଦସ୍ୟ ଥିଲେ । ରାମେଶ୍ୱରସ୍ଥିତ ଶ୍ମଶାନରେ ବାବାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ବାବାଙ୍କ ମୃତ୍ୟୁରେ ଭାଗବତ ପାଠାଗାରର ସମ୍ପାଦକ ତଥା ଜିଲା କୈବର୍ତ୍ତ୍ୟ ସମାଜର ସଭାପତି ପବିତ୍ର କୁମାର ସାହୁ ଓ ସଙ୍ଗମ ଆଳତି କମିଟିର ଶ୍ୟାମା ଓଁ ପ୍ରସାଦ ମିଶ୍ର ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ବାବାଙ୍କ ମୃତ୍ୟୁରେ ସହରରେ ଶୋକର ଛାୟା ଖେଳିଯାଇଛି ।

# ଜୁଆ ଚଢ଼ାଉ: ୧୮ ଗିରଫ, ୧.୯ଲକ୍ଷ ଜବତ


ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

ବରଗଡ଼,୧୮।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ଥାନା ପୋଲିସ ବେହେରାପାଲି ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରି ପୋଲିସ ୧୮ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଛତିଶଗଡ଼, ବରଗଡ଼ ଆଦି ଅଞ୍ଚଳର ଅଭିଯୁକ୍ତ ଅଛନ୍ତି। ସେମାନଙ୍କ ପାଖରୁ ନଗଦ ୧ଲକ୍ଷ ୯୦ହଜାର ୧୩୦ ଟଙ୍କା ସମେତ ଜୁଆରେ ବ୍ୟବହୃତ ସାମଗ୍ରୀ, କାର୍, ବାଇକ୍ ଆଦି ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଅମ୍ବାଭୋନା ଥାନାରେ ଏକ ମାମଲା (ନଂ.୧୩୫/୨୩) ରୁଜୁ ହୋଇଛି। ସେମାନଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ବରଗଡ଼ ଟାଉନ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସଡ଼ିପିଓ ଅମ୍ରିତ କୁମାର ପଣ୍ଡା ସୂଚନା ଦେଇ କହିଥିଲେ, ବେହେରାପାଲି ଗ୍ରାମରେ ଏକ ବଡ଼ ଧରଣର ଜୁଆ ଚାଲିଥିବା ପୋଲିସକୁ ସୂଚନା ମିଳିଥିଲା। ଏସପି ପି.ଏସ ମୀନାଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ସେଠାରେ ଅତର୍କିତ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହାସହିତ ସେମାନଙ୍କ ପାଖରୁ ନଗଦ ଟଙ୍କା, ତାସ, ମୋବାଇଲ, ୩ କାର୍ ଏବଂ ୭ ବାଇକ୍ ଜବତ ହୋଇଥିଲା। ପୋଲିସ ଜୁଆଖେଳ ଦମନକୁ ଗୁରୁତ୍ୱ ଦେଇଛି ଏବଂ ଏଭଳି ଚଢ଼ାଉ ଆଗକୁ ମଧ୍ୟ ଜାରି ରହିବ ବୋଲି ଏସ୍‌ଡ଼ିପିଓ ପଣ୍ଡା କହିଥିଲେ।

# ରକ୍ତଦାନ ଶିବିର, ୧୦୭ ୟୁନିଟ୍ ସଂଗ୍ରହ


ଶିବିରରେ ରକ୍ତଦାତା ଓ ଅତିଥିଗଣ ।

ପଦ୍ମପୁର,୧୮।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ଶାସ୍ତ୍ରୀ ଧର୍ମଶାଳାଠାରେ ମାରୱାଡି ଯୁବାମଞ୍ଚ ଓ ଶୀତଳଷଷ୍ଠୀ କମିଟି ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ସଦାକାର କୁମ୍ଭାର, ସମ୍ମାନିତ ଅତିଥି ଭାବେ ବିଧାୟିକା ବର୍ଷା ସିଂ ବରିହା, ମାରୱାଡି ସମାଜ ସଭାପତି ଅମରଦୀପ ଅଗ୍ରୱାଲ, ସମ୍ପାଦକ ବଜରଙ୍ଗ ଅଗ୍ରୱାଲ, ନିରୋଜ ଦୋରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୦୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶୀତଳଷଷ୍ଠୀ କମିଟି ସଭାପତି ଭୋଜରାଜ ସିଂ ବରିହା, କାର୍ଯ୍ୟକାରୀ ସଭାପତି ନବୁ ଅଗ୍ରୱାଲ, ସମ୍ପାଦକ ଅଚୁତା ସେଠ୍, ଆଶିଷ ବଂଶଲ, ଜିତେନ୍ଦ୍ର ଦାଶ, ଅଜିତ ପାତ୍ର, ନରେଶ ଦାଶ, ସଞ୍ଜୀବ ସାହୁ, ଦେବରାଜ ସେଠ୍, ନିବାସ ସେଠ୍, ଅକ୍ଷୟ ସାହୁ, ଯୁବାମଞ୍ଚ ସଭାପତି ସୋମନାଥ ଅଗ୍ରୱାଲ, ସମ୍ପାଦକ ଅମିତ ଅଗ୍ରୱାଲ, ସଂଯୋଜକ ଜୟପ୍ରକାଶ ଅଗ୍ରୱାଲ, ଦିନେଶ ଜୈନ, ଜାଗୃତି ମଞ୍ଚର ସଭାନେତ୍ରୀ ସରିତା ଅଗ୍ରୱାଲ, ସମ୍ପାଦିକା ଶଶି ଅଗ୍ରୱାଲ, ମହିଳା ମଣ୍ଡଳର ରାଜ କୁମାରୀ ଅଗ୍ରୱାଲ, କ୍ରିଷ୍ଣା ଅଗ୍ରୱାଲ ସହଯୋଗ କରିଥିଲେ। ରକ୍ତଭଣ୍ଡାର କର୍ମଚାରୀ ସଂଗ୍ରାମ କେଶରୀ ମହନ୍ତ, ସୁମିତ ସୁମନ ସିହ୍ନା, ଦୀପକ ସାହୁ, ଜିତେନ୍ଦ୍ର ଗୁର୍ଲା, ଉମେଶ ପ୍ରଧାନ ରକ୍ତ ସଂଗ୍ରହ କରିଥିଲେ।

# ଚିକିତ୍ସା ଅବହେଳାରୁ ପ୍ରସୂତି ମହିଳାଙ୍କ ମୃତ୍ୟୁ ଅଭିଯୋଗ ଆଣିଲେ ସ୍ୱାମୀ

- ଡାକ୍ତରଙ୍କ ନର୍ସିଂହୋମ ପ୍ରୀତି ମହିଳାଙ୍କ ପାଇଁ କାଳ ହେଲା
- ଅଡିଓ ଭାଇରାଲ

ସୋନପୁର,୧୮।୬(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଦୁରପୁର ଗ୍ରାମର ରଞ୍ଜିତା ବାଘ (୨୨) ନାମ୍ନୀ ଜଣେ ପ୍ରସୂତି ମହିଳାଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଏହି ଘଟଣାର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରଞ୍ଜିତାଙ୍କ ସ୍ୱାମୀ ପରମେଶ୍ୱର ବାଘ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ପତିଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ରଞ୍ଜିତାଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ପରିବାର ଲୋକେ ପ୍ରଥମେ ତାଙ୍କୁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଗତ ୬ ତାରିଖରେ ସୁବର୍ଣ୍ଣପୁର ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରସୂତି ବିଭାଗର ଡା. ମନୋଜ କୁମାର ନାୟକ ରାତିରେ ରଞ୍ଜିତାଙ୍କ ସ୍ୱାସ୍ଥ୍ୟବସ୍ଥା ନିଜେ ଦେଖିଥିଲେ। ଏହି ସମୟରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବା ଓ ଏଠାରେ ଅସ୍ତ୍ରୋପଚାର ପାଇଁ ସୁବିଧା ନାହିଁ ବୋଲି କହିଥିଲେ । ଏପରି କି ନିକଟସ୍ଥ ଏକ ନର୍ସିଂହୋମକୁ ଗଲେ ସେଠାରେ ସୁବିଧାରେ ଅସ୍ତ୍ରୋପଚାର କରାଯାଇ ପାରିବ ବୋଲି କହିଥିଲେ। ସ୍ୱାମୀ ପରମେଶ୍ୱର ବଲାଙ୍ଗୀର ମେଡିକାଲ କଲେଜକୁ ରେଫର କରିବା ପାଇଁ ଡାକ୍ତରଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ବଲାଙ୍ଗୀର ନେଲେ ବାଟରେ କିଛି ବି ହୋଇ ଯାଇପାରେ ବୋଲି ଡାକ୍ତର ଜଣକ କହିଥିଲେ । ତେଣୁ ନର୍ସିଂହୋମକୁ ନେଲେ ବିଜୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ସବୁ ସୁବିଧା ମିଳିବ ବୋଲି କହି କୁଆଡେ ପ୍ରବର୍ତ୍ତାଇ ଥିଲେ। ଏପରିକି ସ୍ୱାସ୍ଥ୍ୟକେନ୍ଦ୍ରରେ ପରମେଶ୍ୱରଙ୍କ ନିକଟରୁ କାଗଜପତ୍ରରେ ଦସ୍ତଖତ ନେବା ସହ ଆମେ ନିଜ ଇଚ୍ଛାରେ ନର୍ସିଂହୋମ ଯାଉଛୁ ବୋଲି ଲେଖାଇ ନିଆଯାଇଥିଲା । ଡାକ୍ତରଙ୍କ ସହାୟତାରେ ଗତ ୭ ତାରିଖରେ ରଞ୍ଜିତାଙ୍କୁ ନର୍ସିଂହୋମ ନିଆଯାଇଥିଲା। ସେଠାରେ ଅସ୍ତ୍ରୋପଚାର ପରେ ରାତି ୮ଟା ୪୫ ମିନିଟ୍‌ରେ ଏକ ଶିଶୁ କନ୍ୟା ଜନ୍ମ ହୋଇଥିଲା । କିନ୍ତୁ ଅସ୍ତ୍ରୋପଚାର କକ୍ଷରୁ ତାଙ୍କୁ ଦୀର୍ଘ ସମୟ ଧରି ବାହାର କରା ଯାଇ ନଥିଲା । ମହିଳାଙ୍କ ରକ୍ତସ୍ରାବ ହେଉଛି ବୋଲି କୁହାଗଲା । ୫ ୟୁନିଟ୍ ଓ ପଜିଟିଭ୍ ରକ୍ତ ମହିଳାଙ୍କୁ ଦିଆଗଲା । ମାତ୍ର ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସି ନ ଥିଲା । ଗତ ୮ ତାରିଖ ଅପରାହ୍ନରେ ଗୁରୁତର ଅବସ୍ଥାରେ ଏକ ପ୍ରାଇଭେଟ୍ ଆମ୍ବୁଲାନ୍ସରେ ବୁର୍ଲା ବଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ରଞ୍ଜିତାଙ୍କୁ ମୃତ ଘୋଷଣା କରିଥିଲେ । ନର୍ସିଂହୋମର ଡାକ୍ତରଙ୍କ ଭୁଲ ଚିକିତ୍ସା ପାଇଁ ରଞ୍ଜିତାଙ୍କ ମୃତ୍ୟୁ ହେଲା ଓ ଶିଶୁ କନ୍ୟା ମା' ଛେଉଣ୍ଡ ହେଲା ବୋଲି ସ୍ୱାମୀ ପରମେଶ୍ୱର ଅଭିଯୋଗ କରିଛନ୍ତି।


ମୃତ ରଞ୍ଜିତା ବାଘ ।

ଅନ୍ୟପକ୍ଷରେ ମୃତ୍ୟୁର ୩ ଦିନ ପରେ ନର୍ସିଂହୋମର କର୍ମଚାରୀ ଓ ଡାକ୍ତର ସିନ୍ଦୁରପୁରସ୍ଥିତ ମୃତା ମହିଳାଙ୍କ ଘରେ ପହଞ୍ଚି ଶିଶୁର ଲାଳନପାଳନ କଥା ଆମେ ବୁଝିବୁ ବୋଲି କହିଥିଲେ । ଯଦି କେହି ଗଣମାଧ୍ୟମ ପ୍ରତିନିଧି କିମ୍ବା ଡାକ୍ତରଖାନାରୁ ଉଚ୍ଚପଦସ୍ଥ ଅଧିକାରୀ ଆସନ୍ତି ତେବେ ଡାକ୍ତର ବାବୁ ସମସ୍ତ ଚେଷ୍ଟା କରିଥିଲେ ବୋଲି କହିବା ପାଇଁ ପରିବାର ଲୋକଙ୍କୁ ପ୍ରବର୍ତ୍ତାଇ ଥିଲେ। ଏ ସମ୍ପର୍କିତ ଏକ ଅଡିଓ ଗତ ଦୁଇ ଦିନ ହେବ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ତେବେ ପ୍ରଶ୍ନ ଉଠୁଛି ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ତ୍ରୋପଚାର ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ରହିଛି । ଡାକ୍ତର ନାୟକ ସରକାରୀ ଡାକ୍ତରଖାନାରେ ଅସ୍ତ୍ରୋପଚାର ନ କରି କିମ୍ବା ବଲାଙ୍ଗୀର ମେଡିକାଲ କଲେଜକୁ ରେଫର ନ କରି କାହିଁକି ନର୍ସିଂହୋମକୁ ଯିବା ପାଇଁ ରୋଗୀ ଓ ପରିଜନଙ୍କୁ ପ୍ରବର୍ତ୍ତାଇଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ ଡାକ୍ତର ନାୟକଙ୍କୁ ପଚାରିବାରୁ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିଲା, ନର୍ମାଲ ଡେଲିଭରି ହୋଇଥାନ୍ତା । କିନ୍ତୁ ମହିଳାଙ୍କ ପରିବାର ଧୈର୍ଯ୍ୟହରା ହୋଇ ନର୍ସିଂହୋମକୁ ନେଲେ। ନର୍ସିଂହୋମରୁ କଲ୍ ଆସିବାରୁ ଅପରେଶନ କରାଯାଇଥିଲା। ରକ୍ତସ୍ରାବ ହେବାରୁ ରୋଗୀଙ୍କୁ ବ୍ଲଡ ଦିଆ ଯାଇଥିଲା। ପରେ ବୁର୍ଲା ପଠା ଯାଇଥିଲା । ଏଣୁ ଚିକିତ୍ସାରେ ଅବହେଳାର ପ୍ରଶ୍ନ ଉଠୁନି ବୋଲି ଡାକ୍ତର କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ପତି କୁହନ୍ତି ପ୍ରସୂତି ମହିଳାଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ହେଲା ତାର ତଦନ୍ତ ଏକ କମିଟି କରିବ। ଦାୟିତ୍ୱରେ ଥିବା ଡାକ୍ତରଙ୍କ ତ୍ରୁଟି ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଗରିବ ଲୋକେ ସ୍ୱାସ୍ଥ୍ୟସେବାରୁ କିଭଳି ବଞ୍ଚିତ ନ ହେବେ ସେଥିପାଇଁ ବିଜୁ ସ୍ୱାସ୍ଥ୍ୟସେବା ଯୋଜନା କାର୍ଯ୍ୟକାରୀ କରାଯାଇଛି। କିନ୍ତୁ କିଛି ଅସାଧୁ ଡାକ୍ତର ଏହାକୁ ଦିଗହରା କରି ଦେବାକୁ ବସିଛନ୍ତି । ରୋଗୀ ସ୍ୱାସ୍ଥ୍ୟସେବା ପାଇବା ପୂର୍ବରୁ ଫାଇଦା ମାରି ନେଉଛନ୍ତି ନର୍ସିଂହୋମ ମାଲିକ । ସରକାରୀ ଡାକ୍ତରଖାନାରେ ଚିକିତ୍ସା କରି ପୁଣି ନର୍ସିଂହୋମକୁ ନେବା ଏକ ର୍ୟାକେଟ୍‌ର କାମ ବୋଲି ଅଭିଯୋଗ ହେଉଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୯ ଜୁନ୍, ୨୦୨୩

## ଅବକାରୀ ଚଢ଼ାଉ: ମଦ ଜବତ, ଜଣେ ଗିରଫ

ରେଢ଼ାଖୋଲ ୧୮।୬(ଅଚ୍ୟୁତାନନ୍ଦ ପୁରୋହିତ): ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ଚାରମାଳ ଥାନା ଚୁଡାପୁଡୁଗ ଗ୍ରାମରେ ଚଢ଼ାଉ କରାଯାଇ ୬୦ ଲିଟର ଦେଶିମଦ ଓ ପ୍ରାୟ ୩୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏ ଘଟଣାରେ ଚୁଡାପୁଡୁଗ ଗ୍ରାମର ପ୍ରଦ୍ୟୁମ୍ନ ସାହୁଙ୍କୁ ଗିରଫ କରାଯାଇଛି। ଏ ନେଇ ଏକ ମାମଲା ରୁଜୁକରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ଅବକାରୀ ସବଇନ୍ସପେକ୍ଟର ଯାଦବ ପ୍ରଧାନ,ଏଏସ୍ଆଇ ବିନୋଦିନି ବେହେରା ସଦଳବଳ ସାମିଲ ଥିଲେ।



## ସଂକ୍ଷେପରେ

### ୩ ବାଇକ୍ ଲୁଟେରା ଗିରଫ, ୨ବାଇକ୍ ଉଦ୍ଧାର

ରେଢ଼ାଖୋଲ ୧୮।୬(ଅଚ୍ୟୁତାନନ୍ଦ ପୁରୋହିତ): ରେଢ଼ାଖୋଲ ପୋଲିସ ୩ବାଇକ୍ ଲୁଟେରାଙ୍କୁ ଗିରଫ କରିଛି। ଶନିବାର ଏହି ଲୁଟେରାମାନେ ଏହି ଥାନା ଅଧିନ ହିନ୍ତରାଇ ଛକରୁ ସୁନିଲ ତିର୍କି ନାମକ ଜଣେ ଯୁବକଙ୍କ ବାଇକ୍ ନଂ. ଓଡି ୧୫ଡି ୧୨୦୭କୁ ଧରି ଫେରାର୍ ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଲୁଟେରାମାନଙ୍କୁ ଧରିବାକୁ ଉଦ୍ୟମ କରିବାବେଳେ ଲୁଟେରାମାନେ ରେଢ଼ାଖୋଲ -ନାକଟିଦେଉଳ ରାସ୍ତାର ତୁଙ୍ଗଛାଲି ଠାରେ ଚୋରି କରିଥିବା ବାଇକ ଓ ତାଙ୍କ ବାଇକକୁ ଛାଡ଼ି ଫେରାର ହୋଇଯାଇଥିଲେ। ପୋଲିସ ବାଇକ୍ ୨ଟିକୁ ଜବତ କରିଥିବାବେଳେ ପରେ ଲୁଟେରାମାନେ ଏକ ଅଟୋରେ ଫେରାର ହେଉଥିବାବେଳେ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ଲୁଟେରାମାନେ ହେଲେ ସମ୍ବଲପୁର ଅଇଁଠାପାଲି ଥାନା ଜଗନ୍ନାଥ କଲୋନିର ଦେବେନ୍ଦ୍ର ନାଏକ, ଦେହୁରୀପାଲିର କାହ୍ନା ନାଏକ ଓ ଗୋବିନ୍ଦ ପୁହାଣ ବୋଲି ପୋଲିସ କହିଛି। ଗିରଫ ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

### ସ୍ତ୍ରୀ ହତ୍ୟାକାରୀ ବଙ୍ଗୀୟ ମିସ୍ତ୍ରୀ ଗିରଫ

ରେଢ଼ାଖୋଲ, ୧୮।୬(ଅଚ୍ୟୁତାନନ୍ଦ ପୁରୋହିତ): ଗତ ଶୁକ୍ରବାର ରାତିରେ ରକ୍ଷିତା ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟାକରି ଫେରାର୍ ହୋଇଥିବା ବଙ୍ଗୀୟ ମିସ୍ତ୍ରୀ ଅବଦୁଲ ଶେଖ (୪୫)ଙ୍କୁ ପୋଲିସ ନାକଟିଦେଉଳରୁ ଗିରଫ



କରିଛି। ମୃତା ସାଲମି ମିଞ୍ଜଙ୍କ ଭଉଣୀ ସରିତା ଗିଲୁଆଙ୍କ ଅଭିଯୋଗକ୍ରମେ ରେଢ଼ାଖୋଲ ଥାନାରେ ରୁଜୁ ହୋଇଥିବା ମାମଲା (ନଂ.୧୪୩/୨୦୨୩)ରେ ରବିବାର ଗିରଫ ଅଭିଯୁକ୍ତ ଅବଦୁଲ ଶେଖଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନିଜ ୨ବର୍ଷର ପୁଅକୁ ଧରି ଫେରାର୍ ହୋଇଥିବା ଅବଦୁଲଠାରୁ ଉଦ୍ଧାର କରି ସମ୍ବଲପୁର ଶିଶୁ ସୁରକ୍ଷା ସମିତିକୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ଅବଦୁଲ ଶେଖର ଘର ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲା ରଘୁନାଥଗଞ୍ଜ ଥାନା ଗିରିଆ ଗ୍ରାମର ବୋଲି ଥାନା ଅଧିକାରୀ ସବିତାବାଳା ସେଠୀ କହିଛନ୍ତି। ସୂଚନାମତେ ମୃତା ସାଲମି ପୂର୍ବରୁ ବିବାହିତ ଓ ତାଙ୍କର ୨ପୁଅ, ଝିଅ ମଧ ଥାଇ ସୁଦ୍ଧା ଅଭିଯୁକ୍ତଙ୍କ ପ୍ରେମ ଜାଲରେ ପଡ଼ି ନିଜ ସ୍ୱାମୀ ଓ ପିଲାଛୁଆଙ୍କୁ ଛାଡି ଗତ ୩ବର୍ଷ ହେବ ତାଙ୍କ ସହିତ ଅନୁଗୋଳ ଜିଲା ବାଗେଡିଆରେ ରହୁଥିଲେ। ତେବେ ଗତ ୩ ଦିନ ତଳେ ରେଢ଼ାଖୋଲ ଆସି ରଥଡୈଳା ବସ୍ତିରେ ରହୁଥିଲେ। ଶୁକ୍ରବାର ରାତି କୌଣସି କାରଣରୁ ଉଭୟଙ୍କ ମଧରେ ଝଗଡା ହୋଇଥିବା ବେଳେ ଅଭିଯୁକ୍ତ ଅବଦୁଲ ଏକ ଠେଙ୍ଗାରେ ପିଟି ହତ୍ୟା କରି ନିଜ ୨ ବର୍ଷର ଶିଶୁପୁତ୍ରକୁ ଧରି ଫେରାର୍ ହୋଇଯାଇଥିଲେ।

### ଉତ୍କଳମଣିଙ୍କ ଶ୍ରାଦ୍ଧବାର୍ଷିକୀ

ବ୍ରଜରାଜନଗର, ୧୮।୬(ବିଜୟ ବରାଡ): ବ୍ରଜରାଜନଗର ସହରାଞ୍ଚଳର ଇଏସଆଇ ଛକରେ ଉତ୍କଳମଣି ଗୋପବନ୍ଧୁଙ୍କ ୯୫ତମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଜୁ ଜନତାଦଳ ନଗର ସଭାପତି ରାଧାକାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉତ୍କଳମଣିଙ୍କର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧରେ ପୂର୍ବତନ କାଉନସିଲର ସତ୍ୟାନନ୍ଦ ଦାସ, ଓଡ଼ିଆ ଏକତାମଞ୍ଚର ସଭାପତି ନୃପ ତଣ୍ଡିଆ, ପ୍ରସନ୍ନ ଚୌଧୁରୀ, ସମାଜସେବୀ ଟିକି ତ୍ରିପାଠୀ, ବିଜୟ ପାଣି ପ୍ରମୁଖ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଞ୍ଜୟ ବାହୁବଳେନ୍ଦ୍ର ଓ ରାକେଶ ବରାଦ ସହାୟତା ପ୍ରଦାନ କରିଥିଲେ।

### ବିଂଶ ଲେଖକ କଳାକାର ସମାରୋହ

ସମ୍ବଲପୁର,୧୮।୬(ବି.ଶଙ୍କର): ସିଦ୍ଧେଶ୍ୱରୀ ଧର୍ମ ସଂସଦ ବିଂଶ ଲେଖକ ଓ କଳାକାର ସମାରୋର ରବିବାର ସ୍ଥାନୀୟ ଚିତ୍ରଗୁପ୍ତ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଗୋପିନାଥ ଷଡଙ୍ଗୀଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ହାସ୍ୟକଳାକାର ଗୁଣରଞ୍ଜନ ସାଲିମା ମୁଖ୍ୟବକ୍ତା ଥିଲେ। ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଗୁଣ ରଞ୍ଜନଙ୍କ ସମେତ ସମ୍ବଲପୁରର ସୁଧାଂଶୁ ଶେଖର ନାଥ, ବରଗଡର ଅଶୋକ ନାୟକ, ବାମଣ୍ଡା ଲଳିତ ମୋହନ ନାଏକ, ସୁନ୍ଦରଗଡ଼ର ନୟନ ଠାକୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ। କବୟିତ୍ରୀ ମମତା ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କବିତା ପାଠ ମଧ କରାଯାଇଥିଲା। ସହରର ବିଭିନ୍ନ ଅଞ୍ଚଳରୁ କବି, ଲେଖକ, ଶିକ୍ଷାବିତ ଯୋଗଦେଇଥିଲେ।

# କେନାଲ ନବୀକରଣରେ ଦୁର୍ନୀତି ଅଭିଯୋଗ

ସମ୍ବଲପୁର, ୧୮।୬(ଶୁଭାଶୀଷ ପାଢୀ)

ଚାଷଜମିକୁ ସୁଷମ ଜଳ ବଣ୍ଟନ କରିବା ପାଇଁ ସରକାର ହୀରାକୁଦ ଜଳଭଣ୍ଡାର କେନାଲଗୁଡିକ ନବୀକରଣ କରି କଂକ୍ରିଟ କରୁଛନ୍ତି। ଶାସନ, ହୁମାଟେଲ, ପରମାଣପୁର କେନାଲର ଗତବର୍ଷଠାରୁ ନିର୍ମାଣ କାମ ଆରମ୍ଭ ହୋଇଛି। ଓସିସି ପକ୍ଷରୁ କାମ ତଦାରଖ କରାଯାଉଥିବାବେଳେ ଭୁବନେଶ୍ୱରର ଏକ ଠିକା ସଂସ୍ଥା କାମ କରୁଛି। ହେଲେ ଏହି କେନାଲ ନିର୍ମାଣ କାମରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହେଉଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ଜଳସେଚନ ବିଭାଗ ଅଧିକାରୀଙ୍କୁ ଏନେଇ ଅଭିଯୋଗ କରିବା ପରେ ମଧ ସେମାନେ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଠିକା ସଂସ୍ଥାକୁ ପ୍ରଶ୍ରୟ ଦେଲାଭଳି ଚୁପ ବସି ଯାଉଛନ୍ତି। ଅନ୍ୟପଟେ ଓସିସି ଜେଇ ଓ ଟେକନିକାଲ ଦଳ ଉପସ୍ଥିତିରେ କାମ ହେଉଛି। ସେମାନେ ମଧ ତଦାରଖ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ଚାଷୀ ଦେବେନ୍ଦ୍ର ପ୍ରଧାନ କହିଛନ୍ତି ଯେ,



ସମ୍ବଲପୁର ଶାସନ କେନାଲରେ ନବିକରଣ କାମ ଚାଲିଛି।

କାମ ଆରମ୍ଭରୁ ନିମ୍ନମାନର ହେଉଥିବା ନେଇ ଅଭିଯୋଗ କରିଥିଲୁ। ଏପରିକି କାମ ହେଉଥିବା ସ୍ଥାନକୁ ଯାଇ କାମ ବନ୍ଦ କରି କରି ଦିଆଯାଇଥିଲା। ପରେ କାମମାନ ଠିକ କରିବାକୁ କହିଥିଲେ ଠିକା ସଂସ୍ଥା ଅଧିକାରୀ। ହେଲେ ଯେଭଳି ଚାଲୁଥିଲା ସେଭଳି ଚାଲିଲା। ଗତ ବର୍ଷରେ ଯେତେ କିମି କେନାଲ ନିର୍ମାଣ ହୋଇଥିଲା, ମାତ୍ର ୪ ମାସ ପାଣି ପ୍ରବାହିତ ହୋଇଛି। ଉକ୍ତ କେନାଲରେ କଂକ୍ରିଟ ଉପୁଡି ଯାଇଛି। ୱାଲଗୁଡିକ ଭାଙ୍ଗିବାକୁ ବସିଲାଣି। କାମର ମାନ ଠିକ ହୋଇ ନ ଥିବାରୁ ୫ ମାସରେ କୋଟି କୋଟି ଟଙ୍କା ବରବାଦ ହୋଇଯିବ। ଚାଷୀ ଓ ଚାଷ ପାଇଁ ନବିକରଣ ହେଉଥିବା କେନାଲ କାମରେ ଲାଗିବ ନାହିଁ ଓଲଟା ସମସ୍ୟା ସୃଷ୍ଟି କରିବ। ଚଳିତବର୍ଷ ଏକ ମାସ ଭିତରେ ଯାହା କାମ ହୋଇଛି ଉକ୍ତ କାମର ସ୍ଥାୟିତ୍ୱକୁ ନେଇ ମଧ ସନ୍ଦେହ ସୃଷ୍ଟି ହୋଇଛି। ଏବେ କେନାଲ ପାଣି ଛାଡି ଦିଆଯିବ। ସବୁ ଦୁର୍ନୀତି ଓ ଅନିୟମିତତା କେନାଲ ପାଣିରେ ବୋହିଯିବ। ହେଲେ ଆଗକୁ ଉଚିତ ତଦନ୍ତ କରା ନ ଗଲେ ଏହି ବୃହତ୍ତ ପ୍ରକଳ୍ପ ଲକ୍ଷ୍ୟଠାରୁ ଦୂରେଇ ଯିବ। ସରକାରଙ୍କ ଟଙ୍କାକୁ ଠିକା ସଂସ୍ଥା, ଅଧିକାରୀ ଭାଗବାଣ୍ଟି ଖାଇଦେବେ। ୨୦୦୪ ମସିହାରେ ମଧ କୋଟି କୋଟି ଟଙ୍କା କେନାଲ ନବିକରଣ ନାମରେ ଆତ୍ମସାତ କରିଥିଲେ। ଚାଷୀ ସଙ୍ଗଠନ ଅଭିଯୋଗ କରିଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ ମଧ ହୋଇଥିଲା। ହେଲେ କାହାରି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ବୋଲି କହିଥିଲେ। ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି, କାମ ହେବା ପରେ ଜଳସେଚନ ବିଭାଗ ଯାଞ୍ଚ କରି ରିପୋର୍ଟ ଦେବ। ଏବେ ମଧ ଚାଷୀଙ୍କ ଅଭିଯୋଗକୁ ଆଧାର କରି ଠିକା ସଂସ୍ଥାକୁ ତାଗିଦ କରାଯାଇଛି। ସୂଚନାଯୋଗ୍ୟ ଯେ, ଶାସନ, ପରମାଣପୁର, ହୁମାଟେଲ ନବିକରଣ ପାଇଁ ମୋଟ ୧୨୩କୋଟିଟଙ୍କା ମଞ୍ଜୁର ହୋଇଛି। ବିଭିନ୍ନ ଠିକା ସଂସ୍ଥା ଏହି କାମ କରୁଛନ୍ତି।

# ସୁନ୍ଦର ହେବ ସହର: ଏସ୍ଏଚ୍‌ଜିଙ୍କୁ ଦାୟିତ୍ୱ




ସମ୍ବଲପୁର ମହାନଗର ନିଗମ ପ୍ରସ୍ତାବିତ ପ୍ରକଳ୍ପ।

ସମ୍ବଲପୁର, ୧୮।୬(ଶୁଭାଶୀଷ ପାଢୀ)

ସମ୍ବଲପୁର ମହାନଗର ନିଗମକୁ ବିକଶିତ, ସୁନ୍ଦର କରିବା ପାଇଁ ରାଜ୍ୟ ସରକାର ଏସ୍ଏଚ୍‌ଜି ମହିଳାଙ୍କୁ ଦାୟିତ୍ୱ ଦେଇଛନ୍ତି। ସରକାର ଲକ୍ଷ୍ୟ ହାସଲ କରିବାରେ ସେମାନଙ୍କୁ ସାମିଲ କରିଛନ୍ତି। ନିଜ ୱାର୍ଡଗୁଡିକରେ ଥିବା ଏସ୍ଏଚ୍‌ଜି ମହିଳାଙ୍କୁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନାରେ ବିଭିନ୍ନ ପ୍ରକଳ୍ପ କାମର ତାଦାରଖ କରିବା, କାମ ସମ୍ପୂର୍ଣ୍ଣ ହେବା ପରେ ପରିଚାଳନା କରିବା ଦାୟିତ୍ୱ ତୁଲାଇବେ। ଏସଏମସିର ପ୍ରତ୍ୟେକ ୱାର୍ଡରେ ମହିଳାମାନେ ଦାୟିତ୍ୱ ନେଉଛନ୍ତି। ଏସଏଚଜି ମହିଳା ସିଧାସଳଖ ପ୍ରକଳ୍ପ ଦାୟିତ୍ୱରେ ରହିବେ। ସ୍ଥାନୀୟ ଲୋକ ଓ ସମସ୍ତଙ୍କୁ ଅଂଶୀଦାର କରି ନିଜ ଅଞ୍ଚଳ ପ୍ରାଥମିକତା ଭିତ୍ତିରେ ଆବଶ୍ୟକ ପ୍ରକଳ୍ପଗୁଡିକ ବାଛି ଅନୁମୋଦନ ପାଇଁ ପ୍ରସ୍ତାବ ଦେବେ। ଏହା ସହ ଅଣ ସଙ୍ଗଠିତ ଓ ଦାଦନ ଶ୍ରମିକଙ୍କୁ ଅଧିକ ସଂଖ୍ୟାରେ କାମରେ ଲଗାଇବାକୁ ପ୍ରାଥମିକତା ମହିଳାମାନେ ଦେବେ। ସମ୍ବଲପୁର ମହାନଗର ବିକାଶ ନିମନ୍ତେ ପୁନର୍ବାର ମୁକ୍ତା ଯୋଜନା ଜରିଆରେ ସମୁଦାୟ ଚଳିତବର୍ଷ ୬୧୬ ପ୍ରକଳ୍ପ ପାଇଁ ୫୬ କୋଟି ୭୩ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ୨୦ ତାରିଖ ପରେ ଏସ୍ଏଚଜି ମହିଳାମାନଙ୍କୁ ୱାର୍କ ଅର୍ଡର ଦିଆଯିବ ବୋଲି ଜଣାପଡିଛି। ଜିଲା ବିଜେଡି ସଭାପତି ଇଂ. ସିଦ୍ଧାର୍ଥ ଦାସ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ମିଶନ ଶକ୍ତିର ମହିଳାମାନେ ଠିକ ଭାବେ ଦାୟିତ୍ୱ ବହନ କରି ପ୍ରକଳ୍ପଗୁଡିକ ଶେଷ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ଏସଏମସି କମିଶନର ପ୍ରଦୀପ କୁମାର ସାହୁ କହିଛନ୍ତି ଯେ, ୱାର୍ଡ ଗୁଡିକରୁ ଆସିଥିବା ପ୍ରସ୍ତାବକୁ ଆଧାର କରି ପ୍ରକଳ୍ପ ମଞ୍ଜୁର ହୋଇଛି। କାର୍ଯ୍ୟାଦେଶ ଖୁବ ଶିଘ୍ର ବଣ୍ଟନ କରାଯିବ ବୋଲି କହିଥିଲେ।

# ରାଜ୍ୟସ୍ତରୀୟ ସନ୍ତରଣରେ ସମ୍ବଲପୁରକୁ ୨୯ ସ୍ୱର୍ଣ୍ଣ



ସମ୍ବଲପୁର ଜିଲାପାଳ ଅଫିସରେ ସନ୍ତରଣକାରୀ ଓ ଜିଲାପାଳ।

ସମ୍ବଲପୁର, ୧୮।୬(ଶୁଭାଶିଷ ପାଢ଼ୀ)

ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ସମ୍ବଲପୁର ସନ୍ତରଣକାରୀ ଜିଲା ପାଇଁ ସୁନାମ ଆଣିଛନ୍ତି। ବିଭିନ୍ନ ବର୍ଗରେ ୨୯ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୨୭ଟି ବ୍ରୋଞ୍ଜ ପଦକ ପାଇଛନ୍ତି। ସମ୍ବଲପୁରକୁ ଫେରିବା ପରେ ଜିଲାପାଳ ଅନନ୍ୟା ଦାସ ବିଜୟୀ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହ ଆଗାମୀ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଲା କ୍ରୀଡା ଅଧିକାରୀ ଲୋପାମୁଦ୍ରା କାଲେଙ୍କ ସମେତ ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ, କୋଷାଧ୍ୟକ୍ଷ ମନୋଜ ବନଛୋର, ବରିଷ୍ଠ ପ୍ରଶିକ୍ଷକ ସୁରେନ୍ଦ୍ର ନାଏକ, ଆଶୁତୋଷ ନାଏକ, ଚିନ୍ତନ ନାଏକ,

**ଶୁଭେଚ୍ଛା ଜଣାଇଲେ ଜିଲାପାଳ**

ରଙ୍କନିଧି ସେଠ, ବିଭୂତି ଭୂଷଣ ବାଗ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଯେ ଜୁନ ୪ ତାରିଖଠାରୁ ପ୍ରତିଯୋଗିତା ହୋଇଥିଲା। ୬୩ ତମ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ, ବିଜୁ ପଟ୍ଟନାୟକ ସନ୍ତରଣାଗାରରେ ହୋଇଥିଲା।

## ପବ୍ଲିକ ଲାଇବ୍ରେରିରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ

ସମ୍ବଲପୁର,୧୮।୬(ବି.ଶଙ୍କର)

ସମ୍ବଲପୁର ପବ୍ଲିକ ଲାଇବ୍ରେରିଠାରେ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷିକା ଭାବେ ବୁର୍ଲା ଭିସୁଟର ସହକାରୀ ଅଧାପିକା ଡ଼. ଅଭିପ୍ସା ମହାପାତ୍ର ଯୋଗଦେଇ ଫାଷ୍ଟ ଫୁଡ଼ର ପ୍ରସ୍ତୁତି ଓ ଦୈନନ୍ଦିନ ଜୀବନରେ ଏହାର କୁପ୍ରଭାବ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନକୁ ଶିକ୍ଷା ଓ ଶିକ୍ଷକ ପ୍ରତିଷ୍ଠାନର ପ୍ରାକ୍ତନ ଅଧକ୍ଷ ଅକ୍ଷୟ କୁମାର ବାରିକ ଆରମ୍ଭ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଉପସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ମୁରଲୀ ପ୍ରେମନାଥ ନାୟକ, ପ୍ରଫେସର ରବିନାରାୟଣ ମିଶ୍ର, ଭିସୁଟର ଡ. ମନୋଜ କୁମାର ପଟେଲ, ଅର୍ଜୁନ ରଞ୍ଜନ ପଣ୍ଡା, ଡ. ଗିରିଧାରୀ ହୋତା, ପୃଥିବିରାଜ ମିଶ୍ର, ଉଦିତ ଚନ୍ଦ୍ର ପାଟଯୋଷୀ, ଶିବଶଙ୍କର ଷଡ଼ଙ୍ଗୀ, ଗୋଳକ ବିହାରୀ ମିଶ୍ର ଓ ଦୀପାଲି ଚୌଧୁରୀ ପ୍ରମୁଖ ଥିଲେ। ସଂଯୋଜକ ରାଜେନ୍ଦ୍ର ପଣ୍ଡା ସମସ୍ତ କାଯର୍ୟକ୍ରମକୁ ସଞ୍ଚାଳନ କରିଥିଲେ। ବୈଷୟିକ ସହାୟତା ପାଇଁ ଅଭିନନ୍ଦନ ତ୍ରିପାଠୀ, ଦେବାଶିଷ ମିଶ୍ର, ବିଜୟ ସାହୁ ଓ ସୁନନ୍ଦା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୩ଟି ହାଇସ୍କୁଲର ୨୭ ଜଣ ଛାତ୍ରଛାତ୍ରୀ ଓ ଅଭିଭାକ ଯୋଗଦେଇଥିଲେ।

# କାମାକ୍ଷା ଦେବୀ ମନ୍ଦିରରେ ବିଶ୍ୱ ଶାନ୍ତି ଲାଗି ହୋମ ଯଜ୍ଞ, କୀର୍ତ୍ତନ

ସମ୍ବଲପୁର,୧୮।୬(ବି.ଶଙ୍କର)

ରଜପର୍ବ ଉପଲକ୍ଷେ ତିନି ଦିନ ଧରି ବୈଦାରନୂଆପାଲି ସ୍ଥିତ କାମାକ୍ଷା ଦେବୀଙ୍କ ମନ୍ଦିର ବନ୍ଦ ରହିଥିଲା। ଶନିବାର ଭୋର ତିନିଟାରେ ଦ୍ୱାରା ଖୋଲା ଯାଇଥିଲା। ମା' କାମାକ୍ଷା ଦେବୀଙ୍କୁ ହରିଡା, ବାହାଡା, ଅଁଳା ଓ ହଳଦୀ ପ୍ରଲେପନ କରି ୧୦୮ କୁମ୍ଭ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ପୂର୍ବାହ୍ନ ଏଗାରଟାରେ ବିଶ୍ୱ କଲ୍ୟାଣ ନିମନ୍ତେ ଶାନ୍ତି ହୋମ ହୋଇଥିଲା। ଏହି ହୋମରେ ସନ୍ତୋଷ ହୋତା ଓ ରୋଜାଲିନ ହୋତା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ମୁଖ୍ୟ ପୂଜକ ଜୟ ଗୋପାଳ ସୁଆର ଗୁପ୍ତ ପୂଜା କରିଥିଲେ। ପଞ୍ଚାନନ ଦେହୁରୀ, ପରିଚାଳନା କମିଟିର ତାପସ ପରିଡ଼ା, ନରେନ୍ଦ୍ର ବେହେରା, ଶମ୍ଭୁ ପ୍ରସାଦ ପାଢ଼ୀ, ସବ୍ୟସାଚୀ ସାହୁ, ଏନ୍ ଶ୍ରୀନିବାସ ପ୍ରମୁଖ ମନ୍ଦିର ପରିସର ଧୋଇ ପୂଜା ପରେ ଭକ୍ତମାନଙ୍କୁ ଥଣ୍ଡା ସରବତ ବଣ୍ଟନ କରିଥିଲେ। ଆସନ୍ତା ପନ୍ଦର ଦିନ ବ୍ୟାପି ଅମ୍ବୁବାଚୀ ମେଳା ପାଇଁ ମା' କାମାକ୍ଷ୍ୟା ଦେବୀଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ଦୋଳିରେ ବିରାଜମାନ କରାଇଥିଲେ। ସନ୍ଧ୍ୟାରେ ମହାଆଳତୀ ପରେ ସଭାପତି ଲକ୍ଷ୍ମୀକାନ୍ତ ସାହୁ ଓ ଜ୍ୟୋସ୍ନାମୟୀ ସାହୁ ଧ୍ୱଜାରୋହଣ ଉତ୍ସବର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।



କାମାକ୍ଷା ଦେବୀ।

ଏହି ଉତ୍ସବରେ ଧନକଉଡ଼ା ସଂକୀର୍ତ୍ତନ ଦଳ କୀର୍ତ୍ତନ କରି ମହାଦୀପ ଏବଂ ଧ୍ୱଜାକୁ ମନ୍ଦିର ବେଢ଼ା ପରିକ୍ରମା କରାଇଥିଲେ। ପୂଜକ ପଞ୍ଚାନନ ଦେହୁରୀ ମନ୍ଦିର ଚୂଡାରେ ଧ୍ୱଜା ବାନ୍ଧି ଥିଲେ। ଅନ୍ତର୍ଯ୍ୟାମୀ କୁଦେଇ ସହଯୋଗ କରିଥିଲେ। ପରେ ଭକ୍ତମାନଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ସୌମ୍ୟ ଭୂଷଣ ସାହାଣୀ, ନିର୍ମଳ ମାଇତି, ଚିତ୍ତରଞ୍ଜନ ଦାସ, ନରୋତ୍ତମ ବଡ଼େଇ, ଶିବ ମେହେର, ନିଗମାନନ୍ଦ ପଟ୍ଟନାୟକ, ନରହରି ବଡେଇ, ତପନ ପରିଡ଼ା, ଚାପଧାରି ପଣ୍ଡା, ଗୋବିନ୍ଦ ପଣ୍ଡା ପ୍ରମୁଖ କମିଟି ସଦସ୍ୟ ଓ ବୈଦାରନୂଆପାଲି ଗ୍ରାମବାସୀ ଦାୟିତ୍ୱ ତୁଲାଇଥିଲେ।

# ଧରାପଡ଼ିଲେ ମୁଖାପିନ୍ଧା ଚୋର

- ଝାରସୁଗୁଡ଼ାରୁ ଚୋରି କରି ଛତିଶଗଡ଼ କୋରବାରେ ବିକ୍ରି କରୁଥିଲେ
- ଚୋରି ସୁନା ବ୍ୟାଙ୍କରେ ବନ୍ଧକ

ସମ୍ବଲପୁର, ୧୮।୬(ଶୁଭାଶିଷ ପାଢୀ)

ପ୍ରାୟ ଦୁଇ ବର୍ଷ ହେବ ଝାରସୁଗୁଡା ସହରରେ ଚୋରି କରୁଥିବା ହାପପେଣ୍ଟ ଓ ମୁଖା ପିନ୍ଧା ଚୋରକୁ ପୋଲିସ କାବୁ କରି ନେଇଛି। ସିସିଟିଭିକୁ ଆଧାର କରି ଶେଷରେ ଚୋରି କରି ଫେରାର ହେଉଥିବାବେଳେ ଛତିଶଗଡ଼ କୋରବାର ଗଣେଷ ମୟୁର (୪୩)ଙ୍କୁ ଝାରସୁଗୁଡା ଷ୍ଟେସନରୁ ଗିରଫ କରିଛି। ଝାରସୁଗୁଡାରୁ ଚୋରି କରି ଛତିଶଗଡ କୋରବାରେ ବିକ୍ରି କରୁଥିଲେ ବୋଲି ଝାରସୁଗୁଡାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ ନିର୍ମଳ ମହାପାତ୍ର କହିଥିଲେ। ସେ ଆହୁରୀ କହିଥିଲେ ଯେ, ଅଭିଯୁକ୍ତ ଚୋରି କରିବା ସମୟରେ ହାପପ୍ୟାଣ୍ଟ ପିନ୍ଧି ମୁହଁର ମୁଖା ଲଗାଉଥିଲେ। କୋରବାରୁ ଟ୍ରେନ ଯୋଗେ ଝାରସୁଗୁଡା ଆସୁଥିଲେ। ଯେଉଁ ଘରେ କେହି ନ ଥିଲେ କିମ୍ବା କିଛି



ଝାରସୁଗଡା ପୋଲିସର ଖବରଦାତା ସମ୍ମିଳନୀ।

ସମୟ ଖାଲିଥିବା ଘରକୁ ପଶି ଯାଇଥିଲେ। ସେଠାରେ ମୋବାଇଲ, ସୁନା ଅଳଙ୍କାର ଭଳି ମୁଲ୍ୟାବାନ ସାମଗ୍ରୀ ନେଇ ଫେରାର ହୋଇଯାଉଥିଲେ। ପ୍ରାୟ ୨ ବର୍ଷ ହେବ ପୋଲିସ ଛାନବିନ କରୁଥିଲା। ସିସିଟିଭି ଆଧାର କରି ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ କରିଥିଲା। ଜୁନ ୧୪ ତାରିଖ ପୁଣି ଝାରସୁଗୁଡା ପାହାଡିବସ୍ତିର ସୃଷ୍ଟି କୁମାର ଅଭିଯୋଗ କରିଥିଲେ। ବୟାନକୁ ଆଧାର କରି ପୋଲିସ ଟିମ କୋରବା ଯାଇଥିଲା। ସେଠାରେ ସୁନା ଦୋକାନୀ ବିନୋନ କୁମାର ଜାଗଣେ ଓ ମୋବାଇଲ ଦୋକାନୀ ପ୍ରବିଣ କୁମାର ଯାଦବଙ୍କୁ ଚୋରି ସାମଗ୍ରୀ କିଣା ଅଭିଯୋଗରେ ଗିରଫ ହୋଇଛନ୍ତି। ମୋଟ ୧୭ ଗୋଟି ମୋବାଇଲ, ମୋବାଇଲର ସାମଗ୍ରୀ, ୫ଶହ ଗ୍ରାମ ରୁପା ଅଳଙ୍କାର, ୨୦ ଗ୍ରାମ ସୁନା ଅଳଙ୍କାର, ମୋବାଇଲ ସମାଗ୍ରୀ ଜବତ କରିଛି। ପ୍ରାୟ ୪୦ ଗ୍ରାମ ସୁନା ଅଳଙ୍କାର ଘରୋଇ ବ୍ୟାଙ୍କରେ ବନ୍ଧକ ଦେଇ ଋଣ କରିଛନ୍ତି। ଉକ୍ତ ସୁନାଙ୍କୁ ମୁକୁଳାଇବାକୁ ପୋଲିସ ପ୍ରକ୍ରିୟା ଆରମ୍ଭ କରିଛି ବୋଲି କହିଥିଲେ। ସ୍ୱତନ୍ତ୍ର ଟିମରେ ଏସଆଇ ମହେଶ୍ୱର ପାଣିଗ୍ରାହୀ, ଗିତାଞ୍ଜଳି ମିର୍ଦ୍ଧା, ଦେବେନ୍ଦ୍ର ନାଏକ, କନଷ୍ଟେବଲ ରିଙ୍କୁ ରୋହିଦାସ, ଲୋଚନ ସା, ଅଜିତ ମେହେର, ଅନିମା ନାଏକ ପ୍ରମୁଖ ଥିଲେ।

# ଜିଲା କୃଷକ ସଂଘର୍ଷ ସଂଘର ବୈଠକ

ଦେବଗଡ, ୧୮।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ରିଆମାଳ ବ୍ଲକ କରଲଗା ଗ୍ରାମ ପଞ୍ଚାୟତ ସଦର ମହକୁମା ଆମ୍ରତୋଟା ଠାରେ ରବିବାର ଜିଲା କୃଷକ ସଂଘର୍ଷ ସଂଘର ଏକ ପଞ୍ଚାୟତ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ରମଙ୍କ ଉପସ୍ଥିତି ଓ କୃଷକ ନେତା ଜଗଦାନନ୍ଦ ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କରଲଗା ଗ୍ରାମ ପଞ୍ଚାୟତ ସଦର ମହକୁମା ସମେତ ଉକ୍ତ ଗ୍ରାମ ପଞ୍ଚାୟତର ଖଇରପାଲି, ଲକ୍ଷ୍ମୀପୁର, ତାଳକୁଦର, ଦଲକ, ଛଲକ, ଘୁଣ୍ଟୁଲିପୋଶି, ଉଦୟପୁର, ଦୁଡକାଝରଣ, କପାଗୋଳା, ରଙ୍ଗମାଟିଆ ଓ ବରଖୋଳ ଗ୍ରାମର ବହୁ ପୁରୁଷ ଏବଂ ମହିଳା ଚାଷୀ ଯୋଗଦେଇଥିଲେ। ଚାଷୀ ମାନେ କୃଷି କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ଉପରେ ଆଲୋଚନା କରିଥିଲେ। ଯେଉଁ ଚାଷୀମାନେ ଦୀର୍ଘବର୍ଷ ସରକାରୀ ଜମିରେ ଚାଷ କରି ଆସୁଛନ୍ତି ସେହି ଜମିର ଅଧିକାର ସତ୍ତ୍ୱ ପ୍ରଦାନ ସହ ଚାଷୀ ମାନଙ୍କ ନାମରେ ଜମିପଟ୍ଟା ପ୍ରଦାନ ଉପରେ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଚଳିତ ଖରିଫ ଋତୁରେ ଚାଷ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ଧାନ ବିହନ, ସାର ଏବଂ କୀଟନାଶକ ଔଷଧ କିଭଳି ଭାବେ ସୁବିଧାରେ ପାଇପାରିବେ ସେ ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା। ଏଥିପାଇଁ ଖୁବ ଶୀଘ୍ର ସ୍ମାରକପତ୍ର ଜରିଆରେ ଜିଲାପାଳ, ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମଧ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଜିଲା କୃଷକ ସଂଘର୍ଷ ସଂଘର ଦେବରାଜ ପ୍ରଧାନ, କରଲଗା ଗ୍ରାମ ସଭାପତି ମଦନ ମୋହନ ସାହୁ, ସୁରେଶ ସାହୁ, ଭୀଷ୍ମ ସାହୁ ଉପସ୍ଥିତ ଥିଲେ।

# ଗାଡ଼ି ସହିତ କେନ୍ଦୁପତ୍ର ଜବତ

ସମ୍ବଲପୁର, ୧୮।୬(ଶୁଭାଶିଷ ପାଢୀ)

ସମ୍ବଲପୁର ବନଖଣ୍ଡ ଅଧିନ ଯୁଯୁମୁରା କଂସରଠାରେ ବନ ବିଭାଗ ପକ୍ଷରୁ କେନ୍ଦୁପତ୍ର ଚୋରାଚାଲାଣ ହେଉଥିବା ସମୟରେ ଚଢାଉ କରାଯାଇ ଏକ ମିନିଟ୍ରକକୁ ଜବତ କରାଯାଇଛି। ଏଥିରେ ୨୨୦ ବଣ୍ଡଲ କେନ୍ଦୁପତ୍ର ରହିଛି। କେନ୍ଦୁପତ୍ର ମୂଲ୍ୟ ୨ ଲକ୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଯାହାକୁ ନେଇ ବନ ବିଭାଗ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଶନିବାର ବିଳମ୍ବିତ ରାତିରେ କଂସର ଗ୍ରାମ ଛକରେ ପଶ୍ଚିମବଙ୍ଗ ନମ୍ବର ଡବ୍ଲ୍ୟୁବି ୨୯ -୫୦୩୮ ଗାଡିକୁ ବନ ବିଭାଗ ସନ୍ଦେହ କରି ପାଖକୁ ଯାଇ ଧରିଥିଲା।



ସମ୍ବଲପୁରରେ କେନ୍ଦୁପତ୍ର ଜବତ।

# ରୋଗୀ ପରିଜନଙ୍କୁ ରବିବାର ୫ଟଙ୍କାରେ ରନ୍ଧାଖାଦ୍ୟ ଯୋଗାଣ

ଦେବଗଡ, ୧୮।୬
(ଶଶାଙ୍କ ଶେଖର ଝାଙ୍କର)

ସରକାରୀ ନିୟମ ଅନୁସାରେ ପ୍ରତ୍ୟେକ ରବିବାର ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଆହାର କେନ୍ଦ୍ର ବନ୍ଦ ରହୁଛି। ଏଥିପାଇଁ ଡାକ୍ତରଖାନାକୁ ଆସୁଥିବା ରୋଗୀ ପରିଜନ ଖାଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାକୁ ଆଖି ଆଗରେ ରଖି ଚିକିତ୍ସାଧୀନ ରୋଗୀଙ୍କ ସମ୍ପର୍କୀୟ, ସହାୟକ ଏବଂ ଗରିବ ଲୋକଙ୍କ ପାଇଁ ଆଗେଇ ଆସିଛି ସାମାଜିକ ଅନୁଷ୍ଠାନ ହାପ୍ପୀ ଟୁ ହେଲ୍ପ ଫାଉଣ୍ଡେସନ। ଗତ ମାର୍ଚ୍ଚ ୨୬ ତାରିଖ ରବିବାରଠାରୁ ସଙ୍ଗଠନ




ଫାଉଣ୍ଡେସନ ତରଫରୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି।

ପକ୍ଷରୁ ୫ଟଙ୍କିଆ ରନ୍ଧା ଖାଦ୍ୟ ବିତରଣ ବ୍ୟବସ୍ଥା ଶୁଭାରମ୍ଭ କରାଯାଇଥିଲା ଯାହା ଆଜି ପର୍ଯ୍ୟନ୍ତ ଚାଲିଛି। ଜୁନ ୧୮ତାରିଖର କାର୍ଯ୍ୟକ୍ରମକୁ ଯୁବ ଆଇନଜୀବୀ ତଥା ଫାଉଣ୍ଡେସନ ସ୍ଥାୟୀ ସଦସ୍ୟ ସର୍ବସୁଖ ଶାନ୍ତିମୟ ପ୍ରଧାନଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା। ପ୍ରଧାନ ନିଜେ ଫାଉଣ୍ଡେସନକୁ ପ୍ରୋତ୍ସାହନ ରାଶି ବାବଦକୁ ୫୦୦୦ ଟଙ୍କା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନ କୋଷାଧକ୍ଷ ବିଷ୍ଣୁପ୍ରସାଦ ନାୟକ, ପିକୁନ ଯତୀନ, ସୁଶାନ୍ତ କୁମାର, ପ୍ରଭାତ କୁମାର, ପ୍ରୀତିଶ ମହାପାତ୍ର, ଶୈଳେନ୍ଦ୍ର ବ୍ରିନୋଦ, ସୁଦାମ ଚରଣ ପୃଷ୍ଟି, ବିକାଶ ନାୟକ, ଶିକି ରଣା, ଅଜୟ ସାହୁ, ସୌମ୍ୟ ବିକାଶ ନାଏକ, ରାଜୁ ମାଟିଆରୀ, ଭୁବନମୋହନ ନାୟକ, ସଞ୍ଜୟ ଥାପ୍ପା, ସିତିକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ପ୍ରଶଂସା ସାଉଁଟୁଛି ହାପ୍ପୀ ଟୁ ହେଲ୍ପ ଫାଉଣ୍ଡେସନ**

# ଭାରତକୁ ଦ୍ୱିତୀୟ କଣ୍ଟିନେଣ୍ଟାଲ କପ୍




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଏଆଇଏଫ୍ଏଫ୍ ସଭାପତି କଲ୍ୟାଣ ଚୌବେଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ଭାରତୀୟ ଦଳ।

ଭୁବନେଶ୍ୱର, ୧୮।୬
(ତପନ ସ୍ୱାଇଁ)

ଭାରତ ଓ ଲେବାନନ ମଧ୍ୟରେ ଅନୁଷ୍ଠିତ ଇଣ୍ଟରକଣ୍ଟିନେଣ୍ଟାଲ ଫାଇନାଲ ମ୍ୟାଚ୍ ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଲେବାନନ ଯଦିଓ ଆକ୍ରମଣ ଆରମ୍ଭ କରିଥିଲା ତେବେ ଭାରତୀୟ ଡିଫେଣ୍ଡର ସନ୍ଦେଶ ଝିଙ୍ଗାନ ଏହାକୁ ସଫଳତାର ସହ ପ୍ରତିହତ କରିଥିଲେ। ୬ଷ୍ଠ ମିନିଟରେ ଗୋଲପୋଷ୍ଟ ଏରିଆ ମଧ୍ୟରେ ଭାରତର ଆଶିକ କୁରୁନିଆନଙ୍କୁ ଲେବାନନର ଫାରାନ ଠେଲି ତଳେ ପକାଇ ଦେଇଥିଲେ। ଭାରତ ଏକ ପେନାଲ୍ଟି ଶୁଟ୍ ଆଶା କରୁଥିଲେ ହେଁ ରେଫରି ଦେଇ ନ ଥିଲେ। ୨୩ତମ ମିନିଟରେ ମ୍ୟାଚର ପ୍ରଥମ ୟେଲୋ କାର୍ଡ ପାଇଥିଲେ ଲେବାନନର ନାଦିର ମାଟାର। ସେ ଆଶିକଙ୍କୁ ଫାଉଲ ମାରିଥିଲେ। ୨୬ତମ ମିନିଟରେ କୁଲିଂ ବ୍ରେକ୍‌ପରେ ଭାରତୀୟ ଖେଳାଳିମାନେ ଆକ୍ରମଣକୁ ଜୋରଦାର କରିଥିଲେ। ୩୮ତମ ମିନିଟରେ ଦ୍ୱିତୀୟ ୟେଲୋକାର୍ଡ ଆସିଥିଲା। ଏଥର ଏହା ପାଇଥିଲେ ଭାରତୀୟ ଖେଳାଳି ଆଶିକ। ସେ ପ୍ରତିପକ୍ଷ ଦଳର ଫାରାନଙ୍କୁ ଟାଣି ତଳେ ପକାଇଦେବାରୁ ରେଫରି ୟେଲୋକାର୍ଡ ଦେଇଥିଲେ। ନିର୍ଦ୍ଧାରିତ ୪୫ ମିନିଟ ଓ ୩ ମିନିଟ ଇଞ୍ଜୁରି ଟାଇମ୍ ମଧ୍ୟରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋଲ ହୋଇପାରି ନ ଥିଲା।

## ଚାଙ୍ଗ୍‌ଟେଙ୍କ ଚମକ

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ କିନ୍ତୁ ଭରା ଷ୍ଟାଡିୟମ କମ୍ପି ଉଠିଥିଲା। କାରଣ ପ୍ରଥମ ମିନିଟ (୪୬ତମ)ରେ ହିଁ ଗୋଲ ସ୍କୋର କରିଥିଲେ ତାରକା ଷ୍ଟ୍ରାଇକର ସୁନୀଲ ଛେତ୍ରୀ। ନିଖିଲ ପୂଜାରୀ ଦକ୍ଷତାର ଅପୂର୍ବ ପ୍ରଦର୍ଶନ କରି ବଲ୍‌କୁ ଡାହାଣ ପଟରେ ଥିବା ଲାଲିଆଞ୍ଜୁଲା ଚାଙ୍ଗଟେଙ୍କ ନିକଟକୁ ବଢ଼ାଇ ଦେଇଥିଲେ। ଚାଙ୍ଗଟେ ବଲ୍‌କୁ ନେଇ ଆଗକୁ ବଢ଼ି ଗୋଲପୋଷ୍ଟ ନିକଟରେ ଛେତ୍ରୀଙ୍କ ନିକଟକୁ କ୍ରସ୍ ପାସ୍ ଦେଇଥିଲେ। ଛେତ୍ରୀ କୌଣସି ବିଳମ୍ବ ନ କରି ଏହାକୁ ଗୋଲରେ ପରିଣତ କରି ଭାରତକୁ ୧-୦ ଗୋଲରେ ଅଗ୍ରଣୀ କରିଥିଲେ। ଅନ୍ତର୍ଜାତୀୟ ଫୁଟବଲରେ ଏହାଥିଲା ଛେତ୍ରୀଙ୍କର ୮୭ତମ ଗୋଲ। ଦର୍ଶକଙ୍କ କୋଳାହଳରେ ଉତ୍ସାହୀ ପ୍ରଦର୍ଶନ କରିଥିଲା ଭାରତ। ଲେବାନନ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ଭାରତୀୟ ଖେଳାଳି ତାହା ହେବାକୁ ଦେଇ ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଅଧିକାଂଶ ସମୟ ବଲ୍ ଲେବାନନ ହାଫ୍‌ରେ ରହିଥିଲା। ୬୬ତମ ମିନିଟରେ ଭାରତକୁ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପରିଣତ କରିଥିଲେ ଚାଙ୍ଗ୍‌ଟେ। ମହେଶ ସିଂ ନାଓରେମ ଏକ ଚମତ୍କାର ଶଟ୍ ଜରିଆରେ ବଲ୍‌କୁ ଲେବାନନ ବକ୍ସରେ ପହଞ୍ଚାଇଥିଲେ। ଲେବାନନର ସାବେ ବଲ୍‌କୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରିଥିଲେ ହେଁ ପାରି ନ ଥିଲେ। ସେ ବଲ୍ ନିକଟରେ ପୁଣି ପହଞ୍ଚିବାକୁ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କ ପୂର୍ବରୁ ଚାଙ୍ଗ୍‌ଟେ ବଲ୍ ନିକଟରେ ପହଞ୍ଚି ଗୋଲପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ। ଲେବାନନ ଗୋଲକିପର ଓ ଖେଳାଳିମାନେ କିଂକର୍ତ୍ତବ୍ୟବିମୁଢ଼ଭାବେ କେବଳ ଚାହିଁ ରହିଥିଲେ। ମ୍ୟାଚ କ୍ରମେ ଭାରତ ନିୟନ୍ତ୍ରଣକୁ ଚାଲି ଆସିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀଙ୍କ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ୍) ସଭାପତି କଲ୍ୟାଣ ଚୌବେ, ମହାସଚିବ ଶାଜି ପ୍ରଭାକରନ, ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା ପଦକ ଓ ଅନ୍ୟ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଓ କ୍ରୀଡ଼ା ବିଭାଗର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୧୨,୬୦୦ ଦର୍ଶକ ଦେଖିଲେ ମ୍ୟାଚ୍




ଇଣ୍ଟର କଣ୍ଟିନେଣ୍ଟାଲ ଫୁଟ୍‌ବଲ ଫାଇନାଲ ଦେଖିବା ପାଇଁ ଷ୍ଟାଡିୟମ ପାଖାପାଖି ଦର୍ଶକରେ ଭରିଯାଇଥିଲା। ଭାରତୀୟ ଦଳକୁ ଦର୍ଶକ ଭରପୂର ଉତ୍ସାହିତ କରିଥିଲେ। ଅଧିକାଂଶ ସମୟ ଭାରତୀୟ ଅଧିନାୟକ ସୁନୀଲ ଛେତ୍ରୀଙ୍କ ନାମ ଉଚ୍ଚାରଣ କରିଥିଲେ ଫୁଟ୍‌ବଲପ୍ରେମୀ। ସେ ବଲ୍ ପାଇବା ମାତ୍ରେ ଛେତ୍ରୀ, ଛେତ୍ରୀ ଧ୍ୱନିରେ ଷ୍ଟାଡିୟମ କମ୍ପି ଉଠୁଥିଲା। ଷ୍ଟାଡିୟମରେ ଫାଇନାଲ ଦେଖିବା ପାଇଁ ୧୨,୬୦୦ ଦର୍ଶକ ଉପସ୍ଥିତ ଥିବା ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା। ଦର୍ଶକଙ୍କ କୋଳାହଳରେ ଭାରତୀୟ ଖେଳାଳି ପ୍ରଭାବୀ ପ୍ରଦର୍ଶନ ମଧ୍ୟ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ୧ କୋଟି ଟଙ୍କା ପୁରସ୍କାର ଘୋଷଣା

ଭୁବନେଶ୍ୱର, ୧୮।୬ (ତପନ ସ୍ୱାଇଁ)

ହିରୋ କଣ୍ଟିନେଣ୍ଟାଲ କପ୍ ଚାମ୍ପିୟନ ହୋଇଥିବା ଭାରତୀୟ ଫୁଟବଲ ଦଳପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧ କୋଟି ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି। "ସମ୍ମାନଜନକ ଇଣ୍ଟରକଣ୍ଟିନେଣ୍ଟଲ କପ୍ ଆୟୋଜନ କରିବା ଆମ ରାଜ୍ୟପାଇଁ ଗୌରବର କଥା। କଡ଼ା ଚ୍ୟାଲେଞ୍ଜ ପରେ ଚାମ୍ପିୟନ ହୋଇଥିବା ଭାରତୀୟ ଦଳକୁ ଅଭିନନ୍ଦନ। ଅଧିକରୁ ଅଧିକ ଫୁଟବଲ ଇଭେଣ୍ଟ ଓଡ଼ିଶାରେ ଆୟୋଜନ ସହ ରାଜ୍ୟ ଏବଂ ଭାରତରେ ଏହି କ୍ରୀଡ଼ାର ବିକାଶ ଆମର ଅଭିଳାଷ" ବୋଲି ଉଦ୍‌ଯାପନୀ ଉତ୍ସବରେ ଟ୍ରଫି ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଚାମ୍ପିୟନ ଭାରତୀୟ ଦଳକୁ ୫୦ ହଜାର ଆମେରିକୀୟ ଡଲାର, ରନରଅପ୍ ଲେବାନନକୁ ୨୫ ହଜାର ଆମେରିକୀୟ ଡଲାର ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା।

# ପେଚାଦ୍‌ଜ 'ଏ', ସୁପ୍ରତୀମ 'ସି' ଚାମ୍ପିୟନ

ଭୁବନେଶ୍ୱର, ୧୮।୬
(ବିଜୟ ରଣା)

୧୪ତମ କିଟ୍ ଇଣ୍ଟରନ୍ୟାଶନାଲ ଚେସ୍ ଫେଷ୍ଟିଭାଲ-୨୦୨୩ କିଟ୍‌ସ୍ଥିତ ବିଶ୍ୱନାଥନ ଆନନ୍ଦ ଇଣ୍ଟରନ୍ୟାଶନାଲ ଚେସ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ରବିବାର କାଟେଗୋରି ଏ' ଓ ସି'ର ପ୍ରତିଯୋଗିତା ଶେଷ ପାଇଛନ୍ତି। ଓଡ଼ିଶାର ଟପ୍ ଖେଳାଳିମାନଙ୍କ ମଧ୍ୟରେ ହର୍ଷିତ ରଞ୍ଜନ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କିସ୍‌ର ସଜନ କୁମାର ସାହୁ ଦ୍ୱିତୀୟ ଏବଂ ସୂର୍ଯ୍ୟପ୍ରଜ୍ଞ ଇନ୍ଦ୍ରଜିତ୍ ଏସ୍‌ପି ତୃତୀୟ ସ୍ଥାନରେ ରହିଥିଲେ। କାଟେଗୋରି 'ସି'ରେ ଗୌରବ ଶର୍ମା ଟ୍ରଫି ସହ ୩୦,୦୦୦ ଟଙ୍କା ପୁରସ୍କାର ଲାଭ କରିଥିଲେ। ଓଡ଼ିଶାର ଟପ୍ ଖେଳାଳିମାନଙ୍କ ମଧ୍ୟରେ ପ୍ରିୟବ୍ରତ ପଣ୍ଡା ପ୍ରଥମ, କିସ୍‌ର ବିନୋଦ କହଁର ଦ୍ୱିତୀୟ ଏବଂ ଶୁଭମ୍ ପରିଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ




ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଗ୍ରୁପ୍-ସିର ପୁରସ୍କାର ବିଜେତା।

ହୋଇଛି। କାଟେଗୋରି 'ଏ'ରେ ଜର୍ଜିଆର ଗ୍ରାଣ୍ଡମାଷ୍ଟର ଲୁକା ପେଚାଦ୍‌ଜ ଚାମ୍ପିୟନ ଟ୍ରଫି ହାସଲ କରିବା ସହ ୩,୦୦,୦୦୦ ଟଙ୍କା ପୁରସ୍କାର ପାଇଛନ୍ତି। ବେଲାରୁଷ୍ ଗ୍ରାଣ୍ଡମାଷ୍ଟର ଆଲେକ୍ସି ଫେଦୋରୋଭ ପ୍ରଥମ ରନରଅପ୍ ଟ୍ରଫି ଓ ୨,୦୦,୦୦୦ ଏବଂ ଆଇଏମ୍ ଚିନ୍ନା ରେଡ୍ଡୀ ସି.ଏଚ୍ ମେହେର ଦ୍ୱିତୀୟ ରନରଅପ୍ ଟ୍ରଫି ସହ ୧,୫୦,୦୦୦ ଟଙ୍କା ପୁରସ୍କାର

### କିଟ୍ ଇଣ୍ଟରନ୍ୟାଶନାଲ ଚେସ୍ ଫେଷ୍ଟିଭାଲ

ପଶ୍ଚିମବଙ୍ଗର ସୁପ୍ରତୀମ ଘୋଷ୍ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ଟ୍ରଫି ଓ ୬୦,୦୦୦ ଟଙ୍କା ପୁରସ୍କାର ପାଇଛନ୍ତି। ପ୍ରଥମ ରନରଅପ୍ ଭାବେ ବିହାରର ଦିବ୍ୟାଂଶୁ କୁମାର ସିଂ ଟ୍ରଫି ଏବଂ ୪୦,୦୦୦ ଏବଂ ଦ୍ୱିତୀୟ ରନରଅପ୍ ଦିଲ୍ଲୀର ଅତିଥିଭାବେ ଯୋଗଦେଇଥିଲେ ଓଡ଼ିଶା କ୍ରିକେଟ ଆସୋସିଏଶନ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ଜାତୀୟ ଭଲିବଲ ଟିମ୍ କୋଚ୍ ନାଗପୁରୀ ରମେଶ, ସର୍ବଭାରତୀୟ ଚେସ୍ ମହାସଂଘ ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ମହାନ୍ତି, ଏଓସିଏ ସଭାପତି ଜି.ସି. ମହାପାତ୍ର ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ।

## ରାଜ୍ୟ ଖବର

# ଭି.ସି. ରେଡ୍ଡୀ ସର୍ବଭାରତୀୟ ଟପ୍ପର

### ଅଲିଭ ସାହୁ ୩୨୬ ର୍‍ୟାଙ୍କ୍ ସହ ଓଡ଼ିଶା ଟପ୍ପର

ଭୁବନେଶ୍ୱର, ୧୮।୬
(ଅନୁରାଧା ମହାରଣା)


ଅଲିଭ୍ ସାହୁ


ଭି.ସି. ରେଡ୍ଡୀ


ନୟାକାନ୍ତି ନାଗ ଭବ୍ୟ ଶ୍ରୀ

ଦେଶର ବିଭିନ୍ନ ଆଇଆଇଟି ପକ୍ଷରୁ ଅନୁଷ୍ଠିତ ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍‌ଜାମିନେଶନ (ଜେଇଇ) ଆଡ୍‌ଭାନ୍ସଡ୍ ୨୦୨୩ ଫଳ ରବିବାର ପ୍ରକାଶ ପାଇଛି। କମନ ର୍‍ୟାଙ୍କ୍ ଲିଷ୍ଟ (ସିଆର୍‌ଏଲ୍)ରେ ଆଇଆଇଟି ହାଇଦ୍ରାବାଦ ଜୋନ୍‌ର ଭାବିଲାଲା ଚିଦ୍‌ବିଳାସ (ଭି.ସି.) ରେଡ୍ଡୀ ସର୍ବଭାରତୀୟ ଟପ୍ପର ହୋଇଛନ୍ତି। ସେ ୩୬୦ ମାର୍କରୁ ସର୍ବାଧିକ ୩୪୧ ହାସଲ କରିଛନ୍ତି। ଜେଇଇ ଆଡ୍‌ଭାନ୍ସଡ୍‌ର ଉଭୟ ପେପରରେ ମୋଟ ୧୮୦୩୭୨ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୩୭୭୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ୭୫୦୯ଜଣ ମହିଳା ରହିଥିବାବେଳେ ଏହି ବର୍ଗରେ ଆଇଆଇଟି ହାଇଦ୍ରାବାଦର ନୟାକାନ୍ତି ନାଗ ଭବ୍ୟ ଶ୍ରୀ ଶୀର୍ଷରେ ରହିବା ସହ କମନ୍ ର୍‍ୟାଙ୍କ୍ ଲିଷ୍ଟ୍‌ର ୫୬ତମ ସ୍ଥାନରେ ରହିଛନ୍ତି। ସେ ୩୬୦ରୁ ୨୯୮ ମାର୍କ ହାସଲ କରିଛନ୍ତି। ଆଇଆଇଟି ଖଡ଼ଗପୁର ଜୋନ୍‌ରୁ ପରୀକ୍ଷା ଦେଇଥିବା ଭୁବନେଶ୍ୱରର ଅଲିଭ ସାହୁ ୨୫୪ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୩୨୬ ର୍‍ୟାଙ୍କରେ ରହିବା ସହ ଓଡ଼ିଶା ଟପ୍ପର ହୋଇଛନ୍ତି।

ସମସ୍ତ ୭ ଜୋନ୍ ମଧ୍ୟରୁ ଆଇଆଇଟି ହାଇଦ୍ରାବାଦର ଭଲ ପ୍ରଦର୍ଶନ ରହିଛି। ଏହି ଜୋନ୍‌ରୁ ସର୍ବାଧିକ ୧୦୪୩୨ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଶ୍ରେଷ୍ଠ ୧୦ରେ ସର୍ବାଧିକ ୬ଜଣ, ଶ୍ରେଷ୍ଠ ୧୦୦ରେ ୪୦ଜଣ, ଶ୍ରେଷ୍ଠ ୫୦୦ରେ ୧୭୪ଜଣ ରହିଛନ୍ତି। ଆଇଆଇଟି ଦିଲ୍ଲୀ ଜୋନ୍‌ରୁ ୯୨୯୦ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଶ୍ରେଷ୍ଠ ୧୦ ର୍‍ୟାଙ୍କ୍‌ରେ ୨ଜଣ ଅଛନ୍ତି। ସେହିଭଳି ଆଇଆଇଟି ରୁର୍‌କୀ ଜୋନ୍‌ରୁ ଉତ୍ତୀର୍ଣ୍ଣ ହୋଇଥିବା ୪୪୯୯ଜଣଙ୍କ ମଧ୍ୟରେ ୨ଜଣ ଶ୍ରେଷ୍ଠ ୧୦ ତାଲିକାରେ ରହିଛନ୍ତି। ଅନ୍ୟପକ୍ଷରେ ଆଇଆଇଟି ବମ୍ବେ ଜୋନ୍‌ରୁ ୭୯୫୭ଜଣ, ଆଇଆଇଟି ଖଡଗପୁର ଜୋନ୍‌ରୁ ୪୬୧୮ଜଣ, ଆଇଆଇଟି କାନପୁର ଜୋନ୍‌ରୁ ୪୫୮୨ଜଣ ଓ ଆଇଆଇଟି ଗୌହାଟୀ ଜୋନ୍‌ରୁ ୨୩୯୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସିଆର୍‌ଏଲ୍‌ର ଶ୍ରେଷ୍ଠ ୧୦ ମଧ୍ୟରେ ଥିବା ଅନ୍ୟମାନେ ହେଲେ ଆଇଆଇଟି ହାଇଦ୍ରାବଦ ଜୋନରୁ ରମେଶ ସୂର୍ଯ୍ୟ ତେଜା (ର୍‍ୟାଙ୍କ-୨), ଆଇଆଇଟି ରୁର୍‌କୀ ଜୋନ୍‌ରୁ ଋଷି କାର୍ଲା ର୍‍ୟାଙ୍କ୍-୩, ରାଘବ ଗୋୟାଲ ର୍‍ୟାଙ୍କ୍-୪, ଆଇଆଇଟି ହାଇଦ୍ରାବାଦ୍ ଜୋନ୍‌ର ଆଡ୍ଡାଗ ଭେଙ୍କଟ ଶିବରାମ (ର୍‍ୟାଙ୍କ-୫), ଆଇଆଇଟି ଦିଲ୍ଲୀ ଜୋନ୍‌ରୁ ପ୍ରଭାବ ଖଣ୍ଡେଲୱାଲ (ର୍‍ୟାଙ୍କ-୬), ଆଇଆଇଟି ହାଇଦ୍ରାବାଦ ଜୋନ୍‌ରୁ ବିକ୍କିନା ଅଭିନବ ଚୌଧାରୀ (ର୍‍ୟାଙ୍କ-୭), ଆଇଆଇଟି ଦିଲ୍ଲୀ ଜୋନ୍‌ରୁ ମଳୟ କେଡିଆ (ର୍‍ୟାଙ୍କ-୮), ଆଇଆଇଟି ହାଇଦ୍ରାବଦ ଜୋନ୍‌ରୁ ନାଗୀରେଡ୍ଡୀ ବାଲାଜୀ ରେଡ୍ଡୀ (ର୍‍ୟାଙ୍କ-୯) ଓ ଯାକ୍କାନ୍ତି ପାଣି ଭେଙ୍କଟ ମଣିନ୍ଦର ରେଡ୍ଡୀ (ର୍‍ୟାଙ୍କ୍-୧୦) ରହିଛନ୍ତି।

### ଜେଇଇ ଆଡ୍‌ଭାନ୍ସଡ୍

- ମହିଳା ବର୍ଗରେ ନୟାକାନ୍ତି ନାଗ ଭବ୍ୟ ଶ୍ରୀ ଶୀର୍ଷରେ
- ହାଇଦ୍ରାବାଦ ଜୋନ୍‌ର ସବୁଠୁ ଭଲ ପ୍ରଦର୍ଶନ



ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ତିରୋଧାନ ଦିବସରେ ରବିବାର ନବୀନ ନିବାସ ପରିସରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

# ଆଜିଠୁ ତିନିଦିନିଆ ଓଡ଼ିଶା ଗସ୍ତରେ ରେଳମନ୍ତ୍ରୀ

ଭୁବନେଶ୍ୱର, ୧୮।୬(ଅଭିଜିତ ଦାସ)

ସୋମବାରଠାରୁ ତିନିଦିନିଆ ଗସ୍ତରେ ଓଡିଶା ଆସୁଛନ୍ତି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରାକୁ ଦୃଷ୍ଟିରେ ରଖି ସନ୍ଧ୍ୟାରେ ପୁରୀ ରେଳ ଷ୍ଟେଶନର ନିରୀକ୍ଷଣ କରିବା ସହ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀଙ୍କ ଲାଗି ହୋଇଥିବା ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିବେ। ଏଥିସହ ପୁରୀରେ ରହି ରଥଯାତ୍ରା ଦେଖିବା ପରେ ୨୦ ତାରିଖରେ ବାହାନଗାରେ ଟ୍ରେନ୍ ଦୁର୍ଘଟଣା ପରର ସ୍ଥିତି ଅନୁଧ୍ୟାନ ସହ ବାଲେଶ୍ୱର ଜିଲା ହସ୍ପିଟାଲରେ ଦୁର୍ଘଟଣାଗ୍ରସ୍ତ ଯାତ୍ରୀଙ୍କୁ ଭେଟିବେ। ପରେ ବାଲେଶ୍ୱର ରେଳ ଷ୍ଟେଶନର ବିକାଶ କାର୍ଯ୍ୟ ଯାଞ୍ଚ କରି ଜିଲା ପ୍ରଶାସନ ସହ ଆଲୋଚନା କରିବେ। ଟ୍ରେନ୍ ଦୁର୍ଘଟଣା ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ସ୍ଥାନୀୟ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଭେଟି ଧନ୍ୟବାଦ ଜଣାଇବା ସହ ୨୧ ତାରିଖରେ ଆର୍ନ୍ତଜାତିକ ଯୋଗ ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

# ପିତୃ ଦିବସରେ ମାତୃହନ୍ତାଙ୍କୁ ହତ୍ୟା

ରାଇବଣିଆ, ୧୮।୬(ନବୀନ ସାହୁ)

### ରାଇବଣିଆରେ ଚାଞ୍ଚଲ୍ୟ

ଦିନକୁ ଦିନ ବଢ଼ିଚାଲିଛି ପାରିବାରିକ ହିଂସା। ଜମିବାଡ଼ି ବିବାଦ ହେଉ କି କୌଣସି କାରଣରୁ ସାମାନ୍ୟ କଳହ ହେଉ ପରିବାର ମଧ୍ୟରେ ଏହା ଉଗ୍ରରୂପ ଧାରଣ କରୁଛି। ରକ୍ତ ସମ୍ପର୍କକୁ ଭୁଲିଯାଇ କେହିକେହି ଜୀବନ ନେବାକୁ ପଛାଉନାହାନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଞ୍ଚଳରେ। କବାଟଘାଟି ଗାଁରେ ବାପପୁଅଙ୍କ ହତ୍ୟା ଘଟଣାକୁ ୪ ଦିନ ନ ପୂରୁଣୁ ରାଇବଣିଆ ପଞ୍ଚାୟତର ରୂପାଦିଘି ଗ୍ରାମରେ ଘଟିଛି ଆଉ ଏକ ହତ୍ୟାକାଣ୍ଡ। ୩ ବର୍ଷ ପୂର୍ବେ ମା'ଙ୍କୁ ହତ୍ୟା କରି ଫେରାର ଥିବା ଜଣେ ଯୁବକଙ୍କୁ ରବିବାର ସକାଳେ ତାଙ୍କ ବାପା ଓ ସାନଭାଇ ପିଟି ମାରିଦେଇଛନ୍ତି। ପିତୃ ଦିବସରେ ମାତୃହନ୍ତାଙ୍କୁ ହତ୍ୟା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

୩ ବର୍ଷ ପୂର୍ବେ ରୂପାଦିଘି ଗାଁର ରଥ ମାରାଣ୍ଡିଙ୍କ ବଡ଼ପୁଅ ସୁଶାନ୍ତ ନିଜ ମା'ଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ମଝିରେ ମଝିରେ ସେ ଘରକୁ ଆସି ଗଣ୍ଡଗୋଳ କରିବା ସହିତ ମାରପିଟ କରି ଚାଲିଯାଉଥିଲେ। ଏଥିରେ ଅତିଷ୍ଠ ହୋଇ ଘର ଛାଡ଼ି ବାପା, ସାନପୁଅ ଓ ବୋହୂ ହାତୀଗଡ଼ରେ ଭଡ଼ା ଘରେ ରହୁଥିଲେ। ଶନିବାର ନଟାବାଡ଼ ସାପ୍ତାହିକ ହାଟକୁ ରଥ ଯାଇଥିବା ବେଳେ ସୁଶାନ୍ତ ସେଠାକୁ ଆସି ମାରପିଟ୍ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ରବିବାର ସକାଳେ ବାପା ରଥଙ୍କ ସହିତ ସାନପୁଅ ପ୍ରଶାନ୍ତ ରୂପାଦିଘି ଗ୍ରାମକୁ ଯାଇ ସେଠାରେ ଥିବା ସୁଶାନ୍ତଙ୍କୁ ଏପରି ବ୍ୟବହାର ସମ୍ପର୍କରେ ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଶେଷରେ ବାପା ଓ ସାନପୁଅ ଏକ ଠେଙ୍ଗାରେ ପିଟି ପିଟି ବଡ଼ପୁଅଙ୍କୁ ମାରିଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାସ୍ଥଳରୁ ଏକ ବାଉଁଶ ଜବତ କରିଛି। ଏ ନେଇ ରାଇବଣିଆ ଥାନାରେ ଏକ ମାମଲା (ନଂ. ୬୪/୨୩) ରୁଜୁ ପରେ ଅଭିଯୁକ୍ତ ବାପା ଓ ପୁଅଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# ବାଦାଦୋରା ଷ୍ଟେଶନରେ ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

ନନ୍ଦପୁର, ୧୮।୬ (ଶଙ୍କର ପୂଜାରୀ)

ବିଶାଖାପାଟଣା-କିରିଣ୍ଡୁଳ ରେଳ ଧାରଣାର ଆର୍‌କୁ ଷ୍ଟେଶନ ନିକଟସ୍ଥ ବାଦାଦୋରା ଷ୍ଟେଶନ ପାର ହେଉଥିବା ବେଳେ ରବିବାର ଅପରାହ୍ନରେ ଏକ ମାଲବାହୀ ଟ୍ରେନର ୬ଟି ବଗି ଲାଇନ୍‌ଚ୍ୟୁତ ହୋଇଛି। ଷ୍ଟେଶନ ଖାଲିଥିବାରୁ ଏକ ବଡଧରଣର ଦୁର୍ଘଟଣା ଟଳିଯାଇଛି। ଖବରରୁ ଜଣାପଡ଼ିଛି, ଏହି ମାଲବାହୀ ଟ୍ରେନ୍ କିରିଣ୍ଡୁଳରୁ ବିଶାଖାପାଟଣା ଅଭିମୁଖେ ଯାଉଥିଲା। ଏହା ବାଦାଦୋରା ଷ୍ଟେଶନ ରେଳଲାଇନର ଦୋହରୀକରଣ ହୋଇ ନୂତନ ଭାବେ ବିଛାଯାଇଥିବା ରେଳଧାରଣା ପାର ହେଉଥିବା ବେଳେ ଧାରଣାର କେଏମ୍ ନଂ. ୩୨/୬୧, ପଏଣ୍ଟ ନଂ. ୨୩ ନିକଟରେ ଲାଇନ୍‌ଚ୍ୟୁତ ହୋଇଯାଇଥିଲା। ଫଳରେ ରେଳଧାରଣା ଓ ବଗି କ୍ଷତିଗ୍ରସ୍ତ ହୋଇଛି।

# ଏସ୍‌ସିବିରେ ପଶ୍ଚିମବଙ୍ଗ ଯାତ୍ରୀଙ୍କ ମୃତ୍ୟୁ

କଟକ, ୧୮।୬ (କାର୍ତ୍ତିକ ସାହୁ)

### ବାହାନଗା ଟ୍ରେନ୍ ଦୁର୍ଘଟଣା

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆଉ ଜଣେ ଯାତ୍ରୀଙ୍କର ରବିବାର ମୃତ୍ୟୁ ଘଟିଛି। ସେ ହେଲେ ପଶ୍ଚିମବଙ୍ଗ ୨୪ ପ୍ରଗଣା ଅନ୍ତର୍ଗତ ଚୁନାଖଳିର ବାସିନ୍ଦା ପାଲଟୁ ନକସର(୨୬)। ଗତ ୩ ତାରିଖରେ ସେ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ସେଣ୍ଟ୍ରାଲ ଆଇସିୟୁର ୧୪ ନମ୍ବର ବେଡ୍‌ରେ ରଖି ଚିକିତ୍ସା କରାଯାଉଥିଲା। ତେବେ ଡାକ୍ତର ତାଙ୍କୁ ରବିବାର ଅପରାହ୍ନ ପ୍ରାୟ ୧୨ଟା ୪୫ ମିନିଟ୍‌ରେ ମୃତ ଘୋଷଣା କରିଥିବା ମେଡିକାଲର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଏସ୍‌ସିବିରେ ଟ୍ରେନ୍ ଦୁର୍ଘଟଣା ମୃତ୍ୟୁ ସଂଖ୍ୟା ୪ରେ ପହଞ୍ଚିଛି। ଅପରପକ୍ଷରେ ବାହାନଗା ଟ୍ରେନ୍ ଦୁର୍ଘଟଣା ମୃତକଙ୍କ ସଂଖ୍ୟା ୨୯୨ ହୋଇଛି।


Hero
ହିରୋ ସାଥିରେ ପ୍ରତିଟି
ଯାତ୍ରା ଶୁଭ ହେଉ
ରଥଯାତ୍ରାର ଶୁଭ ଅବସରରେ
ଘରକୁ ନେଇଆସନ୍ତୁ ନୂଆ ହିରୋ
ସ୍ୱଳ୍ପ ଡାଉନ ପେମେଣ୍ଟ
₹1** ରୁ ଆରମ୍ଭ
ନଗଦ ବୋନସ୍
₹3000* ପର୍ଯ୍ୟନ୍ତ
SCAN TO CONNECT WITH US
WORLD'S NO.1 22 YEARS IN A ROW^^ MOTORCYCLE & SCOOTER COMPANY
INDIA'S FIRST 5 YEAR WARRANTY* *Conditions apply
IDFC FIRST Bank CREDIT CARDS
FEDERAL BANK YOUR PERFECT BANKING PARTNER
Bank of Baroda Credit Card
pine labs PAY LATER
5% Cashback up to ₹5,000 Validity till 30th June'23.**
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. "Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22)" ^^Based on offers from empaneled dealers on Wheels of Trust platform. Available at select dealerships. **Finance scheme is at the sole discretion of financiers & subject to its respective terms & conditions. Offer is for limited period or till stock lasts. *Offers amount & combination of offers may vary for model/variant & states. For more details please visit your nearest authorised Hero outlet. Terms and Conditions apply.
Exchange Powered By Wheels of Trust^^
SCAN FOR BEST RESALE VALUE
Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 7799766329, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736. Authorized HeroSure Dealers: Bhubaneshwar: Arundhati Motobikes ,Ph- 7682841658, Rourkela: Dua Motors ,Ph-6372753989
SAATCHI & SAATCHI


MARUTI SUZUKI ARENA
ଏକ ଆକର୍ଷଣୀୟ ନୂଆ ଯାତ୍ରା
ଆରମ୍ଭ କରନ୍ତୁ ଏହି
ରଥ ଯାତ୍ରାରେ
ମାରୁତି ସୁଜୁକି ଏରିନା କାର୍ ଉପରେ ଚମତ୍କାର ଅଫର୍‌ଗୁଡିକ
ସହିତ ଆପଣଙ୍କର ଯାତ୍ରାକୁ କରନ୍ତୁ ସ୍ମରଣୀୟ
ବଡ ସଞ୍ଚୟ
SWIFT ₹55 000*
DZIRE ₹17 000*
BOOK NOW AND AVAIL ₹5 000* DISCOUNT
UPGRADE from 2 WHEELER to 4 WHEELER*
100%*^ ON-ROAD FUNDING AVAILABLE
SWIFT BREZZA DZIRE
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
LEGEND CARS
JEYPORE: 7894406481, RAYGADA: 9692883042 BHAWANIPATNA: 7894442907.
APARNAA MOTORS
SAMBALPUR (PARDHIAPALI): 9237395001.
ODYSSEY MOTORS
SAMBALPUR (AINTHAPALI): 7381433909. BOLANGIR: 9438068327. BARGARH: 9556352943. NUAPADA: 7381017851. SONEPUR: 9438068327. JHARSUGUDA: 9439892153. BOUDH: 8594908009. PADAMPUR : 7381661837.
SKY AUTOMOBILES
BERHAMPUR: 9778202019. BHANJANAGAR: 9778202019. PARALAKHEMUNDI: 9778202019. PHULBANI: 9778202019.
ORBIT MOTORS
ROURKELA: 9437041155, 9040404444. SUNDARGARH: 9437049161, 9437131074. DEOGARH: 9437061223, 7064400290.
*Offer includes consumer offer, exchange bonus and institutional or rural offer, 2 ka 4 wheeler offer, offer mentioned includes booking offer of ₹5,000 valid till 26th June, 2023 and Gold voucher (wherever applicable) on selected models/ variants. Above mentioned savings amount is the value of maximum savings on selected models. *^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. The price given in the ad is based on Bhubaneswar prices and are subject to vary based on the dealer city. Above offers are valid till 30th June, 2023.